

ଗୁଳି ପାଇଁ ନିର୍ଦ୍ଦେଶ ଦେଇନଥିଲି

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 180 | ଭାଗ ୩୩ | ସଂଖ୍ୟା ୧୮୦ Saturday 20 September 2025 | Page 8 Rs. 5.00 ● ଭୁବନେଶ୍ୱର ଶନିବାର ୨୦ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## 'ନ୍ୟାସନାଲ୍ ଜିଓଗ୍ରାଫିକ୍' ପତ୍ରିକା ପ୍ରଚ୍ଛଦରେ ଶିମିଳିପାଳ କଳାବାଘ

### ଓଡ଼ିଶା ପର୍ଯ୍ୟଟନକୁ ମିଳିବ ନୂଆ ଦିଗନ୍ତ: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ):** ବନ୍ୟପ୍ରାଣୀ ସମ୍ପର୍କିତ ଚମତ୍କାର କଥାବସ୍ତୁ ଓ ଚିତାକର୍ଷକ ଚିତ୍ର ପାଇଁ ସାରା ବିଶ୍ୱରେ ବିଶେଷ ଆଦୃତ ଲାଭ କରିଥିବା ନ୍ୟାସନାଲ୍ ଜିଓଗ୍ରାଫିକ୍ ପତ୍ରିକାର ଅକ୍ଟୋବର ସଂସ୍କରଣର ପ୍ରଚ୍ଛଦପୃଷ୍ଠାରେ ସ୍ଥାନିତ ହୋଇଛି ଶିମିଳିପାଳର ବିରଳ କଳାବାଘ।

'ଦ ଟାଇଗର୍ସ ହୁ ଚେଞ୍ଜଡ ଦେୟାର ଷ୍ଟ୍ରାଇପ୍ସ' ଶୀର୍ଷକ କାହାଣୀଟି ଶିମିଳିପାଳ ଅଭୟାରଣ୍ୟର ବିରଳ କଳାବାଘ ଏବଂ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ବାଘ ସ୍ଥାନାନ୍ତରଣ ପ୍ରକ୍ରିୟା ଉପରେ ପର୍ଯ୍ୟବେସିତ ଅଟେ। ନ୍ୟାସନାଲ୍ ଜିଓଗ୍ରାଫିକ୍ ଏକ୍ସପ୍ଲୋରର୍ ଓ ଫଟୋଗ୍ରାଫର୍ ପ୍ରସେନଜିତ ଯାଦବ ଅନେକ ଦିନଧରି ଶିମିଳିପାଳର ଘନ ଜଙ୍ଗଲ ମଧ୍ୟରେ ବାଘମାନଙ୍କର ଗତିବିଧି ଲକ୍ଷ କରିବା ସହ ବିରଳ କଳାବାଘ ଉପରେ ନ୍ୟାସନାଲ୍ ଜିଓଗ୍ରାଫିକର ପ୍ରଚ୍ଛଦପୃଷ୍ଠାରେ ସ୍ଥାନ ପାଇଲା ଭଳି ଏକ ଚମତ୍କାର କାହାଣୀ ରଚନା କରିଛନ୍ତି। କାହାଣୀକୁ ଅଧିକ ଆକର୍ଷଣୀୟ କରିଛି ତାଙ୍କ ଦ୍ୱାରା ଘନ ଜଙ୍ଗଲର ସବୁଜ ବନାନୀ ମଧ୍ୟରେ ଶିଉଳିମୟ ପଥର ଉପରୁ ନିର୍ବାକ ହୋଇ କ୍ୟାମେରାକୁ ଅନେଇ ରହିଥିବା କଳାବାଘର ପ୍ରଚ୍ଛଦ ପଟର ଚିତ୍ର। ତାଙ୍କୁ ଏହି କାର୍ଯ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସମସ୍ତ ପ୍ରକାର ସହଯୋଗ କରିଛି। ବିଭାଗ ଦ୍ୱାରା ପ୍ରଦତ୍ତ ସମସ୍ତ ➪ପୃଷ୍ଠା-୬

### ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

## ବ୍ରହ୍ମପୁର 'ସେବା ପର୍ବ'ରେ ଯୋଗଦେବେ ମୋଦି

- ଓଡ଼ିଶାରେ 'ସେବା ପର୍ବ' କାର୍ଯ୍ୟକ୍ରମକୁ ସ୍ମରଣୀୟ କରାଯିବ
- ଆଠଟି ଆଇଆଇଟିର କାପାସିଟି ବୃଦ୍ଧି ହେବ
- ସମ୍ବଲପୁର-ସରଲା ଫ୍ଲାଇଓଭର ଉଦ୍‌ଘାଟନ
- ବିଏସଏନଏଲର ୪ଜି ନେଟୱାର୍କ ସେବାର ଲୋକାର୍ପଣ
- ଏମ୍‌କେସିଜି ଓ ଭିମସାରକୁ ମିଳିବ ବିଶ୍ୱସ୍ତରୀୟ ସୁପର ସ୍ପେଶାଲିଟି ମାନ୍ୟତା
- ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ସହାୟତା



**ଭୁବନେଶ୍ୱର,୧୯।୯(ସମିସ):** ଆସନ୍ତା ସେପ୍ଟେମ୍ବର ୨୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ବ୍ରହ୍ମପୁରର ରଙ୍ଗେଇଲୁଣ୍ଡା ଠାରେ ହେବାକୁଥିବା 'ସେବା ପର୍ବ' କାର୍ଯ୍ୟକ୍ରମରେ ଯୋଗଦେବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ଜଣାପଡିଛି ଯେ, ପ୍ରଧାନମନ୍ତ୍ରୀ ଉକ୍ତ ଦିନ ପୂର୍ବାହ୍ନ ୧୧ଟା ରେ ବ୍ରହ୍ମପୁର ଠାରେ ଜାତୀୟ ସ୍ତରୀୟ 'ସେବା ପର୍ବ' କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ଜନହିତକର ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ଅନେକ ନୂତନ କାର୍ଯ୍ୟକ୍ରମ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରିବେ।

ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଓ କାର୍ଯ୍ୟକ୍ରମର ସଫଳ ଆୟୋଜନ ସମେତ ଏହାକୁ ସୂଚାରୁଭାବେ ସମ୍ପାଦନ କରିବା, ଏଥିନିମନ୍ତେ ସୁରକ୍ଷା ବ୍ୟବସ୍ଥା, ଜନସାଧାରଣଙ୍କ ସହଭାଗୀତା ପାଇଁ, ବୈଠକରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ସଚିବ ଓ ଅଧିକାରୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଯାତ୍ରାପଥ, ଆଗମନ-ବିଦାୟ ବ୍ୟବସ୍ଥା, ସୁରକ୍ଷା ବଳଙ୍କ ନିୟୋଜନ, ସଭାସ୍ଥଳର ପ୍ରସ୍ତୁତି, ସ୍ୱାସ୍ଥ୍ୟ, ପୋଲିସ, ପାଣି-ବିଦ୍ୟୁତ ଓ ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ବିଭାଗକୁ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରି ସ୍ମରଣୀୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ, ଏହି 'ସେବା ପର୍ବ' କାର୍ଯ୍ୟକ୍ରମରେ ଦେଶର ଆଠଟି ଆଇଆଇଟି ମାନଙ୍କର କାପାସିଟି ଏକ୍ସପାନସନ, କୋରାପୁଟ-ବାଇଗୁଡ଼ା ଏବଂ ମାନାବାର-କୋରାପୁଟ-ଗୋରାପୁର ରେଳ ଲାଇନ ଡ଼ବଲିଙ୍ଗ, ସମ୍ବଲପୁର-ସରଲା ଫ୍ଲାଇଓଭର ଉଦ୍‌ଘାଟନ, ବିଏସଏନଏଲ ଦ୍ୱାରା ଦେଶବ୍ୟାପୀ ସ୍ୱଦେଶୀ ୪ଜି ନେଟୱାର୍କ ସେବାର ଲୋକାର୍ପଣ,ଏମକେସିଜି , ଭିମସାର ମେଡିକାଲ କଲେଜକୁ ➪ପୃଷ୍ଠା-୬

### ଶୁଭମିତ୍ରା ହତ୍ୟା ମାମଲାରେ ନୂଆମୋଡ଼

## କ୍ରାଇମବ୍ରାଞ୍ଚ ଡିଜିଙ୍କ ତତ୍ତ୍ୱାବଧାନରେ ହେବ ତଦନ୍ତ





- ରେଡ୍ ଫ୍ଲାଗରେ ମାମଲା ଅନ୍ତର୍ଭୁକ୍ତ
- ଅଭିଯୁକ୍ତ ଦୀପକର ଅଡୁଆ ବଢ଼ିଲା
- ଖୁଣ୍ଟୁଣୀ ଥାନାରେ ପ୍ରଥମ ପତ୍ନୀ ହତ୍ୟା ମାମଲା ରୁଜୁ

**କଟକ,୧୯।୯(ସଂଚାର ବ୍ୟୁରୋ) :** ବଢ଼ିଲା ଗିରଫ ଅଭିଯୁକ୍ତ ଦୀପକ ରାଉତଙ୍କ ଅଡୁଆ। ଖୁଣ୍ଟୁଣୀ ଥାନାର ଦ୍ୱାରସ୍ଥ ହେଲେ ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ପରିବାର। କେସ୍ ରିଓପନ୍ କରିବାକୁ ନିବେଦନ କଲେ ଅପର୍ଣ୍ଣାଙ୍କ ଭଉଣୀ ରୋଜାଲିନ୍। ୩ବର୍ଷ ତଳର ଅପର୍ଣ୍ଣା ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ଦାବି କଲେ। ୨୦୨୨ମାର୍ଚ୍ଚ ୧୭ରେ ଅପର୍ଣ୍ଣାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ରାଧାକିଶୋରପୁରରେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଦର୍ଶାଇଥିଲେ ସ୍ୱାମୀ ଦୀପକ। ହେଲେ ଘଟଣା ପରେ ➪ପୃଷ୍ଠା-୬

### ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି କମିଟି ବୈଠକ

## ୨୫ ପ୍ରକଳ୍ପ ପାଇଁ ହେବ ୪,୭୩୯ କୋଟି ନିବେଶ

- ୨୫ ହଜାର ୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ
- 'ସମୃଦ୍ଧ ଓଡ଼ିଶା ୨୦୩୬' ଦୃଷ୍ଟିକୋଣକୁ ସାକାର କରିବ




**ଭୁବନେଶ୍ୱର, ୧୯।୯(ସଂଚାର ବ୍ୟୁରୋ):** 'ସମୃଦ୍ଧ ଓଡିଶା ୨୦୩୬' ଦୃଷ୍ଟିକୋଣକୁ ଆଗେଇ ନେଇଯିବା ପାଇଁ ଓଡ଼ିଶା ଦ୍ରୁତ ଅଗ୍ରଗତି କରୁଥିବାବେଳେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ରାଜ୍ୟ ସରକାର ସମତୁଳ ଆଞ୍ଚଳିକ ବିକାଶକୁ ଦୃଷ୍ଟି ଦେଇ ସମାବେଶୀ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରୁଛନ୍ତି। ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିର ୧୪୦ତମ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୪,୭୩୯ କୋଟି ଟଙ୍କାର ମୋଟ ୨୫ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଖୋର୍ଦ୍ଧା, ଯାଜପୁର, କଟକ, ସମ୍ବଲପୁର, ଝାରସୁଗୁଡା, ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ ଓ ଗଜପତି ଜିଲ୍ଲାରେ ୨୫,୨୦୦ଟି ନୂତନ ନିଯୁକ୍ତି ସୃଷ୍ଟି ହେବ।

ନୂଆ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ବୟନ ଶିଳ୍ପ, ଇସ୍ପାତ, ରସାୟନ, ସୂଚନା ପ୍ରଯୁକ୍ତି, ଭିତ୍ତିଭୂମି, ଲଜିଷ୍ଟିକ୍ସ, ନବୀକରଣ ଯୋଗ୍ୟ ଉର୍ଜା, ପର୍ଯ୍ୟଟନ, ଧାତୁ ଉପରେ ନିର୍ଭରଶୀଳ ଶିଳ୍ପ, ସର୍କୁଲାର ଇକୋନୋମି, ଶୀତଳ ଭଣ୍ଡାର ଓ ଉତ୍ପାଦନ ସାମଗ୍ରୀ ଆଦି ମୋଟ ୧୩ଟି ମୁଖ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶିଳ୍ପାୟନରେ ନିରନ୍ତରତା ଓ ଅର୍ଥନୈତିକ ଅଭିବୃଦ୍ଧି ପ୍ରତି ପ୍ରତିବଦ୍ଧତାକୁ ପ୍ରକାଶ କରୁଛି।

ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସୂଚନା ପ୍ରଯୁକ୍ତି ତଥା ଆଇଟି ସକ୍ଷମ ସେବା କ୍ଷେତ୍ରରେ ଲିନ୍‌ଡେ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ପରିବହନ ଏବଂ ଦୂରରୁ ପରିଚାଳନା ପାଇଁ ଏକ ବୈଶ୍ୱିକ କୌଶଳ କେନ୍ଦ୍ର ସ୍ଥାପନ କରିବ। ଏଥିପାଇଁ ୮୨ କୋଟି ଟଙ୍କା ନିବେଶ ହେବା ସହିତ ୨୧୦ ନିଯୁକ୍ତି ସୃଷ୍ଟି ହେବ। ଏହି କମ୍ପାନୀ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଯାଜପୁରରେ ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପାଇଁ ପାଇପଲାଇନ୍ କ୍ଲଷ୍ଟର ପ୍ରକଳ୍ପ ସ୍ଥାପନ କରିବ। ଏଥିପାଇଁ ୧୦୫.୭୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରୁ ୩୫ଟି ନିଯୁକ୍ତି ସୃଷ୍ଟି ହେବ। ବସ୍ତ୍ର, ପୋଷାକ ଓ ପ୍ରାଯୁକ୍ତିକ ବସ୍ତ୍ର ➪ପୃଷ୍ଠା-୬

## ପୁଣି ୨ ମାଓବାଦୀ ନିହତ

**ମାଲକାନଗିରି,୧୯।୯(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ନକ୍ସଲ ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଛି। ଏହି ଗୁଳିବିନିମୟରେ ୨ ଜଣ ନକ୍ସଲ ନିହତ ହୋଇଥିବା ଜଣାପଡ଼ିଛି। ବିଜାପୁର ଜିଲ୍ଲାର ମନକେଲି ଜଙ୍ଗଲରେ ନକ୍ସଲ ଲୁଚି ରହିଥିବା ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ପୁଲିସ, ଏସଟିଏଫ, ଡିଆରଜି ଏବଂ କୋବ୍ରା ଯବାନ ଚଢ଼ଉ କରିଥିଲେ। ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଦୀର୍ଘ ସମୟ ଧରି ନକ୍ସଲ ଏବଂ ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ପରେ ନକ୍ସଲ ଯବାନଙ୍କ ଗୁଳିର ସାମ୍ନା କରିନପାରି ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ସର୍ଚ୍ଚ ଅପରେସନ କରୁଥିବା ବେଳେ ଦୁଇ ଜଣ ମାଓବାଦୀଙ୍କ ମୃତଦେହକୁ ଠାବ କରିଥିଲେ। ମୃତ ନକ୍ସଲମାନେ ହେଲେ ଗାଙ୍ଗଲୁର ମିଲିଟାରି ଏରିଆ କମିଟି ସଦସ୍ୟ ରଘୁ ହପକା(୩୩) ଏବଂ ବିଜାପୁର ପଦନାମ ପାର୍ଟି ସଦସ୍ୟ ସଙ୍କୁ ହେମଲା(୩୨)। ରଘୁ ନାମରେ ସରକାର ୫ ଲକ୍ଷ ଘୋଷଣା କରିଥିବା ବେଳେ ସଙ୍କୁ ନାମରେ ୨ ଲକ୍ଷ ଟଙ୍କା ଘୋଷଣା କରିଥିଲେ। ଘଟଣାସ୍ଥଳରୁ ୩୦୩ ରାଇଫଲ, ମେଗାଜିନ, ଜୀବନ୍ତ ଗୁଳି, ବିଜିଏଲ ଲଞ୍ଚର, ବ୍ୟାଟେରି, କୋଟେକ୍ସ ତାର, ପୋଷାକ ପୁସ୍ତକ ଇତ୍ୟାଦି ଜବତ କରାଯାଇଛି। ଲଗାତାର ପୁଲିସକୁ ମାଓ ଦମନରେ ସଫଳତା ମିଳି ଚାଲିଛି। ତୁରନ୍ତ ମାଓବାଦୀ ଆତ୍ମସମର୍ପଣ ନକଲେ ସ୍ଥିତି ଆହୁରି ଭୟଙ୍କର ହେବ ।



ବହୁ ମାଓ ସାମଗ୍ରୀ ଜବତ

### ବିଧାନସଭାରେ ଛାତ୍ରୀ ସୁରକ୍ଷାର ବିକଳ ଚିତ୍ର

## ଚମକାଇଦେଲା ଶିକ୍ଷାନୁଷ୍ଠାନର ନିର୍ଯାତନା ରିପୋର୍ଟ

- ରାଜ୍ୟର ୬ ବିଶ୍ୱବିଦ୍ୟାଳୟରେ ୧୯ ଛାତ୍ରୀ ନିର୍ଯାତିତ
- ଉତ୍କଳ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ୭ଟି ମାମଲା
- ୯ ଜିଲ୍ଲାରେ ଛାତ୍ରୀ ନିର୍ଯାତନା ନେଇ ୩୨ ମାମଲା

**ଭୁବନେଶ୍ୱର,୧୯।୮ (ସଂଚାର ବ୍ୟୁରୋ):** ସ୍କୁଲରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଯେ, ଛାତ୍ରୀଙ୍କ ପାଇଁ ଅସୁରକ୍ଷିତ, ଏ କଥା ଆଜି ବିଧାନସଭାରେ ରାଜ୍ୟ ସରକାରଙ୍କ ଲିଖିତ ଉତ୍ତର ସ୍ପଷ୍ଟ କରିଛି। ଓଡ଼ିଶାରେ ବିଜେପି ସରକାର ଆସିବା ପରଠାରୁ ଛାତ୍ରୀଙ୍କ ସୁରକ୍ଷା ନେଇ ବିରୋଧୀ ବିଧାୟକ ପ୍ରଶ୍ନ କରିଥିଲେ। କେଉଁଠି ଆଦିବାସୀ ସ୍କୁଲରେ ନାବାଳିକା ଛାତ୍ରୀ ଗର୍ଭବତୀ ହେଉଛନ୍ତି ତ ଆଉ କେଉଁଠି ଅଧ୍ୟାପକ ଫେଭର ମାଗିବାରୁ ଆତ୍ମାହୁତି ଦେଉଛନ୍ତି ଛାତ୍ରୀ। ରାଜ୍ୟରେ ଛାତ୍ରୀ ସୁରକ୍ଷାର ବିକଳ ଚିତ୍ର ବିଧାନସଭାରେ ପଦାରେ ପଡିଛି।

ବିଧାନସଭାରେ ଉଭୟ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଲିଖିତ ଉତ୍ତର ସରକାରଙ୍କୁ ଅଡୁଆରେ ପକାଇଛି। ରାଜ୍ୟର ୧୭ ଟି ବିଶ୍ୱବିଦ୍ୟାଳୟରୁ ୬ଟି ବିଶ୍ୱବିଦ୍ୟାଳୟରେ ବଢ଼ିଛି ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା। ଏପରି ୧୯ ଜଣ ଛାତ୍ରୀ ନିର୍ଯାତନାର ଶିକାର ହୋଇଛନ୍ତି। ୬ ଯୌନ ନିର୍ଯାତନା, ୯ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଓ ଦୁଇ ଜଣ ଛାତ୍ରୀଙ୍କୁ ଅଭଦ୍ରଚିତ ବ୍ୟବହାର କରାଯାଇଛି। ଗୃହରେ ବିଜେଡି ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନର ଗୃହରେ ଲିଖିତ ଉତ୍ତର ଜରିଆରେ



ଏହାକୁ ସ୍ୱୀକାର କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ବିଶ୍ୱବିଦ୍ୟାଳୟରେ ଛାତ୍ରୀ ନିର୍ଯ୍ୟାତନାର ଉଦବେଗଜନକ ଚିତ୍ର ଜଣାପଡିବା ପରେ ରାଜଧାନୀର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ଅସଲ ମୁଖା ଖୋଲି ଯାଇଛି। ଉତ୍କଳ ➪ପୃଷ୍ଠା-୬

### ଶିକ୍ଷକଙ୍କ ପାଇଁ ନୂଆ ବଦଳି ନୀତି

## ନିଜ ଜିଲ୍ଲାରେ ମିଳିବନି ନିଯୁକ୍ତି

**ଭୁବନେଶ୍ୱର ୧୯।୯(ସଂଚାର ବ୍ୟୁରୋ):** ଗଣଶିକ୍ଷା ବିଭାଗରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ବଦଳି ଓ ନିଯୁକ୍ତି ନେଇ ନୀତି ପ୍ରସ୍ତୁତ ହୋଇଛି। ସାଧାରଣ ପ୍ରଶାସନ ବିଭାଗ ନିୟମ ଅନୁଯାୟୀ ବାର୍ଷିକ ବଦଳି ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ହେବ। ନିଜ ଜିଲ୍ଲାରେ ନିଯୁକ୍ତି ନଦେବାକୁ ସ୍ଥିର ହୋଇଛି। ନିଜ ଜିଲ୍ଲାରେ ନିଯୁକ୍ତି ପାଇଲେ ତାଙ୍କୁ ନିଜ ବ୍ଲକ୍‌ରେ ରହିବାକୁ ଅନୁମତି ଦିଆଯିବ ନାହିଁ। ଜିଲ୍ଲା କ୍ୟାଡର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଯେଉଁଠି ନିଯୁକ୍ତି ପାଇଥିବେ, ସେଠାରେ ଅତି କମ୍‌ରେ ୩ବର୍ଷ ରହିବା ପରେ ବଦଳି ହେବାକୁ ଯୋଗ୍ୟତା ଅର୍ଜନ କରିବେ। ସେ ଗୋଟିଏ ସ୍ଥାନରେ ୬ବର୍ଷରୁ ଅଧିକ ସମୟ ରହିପାରିବେ ନାହିଁ। ଯଦି କୌଣସି ଅଧିକାରୀ ନିଜ ଚାକିରି ସମୟର ୫ବର୍ଷ ଅବିଭକ୍ତ କେବିକେ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ପୂରଣ କରିଥିବେ, ତେବେ ସେ ଅନ୍ୟ ଜିଲ୍ଲାକୁ ବଦଳି ହୋଇପାରିବେ। ଅନ୍ୟ ଜିଲ୍ଲାରେ ୧୦ବର୍ଷ ପୂରଣ କରିଥିବା ଅଧିକାରୀମାନେ ଅବିଭକ୍ତ କେବିକେ, ଗଜପତି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ନିଯୁକ୍ତ ହେବେ। ଯଦି ସ୍ୱାମୀ ଓ ସ୍ତ୍ରୀ ସରକାରୀ କର୍ମଚାରୀ ହୋଇଥାନ୍ତି, ତାହା ହେଲେ ସେମାନଙ୍କୁ ନିକଟସ୍ଥ କିମ୍ବା ପାଖ ଅଞ୍ଚଳରେ ନିଯୁକ୍ତି ଦିଆଯାଇପାରିବ। ଅବସର ଗ୍ରହଣ କରିବାକୁ ଦୁଇବର୍ଷ ଥିବା ଅଧିକାରୀଙ୍କୁ ଯେଉଁଠାରେ ଅଛନ୍ତି ସେଠାରେ ରଖିବା କିମ୍ବା ନିଜ ଜିଲ୍ଲାକୁ ବଦଳି ହୋଇପାରିବେ। କମିଟି ମାଧ୍ୟମରେ ବଦଳି ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ବିଭାଗ ନିଷ୍ପତ୍ତି ନେଇଛି।

### ଆସାମ ରାଇଫଲ୍ସ ଟ୍ରକ୍ ଉପରେ ଆଖିବୁଜା ଗୁଳିମାଡ଼

## ୨ ଯବାନ ସହିଦ ଓ ୪ ଆହତ



**ଇମ୍ଫାଲ୍,୧୯।୯:** ମଣିପୁରର ବିଷ୍ଣୁପୁର ଜିଲ୍ଲାରେ ସଶସ୍ତ୍ର ଲୋକଙ୍କର ଏକ ଗୋଷ୍ଠୀ ଶୁକ୍ରବାର ସନ୍ଧ୍ୟାରେ ଆସାମ ରାଇଫଲ୍ସର ଗାଡ଼ି ଉପରେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ଅର୍ଦ୍ଧ ସାମରିକ ବାହିନୀର ଦୁଇ ଯବାନ ସହିଦ ହୋଇଥିବା ବେଳେ ୪ ଜଣ ଆହତ ହୋଇଥିବା ସୂଚନା ରହିଛି। ପୋଲିସର ସୂଚନା ଅନୁଯାୟୀ, ଘଟଣାଟି ସନ୍ଧ୍ୟା ପ୍ରାୟ ୫.୪୦ ସମୟରେ ଘଟିଥିଲା, ଯେତେବେଳେ ଯବାନଙ୍କୁ ନେଇଯାଉଥିବା ଟ୍ରକଟି ନାମବୋଲ ସବାଲ ଲାଇକାଇରେ ଆକ୍ରମଣର ଶିକାର ହୋଇଥିଲା। ଇମ୍ଫାଲ ବିମାନବନ୍ଦରରୁ ପ୍ରାୟ ୮ କିଲୋମିଟର ଦୂରରେ ➪ପୃଷ୍ଠା-୬



### କାନ ଡେରିଥା

ଦଶହରାରେ ବାତ୍ୟା ପରମ୍ପରା
ଚାଲିଛି ଯେ କେବେଠାରୁ
ଏଇ ଦଶହରା ବାତ୍ୟାରେ
ଭିଜିବ !
କିଏ ସେ ମରୁଛି ମରୁ
ସର୍ଭେ ହେଇଯିବ ସୁରୁ...
ଚାଷୀର ଅଣ୍ଟାଟା ଭାଙ୍ଗିଯିବ
ସିନା
ପଇସା ହୋଇବ ଚଳୁ ।

■ ଦେବାଶିଷ

## ବିଜେଡି-ବିଜେପି ରଣନୀତିରେ କଂଗ୍ରେସ ଭକୁଆ

**ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ) :** ବହୁ ଆଡ଼ମ୍ବରରେ କଂଗ୍ରେସ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ବିଜେଡି ପାଣିଚିଆ କରିଦେଇଛି। ସାର ବାହାନାରେ ବିଜେଡି ବିଧାନସଭା ଗୃହକୁ ଦିନ ତମାମ ଅଚଳ କରିବା ଯୋଗୁଁ ବିଜେପିକୁ ଏକ ପ୍ରକାର ମଉକା ମିଳିଯାଇଛି। ବିଜେଡିର ଏଭଳି କାରବାର ଦେଖି ବିଜେପିର ସୁବିଧା ପାଇଁ ମୁଖ୍ୟ ବିରୋଧୀ ଦଳ ଏଭଳି ବଡ଼ ପ୍ରସଙ୍ଗରୁ ଦୂରେଇଲା ବୋଲି ଆଲୋଚନା ଜୋର ଧରିଛି।

- ସାର ବାହାନାରେ ଚଳାଇଦେଲାନି ଗୃହ
- ବିଜେପିକୁ ମିଳିଲା ଫାଇଦା

ଦୀର୍ଘଦିନ ପରେ ବିରୋଧୀ ଦଳ ବିଧାନସଭାରେ ଆଣିଛନ୍ତି ଅନାସ୍ଥା ପ୍ରସ୍ତାବ। ନୂଆ ସରକାର ବିରୁଦ୍ଧରେ ଯେଉଁ ପ୍ରସଙ୍ଗକୁ ଆଳ କରି କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଛି ସମାନ ପ୍ରସଙ୍ଗରେ ମୁଖ୍ୟ ବିରୋଧୀ ଦଳ ବିଜେଡି ବି ସରକାରଙ୍କୁ ଘେରୁଛି। ହେଲେ ଅନସ୍ଥା ପ୍ରସଙ୍ଗରେ ସହଯୋଗ ପାଇଁ କଂଗ୍ରେସ କହିଲା ବେଳକୁ ବିଜେଡି ପଛଘୁଞ୍ଚା ଦେଇଛି। ଏମିତିକି କଂଗ୍ରେସର ଅନାସ୍ଥା କିଭଳି ଗୃହରେ ଉଠି ନପାରିବ ସେଥିପାଇଁ ପ୍ରଥମ ଦିନରୁ ହିଁ ସାର ପ୍ରସଙ୍ଗକୁ ଆଳକରି ହଟଗୋଳ ଜାରି ରଖିଥିବା ନେଇ ଆଲୋଚନା ହେଉଛି।

ବର୍ଷା ଅଧିବେଶନର ବହୁ ପୂର୍ବରୁ କଂଗ୍ରେସ ଅନସ୍ଥା ଆଣିବା ନେଇ ସୂଚନା ଦେଇଥିଲା। ଏପରିକି ଅନାସ୍ଥା ଆଣିବା ପାଇଁ ମୁଖ୍ୟ ବିରୋଧୀ ଦଳ ବିଜେଡିକୁ ବି ଆହ୍ୱାନ ଦେଇଥିଲା। ବିଜେଡି ଯଦି ନଆଣିବ ତେବେ କଂଗ୍ରେସ ଆଣିବ ବୋଲି କହିଥିଲା। ଏତେ ସବୁ ସତ୍ତ୍ୱେ ସମାନ ପ୍ରସଙ୍ଗକୁ ନେଇ ରାସ୍ତାକୁ ଓହ୍ଲାଉଥିବା ବିଜେଡି କିନ୍ତୁ ଅନାସ୍ଥା କଥା ଉଠାଇନଥିଲା। ଗତକାଲି କଂଗ୍ରେସ ଅନାସ୍ଥା ଆଣିବା ପରେ ବିଜେଡି ଆଉ ଏହି ପ୍ରସଙ୍ଗରେ ଧରାଛୁଆଁ ଦେଉନାହିଁ।

ତେବେ ବିଜେଡି ଆଜି ଗୃହରେ ହଟଗୋଳ କରିବାରୁ ବାଚସ୍ପତି ଗୃହ ସ୍ୱାଭାବିକ ନଥିବାରୁ ଅନାସ୍ଥା ଉପରେ କୌଣସି ପଦକ୍ଷେପ ନିଆଯାଇ ପାରିବ ନାହିଁ ବୋଲି ସଫା ସଫା ଶୁଣାଇଛନ୍ତି। ବାଚସ୍ପତି ଏହା କହିବା ସମୟରେ ବିଜେଡି ସଦସ୍ୟମାନେ ଗୃହ ମଧ୍ୟରେ ପ୍ଲାକାର୍ଡ ପ୍ରଦର୍ଶନ ସହିତ ହଟଗୋଳ ଜାରି ରଖିଥିଲେ। ଯେଉଁ ସାର ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀ ମୁଲତବୀ ନୋଟିସ୍ ଦେଇଥିଲେ, ସେହି ପ୍ରସଙ୍ଗକୁ ନେଇ ହଟଗୋଳ କରିବାକୁ କଂଗ୍ରେସ ସହଜରେ ଗ୍ରହଣ କରିପାରୁନାହିଁ। କଂଗ୍ରେସର ବରିଷ୍ଠ ନେତା ତାରା ପ୍ରସାଦ ବାହିନିପତି ବିଜେଡି-ବିଜେପି ସଲାସୁତରା ହୋଇ ଅନାସ୍ଥା ବିରୁଦ୍ଧରେ ଏଭଳି ଷଡଯନ୍ତ୍ର କରିଥିବା କହିଛନ୍ତି।

ଅନ୍ୟ ପକ୍ଷରେ କଂଗ୍ରେସ ➪ପୃଷ୍ଠା-୬

## ବିଧାନସଭାରେ ପ୍ରାୟୋଜିତ ହଙ୍ଗାମା

- ମୁଲତବୀ ନୋଟିସକୁ ଗ୍ରହଣ କରିଥିଲେ ବାଚସ୍ପତି
- ଆଲୋଚନା କରାଇ ଦେଲାନାହିଁ ବିଜେଡି
- ମାତ୍ର ୮ ମିନିଟ ଚାଲିଲା ବିଧାନସଭା
- କଂଗ୍ରେସର ଅଭିଯୋଗ ବିଜେଡି କରୁଛି ମାଇଲେଜ ଷଣ୍ଟ୍



ବିଧାନସଭା ମୌସୁମୀ ଅଧିବେଶନ ଦ୍ୱିତୀୟ ଦିନରେ ବିରୋଧୀଙ୍କ ହଙ୍ଗଗୋଳରେ କଟିଗଲା। ବିଧାୟକ ଦଳ ବୈଠକରେ ଯେଉଁ ନିଷ୍ପତ୍ତି କରିଥିଲା ବିଜେଡି, ଆଜି ଗୃହ ଆରମ୍ଭ ହେବା ମାତ୍ରେ ତାକୁ କାର୍ଯ୍ୟକାରୀ କରିଥିଲା। ବାଚସ୍ପତିଙ୍କ ପୋଡିୟମ ତଳକୁ ଆସି ନାରାବାଜି ଆରମ୍ଭ କରିଦେଇଥିଲେ ବିଜେଡି ସଦସ୍ୟ। ହାତରେ ପ୍ଲା-କାର୍ଡ ଓ ବ୍ୟାନର ଧରିଥିଲେ। ଚାଷୀମାରଣ ନୀତି ଚଳିବ ନାହିଁ କହି ସରକାରଙ୍କୁ ଘେରିଥିଲେ। କଂଗ୍ରେସ ବିଧାୟକ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ ➪ପୃଷ୍ଠା-୬

# କେନ୍ଦ୍ରାପଡ଼ାରୁ ଭୁବନେଶ୍ୱର ପାସେଞ୍ଜର ଟ୍ରେନ ଚଳାଚଳ ଦାବି

● ପୂର୍ବତଟ ରେଳବାଇ ମ୍ୟାନେଜରଙ୍କୁ ସ୍ମାରକପତ୍ର ପ୍ରଦାନ



**ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସିଧାସଳଖ ପାସେଞ୍ଜର ଟ୍ରେନ ଚଳାଚଳ ଦାବି ନେଇ ଆଜି ପୂର୍ବତଟ ରେଳବାଇର ମ୍ୟାନେଜରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ାର ସାମାଜିକ କର୍ମୀ ସମୀର ଚାନ୍ଦ, ସଞ୍ଜୟ ରାଉତ ଓ ଅମୀୟ ବଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ରାପଡ଼ାରୁ ପ୍ରତିଦିନ ହଜାର ହଜାର ଲୋକ ଚାକିରି, ଶିକ୍ଷା, ବ୍ୟବସାୟ ଓ ଚିକିତ୍ସା ଆଦି ପାଇଁ ଭୁବନେଶ୍ୱର ଯାଉଛନ୍ତି। ତେବେ କେନ୍ଦ୍ରାପଡ଼ାରୁ ସିଧାସଳଖ ଭୁବନେଶ୍ୱରକୁ କୌଣସି ଟ୍ରେନ ଚାଲୁନଥିବାରୁ ଏହା କେନ୍ଦ୍ରାପଡ଼ାବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଲୋକେ ଯାତାୟାତରେ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ କେନ୍ଦ୍ରାପଡ଼ାରୁ ସିଧାସଳଖ ଭୁବନେଶ୍ୱର ପର୍ଯ୍ୟନ୍ତ ଏକ ପାସେଞ୍ଜର୍ ଟ୍ରେନ୍ ଚଳାଇବା ଦିଗରେ ପଦକ୍ଷେପ ନିଆଗଲେ, ଏହାର ଫାଇଦା ଉଭୟ ଜନସାଧାରଣ ଓ ରେଳବାଇକୁ ମିଳିପାରିବ ବୋଲି ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି। ତୁରନ୍ତ ପୂର୍ବତଟ ରେଳବାଇ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଆଶାବାଦୀ ଥିବା କହିଛନ୍ତି।

## ଭତ୍ତା ପାଇଁ ପଞ୍ଚାୟତରେ ପହଞ୍ଚିଲେ ଅସୁସ୍ଥ ହିତାଧିକାରୀ



**ମହାକାଳପଡ଼ା,୧୯।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେର ଗାଁ ପଞ୍ଚାୟତରେ ଆଜି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଥିଲା। ହାତରେ ପରିସ୍ରା ପାଇପ୍ ଧରି ଭତ୍ତା ପାଇଁ ଜଣେ ବୃଦ୍ଧ ଚାଲିଚାଲି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବା ଭିଡିଓ ଭାଇରାଲ ହୋଇଛି।

ସୂଚନା ମୁତାବକ ତେର ଗାଁ ପଞ୍ଚାୟତ ଅନ୍ତର୍ଗତ ପଟଣା ଗ୍ରାମର ଇଶ୍ୱର ସେଠୀ(୮୦) ବୟସାଧିକ କାରଣରୁ ଅସୁସ୍ଥ ହୋଇ ଶଯ୍ୟାଶାୟୀ। ମୁତ୍ରାଶୟରେ ପାଇପ୍ ଲାଗିଛି। ହେଲେ ଏମିତି ପରିସ୍ଥିତିରେ ଆଜି ତାଙ୍କ ପୁଅ ତାଙ୍କୁ ଧରିଧରି ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ଟଙ୍କା ପାଇଁ ଯାଉଥିବା ସାମାଜିକ ଗଣମାଧମରେ ଏକ ଭିଡିଓ ଭାଇରାଲ ହେବା ପରେ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିଲା। ଏ ସମ୍ପର୍କରେ ପରିବାର ଲୋକଙ୍କ କହିବା କଥା ସେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକୁମାର ମଣ୍ଡଳଙ୍କୁ ଘରେ ଭତ୍ତା ଟଙ୍କା ଦେବାକୁ ଜଣାଇଥିଲେ। ଯେହେତୁ ଏବେ ପଞ୍ଚାୟତର ସମସ୍ତ ହିତାଧିକାରୀଙ୍କୁ ଭତ୍ତା ଦିଆଯାଉଛି ତେବେ ଦୁଇ ଦିନ ପରେ ସେ ଇଶ୍ୱର ସେଠୀଙ୍କୁ ଘରେ ନେଇ ପିଇଓ ଭତ୍ତା ଟଙ୍କା ଦେବାକୁ କହିଥିଲେ। ହେଲେ ମେଡିକାଲ୍ ନେବାକୁ ଟଙ୍କା ଆବଶ୍ୟକ ଥିବାରୁ ଈଶ୍ୱର ସେଠୀଙ୍କ ପୁଅ ତାଙ୍କୁ ଧରି ଧରି ପଞ୍ଚାୟତ କାର୍ଯ୍ୟାଳୟକୁ ନେଇ ଟଙ୍କା ଆଣିଥିଲେ ବୋଲି ଜାଣିବାକୁ ମିଳିଛି।

## ଜମାଟଙ୍କା ଉଠାଇ ପାରୁନାହାନ୍ତି ହିତାଧିକାରୀ



**ସାଲେପୁର,୧୯।୯(ସଂଚାର ବ୍ୟୁରୋ):** ନିଜ ଆକାଉଣ୍ଟରୁ ଟଙ୍କା ଉଠାଇ ନପାରି ଜଣେ ଜମାକାରୀ ହତାଶ ହୋଇପଡ଼ିଛନ୍ତି। ଏ ନେଇ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ ସେ କୌଣସି ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିବାର ସେ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ଅଞ୍ଚଳ ଅନ୍ତର୍ଗତ ରାଇସୁଙ୍ଗୁଡା ସମବାୟ ସମିତିର ମିନିବ୍ୟାଙ୍କରେ ମାତନଗର ଗ୍ରାମର ସ୍ୱର୍ଗତ ସିତାରାମ ସାହୁଙ୍କ ପତ୍ନୀ ନଳିନୀ ସାହୁ ପୂର୍ବରୁ ତାଙ୍କ ସ୍ୱାମୀ ରଖିଥିବା ୧୦ଲକ୍ଷ ଟଙ୍କାକୁ ଏବେ ଉଠାଇବା ପାଇଁ ବାରମ୍ବାର ବ୍ୟାଙ୍କକୁ ଯାଉଥିବା ବେଳେ ବ୍ୟାଙ୍କ ଦାୟିତ୍ୱରେ ଥିବା ଅଧିକାରୀ ବିଭିନ୍ନ ଆଳ ଦେଖାଇ ଟଙ୍କା ଉଠାଇ ଦେଉନଥିବା ସେ ଅଭିଯୋଗ କରିଛନ୍ତି। ନଳିନୀ ଲିଖିତ ଭାବରେ ଜଣାଇଛନ୍ତିଯେ ପୂର୍ବରୁ ତାଙ୍କ ସ୍ୱାମୀ କର୍କଟରୋଗରେ ପିଡିତ ହୋଇଥିବା ବେଳେ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ଚାହୁଁଥିଲେ। ସମବାୟ ସମିତି ସମ୍ପାଦକ ତାଙ୍କୁ ଠିକ୍ ସମୟ ଭିତରେ ଟଙ୍କା ନଦେବାରୁ ସେ ରୋଗରେ ପଡ଼ି ମୃତ୍ୟୁବାଣ କରିଥିଲେ। ଏବେ ନଳିନୀ ବାରମ୍ବାର ବ୍ୟାଙ୍କକୁ ଯାଇ ଜମା ଟଙ୍କା ଉଠାଇବାକୁ ଆବେଦନ କରିଥିଲେ ମଧ ଟଙ୍କା ଉଠାଇ ପାରୁନାହାଁନ୍ତି। ଫଳରେ ତାଙ୍କ ୨ଝିଅ ପାଠ ପଢୁଥିବାରୁ ଆବଶ୍ୟକୀୟ ଅର୍ଥନଥିବାରୁ ସେ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ଏନେଇ ନଳିନୀ ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟିଦେଇ ତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।

# ମହିଳା ସରପଞ୍ଚଙ୍କୁ ଆକ୍ରମଣ ମାମଲା

# ଥାନା ଆଗରେ ଧାରଣା ଜାରି

**ରାଜନଗର,୧୯।୯ (ସଂଚାର ବ୍ୟୁରୋ):** ମହିଳା ଦଳିତ ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଭାବେ ଆକ୍ରମଣ କରାଯିବା ଘଟଣାରେ ପୁଲିସ ମାମଲା ରୁଜୁ କରି ବସିଛି। ଏହି ଘଟଣାକୁ ନେଇ

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୩ ବିଧାୟକ

ଗତକାଲି ଠାରୁ ରାଜନଗର ଥାନା ଆଗରେ ରାଜପୁର ସରପଞ୍ଚ ରାଣୀମଞ୍ଜରୀ ସେଠୀ ନିଜେ ନ୍ୟାୟ ପାଇଁ ଥାନା ବାରଣ୍ଡାରେ ଧାରଣାରେ ବସି ରହିଥିବା ବେଳେ ସରପଞ୍ଚଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆମ୍ବେଦକର ବିଚାର ଲୋହିଆ ମଞ୍ଚ ଥାନା ସମୁଖ ଫାଟକ ଆଗରେ ଧାରଣାରେ ବସିଛନ୍ତି।

ପୁଲିସ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରି ଥାନା ଆଗରେ ଧାରଣା ଜାରି ରହିଛି।






ରାଜପୁର ସରପଞ୍ଚ ରାଣୀ ମଞ୍ଜରୀ ସେଠୀ, ବନ୍ଦପଡା ସରପଞ୍ଚ ପୁଷ୍ପଲତା ପାତ୍ର, ରାଜନଗର ସମିତି ସଭ୍ୟା ସୁମିତ୍ରା ସେଠୀ, ଜିଲ୍ଲା ଲୋହିଆ ମଂଚର ମହିଳା ସଭାପତି ପ୍ରମିଳା ସେଠୀ ପ୍ରମୁଖ ଥାନା ବାରଣ୍ଡାରେ ଧାରଣା ବସି ରହିଥିବା ବେଳେ ମୁଖ୍ୟ ଫାଟକ ସମୁଖରେ ଆମ୍ବେଦକର ଲୋହିଆ ବିଚାର ମଂଚର ଜିଲ୍ଲା ସଭାପତି ରବୀନ୍ଦ୍ର ନାଥ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ଦଶରଥ ମଳିକ, ଜିଲ୍ଲା ମହିଳା ସଂଗଠନ ସଭାପତି ପ୍ରମିଳା ସେଠୀ, ପଟ୍ଟାମୁଣ୍ଡାଇ ଦଳିତ ଜାତି ସଙ୍ଘର କଳ୍ପତରୁ ମଳିକ, ସଭାପତି ପଟ୍ଟାମୁଣ୍ଡାଇ ବ୍ଲକ ପରୀକ୍ଷିତ ମଳିକ, ସଂପାଦକ ପଟ୍ଟାମୁଣ୍ଡାଇ ବ୍ଲକ ଈଶ୍ୱର ମଳିକ, ସଂପାଦକ ରାଜନଗର ବ୍ଲକ ବାବନ ଚରଣ ଯେନା, ସହ ସଂପାଦକ ରାଜନଗର ବ୍ଲକ ରାଜୁ ମୁଦୁଲି, ପ୍ରଶାନ୍ତ କୁମାର ଯେନା, ବସନ୍ତ କୁମାର ସେଠୀ, ଅଜୟ କୁମାର ଯେନା, ପଦ୍ମନାଭ ମଳିକ ପ୍ରମୁଖ ଧାରଣାରେ ବସି ରହିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାନଯିବା ଯାଏଁ ଧାରଣାରୁ ଉଠିବୁ ନାହିଁ ବୋଲି ସରପଞ୍ଚ ଓ ଆମ୍ବେଦକର ଲୋହିଆ ବିଚାର ମଂଚ ଜିଦରେ ଅଟଳ ଥିବାରୁ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି।

ଅନ୍ୟ ପକ୍ଷରେ ଆଜି କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଆଳିର ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଘଟଣା ସମ୍ପର୍କରେ କହିବା ସହ ଆକ୍ରମଣକାରୀଙ୍କୁ ଗିରଫ ଦାବି କରିଥିଲେ। ଖୁବ ଶୀଘ୍ର ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପତିଶ୍ରୁତି ଦେଇଥିବା ବିଧାୟକ ଶ୍ରୀସାହୁ ସୂଚନା ଦେଇଛନ୍ତି।

ରାଜନଗର ବ୍ଲକ ରାଜପୁର ପଞ୍ଚାଯତର ସରପଞ୍ଚ ରାଣୀମଞ୍ଜରି ସେଠୀଙ୍କୁ ତାଙ୍କ ଘରେ ପଶି ଆକ୍ରମଣ ନେଇ ଚଳିତ ମାସ ୬ ତାରିଖ ଦିନ ରାଜନଗର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ସଙ୍ଗିନ ଦଫାରେ ପୋଲିସ ମାମଲା ରୁଜୁ କରିଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଆଜି ଯାଏଁ ଗିରଫ କରିନି।

## ବିଜୟନଗର ପଞ୍ଚାୟତରେ 'ଆମ ଗାଁରେ ତହସିଲ' କାର୍ଯ୍ୟକ୍ରମ



**ମହାକାଳପଡ଼ା, ୧୯।୯ (ସଂଚାର ବ୍ୟୁରୋ):** ମହାକାଳପଡ଼ା ତହସିଲ ଅଧିନ ବିଜୟନଗର ଗ୍ରାମ ପଞ୍ଚାୟତରେ "ଆମ ଗାଁ ରେ ତହସିଲ" କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ତହସିଲଦାର ଶିବ ମଲ୍ଲିକ ଉପସ୍ଥିତ ରହି ଜନସାଧାରଣ ଙ୍କ ପାଖରୁ ଅଭିଯୋଗ ଗ୍ରହଣ କରିବା ସହିତ ତ୍ୱରିତ ସମାଧାନ ପାଇଁ ଶୁଣାଣୀ କରିଥିଲେ। ପଞ୍ଚାୟତର ସରପଞ୍ଚ ରୂପସ୍ୱିନୀ ସାହୁ, ଅତିରିକ୍ତ ତହସିଲଦାର, ବିଭାଗୀୟ ସହାୟକ, ରାଜସ୍ୱ ନୀରିକ୍ଷକ, ଅମିନଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମ୍ୟୁଟେଶନ କେଶ୍, ବସୁନ୍ଧରା ଯୋଜନା, ଇ ପାଉତି, ଲିଗାଲ ହେଆର, ଜମି ମାପ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଅଭିଯୋଗ ଆସିଥିଲା। ସେଥିରୁ ୪୪ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି।

## ଜଣେ ମାତ୍ର ଶିକ୍ଷକରେ ଚାଲିଛି ୯ ଶ୍ରେଣୀ

ଗୋଟିଏ କୋଠରିରେ ପଢୁଛନ୍ତି ସମସ୍ତ ଛାତ୍ରଛାତ୍ରୀ

ଶିକ୍ଷକ ଅଭାବରୁ ପ୍ରଥମ ଶ୍ରେଣୀରେ ନାହାଁନ୍ତି ପିଲା

ସ୍କୁଲ ବନ୍ଦ କରିବାକୁ ଅଭିଭାବକଙ୍କ ଚେତାବନୀ



**ଆଳି,୧୯।୯(ସଂଚାର ବ୍ୟୁରୋ):** ଶିକ୍ଷା ବିଭାଗର ବିକଳ ଚିତ୍ର ଜଣେ ଶିକ୍ଷକରେ ଚାଲିଛି ୯ ଶ୍ରେଣୀ। ଦିନ କି ଦୁଇ ଦିନ ନୁହେଁ ୩ ବର୍ଷ ହେବ ଚାଲିଛି ଏହି ଭଳି ଶିକ୍ଷାଦାନ। ଦିନେ ଯେଉଁ ସ୍କୁଲରେ ୭ରୁ ୮ଟି ଶିକ୍ଷକ ଥିଲେ ଅଜି କିନ୍ତୁ ଶିକ୍ଷକ ମରୁଡି ପଡିଛନ୍ତି। ଯାହା ଫଳରେ ଶିକ୍ଷା ଦାନ ସବୁ ଚୁଲିକି ଗଲାଣି। ଏବେ ସେହି ସ୍କୁଲରୁ ଗୋଟିଏ ପରେ ଗୋଟିଏ ପିଲା ଟିସି ନେଇ ଅନ୍ୟତ୍ର ପଳାଇ ଯାଉଛନ୍ତି। ଏହା ଏବେ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି।

ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ସଂସିଧା ପଞ୍ଚାୟତରେ ଥିବା ମଙ୍ଗରାଜପୁର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପୂର୍ବରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠ ପଢୁଥିବା ବେଳେ ଏବେ ବିଦ୍ୟାଳୟରେ ସଂଯୋଗ ହୋଇଛି ଶିଶୁ ବାଟିକା। ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀରେ ୫୪ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଶିକ୍ଷକ ନଥିବାରୁ କେହି ପିଲା ପ୍ରଥମ ଶ୍ରେଣୀରେ ଆଡ଼ମିସନ ହୋଇନଥିବା ଜଣାପଡିଛି। ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଅଚ୍ୟୁତାନନ୍ଦ ମିଶ୍ର ବ୍ରେନ ଷ୍ଟୋକରେ ଆକ୍ରାନ୍ତ ହୋଇଥିବାରୁ, ଛାତ୍ରଛାତ୍ରୀମାନଙ୍କୁ ଠିକ ଭାବରେ ପାଠ ପଢାଇ ପାରୁନାହାଁନ୍ତି। ଶିକ୍ଷକ ଯଦି କେଉଁ ଦିନ ଅଫିସ କାର୍ଯ୍ୟରେ ଆଳି ଯାଉଛନ୍ତି ସେଦିନ ସ୍କୁଲରେ ତାଲା ଝୁଲୁଛି। ଅନ୍ୟପଟେ ଆଗାମୀ ଦିନରେ ଯଦି ସରକାର ଶିକ୍ଷକ ନିଯୁକ୍ତି ନ ଦିଅନ୍ତି ତାହାଲେ ସ୍କୁଲରେ ତାଲା ପକାଇବା ପାଇଁ ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

ବେଧଡ଼କ ଭାବେ ବାଲି ଚାଲାଣ ଘଟଣା

## ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

**କେନ୍ଦ୍ରାପଡା,୧୯।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ଅଞ୍ଚଳର ପ୍ରବାହିତ ହେଉଥିବା ଚିତ୍ରୋତ୍ପଳା ନଦୀରୁ ବେଆଇନ୍ ବାଲି ଚାଲାଣ ଘଟଣା "ସଂଚାର"ରେ ପ୍ରକାଶିତ ହେବା ପରେ ରାଜ୍ୟ ପୋଲିସ୍ ବିଭାଗ ତତ୍ପର ହୋଇଛି। ଏହି ଘଟଣା ବିଷୟରେ ଜାଣିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବା ଦେଖିବାକୁ ମିଳିଛି।

ଗତକାଲି ପାଟକୁରା ଅଞ୍ଚଳର ବିଭିନ୍ନ ସ୍ଥାନ ମାନଙ୍କରେ ବେଆଇନ୍ ଭାବେ ବାଲି ଉତ୍ତୋଳନ କରି ବାହାରକୁ ବିକ୍ରି କରାଯାଉଥିବା ଖବର ପ୍ରକାଶ ପାଇଥିଲା। ଏହି ଘଟଣାରେ ପୁଲିସ, ତହସିଲ ଏବଂ ଖଣି ବିଭାଗ ହାତ ଗୁଞ୍ଜା ନେଇ ଚୁପ୍ ବସୁଥିବା ଅଭିଯୋଗ ହେଉଥିଲା। ଏହି ଘଟଣାରେ ମାଫିଆଙ୍କ ଦ୍ୱରତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖା ଦେଇଥିଲା। ସବୁଠୁ ବଡ଼ କଥା ହେଲା ସ୍ଥାନୀୟ ଥାନା ଅଧିକାରୀ ଏବଂ ପୁରା ଥାନା ମଧରେ ମାଫିଆମାନେ ଆଡ୍ଡା ଜମାଇବାରେ ଲାଗିଥିଲେ। ଥାନା ଏବଂ ତହସିଲ ନିକଟରେ ଏହି ବେଆଇନ୍ କାରବାର ହେଉଥିବା ବେଳେ ପ୍ରଶାସନିକ ଅଧିକାରୀ ସବୁ ଦେଖି ଧୃତରାଷ୍ଟ୍ର ସାଜିଥିଲେ।

'ସଂଚାର'ରେ ପ୍ରକାଶିତ ଖବରକୁ ସୂଚନା ଅଧିକାର କର୍ମୀ ତଥା ସାମାଜିକ କର୍ମୀ ସୁବ୍ରତ୍ର କୁମାର ସେଠୀ "ଏକ୍ସ" ମାଧମରେ ରାଜ୍ୟର ବିଭାଗୀୟ ଅଧିକାରୀ, ପୁଲିସ ବିଭାଗ ସମେତ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ପରେ ଗୁରୁବାର ଦିନ ରାଜ୍ୟ ପୁଲିସ ବିଭାଗ ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି କଟକ ଆଇଜି ଏବଂ କେନ୍ଦ୍ରାପଡା ଏସପିଙ୍କୁ ତୁରନ୍ତ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର



**ମହାକାଳପଡ଼ା,୧୯।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ବେଣାକନ୍ଦା ଗ୍ରାମର ଲକ୍ଷ୍ମୀ ଦଳାଇଙ୍କୁ ଆଜି କୁମ୍ଭୀର ଟାଣି ନେଇଛି। ଲକ୍ଷ୍ମୀ ଆଜି ଅପରାହ୍ନରେ ଗୋବରୀ ନଦୀ କୂଳକୁ ଛେଳି ଆଣିବାକୁ ଯାଇଥିବା ସମୟରେ ନଦୀ କୁଳରୁ କୁମ୍ଭୀର ତାଙ୍କୁ ଟାଣି ନେଇଥିଲା। ସ୍ଥାନୀୟ କିଛି ଲୋକେ ଲକ୍ଷ୍ମୀଙ୍କ ଚିତ୍କାର ଶୁଣି ନଦୀ ନିକଟରେ ପହଞ୍ଚି ଦେଖିଥିଲେ ଯେ କୁମ୍ଭୀର ଲକ୍ଷ୍ମୀଙ୍କୁ ଟାଣି ନେଉଥିବାର। ତୁରନ୍ତ ଲୋକେ ଡଙ୍ଗା ସାହାଯ୍ୟରେ ଖୋଜିବା ସହିତ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଓ ଲୋକଙ୍କ ସାହାଯ୍ୟରେ ଖୋଜାଖୋଜି ଆରମ୍ଭ କରାଯାଇଥିବା ସତ୍ତ୍ୱେ ତାଙ୍କର କୌଣସି ପତ୍ତା ମିଳିନାହିଁ। ଖବରଲେଖା ବେଳକୁ ସେ ଉଦ୍ଧାର ହୋଇ ନଥିବା ଜଣାପଡ଼ିଛି। ଦିନକୁ ଦିନ କୁମ୍ଭୀରଙ୍କ ଉପଦ୍ରବ ନଦୀରେ ବଢ଼ିବା ଦ୍ୱାରା ବିଭିନ୍ନ ସମୟରେ ଜନଜୀବନ ପ୍ରଭାବିତ ହେଉଛି।

## ଟ୍ରାଫିକ ସମସ୍ୟା ଦୂର ପାଇଁ ଜବରଦଖଲ ଉଚ୍ଛେଦ

**ପଟ୍ଟାମୁଣ୍ଡାଇ,୧୯।୯(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଟ୍ରାଫିକ ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ଧାରଣ କରିଛି। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଏ ସମ୍ପର୍କରେ ଅବଗତ ହେବା

### ପୂଜା ପରେ ଥଇଥାନ ନିଷ୍ପତ୍ତି

ପରେ ପଟ୍ଟାମୁଣ୍ଡାଇ ସହରରୁ ଜବର ଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଜି ପଟ୍ଟାମୁଣ୍ଡାଇ ପୌରପରିଷଦ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ ଅଭିଯାନ କରାଯାଇଥିଲା।



ଆଜି ଦିନ ୧୦ଘଟିକା ସମୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟ ନିକଟରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇ ପଟ୍ଟାମୁଣ୍ଡାଇ ବାଇପାସ, ଆହାର କେନ୍ଦ୍ର, ଜୀବନବୀମା କାର୍ଯ୍ୟାଳୟ ସମ୍ମୁଖ, ପଟ୍ଟାମୁଣ୍ଡାଇ ସରକାରୀ ବସ ଷ୍ଟାଣ୍ଡ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସରକାରୀ ଜମି ଜବର ଦଖଲ କରି ଉଠାଦୋକାନ କରିଥିବା ଦୋକାନୀ ମାନଙ୍କୁ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦ ଅଭିଯାନ ଆସନ୍ତା ୩/୪ଦିନ ପର୍ଯ୍ୟନ୍ତ ଚାଲିବ। ଏହି ଜବରଦଖଲ ଅଭିଯାନରେ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ଓ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ସମେତ ଅନ୍ୟାନ୍ୟ ପୁଲିସ ଓ ପ୍ରଶାସନିକ ଅଧିକାରୀ ସାମିଲ ହୋଇ ଜବର ଦଖଲ ଉଚ୍ଛେଦ କରିଥିଲେ। ଶାରଦୀୟ ଦୂର୍ଗା ପୂଜା ପରେ ଜବର ଦଖଲ ଉଚ୍ଛେଦ ଦ୍ୱାରା କ୍ଷତିଗସ୍ତ ଉଠାଦୋକାନୀଙ୍କ ଥଇଥାନ ଦିଗରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## କଲେଜ ଛାତ୍ରୀଙ୍କୁ ହତ୍ୟା ଉଦ୍ୟମ, ଥାନାରେ ଅଭିଯୋଗ

**କେନ୍ଦ୍ରାପଡ଼ା,୧୯।୯(ସଂଚାର ବ୍ୟୁରୋ):** ଜଣେ କଲେଜ ଛାତ୍ରୀଙ୍କୁ ମାରଣାସ୍ତ୍ରରେ ଜୀବନରୁ ମାରିଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଏହି ଛାତ୍ରୀ ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଦୁଇ ସହପାଠୀ ଯୁବକ ଛାତ୍ରୀଙ୍କ ମୁଣ୍ଡକୁ ଛେଚିଦେବା ସହିତ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରି ଦେଇଛନ୍ତି। ରକ୍ତାତ ନାବାଳିକାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ଘଟଣାଟିକୁ ଚାପିଦେବାକୁ ଚେଷ୍ଟା ହୋଇଥିଲା। ହେଲେ କଲେଜ ଛାତ୍ରୀଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥା ଫଟୋ ଆଉ ଭିଡିଓ ମିଳିବା ପରେ ଘଟଣା ଲୋକଲୋଚନକୁ ଆସିଛି। ଏନେଇ ଥାନାରେ ନାବାଳିକାଙ୍କ ଭିଣୋଇ ଭଗବାନପୁର ଅଡ଼ଙ୍ଗା ଅଞ୍ଚଳର ଦୟାନିଧି ସାମନ୍ତରାୟ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ କୁଦାନଗରୀ ଥାନା ସରସ୍ୱତୀପୁର ଅଞ୍ଚଳର ବିଶ୍ୱଜିତ୍ ଦାସ ଓ ଅନ୍ୟମାନଙ୍କ ନାଁରେ ମାମଲା ରୁଜୁ କରିବା ସହିତ ପୀଡ଼ିତାଙ୍କ ୧୬୪ରେ ବୟାନ ରେକର୍ଡ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ସାହିତ୍ୟ ପତ୍ରିକା 'ମୌସୁମୀ'ର ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ






**କେନ୍ଦ୍ରାପଡ଼ା,୧୯।୯(ସଂଚାର ବ୍ୟୁରୋ):** ଅଗ୍ରଣୀ ସାହିତ୍ୟ ପତ୍ରିକା ମୌସୁମୀ ପୂଜା ବିଶେଷାଙ୍କର ଶୁଭ ଉନ୍ମୋଚନ ଶ୍ରୀବଳଦେବଜୀଉ ମନ୍ଦିର ବେଢାରେ ଗୁରୁବାର ସମ୍ପନ୍ନ ହେଇଯାଇଛି। ଏହି ଅବସରରେ ମୌସୁମୀର ସଭାପତି ଶିକ୍ଷାବିତ ନନ୍ଦ କିଶୋର ପରିଡା, ବିଶିଷ୍ଟ ସାହିତ୍ୟକାର ଡ଼ ବାସୁଦେବ ଦାସ, ପ୍ରାବନ୍ଧିକ ଡ଼ ସର୍ବେଶ୍ୱର ସେଣ, ମୌସୁମୀର ସମ୍ପାଦକ କବି ଡ଼ ଶ୍ରୀଧର ସାମଲ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ଗବେଷକ ନିରଞ୍ଜନ ମେକାପ, କବି ବୃନ୍ଦାବନ ଦାସ, ନାଟ୍ୟକାର ସଞ୍ଜୟ ମଲ୍ଲିକ, କବି ଅଜୟ ପାତ୍ର,କବି ରଞ୍ଜନ ବାଇ, କବି ନିରୁପମା ଦାସ, କବି ସତ୍ୟନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ୧୧୬ ପୃଷ୍ଠା ସମ୍ବଳିତ ଏହି ପତ୍ରିକାରେ ଆକର୍ଷଣୀୟ ପ୍ରଚ୍ଛଦ ସହ ଓଡିଶାର ପ୍ରବୀଣ ଓ ନବୀନ ଲେଖକ ଲେଖିକାଙ୍କ ଲେଖା ସ୍ଥାନିତ ହୋଇଛି।

## ଯୁବକଙ୍କ ଆତ୍ମହତ୍ୟା, ଶାଳକଙ୍କୁ ଜଣାଇଥିଲେ

**ରାଜନଗର,୧୯।୯(ସଂଚାର ବ୍ୟୁରୋ):** ରାଜନଗର ଥାନା ଅନ୍ତର୍ଗତ ରିଘାଗଡ଼ ଖୋଳା ରାସ୍ତା ମଝିରେ ଥିବା ଦାସିଆପୋଲ ପାଖ ବିଲ ଭିତରେ ଆଜି ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗତକାଲି ରାତିରେ ଖମାରଶାହି ପଞ୍ଚାୟତ ଅନ୍ତର୍ଗତ ପରମାନନ୍ଦପୁର ଗାଁର ବୁଦ୍ଧଦେବ ମଣ୍ଡଳ (୪୭) ତାଙ୍କ ଶାଳକଙ୍କୁ ଫୋନ କରିଥିଲେ। ମୁଁ ତମ ଭଉଣୀ ପାଖକୁ ଯାଉଛି, ଘରେ କହିଦେବୁ ବୋଲି କହି ଫୋନ କାଟି ଦେଇଥିଲେ। ଏହା ପରେ ଫୋନ ସୁଇଚ ଅଫ କରିଦେଇଥିଲେ। ୩ ମାସ ତଳେ ବୁଦ୍ଧଦେବଙ୍କ ପତ୍ନୀ ମୃତ୍ୟୁବରଣ କରିଛନ୍ତି। ବୁଦ୍ଧଦେବଙ୍କ ଫୋନ କଲ ପରେ ତାଙ୍କ ସାଳକ ବୁଦ୍ଧଦେବଙ୍କ ଘରେ ଜଣାଇବା ସହ ତାଙ୍କୁ ଖୋଜିଥିଲେ। ମାତ୍ର ତାଙ୍କୁ ପାଇନଥିଲେ। ଆଜି ଦିନ ପ୍ରାୟ ୧୦ ଘଟିକା ସମୟରେ ଧାନ ବିଲ ଭିତରେ ବୁଦ୍ଧଦେବ ମୁହଁ ମାଡି ପଡ଼ିଥିବା ଦେଖିବାକୁ ମିଳିଥିଲା। ଡାହାଣ ପାଖରେ ମୋବାଇଲ ଓ ବାମ ପାଖରେ ମଦ ବୋତଲ ପଡ଼ିଥିଲା। ପରିବାର ଲୋକେ ପୁଲିସକୁ ଖବର ଦେଇଥିଲେ। ଶବ ବ୍ୟବଚ୍ଛେଦ ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ପଦୋନ୍ନତି ପାଉନାହାନ୍ତି ବେସରକାରୀ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲ ଶିକ୍ଷକ

**କେନ୍ଦ୍ରାପଡ଼ା,୧୯।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ବେସରକାରୀ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲରେ ଖାଲିଥିବା ପ୍ରଧାନଶିକ୍ଷକ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଯଥା ଓଡିଶା ମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା-୧୭୨୬୮ ତା୨୩/୬/୨୦୨୧ରିଖର ନିୟମ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ୩୮ଟି ବେସରକାରୀ ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲରେ କାର୍ଯ୍ୟରତ ସହକାରୀ ଶିକ୍ଷକମାନଙ୍କ ବରିଷ୍ଠତା ଭିତ୍ତିରେ ୫୩ ଜଣ ସହକାରୀ ଶିକ୍ଷକମାନଙ୍କ ଅନୁକ୍ରମ ତାଲିକା ନିର୍ଭୁଲ ଭାବେ ପ୍ରସ୍ତୁତ କରି ତତ୍କାଳୀନ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କ ପତ୍ର ସଂଖ୍ୟା -୨୮୮୧/ ଏମ୍ ତା୪/୪/୨୦୨୫ ରିଖରେ ମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟକୁ ପ୍ରେରଣ କରିଥିଲେ। ଉକ୍ତ ପତ୍ରକୁ ମାଧମିକ ଶିକ୍ଷା ନିର୍ଦ୍ଦେଶକ ପୁନଃ ଯାଞ୍ଚ କରି ପତ୍ର ସଂଖ୍ୟା -୧୪୪୯୦ ତା୯/୬/୨୦୨୫ରିଖରେ ସେହି ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଅନୁକ୍ରମ ତାଲିକାକୁ ଅନୁମୋଦନ କରି କେନ୍ଦ୍ରାପଡା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିଥିଲେ। କିନ୍ତୁ ବର୍ତ୍ତମାନର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି ପାଇବା ପାଇଁ ଯୋଗ୍ୟ ବିବେଚିତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକମାନଙ୍କୁ ଅଦ୍ୟାବଧର ପଦୋନ୍ନତି ପ୍ରଦାନ କରିନଥିବା ଅଭିଯୋଗ ହୋଇଛି।

ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଉକ୍ତ ପତ୍ରକୁ ଗ୍ରହଣ କରିବାର ୩ ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଉକ୍ତ ପତ୍ରକୁ ଏଯାବତ୍ କାର୍ଯ୍ୟକାରୀ କରି ନଥିବାରୁ ଅନେକ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପଦୋନ୍ନତି ନପାଇ ନିରାଶ ହୋଇ ସରକାରୀ ସେବାରୁ ଅବସର ଗ୍ରହଣ କରି ସାରିଲେଣି। ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଯଦି ମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସେହି ପତ୍ରକୁ ଶିକ୍ଷା ବିଭାଗର ନିୟମ ଅନୁଯାୟୀ ସହକାରୀ ଶିକ୍ଷକରୁ ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି କରିଥାନ୍ତେ ତେବେ ରାଜ୍ୟ ସରକାରଙ୍କ ରାଜକୋଷରୁ ଗୋଟିଏ ହେଲେ ଟଙ୍କା ଅଧିକ ଖର୍ଚ୍ଚ ହୋଇନଥାନ୍ତା ବୋଲି ସେମାନେ କହିଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଉଦାସୀନତା ଯୋଗୁଁ ସହକାରୀ ଶିକ୍ଷକମାନେ ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି ହୋଇ ପାରୁନଥିବାରୁ ଜିଲ୍ଲାର ବୁଦ୍ଧିଜୀବୀ ଓ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେଉଅଛି।

## ଛାତ୍ରୀଙ୍କୁ ଦୁର୍ବ୍ୟବହାର କରି ପିଅନ ଗିରଫ

**ସାଲେପୁର,୧୯।୯(ସଂଚାର ବ୍ୟୁରୋ):** ନବମ ଶ୍ରେଣୀ ଛାତ୍ରୀଙ୍କୁ ଦୁର୍ବ୍ୟବହର କରିବା ଅଭିଯୋଗରେ ଆଜି ସାଲେପୁର ପୁଲିସ ବିଦ୍ୟାଳୟର ପିଅନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ହାଇସ୍କୁର ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଏହି ବିଦ୍ୟାଳୟର ପିଅନ ସିମାଞ୍ଚଳ ସାହୁ ଦୁର୍ବ୍ୟବହାର କରିଥିବା ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେସ୍ ନଂ ୪୫୬/୨୦୨୫ରେ ଏକ ମାମଲା ରୁଜୁକରି ବିଦ୍ୟାଳୟର ପିଅନକୁ ଗିରଫ୍ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

# ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଖୋଲିବ ସିଆରପିଏଫ୍ କ୍ୟାମ୍ପ

**ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ) :** ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତରେ ପୁଣି ଖୋଲିବ ସିଆରପିଏଫ କ୍ୟାମ୍ପ। ମାଓବାଦୀଙ୍କ ପ୍ରଭାବ ବୃଦ୍ଧିକୁ ଲକ୍ଷ୍ୟ କରି ପୁନର୍ବାର ଖୋଲିବ। ରାଉରକେଲା କେବଲାଙ୍ଗ ଥାନା ଅଞ୍ଚଳରେ ପୋଲିସ୍ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଗତକାଲି ଠାରୁ କ୍ୟାମ୍ପଟି କାର୍ଯ୍ୟକ୍ଷମ କରାଯିବ। ଏନେଇ ସୂଚନା ଦେଇଛନ୍ତି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ। ପୂର୍ବରୁ ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତରେ ଥିବା ବିଭିନ୍ନ ମାଓ ପ୍ରଭାବିତ ଅଞ୍ଚଳରେ ସିଆରପିଏଫ୍କ୍ୟାମ୍ପ ଖୋଲାଯାଇ ସ୍ଥାନୀୟ ପୋଲିସଙ୍କ ସହାୟତାରେ ସିଆରପିଏଫର ମିଳିତ ସର୍ଚ୍ଚ ଅପରେସନ କରାଯାଉଥିଲା। କିନ୍ତୁ ମାଓବାଦୀଙ୍କ ପ୍ରଭାବ ହ୍ରାସ ପାଉଥିବା ଲକ୍ଷ୍ୟ କରି ସିଆରପିଏଫ୍ କ୍ୟାମ୍ପ ଗୁଡିକୁ ସେହି ଥାନା ଅଞ୍ଚଳରୁ ଉଠାଇ ନିଆଯାଇଥିଲା। ବର୍ତ୍ତମାନ ମାଓ ପ୍ରଭାବକୁ ଲକ୍ଷ୍ୟ କରି କେବଲାଙ୍ଗ ଥାନା ଅଞ୍ଚଳରେ କ୍ୟାମ୍ପ ଆରମ୍ଭ କରାଯାଇଛି। ଆବଶ୍ୟକତା ଅନୁଯାୟୀ ପୋଲିସ୍ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଏହି କ୍ୟାମ୍ପ ପୁଣି କାର୍ଯ୍ୟଖ୍ୟମ କରାଯିବ ବୋଲି ପଶ୍ଚିମାଞ୍ଚଳ ଡିଆଇଜି କହିଛନ୍ତି।

### ସାର ଉପଲବ୍ଧତା ନେଇ ମୁଖ୍ୟ ଶାସନ ସଚିବଙ୍କ ସ୍ଥିତି ସମୀକ୍ଷା

# କଳାବଜାରୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଆପଣେଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ):** ରାଜ୍ୟରେ କୃଷକମାନଙ୍କ ପାଇଁ ବିଭିନ୍ନ ପ୍ରକାର ସାରର ଉପଲବ୍ଧତା ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଜି ଅପରାହ୍ଣରେ ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ, ରାଜ୍ୟ ପୁଲିସ୍ ମହା ନିର୍ଦ୍ଦେଶକ ଶ୍ରୀ ଓ୍ୱାଇ ବି ଖୁରାନିଆ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଏବଂ ମାର୍କଫେଡ଼ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ରାଜ୍ୟରେ ସାର ସ୍ଥିତି ସମୀକ୍ଷା କରାଯାଇଥିଲା। ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ।

କୃଷି ବିଭାଗ ପ୍ରମୁଖ ଶାସନ ସଚିବ କହିଥିଲେ ଯେ ରାଜ୍ୟରେ ସାର ଯୋଗାଣ ସ୍ଥିତିରେ ଏବେ




ବହୁ ସୁଧାର ଆସିଛି। ରାଜ୍ୟସ୍ତରରେ ସବୁ ଜିଲ୍ଲାକୁ ଆବଶ୍ୟକତା ଅନୁସାରେ ସାର ଉପଲବ୍ଧ ହେବାକୁ ନିଶ୍ଚିତ କରାଯାଉଛି। ସେହିପରି ଜିଲ୍ଲାସ୍ତରରୁ ତୃଣମୂଳ ସ୍ତରରେ ସାର ଯେପରି ଯେଉଁଠି ଆବଶ୍ୟକ ରହୁଛି, ତାହା ଜିଲ୍ଲାପାଳମାନେ ନିୟମିତ ସମୀକ୍ଷା କରି ନିଶ୍ଚିତ କରୁଛନ୍ତି। କୃଷି ଋତୁ ଆରମ୍ଭରୁ ରାଜ୍ୟ ପାଇଁ ୧୦ ଲକ୍ଷ ମେଟ୍ରିକ୍ ଟନ ସାର ଆବଶ୍ୟକତା ପ୍ରସ୍ତାବ ଥିବା ବେଳେ ସେପ୍ଟେମ୍ବର ୧୭ ତାରିଖ ସୁଦ୍ଧା ରାଜ୍ୟକୁ ୧୧ ଲକ୍ଷ ୯୮ ହଜାର ୫୭୨ ମେଟ୍ରିକ୍ ଟନ୍ ଉପଲବ୍ଧ ହୋଇଛି। ଆଜି ୮,୯୨୧ ମେଟ୍ରିକ୍ ଟନ ୟୁରିଆ ରେଳ ଓ ସଡ଼କ ପଥରେ ଆସିବା ପାଇଁ ରେକ୍ ପ୍ଲାନ ଟ୍ରାନଜିଟ୍ ରେ ରହିଥିବା ବେଳେ ସେପ୍ଟେମ୍ବର ମାସରେ ଆଉ ୩୦,୯୦୦ ମେଟ୍ରିକ୍ ଟନ ୟୁରିଆ ପାଇଁ ରେକ୍ ପ୍ଲାନ କରାଯାଇଛି, ଯାହାକି ସାର କମ୍ପାନୀମାନେ ବିଭିନ୍ନ ଜିଲ୍ଲାରେ ପହଁଚାଇବାର ଯୋଜନା ରହିଛି। ବେଆଇନ୍ ସାର କଳାବଜାରୀ ଏବଂ ଚୋରା ଚାଲାଣ ବିରୁଦ୍ଧରେ ନିୟମିତ ଚଢଉ ଜାରି ରହିଛି ଏବଂ ବେଆଇନ୍ ସାର ମହଜୁଦ୍ ଧରାପଡିଲେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ମହଜୁଦ ସାର ଚାଷୀମାନଙ୍କ ଆବଶ୍ୟକତା ଅନୁସାରେ ଦିଆଯାଉଥିବା କୃଷି ସଚିବ ପ୍ରକାଶ କରିଥିଲେ। ତେବେ ୟୁରିଆ ସାରର ବେଶୀ ଆବଶ୍ୟକତା ସଂପର୍କରେ କୃଷକମାନଙ୍କର ଦାବୀ ରହୁଥିବା ସମ୍ପର୍କରେ କୃଷି ସଚିବ କହିଛନ୍ତି ଯେ, ଏନପିକେ (ଯବକ୍ଷାରଜାନ, ଫସଫରସ ଏବଂ ପୋଟାସ ସାର) ୪:୨:୧ ବ୍ୟବହାର ହେବା କଥା, ଯାହାକି ଜମିର ଉର୍ବରତା ବଜାୟ ରଖିବା ପାଇଁ ଉପଯୋଗୀ। ତେଣୁ ୟୁରିଆ ସହିତ ଅନ୍ୟ ସାର କ୍ରୟ ଏବଂ ବ୍ୟବହାର କରିବାକୁ ସେ ଜିଲ୍ଲା ଏବଂ ବିଭିନ୍ନ ସ୍ତରରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ଏବଂ ଅନ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ମୁଖ୍ୟ ଶାସନ ସଚିବ ସମୀକ୍ଷା କରି ବେଆଇନ୍ ସାର ମହଜୁଦ ରଖିବା ଏବଂ ଚୋରା ଚାଲାଣ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ବିରୁଦ୍ଧ ସାର ବ୍ୟବସାୟ କରୁଥିଲେ ବା କଳାବଜାରୀଙ୍କ ପ୍ରତି ଶୂନ ସହନଶୀଳତା(ଜିରୋ ଟଲେରାନ୍ସ) ନୀତି ଅବଲମ୍ବନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସାର ଯେଉଁଠି ଅଧିକ ରହିଛି ଏବଂ ଯେଉଁଠି କମ୍ ରହୁଛି, ଆବଶ୍ୟକତାକୁ ଦୃଷ୍ଟି ଦେଇ ଜିଲ୍ଲାପାଳମାନଙ୍କୁ ପୁନଃ ଆବଣ୍ଟନ (ରି-ଆଲୋକେସନ) କରିବାକୁ ପରାମର୍ଶ ଦେଇଛନ୍ତି। ଗ୍ରାମ ପଞ୍ଚାୟତ ସ୍ତରରେ ସାର ବଣ୍ଟନର ସୁବ୍ୟବସ୍ଥାକୁ ନିଶ୍ଚିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଯେଉଁଠି ସାର ଅଭାବଜନିତ ସମସ୍ୟା ଗଣମାଧ୍ୟମରେ ପ୍ରକାଶନ ଓ ପ୍ରସାରଣ କରାଯାଉଛି, ତାହାର ସତ୍ୟତା ଅନୁସନ୍ଧାନ କରିବା ସହ ତଦନୁସାରେ ସମସ୍ୟାର ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

# ସରିଲା 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ

### ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷାର୍ଥୀଙ୍କ ଯୋଗଦାନ



**ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ସରକାରୀ ବିଦ୍ୟାଳୟଗୁଡ଼ିକରେ ଆୟୋଜିତ 'ନିପୁଣ ସପ୍ତାହ' କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪ ମସିହା ସେପ୍ଟେମ୍ବର ୫ ତାରିଖରେ "ନିପୁଣ ଓଡ଼ିଶା" ମିଶନର ଶୁଭାରମ୍ଭ କରିଥିଲେ। ୩ ବର୍ଷରୁ ୮ ବର୍ଷ ମଧ୍ୟରେ ପଢୁଥିବା ରାଜ୍ୟର ପ୍ରତ୍ୟେକ ପିଲାଙ୍କୁ ପ୍ରାଥମିକ ସ୍ତରରେ ପଢ଼ିବା, ଲେଖିବା ଏବଂ ଗଣିତରେ ଦକ୍ଷ କରିବା ଏହି ମିଶନର ଲକ୍ଷ୍ୟ। ପ୍ରାଥମିକ ସ୍ତରରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାକୁ ସୁଦୃଢ଼ କରିବା ପାଇଁ 'ନିପୁଣ ସପ୍ତାହ' ଏକ ଅଭିନବ ପଦକ୍ଷେପ। ବହୁ ସଂଖ୍ୟକ ଅଭିଭାବକ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ବିଶେଷ ଭାବେ ମା'ମାନଙ୍କ ପାଇଁ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା।

# ଛାତ୍ର ନିର୍ବାଚନ: ବିଜେଡି ଓ ବିଜେପି ସରକାର ଉପରେ ବର୍ଷିଲା କଂଗ୍ରେସ

- ଏଫ୍ଏମ୍ ଛାତ୍ରୀ ଆତ୍ମହତ୍ୟା ଯୋଗୁଁ ଡରୁଛନ୍ତି ସରକାର
- ସରକାରଙ୍କ କଥା ଓ କାମରେ ତାଳମେଳ ନାହିଁ
- ଛାତ୍ର ନିର୍ବାଚନ ନ ହେଲେ ପ୍ରତି କ୍ୟାମ୍ପସରେ ହେବ ଆନ୍ଦୋଳନ



**ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ):** ସରକାରଙ୍କ ଛାତ୍ର ନିର୍ବାଚନକୁ ନେଇ କୌଣସି ଆଗ୍ରହ ନାହିଁ। ସରକାର ନିର୍ବାଚନ କରିବେ ନା ନାହିଁ, ଛାତ୍ର ମହଲରେ ବର୍ତ୍ତମାନ ଅସନ୍ତୋଷର କୁହୁଡ଼ି ଘୋଟିବାରେ ଲାଗିଲାଣି। ନିର୍ବାଚନ ପ୍ରସଙ୍ଗକୁ ନେଇ କଂଗ୍ରେସ ଭବନଠାରେ ଯୁବ ଓ ଛାତ୍ର କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିଲା। ଗଣମାଧ୍ୟମକୁ ସରକାରଙ୍କ ଅପାରଗତା ବିଷୟରେ ଉଲ୍ଲେଖ କରି ବରିଷ୍ଠ କଂଗ୍ରେସ ନେତା ଅଜୟ ମହାପାତ୍ର କହିଲେ, ଛାତ୍ର ସଂସଦ ନିର୍ବାଚନ ହେଉଛି ଗଣତନ୍ତ୍ରର ଅନୁଷ୍ଠାନ, କିନ୍ତୁ ପରିତାପର ବିଷୟ ସରକାର ଦୀର୍ଘଦିନ ହେଲା ନିର୍ବାଚନ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଉତ୍କଳ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ମନୋଜ ବିଶ୍ୱାଳ ବିଜେପି ସରକାରର ଦୋମୁହାଁ ନୀତି ବର୍ଣ୍ଣନା କରି କହିଲେ, ବିଜେଡି ସରକାରରେ ଥିବାବେଳେ ଛାତ୍ରସଂସଦ ନିର୍ବାଚନ କାହିଁକି ହେଉନି ବୋଲି ବିଜେପି ରଖେଇଥୋଇ ଦେଉନଥିଲେ। ନିଜ ଦଳ ସରକାରକୁ ଆସିବା ପରେ ଏବେ କାହିଁକି ନିରବ? ଆଜ୍ଞନ ମନ୍ତ୍ରୀ ୨୦୨୪ରେ କହିଥିଲେ ନିର୍ବାଚନ ହେବ ବୋଲି କିନ୍ତୁ କରିଲେ ନାହିଁ। ପୁଣି ୨୦୨୫ ନିର୍ବାଚନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଆଶ୍ଚର୍ଯ୍ୟର କଥା, ମୁଖ୍ୟମନ୍ତ୍ରୀ ଖୋଦ ନିର୍ବାଚନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ତା ବି ଧୂଆଁର ବାଉ ସାବ୍ୟସ୍ତ ହେବାକୁ ଯାଉଛି। ଏଫ୍ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ଏବିଭିପି ନେତା ଗିରଫ ହୋଇଥିବାରୁ ସରକାର ନିର୍ବାଚନକୁ ଡରୁଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

# ସ୍କୁଲ୍‌ରେ ଭଗବତ ଗୀତା ପାଠ କରିବେ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୧୯।୯(ସଂଚାର ବ୍ୟୁରୋ):** ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାର ଏବେ ନୂଆ ନିୟମ ଆଣିଛନ୍ତି। ଏଣିକି ନିଜ ବିଷୟବସ୍ତୁ ସହ ସ୍କୁଲରେ ଭଗବତ ଗୀତା ପାଠ କରିବେ ଛାତ୍ରଛାତ୍ରୀ। ଆଜି ବିଧାନସଭାରେ ଏ ନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ନୈତିକ ଓ ବୌଦ୍ଧିକ ବିକାଶ ପାଇଁ ନୈତିକ ଗଳ୍ପ ଓ ଶାନ୍ତିମନ୍ତ୍ର ପାଠ ସହ ଭଗବତ ଗୀତା ପାଠ ପାଇଁ ପ୍ରସ୍ତାବ ରହିଥିବା ଶ୍ରୀ ଗଣ୍ଡ କହିବା ସହ ପାଠ ପଢିବା ସହ ଛାତ୍ରଛାତ୍ରୀଙ୍କର ଆମ ପରମ୍ପରା ଓ ଆଧ୍ୟାତ୍ମିକତା ଉପରେ ମଧ୍ୟ ଜ୍ଞାନ ରହିବା ଜରୁରୀ ବୋଲି କହିଛନ୍ତି।

# ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା




**ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ୧୨ ନମ୍ବର ୱାର୍ଡରେ ବିଏମସି ସଫେଇ କର୍ମଚାରୀମାନଙ୍କୁ ପୂଜାଭେଟି ଦେଇଛନ୍ତି କର୍ପୋରେଟର ଜୟନ୍ତୀ ସାହୁ। ଆଜି ୱାର୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନୂତନ ବସ୍ତ୍ର ଓ ମିଠା ପ୍ୟାକେଟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଭୁବନେଶ୍ୱରକୁ ସ୍ୱଚ୍ଛ ସୁନ୍ଦର ରଖିବାରେ ବିଏମସି ସଫେଇ କର୍ମଚାରୀଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ କର୍ପୋରେଟରଙ୍କ ଏପରି ପଦକ୍ଷେପ କର୍ମଚାରୀମାନଙ୍କୁ ଉତ୍ସାହର ସହ କାମ କରିବା ସକାଶେ ପ୍ରେରିତ କରିବ ବୋଲି କହିଥିଲେ। ଏହାଛଡ଼ା ବରିଷ୍ଠ ମୁରବୀ ଜନକର ସାହୁ, କର୍ପୋରେଟର ଶ୍ରୀମତୀ ସାହୁ, ବିଏମସି ସହକାରୀ କମିଶନର ବାବୁଲା ଦଳେଇ, ଉତ୍ତର ଜୋନର ଡେପୁଟି କମିଶନର ମନ୍ମଥ କୁମାର ନାୟକ, ନିର୍ବାହୀ ଯନ୍ତ୍ରୀ ମନୋଜ ମହାପାତ୍ର, ସହକାରୀ ଯନ୍ତ୍ରୀ ଶ୍ରୀକାନ୍ତ ଆଚାର୍ଯ୍ୟ, ୱାର୍ଡ ଅଧିକାରୀ ଅରୁଣ କୁମାର ସାହୁ, ସାନିଟାରୀ ଇନ୍ସପେକ୍ଟର ପୁଣ୍ୟଶ୍ଳୋକ ଶତପଥୀ, ଯୁବନେତା ପ୍ରସନ୍ନ କୁମାର ସାହୁ ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠିତ ସମାଜସେବୀ ଓ ସାମ୍ବାଦିକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ବାବୁ ଭାଇ ଟିମର ସଦସ୍ୟମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସୁପରଭାଇଜର ଓ ସ୍ୱଚ୍ଛ ସାଥୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ପିଜିଟି ଶିକ୍ଷକଙ୍କ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ



**ଭୁବନେଶ୍ୱର, ୧୯।୯(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ବିଭାଗର ସ୍ନାତକୋତ୍ତର ଶିକ୍ଷକ ପାଇଁ ଦକ୍ଷତା ଆଧାରିତ ଶିକ୍ଷାଦାନ ଏବଂ ମୂଲ୍ୟାଙ୍କନ ଉପରେ ଏକ ପାଞ୍ଚ ଦିନିଆ କର୍ମଶାଳା କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ, ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା।

ଉଦଯାପନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଉପ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ପିଏମୟୁର ଅଧିକାରୀ ଡକ୍ଟର ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ସର୍ବମୋଟ୍ ୫୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀ ଭାଗ ନେଇଥିଲେ।

ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପାର୍ଥ ସାରଥୀ ମିଶ୍ର ଏବଂ ଜେନି ଆଲେକ୍ସଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କର୍ମଶାଳା ସମ୍ପୂର୍ଣ୍ଣ କାର୍ଯ୍ୟକଳାପ ଭିତ୍ତିକ ଥିଲା। ମାତୃଭାଷା ଶିକ୍ଷା ଲକ୍ଷ୍ୟ, ପାଠ୍ୟକ୍ରମ ଉଦ୍ଦେଶ୍ୟ, ଶ୍ରେଣୀଗୃହରେ ଉପୁଜୁଥିବା ବିଭିନ୍ନ ଆହ୍ୱାନ, ପ୍ରଶ୍ନପତ୍ର ବିଶ୍ଳେଷଣ, ଯୋଗାଯୋଗ ଦକ୍ଷତା ଏବଂ ମୂଲ୍ୟାଙ୍କନ ପଦ୍ଧତି ଉପରେ ଏହି କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏଥିସହ ଇଂରାଜୀ ଶିକ୍ଷାଦାନ ଏବଂ ମୂଲ୍ୟାଙ୍କନ ଅଭ୍ୟାସକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ଉଦଯାପନୀ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏଥିସହ ପାଞ୍ଚଦିନିଆ କର୍ମଶାଳା ଆୟୋଜନରେ ସାମିଲ ଥିବା ସମସ୍ତ ଅଧିକାରୀ, ରିସୋର୍ସ ପର୍ସନ, ଶିକ୍ଷକ-ଶିକ୍ଷୟିତ୍ରୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଶିକ୍ଷକ-ଶିକ୍ଷୟିତ୍ରୀମାନେ ମଧ୍ୟ ସେମାନଙ୍କର ଶିକ୍ଷଣ ଅଭିଜ୍ଞତା ବାଣ୍ଟିଥିଲେ ଏବଂ କର୍ମଶାଳାର ଆୟୋଜନ ପାଇଁ ନିର୍ଦ୍ଦେଶାଳୟକୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ପିଜିଟି ଶିକ୍ଷୟିତ୍ରୀ ମିସ୍ ପ୍ରିସିତା ପରିଚାଳନା କରିଥିବା ବେଳେ ଶ୍ରୀମତୀ ପ୍ରତିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ ମହିଳା ମାଟ୍ରନ୍‌ଙ୍କ ଗଣଧାରଣା




**ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସହବନ୍ଧିତ ନିଖିଳ ଓଡ଼ିଶା ମହିଳା ମାଟ୍ରନ୍ ମହାସଂଘ ପକ୍ଷରୁ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଓ ଗତ ୮ ତାରିଖରେ ଅନୁଷ୍ଠିତ ପରିଚାଳନା ପରିଷଦ ବୈଠକ ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ବିଧାନସଭା ସମ୍ମୁଖରେ ଏକ ବିକ୍ଷୋଭ ଓ ଗଣଧାରଣା ଅନୁଷ୍ଠିତ ହୋଇଛି। ଏଥିରେ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ସୁଜିତ୍ କୁମାର ନାୟକ, ସଭାପତି

### ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ସ୍ମାରକପତ୍ର

ପ୍ରଶାନ୍ତ କୁମାର ମହାନ୍ତି, ପୂର୍ବତନ ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର ଉଦ୍‌ବୋଧନ ଦେଇ କାର୍ଯ୍ୟରତ ମହିଳା ମାଟ୍ରମାନଙ୍କ ଚାକିରି ନିୟମିତ କରିବା, ପ୍ରତି ୫୦ ଜଣ ଛାତ୍ରୀଙ୍କ ନିମନ୍ତେ ଜଣେ ମହିଳା ମାଟ୍ରନ୍ ନିଯୁକ୍ତି ଦେବାକୁ ପ୍ରସ୍ତାବ ଦେଇଥିଲେ। ରାଜ୍ୟରେ ଛାତ୍ରୀନିବାସରେ କାର୍ଯ୍ୟରତ ମହିଳା ମାଟ୍ରନ୍‌ମାନେ ୨୪ ଘଣ୍ଟିଆ କାର୍ଯ୍ୟ ନିର୍ଘଣ୍ଟକୁ ସମନ୍ୱୟ ସମିତିର ନେତୃତ୍ୱମାନେ ମାନବିକ ଅଧିକାର କମିଶନରଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଂଘନ ବୋଲି କହିଥିଲେ। ମହିଳା ମାଟ୍ରନ୍ ମହାସଂଘର ସଭାପତି ଝରଣା ମହାନ୍ତ, ସମ୍ପାଦିକା ଦୀପାରାଣୀ ମହାନ୍ତ, ଯୁଗ୍ମ ସମ୍ପାଦିକା ପୁଷ୍ପଲତା ମହାନ୍ତ, କୋଷାଧ୍ୟକ୍ଷ ପ୍ରମୋଦିନୀ ସିଂହ, କାର୍ଯ୍ୟକାରୀ ସଭାପତି ନାଗିଆ ଓରାମ୍, ଲଳିତା ବେହେରା, ଲକ୍ଷ୍ମୀପ୍ରିୟା ନାୟକ, ଭାରତୀ ମହାନ୍ତ, ସଞ୍ଜୁକ୍ତା ଦେଈ, ନିର୍ମଳା ସାହୁ ପ୍ରମୁଖ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ସୂଚନା ଦେଇଥିଲେ। ଏହାପରେ ସଭାପତିଙ୍କ ନେତୃତ୍ୱରେ ଏକ ୪ଜଣିଆ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାଛଡ଼ା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜନଜାତି ଓ ଜାତି, ପଛୁଆବର୍ଗ କଲ୍ୟାଣ ବିଭାଗଙ୍କ ଉଦ୍ଦେଶ୍ୟରେ ମଧ୍ୟ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ବିଧାନସଭା ଖବର

# ରାଜ୍ୟରେ ବନ୍ଦ ହୋଇଛି ୪୬୧୯ ପ୍ରାଥମିକ ବିଦ୍ୟାଳୟ

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୬୧୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି। ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ଯୋଗୁଁ ୪୬ଟି ବିଦ୍ୟାଳୟକୁ ଖୋଲା ଯାଇଥିବା ବେଳେ ଆଉ ୫ଟିକୁ ଖୋଲିବାପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରହିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବିଧାନସଭାରେ ମନ୍ତ୍ରୀ କହିଥିଲେ ଯେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୨୦୨୦ ମସିହାରେ ଜାରି ବିଜ୍ଞପ୍ତି ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ୍ ୪୬୧୯ଟି ପ୍ରାଥମିକ ବିଦ୍ୟାଳୟ ବନ୍ଦହୋଇ ରହିଛି। ଏଥି ମଧ୍ୟରେ ସର୍ବାଧିକ ୩୯୩ ଟି ବିଦ୍ୟାଳୟ କଟକ ଜିଲ୍ଲାରେ ରହିଥିବା ବେଳେ ଗଞ୍ଜାମରେ ୩୨୬, ମୟୂରଭଞ୍ଜରେ ୩୦୮, ଯାଜପୁରରେ ୨୮୩, କୋରାପୁଟରେ ୨୪୮, କେନ୍ଦ୍ରାପଡାରେ ୧୯୫, କଳାହାଣ୍ଡିରେ ୨୫୪ ଟି ବିଦ୍ୟାଳୟ ରହିଛି। ପୁରୀ ଜିଲ୍ଲାରେ କୌଣସି ପ୍ରାଥମିକ ବିଦ୍ୟାଳୟ ଏହି ତାଲିକାରେ ନାହିଁ। ତେବେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ବନ୍ଦ ହୋଇ ରହିଥିବା ବିଦ୍ୟାଳୟ ମଧ୍ୟରୁ ୪୬ଟିକୁ ସରକାର ଖୋଲିଥିବା ନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଖୋଲାଯାଇଥିବା ୪୬ଟି ବିଦ୍ୟାଳୟ ମଧ୍ୟରୁ ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ୨୨ଟି ଥିବାବେଳେ ଦେବଗଡର ୨୦, ବରଗଡରେ ୭, ଯାଜପୁରରେ ୪ ଓ ଖୋରଧାରେ ୩ଟି ବିଦ୍ୟାଳୟ ରହିଛି। ସେହିଭଳି ଆଉ ୫ଟି ବିଦ୍ୟାଳୟକୁ ଖୋଲିବାପାଇଁ ନବରଙ୍ଗପୁର ଜିଲ୍ଲାରୁ ଆସିଥିବା ପ୍ରସ୍ତାବ ସରକାରଙ୍କ ନିକଟରେ ରହିଛି।

# କ୍ରୀଡ଼ା କୋଟାରେ ନିଯୁକ୍ତି ପାଇଛନ୍ତି ୧୯୨

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୯୨ ଜଣ କ୍ରୀଡାବିତ୍ ଖେଳ କୋଟାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ ବିଭାଗ ଓ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପାଇବାପାଇଁ ଆଉ ୯୨ଜଣ କ୍ରୀଡାବିତ୍ ଆବେଦନ କରି ଅପେକ୍ଷାରେ ରହିଥିବା ସୂଚନା ଦେଇଛନ୍ତି ରାଜ୍ୟ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। କ୍ରୀଡା କୋଟାରେ କ୍ରୀଡାବିତ୍‌ମାନଙ୍କ ନିଯୁକ୍ତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ରାଜ୍ୟ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ବିଗତ ୫ବର୍ଷରେ ୧୯୨ ଜଣ କ୍ରୀଡାବିତ୍‌ଙ୍କୁ ରାଜ୍ୟ ସରକାରୀ ବିଭାଗ ଓ ଉଦ୍ୟୋଗଗୁଡିକରେ ନିଯୁକ୍ତି ପ୍ରଦାନ କରାଯାଇଛି। ନିଯୁକ୍ତି ପାଇଥିବା କ୍ରୀଡାବିତ୍‌ମାନଙ୍କ ମଧ୍ୟରେ ତୀରନ୍ଦାଜ ପୂର୍ଣ୍ଣିମା ହେମ୍ବ୍ରମ, ହକି ଖେଳାଳି ଲିଲିମା ମିଞ୍ଜ୍, ରଶ୍ମିତା ମିଞ୍ଜ୍ ଓ ନୀଲମ ସଞ୍ଜିବ ସେସ୍, ଜଳ କ୍ରୀଡାବିତ୍ ସୁମିତ୍ରା ମଲ୍ଲିକ ପ୍ରମୁଖ ରହିଛନ୍ତି। ଏମାନଙ୍କ ସହିତ ଫୁଟବଲ୍, କ୍ରିକେଟ, କରାଟେ, ଟାକୋଣ୍ଡ, ଦୃଷ୍ଟିହୀନ ଚେସ. ପାରା ଆଥଲେଟ୍, ଭାରଉତ୍ତୋଳନ ଆଦିରେ ସଫଳ କ୍ରୀଡାବିତ୍‌ମାନଙ୍କୁ ନିଯୁକ୍ତି ମିଳିଛି। ନୂତନ ଭାବେ ନିଯୁକ୍ତି ପାଇବାପାଇଁ ୯୨ଜଣ କ୍ରୀଡାବିତ୍ ଆବେଦନ କରିଛନ୍ତି ଏବଂ ସେମାନଙ୍କ ଦରଖାସ୍ତଗୁଡିକର ଯାଞ୍ଚ ଚାଲିଛି। ଯାଞ୍ଚ ସରିବା ପରେ ନିୟମ ଅନୁଯାୟୀ ଯୋଗ୍ୟ କ୍ରୀଡାବିତ୍‌ମାନଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଏସ୍‌ସିଏସ୍‌ଟି ବିଭାଗ ଅଧୀନ ସ୍କୁଲରେ ୪ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ

ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ଓ ପଛୁଆବର୍ଗ ବିକାଶ ବିଭାଗ ଅଧୀନରେ ଥିବା ବିଦ୍ୟାଳୟରେ ୪ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଭାଗ ଅଧିନରେ ଥିବା ୧୭୬୫ଟି ବିଭିନ୍ନ କିସମର ବିଦ୍ୟାଳୟରେ ଏହି ଛାତ୍ରଛାତ୍ରୀମାନେ ପଢୁଥିବା ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଏସ୍‌ସି ଏସ୍‌ଟି ବିଭାଗ ଅଧୀନରେ ଥିବା ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ନିଯୁକ୍ତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ, ବିଭାଗ ଅଧୀନରେ ବର୍ତ୍ତମାନ ବିଭିନ୍ନ କିସମର ମୋଟ୍ ୧୭୬୫ ଶିକ୍ଷାନୁଷ୍ଠାନ ରହିଛି। ଏଥି ମଧ୍ୟରେ ୪୩୬ଟି ଆଶ୍ରମ ବିଦ୍ୟାଳୟ, ୭୬୯ଟି ସେବାଶ୍ରମ ବିଦ୍ୟାଳୟ, ୧୮୯ଟି ବାଳିକା ହାଇସ୍କୁଲ ଓ ୨୪୩ଟି ହାଇସ୍କୁଲ ରହିଛି। ଏହିସବୁ ବିଦ୍ୟାଳୟରେ ୪,୩୮,୨୩୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହିସବୁ ବିଦ୍ୟାଳୟ ପାଇଁ ମୋଟ୍ ୧୧,୫୧୪ ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଥିବାବେଳେ ଏଥିରେ ମାତ୍ର ୩୪୧୩ ଜଣ କାର୍ଯ୍ୟରତ ଅଛନ୍ତି। ବିଦ୍ୟାଳୟଗୁଡିକ ପାଇଁ ୨୧୦୮ଟି ମଞ୍ଜୁରୀପ୍ରାପ୍ତ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ପଦବୀ ଥିବାବେଳେ ଏଥିରେ ୧୪୮ଜଣ ଶିକ୍ଷକ ଅଛନ୍ତି। ସେହିଭଳି ୬୧୭ଟି ସ୍ନାତକୋତ୍ତର ଶିକ୍ଷକ ପଦବୀରେ ୧୪୦ଜଣ କାର୍ଯ୍ୟରତ ଅଛନ୍ତି। ୬୪୮୭ଟି ସେବକ/ସେବିକା ପଦବୀରେ ୨୦୪୩ ଜଣ କାର୍ଯ୍ୟରତ ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

### କୃଷି ଯନ୍ତ୍ରପାତି ନିର୍ମାତାଙ୍କ ବୈଠକ

# ନଭେମ୍ବରରୁ ୩ ମାସ ପର୍ଯ୍ୟନ୍ତ କୃଷି ଯାନ୍ତ୍ରିକୀକରଣ ମେଳା

**ଭୁବନେଶ୍ୱର, ୧୯।୯(ସଂଚାର ବ୍ୟୁରୋ):** ରାଜ୍ୟରେ କୃଷି ପଦ୍ଧତିକୁ ଉନ୍ନତ କରିବା, ଉତ୍ପାଦକତା ବୃଦ୍ଧି କରିବା ଏବଂ ଚାଷୀଙ୍କୁ ସଶକ୍ତ କରିବା ପାଇଁ ଓଡ଼ିଶା ସରକାର କୃଷି ଯାନ୍ତ୍ରିକିକରଣକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଉପଲବ୍ଧ ତଥ୍ୟ ଅନୁଯାୟୀ, ୨୦୨୪-୨୫ ମସିହାରେ ଓଡ଼ିଶାରେ କୃଷି ବିଦ୍ୟୁତ୍ ଉପଲବ୍ଧତା ପ୍ରତି ହେକ୍ଟର ୨.୬୧ କିଲୋୱାଟକୁ ବୃଦ୍ଧି ପାଇଛି, ୨୦୩୬ ସୁଦ୍ଧା ଏହା ୩.୫୦ କିଲୋୱାଟ/ହେକ୍ଟର ଏବଂ ୨୦୪୭ ସୁଦ୍ଧା ୪.୫୦ କିଲୋୱାଟ/ହେକ୍ଟର ହେବ ବୋଲି ଆକଳନ କରାଯାଇଛି ଏବଂ ତଦନୁଯାୟୀ ରୋଡ଼ମ୍ୟାପ ପ୍ରସ୍ତୁତ ହେଉଛି।

> ୪ ଆଞ୍ଚଳିକ ମେଳା, ୨୬ ଜିଲ୍ଲାସ୍ତରୀୟ ମେଳା ଓ ୨୮ ଉପଖଣ୍ଡସ୍ତରୀୟ ମେଳା ହେବ

ଚଳିତ ଆର୍ଥିକ ବର୍ଷ ପାଇଁ, ଚାଷୀମାନଙ୍କୁ ୧୨୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବଣ୍ଟନ ପାଇଁ ୫୪୦ କୋଟିର ସବସିଡି ବଜେଟ୍ ସ୍ଥିର କରାଯାଇଛି। ଏଥିରେ, ସାଧାରଣ ବର୍ଗର ଚାଷୀମାନେ ୪୦% ସବସିଡି ପାଇବେ, ଅନୁସୂଚିତ ଜାତି/ଜନଜାତି, ମହିଳା ଏବଂ କ୍ଷୁଦ୍ର ଚାଷୀମାନେ ୫୦% ସବସିଡି ପାଇବେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ୭୫% ସବସିଡି ପାଇବାକୁ ହକଦାର୍, ଏବଂ ଏଫଆରଏ ପଟ୍ଟାଧାରୀମାନେ କୃଷି ଯନ୍ତ୍ରପାତି ଉପରେ ୯୦% ସବସିଡି ପାଇବାକୁ ହକଦାର୍ ଅଟନ୍ତି।

ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ, ଗୋ ସୁଗମ ମାଧ୍ୟମରେ ଅନଲାଇନ୍ ଆବେଦନ, ସବସିଡିର




ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର, ଆଗୁଆ ଦେୟ ପାଇଁ ୫୦,୦୦୦ ପର୍ଯ୍ୟନ୍ତ ଇ-ରୁପି ଭାଉଚର ଓ ଉପକରଣଗୁଡ଼ିକର ଅନନ୍ୟ ଚିହ୍ନଟ ଏବଂ ଟ୍ରାସେବିଲିଟି ପାଇଁ ଏସୟୁଆଇସି କୋଡ୍ ସମେତ ଅନେକ ଡିଜିଟାଲ୍ ପଦକ୍ଷେପ ଆରମ୍ଭ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ବିଳମ୍ବ ରୋକିବା ସହିତ ଚାଷୀମାନଙ୍କୁ ସହଜରେ ଉନ୍ନତ ମେସିନ୍ ପାଇବାରେ ସାହାଯ୍ୟ କରୁଛି।

ବୈଠକରେ ଉଦବୋଧନ ଦେଇ କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ କହିଛନ୍ତି ଯେ, ସାରା ଓଡ଼ିଶାରେ କୃଷି ଯାନ୍ତ୍ରୀକିକରଣ ମେଳା ଆୟୋଜନ ହେବ। ୪ ଗୋଟି ଆଞ୍ଚଳିକ ମେଳା (ସୋନପୁର, ମୟୂରଭଞ୍ଜ, ଗଜପତି ଓ ନବରଙ୍ଗପୁର), ୨୬ଟି ଜିଲ୍ଲାସ୍ତରୀୟ ମେଳା ଏବଂ ୨୮ଟି ଉପଖଣ୍ଡସ୍ତରରେ ମେଳା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଚାଷୀମାନଙ୍କୁ ସିଧାସଳଖ ନିର୍ମାତା, ଡିଲର, ସ୍ୱୟଂ ସହାୟକ ଗୋଷ୍ଠୀ, ଆର୍ଥିକ ପ୍ରତିଷ୍ଠାନ ଏବଂ ସରକାରୀ ସଂସ୍ଥା ସହିତ ସଂଯୋଗ କରିବ, ଆଧୁନିକ ଉପକରଣର ସହଜ ଉପଲବ୍ଧତା, ନୂତନ ପ୍ରଯୁକ୍ତିର ପ୍ରଦର୍ଶନ ଏବଂ ବିକ୍ରୟ ପରବର୍ତ୍ତୀ ସେବା ସୁନିଶ୍ଚିତ କରିବ। କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ନଭେମ୍ବରରୁ ହେବାକୁ ଥିବା ଆଗାମୀ ମେଳାରେ ସକ୍ରିୟ ଅଂଶଗ୍ରହଣ ପାଇଁ ନିର୍ମାତାମାନଙ୍କୁ ଆହ୍ୱାନ କରିଛନ୍ତି। ନିର୍ମାତାମାନଙ୍କୁ ମେଳାସ୍ଥଳରେ ଯୋଗାଇ ଦେବା ପାଇଁ ପର୍ଯ୍ୟାପ୍ତ ଷ୍ଟକ୍ ରଖିବା ସହିତ ଜିଏସଟି ହ୍ରାସର ସମ୍ପୂର୍ଣ୍ଣ ଲାଭ ଚାଷୀମାନଙ୍କୁ ଦେବା ପାଇଁ ଅନୁରୋଧ କରିଛନ୍ତି। କଠିନ ଶ୍ରମ ହ୍ରାସ, ଶ୍ରମିକ ଅଭାବ ଦୂର କରିବା ଏବଂ ଯାନ୍ତ୍ରିକୀକରଣ ମାଧ୍ୟମରେ ସମୟୋଚିତ କୃଷି କାର୍ଯ୍ୟ ସୁନିଶ୍ଚିତ କରି ଭବିଷ୍ୟତ ପିଢ଼ି ପାଇଁ ଚାଷକୁ ଅଧିକ ଆଧୁନିକ, ଲାଭଦାୟକ ଏବଂ ଆକର୍ଷଣୀୟ କରିବା ପାଇଁ ଓଡ଼ିଶା ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରୁଛି ବୋଲି ଡ଼ ପାଢୀ କହିଛନ୍ତି। ମୁଖ୍ୟଯନ୍ତ୍ରୀ ବିଷ୍ଣୁପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଶନିବାର ୨୦ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Saturday 20 September 2025, Bhubaneswar

# ବିହାର ନିର୍ବାଚନ: ପ୍ରତିଶ୍ରୁତି ବନାମ ବାସ୍ତବତା



ବିହାରର ବିଧାନସଭା ନିର୍ବାଚନ ୨୦୨୫ ଅକ୍ଟୋବର କିମ୍ବା ନଭେମ୍ବରରେ ହେବାକୁ ଯାଉଛି, ଯାହା ୨୪୩ଟି ଆସନ ପାଇଁ ଅନୁଷ୍ଠିତ ହେବ। ଏହି ନିର୍ବାଚନ ରାଜ୍ୟର ରାଜନୈତିକ ଭବିଷ୍ୟତକୁ ନିର୍ଦ୍ଧାରଣ କରିବ ଏବଂ ଜାତୀୟ ରାଜନୀତିରେ ମଧ ପ୍ରଭାବ ପକାଇବ। ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ଏନଡିଏ ଏବଂ ଇଣ୍ଡିଆ ଆଲାଏନ୍ସ ମଧ୍ୟରେ ରହିଛି। ଉଭୟ ଗଠବନ୍ଧନ ସମ୍ପ୍ରତି ଯୁଗ୍ମ ଇସ୍ତାହାର ପ୍ରସ୍ତୁତ କରୁଛନ୍ତି, ଯାହା ବେରୋଜଗାରୀ, ଜାତିଗତ ନ୍ୟାୟ, ମହିଳା ସଶକ୍ତିକରଣ ଏବଂ ବିକାଶ ଉପରେ କେନ୍ଦ୍ରିତ।

ଏନଡିଏ, ଯାହା ବିଜେପି, ଜେଡି(ୟୁ), ଏଲଜେପି(ଆର), ହାମ(ଏସ) ଆଦି ଦଳଗୁଡ଼ିକୁ ନେଇ ଗଠିତ, ନିତୀଶ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ମୁଖ୍ୟାଳୟ ଭାବେ ପ୍ରକାଶ କରିଛି। ସେମାନଙ୍କର ଇସ୍ତାହାର ବିକାଶ ଏବଂ କଲ୍ୟାଣକୁ ଗୁରୁତ୍ୱ ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ଉଦ୍ଧୃତ କରି ନିତୀଶ କୁମାର ଆଗାମୀ ୫ ବର୍ଷରେ ୧ କୋଟି ଯୁବକଙ୍କୁ ଚାକିରି ଏବଂ ରୋଜଗାର ସୁଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି, ଯାହା ୨୦୨୦-୨୫ ଲକ୍ଷ୍ୟର ଦୁଇଗୁଣା। ଏହା ବ୍ୟତୀତ, ଅଗଷ୍ଟ ମାସରୁ ୧୨୫ ୟୁନିଟ୍ ମାଗଣା ବିଦ୍ୟୁତ୍ ପ୍ରଦାନ କରିବାକୁ ଘୋଷଣା କରାଯାଇଛି, ଯାହା ୧.୬୭ କୋଟି ପରିବାରକୁ ଲାଭାନ୍ୱିତ କରିବ। ଏନଡିଏ ଜାତି ଗଣନା ଏବଂ ସାମାଜିକ ନ୍ୟାୟକୁ ସମର୍ଥନ କରୁଛି, କିନ୍ତୁ ଏହାର ଫୋକସ୍ ଅଧିକାଂଶ ବିକାଶମୂଳକ ଯୋଜନା ଉପରେ ରହିଛି। ସିଟ୍ ବଣ୍ଟନରେ ଜେଡି(ୟୁ) ୧୦୨ ଏବଂ ବିଜେପି ୧୦୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିପାରେ, ଯାହା ଅନ୍ତର୍ଗତ ବିବାଦକୁ ସୂଚାଉଛି।

ଅନ୍ୟପକ୍ଷରେ, ଇଣ୍ଡିଆ ଆଲାଏନ୍ସ (ବିହାରରେ ମହାଗଠବନ୍ଧନ ଭାବେ ଜଣାଶୁଣା), ଆରଜେଡି, କଂଗ୍ରେସ, ଭିଆଇପି ଏବଂ ବାମପନ୍ଥୀ ଦଳଗୁଡ଼ିକୁ ନେଇ ଗଠିତ। ତେଜସ୍ୱୀ ଯାଦବ ଏହାର ମୁଖ୍ୟ ମୁଖ୍ୟାଳୟ ଏବଂ ରାହୁଲ ଗାନ୍ଧୀ ଏହାକୁ ସମର୍ଥନ କରୁଛନ୍ତି। ସେମାନଙ୍କର ଇସ୍ତାହାର ମହିଳା ଏବଂ କୋଟା ଉପରେ କେନ୍ଦ୍ରିତ ରହିବ, ଯେପରିକି ଆରକ୍ଷଣ ବିସ୍ତାର, ଭୂମି ସୁଧାର ଏବଂ ସାଧାରଣ ନ୍ୟୂନତମ କାର୍ଯ୍ୟକ୍ରମ। ରାହୁଲ ଗାନ୍ଧୀ ଦଳିତ, ପଛୁଆ ବର୍ଗ, ମହିଳା ଏବଂ ଗରିବଙ୍କ ପାଇଁ ସୁଯୋଗ ବଢ଼ାଇବାକୁ ଉଲ୍ଲେଖ କରିଛନ୍ତି, ବିଜେପି-ଆରଏସଏସକୁ ସେମାନଙ୍କ ବିରୋଧରେ ଅଭିଯୋଗ କରିଛି। ଆରଜେଡି ବେରୋଜଗାରୀ ଏବଂ ଯୁବକ ସମସ୍ୟା ଉପରେ ଧ୍ୟାନ ଦେଉଛି, ବ୍ୟାପକ ଚାକିରି ସୃଷ୍ଟିର ପ୍ରତିଶ୍ରୁତି ଦେଇ। ଏହି ଗଠବନ୍ଧନ ଏନଡିଏର ଅନ୍ତର୍ବିରୋଧକୁ ବ୍ୟବହାର କରି ଅନ୍ତିମକାରୀ ବାର୍ତ୍ତା ଦେବାକୁ ଚେଷ୍ଟା କରୁଛି।

ଉଭୟ ମାନିଫେଷ୍ଟୋର ତୁଳନା କଲେ, ଚାକିରି ଏବଂ ଜାତିଗତ ନ୍ୟାୟ ଉଭୟଙ୍କର ସାଧାରଣ ବିଷୟ। ଏନଡିଏର ପ୍ରତିଶ୍ରୁତି ବର୍ତ୍ତମାନର ସରକାରୀ ରେକର୍ଡ ଉପରେ ଆଧାରିତ, ଯେପରିକି ପୂର୍ବ ବର୍ଷଗୁଡ଼ିକରେ ଦିଆଯାଇଥିବା ଚାକିରି। କିନ୍ତୁ ଇଣ୍ଡିଆ ଆଲାଇନ୍ସ ଅନ୍ତିମକାରୀ ଭାବନାକୁ ବ୍ୟବହାର କରି ସାମାଜିକ ପରିବର୍ତ୍ତନକୁ ଜୋର୍ ଦେଉଛି, ଯାହା ବିହାରର ଜାତିଗତ ରାଜନୀତିରେ ପ୍ରଭାବଶାଳୀ ହୋଇପାରେ। କିନ୍ତୁ ଉଭୟ ପକ୍ଷର ପ୍ରତିଶ୍ରୁତି କାର୍ଯ୍ୟାନ୍ୱୟନରେ ଚ୍ୟାଲେଞ୍ଜ ରହିଛି, ଯେହେତୁ ବିହାର ବେରୋଜଗାରୀ ଏବଂ ପ୍ରବାସନର ସମସ୍ୟାରେ ପୀଡ଼ିତ।

ଏହି ନିର୍ବାଚନରେ ଅନ୍ୟାନ୍ୟ ଦଳ ଯେପରିକି ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ମଧ ପ୍ରଭାବ ପକାଇପାରେ, ଯାହା ଶିକ୍ଷା ଏବଂ ସ୍ୱଚ୍ଛ ରାଜନୀତିକୁ ପ୍ରୋତ୍ସାହିତ କରୁଛି। ଶେଷରେ, ବିହାରର ଭୋଟରମାନେ ଏହି ଇସ୍ତାହାର ଗୁଡ଼ିକର ବାସ୍ତବତାକୁ ପରଖିବେ, ଯାହା ରାଜ୍ୟର ବିକାଶ ପାଇଁ ନିର୍ଣ୍ଣାୟକ ହେବ। ଏହା କେବଳ ପ୍ରତିଶ୍ରୁତି ନୁହେଁ, କାର୍ଯ୍ୟାନ୍ୱୟନର ପରୀକ୍ଷା ହେବ।

# ମୁକ୍ତିକାମୀ ମଣିଷ କିନ୍ତୁ ବନ୍ଧନ ମୁକ୍ତ ନୁହେଁ

**ଡଃ କିଶୋର ମହାନ୍ତି**

ଏ କଥାଟି ସତ୍ୟ ଯେ ପଂଜୁରୀ ଭିତରେ ଶାରୀ ଭାବୁଥାଏ ସେ କେମିତି ବଂଦୀ ମୁକ୍ତ ନୁହେଁ - ପ୍ରତ୍ୟେକଟି ପକ୍ଷୀ ଚାହାଁନ୍ତି ଡେଣା ଝାଡ଼ି ସୁନୀଳ ଆକାଶରେ ଅବା ସବୁଜ ବନାନୀରେ ହଜି ଯିବା ପାଇଁ। ମୁକ୍ତି ପାଗଳ ପକ୍ଷୀ ଚାହେଁ ଟିକିଏ ଖୋଲା ପବନ ପାଇବା ପାଇଁ - ପ୍ରକୃତିକୁ ଭଲ ଭାବରେ ଉପଭୋଗ କରିବା ପାଇଁ କିନ୍ତୁ ଅପରପକ୍ଷେ ଦେଖିବାକୁ ଗଲେ ପାଶ୍ଚାତ୍ୟ ମନୀଷୀ କହିଛନ୍ତି - "ଗବଭ ସଭ ଭକ୍ଟକ୍ସଭ ଲକ୍ସରର ଭଙ୍ଗଷ୍ୱ ରଙ୍ଗରକ୍ସଛଙ୍ଗଷରକ୍ସର ସଷ୍ୱ ମଷବସଭ". ମଣିଷ ମୁକ୍ତ ହୋଇ ଜନ୍ମ ନେଇଛି ଆଉ ପରେ ପ୍ରତିଟି କ୍ଷେତ୍ରରେ ସେ ବଂଦୀଟିଏ ହେଇ ଯାଇଛି। ରୁଷୋଙ୍କର ଏ ବକ୍ତବ୍ୟ ସାରା ମାନବସମାଜରେ ଏକ ଆଲୋଡ଼ନ ସୃଷ୍ଟି କଲା। ମଣିଷର ଜୀବନ ସଂଘର୍ଷ କାହାଣୀ ବଡ଼ ଜଟିଳ ଓ ସେ ସବୁବେଳେ ନିଜକୁ କେମିତି ଯୋଦ୍ଧା ସେନାନୀ ବୋଲି ଚିନ୍ତା କଲାବେଳେ ଏମିତ ହୁଏ ସେଇ ସମସ୍ୟା ମାନଙ୍କର ସେ ଶୀକାର ହୁଏ। ଗୋଟିଏ ଗୀତ ଏ ପରିପ୍ରେକ୍ଷୀରେ ବେଶ ଉଦ୍‌ବେଳନ ସୃଷ୍ଟି କରେ। ସେ ଗୁଢ ରହସ୍ୟ ଭେଦ କରିବା ବଡ଼ କଷ୍ଟ। ଗୀତର ଶାବ୍ଦିକ ରୂପଚିତ୍ର ଏହିପରି-

" ପଂଜୁରୀ ଭିତରେ ଶାରୀ/ ଶାରୀ କହେ ହରି ହରି
ମଣିଷ ବୁଝେନି.... ଶାରୀ ତ ବୁଝିଛି/ ସିଏ ଖୋଲି ପାରେ ଏ ଭାବ ପଂଜୁରୀ
ଶାରୀ ପଂଜୁରୀରେ ଛଟପଟ/ ଥରେ ବାଟ କହେ ଖୋଲି ଦିଅ
ଲୋଡ଼ା ନାହିଁ ମୋର ରାଜା ଆହାର"
ମୋର ପବନରେ ପୁରୁ ପେଟ......... ଇତ୍ୟାଦି କେତେ ମର୍ମ ଭେଦୀ ଆଉ ଜୀବନ ଦର୍ଶନର ପ୍ରତିଲିପି।

ବେଳେବେଳେ ନୈରାଶ୍ୟର ଘନଛାୟା ମଣିଷ ଜାତିକୁ ସଂକ୍ରମିତ କରୁଛି। ଜୀବନର କିଛି ଅର୍ଥ ନାହିଁ, ଜୀବନ ନିରର୍ଥକ, ଅସାର୍ଥକ ଓ ନିଷ୍ଫଳ। ଥରେ ଏହି ଭାବନା ମନକୁ ଛୁଇଁଗଲେ ଆଉ ଆତ୍ମୋଦ୍ଧାରର ପଥ ରହେ ନାହିଁ। ଆମେ କ'ଣ ଏ ବନ୍ଧନରୁ ମୁକ୍ତି ପାଇବାକୁ ଆତ୍ମହତ୍ୟା ପଥକୁ ଆପଣେଇବା ? ଜୀବନଟା ସର୍ବ ଦୁଃଖମୟ ନୁହେଁ କି ସର୍ବ ସୁଖମୟ ନୁହେଁ। ଏଠି ସୁଖ ଦୁଃଖ, ହସ କାନ୍ଦର ଘୋର ପ୍ରତିଯୋଗୀତା ଚାଲିଛି। ଏହି ସଂଗ୍ରାମକୁ ଦୂର କରିବା ପାଇଁ ନିଜକୁ ଅନ୍ଧାର ଆଡ଼େଇ ଆଲୋକ ବର୍ତିକା ଜାଳିବାକୁ ହେବ। ଆମ ଭିତରେ ଦୁରାତ୍ମାକୁ ପ୍ରଶ୍ରୟ ଦେବା ଆଦୌ ଉଚିତ ନୁହେଁ। ଯାହାର ମନ, ବଚନ ଓ କର୍ମ ଏକ ରୂପ ସେ ହେଉଛନ୍ତି ମହାତ୍ମା। ଯାହାର ମନ, ବଚନ ଓ କର୍ମ ଭିନ୍ନ ଭିନ୍ନ ସେ ହେଉଛି ଦୁରାତ୍ମା। ମଣିଷ ଭିତରେ ଏତକ ରହିବା ଉଚିତ କି?

ଦୁଃଖରେ ନ ହେବ କାତର /ସୁଖରେ ନକର ଚାତର।

ଦୁଃଖରେ ଉଦ୍‌ବିଗ୍ନ ନ ହେବା ପାଇଁ ଓ ସୁଖରେ ବିତସ୍ପୃହ ହେବା ପାଇଁ ଗୀତାରେ କୁହାଯାଇଛି। କିନ୍ତୁ ଏକଥା ମଧ ଏ ମଣିଷ ସମାଜରେ ଘଟୁଛି- ମନୁଷ୍ୟକୁ ଦାସ କରି ରଖୁଛି। ମନୁଷ୍ୟ ମନୁଷ୍ୟକୁ ଦୁଃଖ ଦେଉଛି, ପୀଡ଼ା ଦେଉଛି, କଷ୍ଟରେ ଜାଳି ଦେଉଚି। ଗୋଟିଏ ରାଷ୍ଟ୍ର ଆଉ ଗୋଟିଏ ରାଷ୍ଟ୍ରକୁ ଦମନ କରିବା ଆଳରେ ପାଦ ତଳେ ଚାପି ରଖିବାର ଅପଚେଷ୍ଟା କରୁଛି। ବଳବାନ ନିର୍ବଳକୁ ଦବେଇ ରଖୁଛି। ନିଜର ହିଂସ୍ରକ ତତ୍ତ୍ୱକୁ ହଜମ କରି ସେ କ୍ରୁର ହେଇଯାଉଛି। ଏବେ ମାନବ ସମାଜ ରକ୍ତରେ ଜର୍ଜରିତ। କେହି ସୁଖରେ ରହୁଚିତ କିଏ ଦୁଃଖରେ ରହୁଛି। କାହାର ବିଳାସ ଓ ଆଉ କାହାର ସର୍ବନାଶ। କେହି ରାଜ ପ୍ରାସାଦରେ ରହୁଚିତ ଆଉ କେହି ରାସ୍ତା କଡ଼ରେ ପଡ଼ିଛି। କିଏ ଭୋକ ଉପାସରେ ମରୁଛି। ତଥାପି ଆମେ ଏକଥା ଅସ୍ୱୀକାର କରିବାନି ଯେ, ମଣଷ ତାର ସ୍ୱଧର୍ମ ନିଭାଉଛି ବୋଲି।

ଆମେ ହିଂସା ଆଚରଣ କରୁଛେ। ଆମେ ଆତଙ୍କବାଦୀ ସାଜୁଛେ। ନୀରହମାନଙ୍କୁ ମାରି ଚରମ ଆନନ୍ଦ ଲାଭ କରୁଛେ। ମାନବଜୀବନକୁ ଧ୍ୱଂସ କରିବା ପାଇଁ ବିଷାକ୍ତ ବାଷ୍ପ ଛାଡୁଚେ। ବୋମା ଫିଙ୍ଗୁଚେ - ବାଇଲୋଜିକାଲ ୱାର ପାଇଁ ପ୍ରଶ୍ରୟ ଦେଉଚେ। ଏଠି ଆମେ ଧ୍ୱଂସ ଆଡକୁ ଟାଣି ହେଇ ଯାଉଚୁ। ସେ ବୁଝି ପାରୁ ନାହିଁ ଯେ ସେ ଅହଂ ପରବଶ ହୋଇ ଏସବୁ କରୁଛି। ସେ ନିଜକୁ ପ୍ରଶ୍ନ କରୁ ନାହିଁ କି ସେ ପ୍ରକୃତରେ କିଏ ? ଏ ସମଗ୍ର ଜଗତ କଣ ତାର ଆୟତାଧୀନ? ସେ ନିଜର ସ୍ଥିତି ଓ ସ୍ୱରୂପକୁ ଭୁଲି ଯାଉଚି ବାରବାର। ମଣିଷକୁ ଈଶ୍ୱର ସର୍ବଶକ୍ତି ପ୍ରଦାନ କରିଛନ୍ତି- ମଣିଷକୁ ଅନ୍ଧାର ଦେଇଛନ୍ତି କୁହନ୍ତି ମଣିଷ ସେଇ ଅନ୍ଧାର ଭିତରୁ ଆଲୋକ ଖୋଜୁ। ସେ ମର୍ତ୍ତ୍ୟ ଦେଇଛନ୍ତି। ସେ କହନ୍ତି ସେହିଠାରୁ ସେ ଅମୃତ ସନ୍ଧାନ କରୁ। ମଣିଷ ଅସତ ଭିତରୁ ସତ୍ ପ୍ରାପ୍ତ ହେଉ। ବିଷରୁ ସୁଧା ସୃଜନ କରୁ। ଅମଙ୍ଗଳରୁ ମଙ୍ଗଳ ନିର୍ମାଣ କରୁ। ଭାଙ୍ଗିବା ବଦଳରେ କିଛି ଗଢ଼ିବାରେ ମନୋନିବେଶ କରୁ। ଏ ସୃଷ୍ଟି ତାରି ପାଇଁ ତ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ପ୍ରକୃତିର ରକ୍ଷଣାବେକ୍ଷଣର ଦାୟିତ୍ୱ ହିଁ ତାରି ଉପରେ। ଏସବୁରୁ ସେ ନିବୃତ୍ତ କଣ ହୋଇପାରେ ? ମୁକ୍ତି ଅନନ୍ଦ ଦିଏ। ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର। ପ୍ରତିଟି ମଣିଷର ସ୍ୱାଧୀନ ଭାଷାର, ସ୍ୱାଧୀନ ବିହାର ସ୍ୱାଧୀନ ଜୀବନଯାପନ ଓ ସ୍ୱାଧୀନ ସଂଘ ଗଠନର କ୍ଷମତା ହିଁ ସାମାଜିକ ଜୀବନର ଭିତି। ବ୍ୟକ୍ତିଗତ ଜୀବନର ବିକାଶ ନିମନ୍ତେ ବ୍ୟକ୍ତି ଜୀବନର ଦାୟିତ୍ୱବୋଧ ଯେତିକି ଆବଶ୍ୟକ ସମାଜର ଅଙ୍ଗ ଭାବେ ସଂଘବଦ୍ଧ ଭାବରେ ଜୀବନଯାପନ କରୁଥିବାରୁ ଓ ସମାଜଦ୍ୱାରା ନାନା ଭାବରେ ଉପକୃତ ହେଉଥିବାରୁ ସମାଜ ପ୍ରତି ମଣିଷ ଆନୁଗତ୍ୟ ସ୍ୱୀକାର କରିବା ଉଚିତ।

ମୋବାଇଲ: ୯୪୩୭୭୨୮୪୭୫

## ୭୫ ବର୍ଷ ବୟସରେ ମୋଦି

# ନୀତି କାର୍ଯ୍ୟକାରୀ କରିବା କଳାରେ ନିପୁଣ



**ହସମୁଖ ଅଧିୟା**

ମୁଁ ନରେନ୍ଦ୍ର ମୋଦୀଙ୍କ ଅଧୀନରେ ଦୁଇ ଦଶନ୍ଧି ଧରି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ସ୍ତରରେ ଜଣେ ସରକାରୀ କର୍ମଚାରୀ ଭାବରେ କାର୍ଯ୍ୟ କରିଛି। କିନ୍ତୁ ତାଙ୍କ ସହିତ ମୋର ନିକଟତମ କାର୍ଯ୍ୟ ଅଭିଜ୍ଞତା ଥିଲା ଯେତେବେଳେ ମୁଁ ୨୦୦୪ ରୁ ୨୦୦୬ ପର୍ଯ୍ୟନ୍ତ ଦୁଇ ବର୍ଷ ପାଇଁ ସିଧାସଳଖ ତାଙ୍କ କାର୍ଯ୍ୟାଳୟରେ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଭାବରେ କାର୍ଯ୍ୟ କରିଥିଲି। ସମସ୍ତେ ତାଙ୍କର ବ୍ୟାପକ ଦୃଷ୍ଟିକୋଣ ଏବଂ ଦୂରଦୃଷ୍ଟି ବିଷୟରେ ଜାଣନ୍ତି। କିନ୍ତୁ ତାଙ୍କ କାର୍ଯ୍ୟାନ୍ୱୟନ କଳା ଏବଂ ମନ୍ତ୍ରୀ ଓ ଅମଲାତନ୍ତ୍ରଙ୍କ ଏକ ବଡ଼ ଦଳ ମାଧମରେ କାମ କରିବା ପାଇଁ ତାଙ୍କ କ୍ଷମତା ବିଷୟରେ ବହୁତ କମ୍ ଲୋକ ଜାଣନ୍ତି। ମ୍ୟାନେଜମେଣ୍ଟର ଛାତ୍ର ଭାବରେ, ମୁଁ ଏହାକୁ ନିକଟରୁ ଦେଖିଛି। ମୁଁ ଦେଖିଛି ଯେ ଆନୁଷ୍ଠାନିକ ମ୍ୟାନେଜମେଣ୍ଟ ଅଧ୍ୟୟନ ବିନା ମଧ, ସେ ତାଙ୍କ ନେତୃତ୍ୱରେ କିଛି ସର୍ବୋତ୍ତମ ମ୍ୟାନେଜମେଣ୍ଟ ନୀତିକୁ ସହଜରେ ପ୍ରୟୋଗ କରିଛନ୍ତି।



ପ୍ରଥମ ଏବଂ ସର୍ବୋପରି ତାଙ୍କର ସଠିକ୍ କାର୍ଯ୍ୟ ପାଇଁ ସଠିକ୍ ବ୍ୟକ୍ତିଙ୍କୁ ଚିହ୍ନଟ କରିବାର କ୍ଷମତା। ତାଙ୍କର ଯେକୌଣସି ବ୍ୟକ୍ତିଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଚିହ୍ନିବାର ସ୍ୱାଭାବିକ କ୍ଷମତା ଅଛି ଏବଂ ସେ ଏପରି ବ୍ୟକ୍ତିଙ୍କୁ ଉଚ୍ଚସ୍ତରୀୟ ପଦବୀ ପାଇଁ ଚୟନ କରନ୍ତି। ସେ ଏହି ପ୍ରକ୍ରିୟାରେ ବହୁତ କମ୍ ଭୁଲ କରିଛନ୍ତି। ଯେକୌଣସି ପଦବୀ ପାଇଁ ସଠିକ୍ ବ୍ୟକ୍ତିଙ୍କୁ ଚୟନ କରିବା ପରେ, ସେ ପ୍ରତ୍ୟେକ ବ୍ୟକ୍ତିଙ୍କୁ କାର୍ଯ୍ୟକାଳ ସ୍ଥିରତା ପ୍ରଦାନ କରିଛନ୍ତି, ଯାହା ଶାସନ ପାଇଁ ଜରୁରୀ।

ତା'ପରେ ପ୍ରତ୍ୟେକ ପ୍ରସଙ୍ଗର ବିବରଣୀ ଏବଂ ସୂକ୍ଷ୍ମତାକୁ ଅନୁସନ୍ଧାନ କରିବାର ତାଙ୍କର ଅଭ୍ୟାସ ଆସିଥାଏ। ଯେକୌଣସି ବୈଠକରେ, ସେ ତାଙ୍କ ନିକଟରେ ଉପସ୍ଥାପିତ ପ୍ରତ୍ୟେକ ଉପସ୍ଥାପନାକୁ ଧୈର୍ଯ୍ୟର ସହିତ ଶୁଣନ୍ତି। ତା'ପରେ ସେ ବିଷୟକୁ ବୁଝିବା ପାଇଁ ସଠିକ୍ ପ୍ରଶ୍ନ ପଚାରନ୍ତି। ତା'ପରେ ସେ କିଛି ବିକଳ୍ପ ଦୃଷ୍ଟିକୋଣ ଉପସ୍ଥାପନ କରନ୍ତି ଯାହା ଅଂଶଗ୍ରହଣକାରୀମାନଙ୍କୁ ଆଶ୍ଚର୍ଯ୍ୟ କରେ। ସେମାନେ ସମସ୍ତେ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ଏହି ଧାରଣାଗୁଡ଼ିକ ପୂର୍ବରୁ କାହିଁକି ସେମାନଙ୍କ ମନରେ ଆସିନଥିଲା। ମୁଁ ତାଙ୍କୁ ତାଙ୍କର କିଛି ଭବିଷ୍ୟତବାଦୀ ଚିନ୍ତାଧାରା ସହିତ ଶୀର୍ଷ ପରାମର୍ଶଦାତାମାନଙ୍କୁ ମଧ ଆଶ୍ଚର୍ଯ୍ୟ କରୁଥିବା ଦେଖିଛି, ଯେଉଁମାନେ କେବେ ସେଗୁଡ଼ିକୁ ବିଚାର ମଧ କରିନଥିବେ।

ମୋଦୀଜୀ ଭାରତ ସରକାରଙ୍କ ପ୍ରତ୍ୟେକ ମନ୍ତ୍ରଣାଳୟ ପାଇଁ ସମୀକ୍ଷା ବୈଠକ କରନ୍ତି, ତାହା କ୍ରୀଡ଼ା ମନ୍ତ୍ରଣାଳୟ ହେଉ, ଆୟୁଷ ମନ୍ତ୍ରଣାଳୟ ହେଉ, କିମ୍ବା ସାମାଜିକ ନ୍ୟାୟ ମନ୍ତ୍ରଣାଳୟ। ଏହି ସମୀକ୍ଷା ବୈଠକଗୁଡ଼ିକ ବିଭାଗଗୁଡ଼ିକୁ ପୂର୍ଣ୍ଣ ସତର୍କ ରଖେ। ୨୦୧୪ ରୁ ୨୦୧୮ ପର୍ଯ୍ୟନ୍ତ ଅର୍ଥ ମନ୍ତ୍ରଣାଳୟରେ ମୋର ଚାରି ବର୍ଷର କାର୍ଯ୍ୟକାଳ ମଧ୍ୟରେ, ମୁଁ ଦେଖିଲି ଯେ ସେ ସେହି ଚାରି ବର୍ଷ ମଧ୍ୟରେ ପ୍ରତ୍ୟେକ ମନ୍ତ୍ରଣାଳୟର କାର୍ଯ୍ୟକୁ ଏକାଧିକ ଥର ସମୀକ୍ଷା କରିଥିଲେ।

ମୋଦୀଜୀ ଜଣେ ଜଣାଶୁଣା ବକ୍ତା, କିନ୍ତୁ ବହୁତ କମ୍ ଲୋକ ଜାଣନ୍ତି ଯେ ତାଙ୍କ ପାଖରେ ଅମଲାତନ୍ତ୍ର କିମ୍ବା ମନ୍ତ୍ରୀମାନଙ୍କ ଗୋଷ୍ଠୀକୁ ଜଟିଳ ଚିନ୍ତାଧାରା ସରଳ ଭାବରେ ବୁଝାଇବାର ଅତୁଳନୀୟ କ୍ଷମତା ରହିଛି। ସେ ସରଳ ଶବ୍ଦ ଏବଂ ଉଦାହରଣ ବ୍ୟବହାର କରି ତାଙ୍କର କଥା ବୁଝାନ୍ତି।

ଯିଏ ମୋଦୀଙ୍କୁ ବ୍ୟକ୍ତିଗତ ଭାବରେ ଭେଟିଥାଏ ସେ ସବୁବେଳେ ତାଙ୍କର ଶୁଣିବାର କ୍ଷମତା ଦ୍ୱାରା ପ୍ରଭାବିତ ହୁଏ। ଆପଣ ତାଙ୍କୁ ଦଶ ମିନିଟ୍ ପାଇଁ ଭେଟନ୍ତୁ କିମ୍ବା ଘଣ୍ଟାଏ ପାଇଁ, ସେ କଥାବାର୍ତ୍ତା କରିବା ସମୟରେ ଆପଣଙ୍କ ଆଖିକୁ ଚାହିଁବେ, ଆପଣଙ୍କୁ ବ୍ୟସ୍ତ ଅନୁଭବ କରାଇବା ପାଇଁ କେବେ ପଛକୁ ଚାହିଁବେ ନାହିଁ। କାମରେ ଏତେ ଭାରାକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଏହା ଏକ ଆଶ୍ଚର୍ଯ୍ୟଜନକ ଗୁଣ। ତାଙ୍କ ଅଫିସରେ ତାଙ୍କ ଡେସ୍କରେ ଗୋଟିଏ ବି କାଗଜ ପଡ଼ି ନଥାଏ। ତାଙ୍କର କାମରେ ଧ୍ୟାନ ଦେବା ଏବଂ ବର୍ତ୍ତମାନରେ ବଞ୍ଚିବାର କ୍ଷମତା ଉଲ୍ଲେଖନୀୟ।

ଯେଉଁମାନେ ତାଙ୍କୁ ଭେଟନ୍ତି ସେମାନେ ତାଙ୍କର ତୀକ୍ଷ୍ଣ ସ୍ମୃତିଶକ୍ତି ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି, ସେ ପ୍ରତ୍ୟେକ ନାମ ଏବଂ ପ୍ରତ୍ୟେକ କଥାବାର୍ତ୍ତା ମନେ ରଖନ୍ତି। ଲୋକମାନଙ୍କୁ ସେମାନଙ୍କ ନାମ ଧରି ଡାକିବାର ତାଙ୍କର ଦକ୍ଷତା ତାଙ୍କୁ ତୁରନ୍ତ ଲୋକଙ୍କ ନିକଟରେ ପ୍ରିୟ କରିଦିଏ।

ମୁଁ ଥରେ ତାଙ୍କୁ ପଚାରିଥିଲି ଯେ ସେ ଏତେ ନାମ କିପରି ମନେ ରଖନ୍ତି। ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଯଦି ସେ ଏବେ ସେମାନଙ୍କୁ ମନେ ପକାଇବାକୁ ଚେଷ୍ଟା କରନ୍ତି, ତେବେ ସେ ୫୦ ଟି ମଧ ମନେ ପକାଇପାରିବେ ନାହିଁ। କିନ୍ତୁ ଯେତେବେଳେ ସେ କାହାର ମୁହଁ ଦେଖନ୍ତି, ସେମାନଙ୍କ ନାମ ତୁରନ୍ତ ମନକୁ ଚାଲି ଆସେ। ସେ ଏହାକୁ ଭଗବାନଙ୍କ ଆଶୀର୍ବାଦ ବୋଲି କହିଥିଲେ।

ଅନେକ ବୈଠକରେ ତାଙ୍କ ସହିତ ମୋର ଆଲୋଚନାରେ, ମୁଁ ତାଙ୍କୁ କେବେ ଉଚ୍ଚ ସ୍ୱରରେ କହିବା କିମ୍ବା କାହାକୁ ଗାଳି ଦେବାର ଦେଖିନାହିଁ। ଯେତେବେଳେ ଜିନିଷଗୁଡ଼ିକ ଆଶା ଅନୁଯାୟୀ ହୁଏ ନାହିଁ, ସେ କେତେକ ସମୟରେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମ ନ ନେଇ ସମଗ୍ର ଲୋକଙ୍କ ନିକଟରେ ନିଜର ନିରାଶା ପ୍ରକାଶ କରିଥାନ୍ତି।

ମୋଦିଜୀ ସର୍ବଦା ଅନେକ ଲୋକଙ୍କ ନିକଟତର ହୋଇ ରହିଥାନ୍ତି। ଏହା ତାଙ୍କୁ ଅନେକ ଦୃଷ୍ଟିକୋଣ ବୁଝିବାକୁ ସୁଯୋଗ ଦିଏ। ସେ ତାଙ୍କ ଚାରିପାଖରେ ଥିବା ଲୋକଙ୍କ ଏକ ଛୋଟ ଗୋଷ୍ଠୀ ମଧ୍ୟରେ ନିଜକୁ ସୀମିତ ରଖନ୍ତି ନାହିଁ। ତେଣୁ, ତାଙ୍କୁ ଭୁଲ୍ ବାଟରେ ନେବା କଷ୍ଟକର।

ତାଙ୍କ କାର୍ଯ୍ୟାଳୟରେ ପ୍ରମୁଖ ସଚିବ ଭାବରେ, ସେ ଆମକୁ କାର୍ଯ୍ୟର ଏକ ଲମ୍ବା ତାଲିକା ଦେଉଥିଲେ। ତାଙ୍କ ସହିତ ଏକ ଅଧ ଘଣ୍ଟାର ସାକ୍ଷାତ ଆମର ଡାଏରୀର ଦୁଇଟି ପୃଷ୍ଠାକୁ 'କରିବାକୁ ଥିବା କାର୍ଯ୍ୟ' ତାଲିକାରେ ପୂର୍ଣ୍ଣ କରିଦେଉଥିଲା। ତାଙ୍କ ନିର୍ଦ୍ଦେଶଗୁଡ଼ିକୁ ନୋଟ୍ କରିବା ସତ୍ତ୍ୱେ, ଆମେ ବେଳେବେଳେ ତାଙ୍କୁ ରିପୋର୍ଟ କରିବାକୁ ଭୁଲିଯାଉଥିଲୁ। କିନ୍ତୁ ସେ କେବେ ଭୁଲିଯାଉ ନଥିଲେ। ସେ ଆମକୁ ପୁଣି ମନେ ପକାଇ ଦେଉଥିଲେ। ତାଙ୍କର ତୃତୀୟ ରିମାଇଣ୍ଡର ମଧ ନମ୍ର ହୋଇଥାଏ: 'ହସମୁଖଭାଇ, କାମ ପୂରା ହେଲା କି?' ଏତେ କୋମଳ ଆଦେଶ ସହିତ, ଆମେ ତୁରନ୍ତ କାମ ଆରମ୍ଭ କରିଦେଉଥିଲୁ। କ୍ରୋଧ କିମ୍ବା ଅଧୈର୍ଯ୍ୟତା ନ ଦେଖାଇ ଏହା ତାଙ୍କର କାର୍ଯ୍ୟାନ୍ୱୟନ କରିବାର କଳା ଥିଲା।

**ଲେଖକ ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, ଭାରତର ଅର୍ଥ ଏବଂ ରାଜସ୍ୱ ସଚିବ ଭାବରେ ଅବସରପ୍ରାପ୍ତ**

# ସ୍ୱଭାବ କବିଙ୍କ ସାହିତ୍ୟରେ ମାତୃଭାଷା ଓ ପ୍ରକୃତିର ପ୍ରତିଛବି



**ପ୍ରଶାନ୍ତ କୁମାର ନାୟକ**

'ମାତୃଭୂମି ମାତୃଭାଷାରେ ମମତା
ଯା' ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?'

ଏହି କାଳଜୟୀ ପଂକ୍ତି ଏବଂ ପ୍ରେରଣାଦାୟୀ କବିତାର କବି ତଥା ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଅନ୍ୟତମ କର୍ଣ୍ଣଧାର ଥିଲେ ସ୍ୱଭାବ କବି ଗଙ୍ଗାଧର ମେହେର। ତାଙ୍କର ରଚନାବଳୀ ତତ୍କାଳୀନ ଓଡ଼ିଆ କାବ୍ୟ ସାହିତ୍ୟରେ ସୃଷ୍ଟି କରିଥିଲା ନବ ଦିଗନ୍ତ ଓ ଅନୁପମ ଝଙ୍କାର। ଗଙ୍ଗାଧରଙ୍କ ମନୋରମ ଏବଂ ଶିକ୍ଷଣୀୟ ରଚନାରେ ପ୍ରକୃତି ହୋଇଉଠେ ଜୀବନ୍ତ। ତାଙ୍କର ଅନେକ ପ୍ରଭାବଶାଳୀ ରଚନାରେ ପ୍ରକୃତିର ମନଲୋଭା ଏବଂ ଜୀବନ୍ତ ଚିତ୍ରଣ ପାଇଁ ଗଙ୍ଗାଧର ମେହେର ସ୍ୱଭାବକବି ଏବଂ ପ୍ରକୃତିକବି ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ଉତ୍କଳ ମାତାର ଏହି ସୁଯୋଗ୍ୟ ସାରସ୍ୱତ ସାଧକ ୧୮୬୨ ମସିହା ଅଗଷ୍ଟ ୦୯ ତାରିଖ ଶ୍ରାବଣ ପୂର୍ଣ୍ଣିମାଦିନ ଅବିଭକ୍ତ ସମ୍ବଲପୁର ଜିଲ୍ଲା ଏବଂ ବର୍ତ୍ତମାନର ବରଗଡ଼ ଜିଲ୍ଲାସ୍ଥିତ ବରପାଲି ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଓ ମାତା ସେବତୀ ଦେବୀ ଥିଲେ। ମାତ୍ର ଦଶ ବର୍ଷ ବୟସରେ ସେ ଶାନ୍ତା ଦେବୀଙ୍କୁ ବିବାହ କରିଥିଲେ ଓ ଶାନ୍ତାଦେବୀଙ୍କ ମୃତ୍ୟୁପରେ ସେ ଚମ୍ପାଦେବୀଙ୍କୁ ପୁନଃ ବିବାହ କରିଥିଲେ। ତାଙ୍କର ଦୁଇ କନ୍ୟା - ବସୁମତି ଓ ଲକ୍ଷ୍ମୀ ଏବଂ ଦୁଇ ପୁତ୍ର ଅର୍ଜୁନ ଓ ଭଗବାନ ଥିଲେ। ପିତା ନିଜର କୌଳିକ ବୃତ୍ତି ଲୁଗାବୁଣା ସାଙ୍ଗକୁ ଆୟୁର୍ବେଦିକ ବୈଦ ଭାବରେ କାର୍ଯ୍ୟ କରୁଥିଲେ। ଏଥିରେ ସେ ନିଜ ପରିବାରର ଭରଣପୋଷଣ କରିବାରେ ଅସମର୍ଥ ଥିଲେ। ଫଳରେ ବାଲ୍ୟକାଳରୁ ଗଙ୍ଗାଧର ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦାରିଦ୍ର୍ୟତା ମଧ୍ୟରେ ବୁଡ଼ିରହି ଗଙ୍ଗାଧର ବିଶେଷ ଅଧ୍ୟୟନ କରିପାରି ନଥିଲେ।ଅଭାବ ଅନାଟନ ମଧ୍ୟରେ ରହି ସେ ଅତି କଷ୍ଟରେ ପଞ୍ଚମ ଶ୍ରେଣୀଯାଏ ପାଠ ପଢ଼ିଥିଲେ। ଚାଟଶାଳୀରୁ ଫେରିବା ପରେ ସେ ତନ୍ତଶାଳାରେ ଲୁଗା ବୁଣିବା କାର୍ଯ୍ୟରେ ପିତାଙ୍କୁ ସାହାଯ୍ୟ କରୁଥିଲେ। ନିଜ ଉଦ୍ୟମ ବଳରେ ସେ ଘରେବସି ବିଭିନ୍ନ ପୁରାଣ ଶାସ୍ତ୍ର ଅଧ୍ୟୟନକରି ଅଗାଧ ପାଣ୍ଡିତ୍ୟର ଅଧିକାରୀ ହୋଇ ପାରିଥିଲେ। ତାଙ୍କର ସ୍ୱଚ୍ଛ ଓ ସୁନ୍ଦର ହସ୍ତାକ୍ଷର ପାଇଁ ଅନେକ ଲୋକ ତାଙ୍କ ଦ୍ୱାରା ଲେଖାଲେଖି କରିବାପାଇଁ ଆସୁଥିଲେ। ତାଙ୍କର କଠିନ ପରିଶ୍ରମ ପାଇଁ ପରିବାରର ଆର୍ଥିକ ଅବସ୍ଥା କ୍ରମେ ସୁଧୁରିବାକୁ ଲାଗିଲାବେଳେ ପୈତୃକ ଘରେ ନିଆଁ ଲାଗିଯିବାରୁ ଅନେକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ବରପାଲିର ତତ୍କାଳୀନ ଜମିଦାର ଲାଲ୍ ନୃପରାଜ ସିଂହ ତାଙ୍କୁ ଅମିନ ପଦରେ ଚାକିରି ଖଣ୍ଡିଏ ଦେଲେ। ପରେ ସେ ପଦୋନ୍ନତି ପାଇ ମୋହରିର ପଦରେ ନିଯୁକ୍ତ ହୋଇଥିଲେ। ତାଙ୍କୁ ସମ୍ବଲପୁର, ବିଜେପୁର ଏବଂ ପଦ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ସେ ୧୮୮୫ ମସିହାରେ ଅମିନ ଭାବରେ ଚାକିରି ଜୀବନ ଆରମ୍ଭକରି ୧୯୧୭ ମସିହାରେ ମୋହରିର ଭାବେ ଅବସର ନେଇଥିଲେ।

ବାଲ୍ୟକାଳରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ତାଙ୍କର ଆଦ୍ୟ ରଚନାବଳୀ ଭିତରେ 'ରସ ରତ୍ନାକର' ଓ 'ଅହଲ୍ୟା ସ୍ତବ' ଆଦି ଅନ୍ୟତମ ଯାହା ରୀତିଯୁଗୀୟ ଶୈଳୀରେ ରଚିତ। ସହଜ ସରଳ ଗାଉଁଲି ଭାଷାରେ ଓଡ଼ିଶାର ଅପରୂପ ଶୋଭାକୁ ସେ ନିଜ ଲେଖନୀ ମୁନରେ ନୂଆ ରୂପ ଦେଉଥିଲେ। ତାଙ୍କ ରଚିତ 'ଭାରତୀ ଭକ୍ତି', 'ଭାରତୀ ରୋଦନ', 'ଉଦବୋଧନ' ଓ 'ମାତୃଭୂମି' ଆଦି କବିତା ମାଧମରେ ମାତୃଭୂମି ଓ ମାତୃଭାଷା ପ୍ରତି ତାଙ୍କର ପ୍ରଗାଢ ଅନୁରାଗ ଓ ଦରଦ ଆଜି ମଧ ସତତଃ ସତର୍କ କରିଥାଏ। ସେହିସବୁ ଅମଳିନ କବି ପ୍ରତିଭା ମଧ୍ୟରୁ ଗୋଟିଏ ପଂକ୍ତି-

'ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ,
କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ।।
ଉଚ୍ଚ ଭାଷୀ ଲୋକେ ତା'କୁ ନୀଚାଗଣି,
ଉଚ୍ଚ ସମାଜରେ ହୁଅନ୍ତି ଅଗ୍ରଣୀ।'



୧୯୨୪ ମସିହା ଏପ୍ରିଲ ମାସ ୦୪ ତାରିଖରେ ତାଙ୍କର ନଶ୍ୱର ଶରୀର ପଞ୍ଚଭୂତରେ ଲୀନ ହୋଇଗଲା ସତ, କିନ୍ତୁ ତାଙ୍କର ଅବିନଶ୍ୱର କାବ୍ୟ କବିତା କାଳଜୟୀ ହେଲା। ଆଜିମଧ ସ୍ୱଭାବ କବିଙ୍କ କବିତା ଆମ ମନରେ ମାତୃଭାଷା ପ୍ରିତୀ ଜାଗ୍ରତ କରାଏ। ଏହି ଭାଷା ପ୍ରିତୀରେ ତାଙ୍କର ଅମୃତସମ କାଳଜୟୀ ସୃଷ୍ଟି ମାଧମରେ କହିଛନ୍ତି ;

'ଉଚ୍ଚ ହେବାପାଇଁ କରଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା।'

ବାଲ୍ୟକାଳରୁ ସାହିତ୍ୟ ପ୍ରତି ତାଙ୍କର ଆଗ୍ରହ ଦେଖାଯାଇଥିଲା। ସେ ଛୋଟ ଥିବା ଅବସ୍ଥାରେ ବଳରାମ ଦାସଙ୍କ ଦ୍ୱାରା ରଚିତ ଜଗମୋହନ ରାମାୟଣ ଶୁଣିଥିଲେ ଏବଂ ପରେ ସେ ନିଜେ ଏହାକୁ ପଢ଼ିବା ସହିତ ସାରଳା ଦାସଙ୍କ ଓଡ଼ିଆ ମହାଭାରତ ମଧ ଅଧ୍ୟୟନ କରିଥିଲେ। ଅନେକ ସଂସ୍କୃତ ପୁସ୍ତକ ମଧ ପଢ଼ିଥିଲେ ଯାହାମଧ୍ୟରେ 'ରଘୁବଂଶ' ଉଲ୍ଲେଖଯୋଗ୍ୟ। ତୁଳସୀ ରାମାୟଣ ମଧ ତାଙ୍କର ଅତିପ୍ରିୟ ଥିଲା। ବଙ୍ଗାଳି ପତ୍ରିକା ଏବଂ ଖବରକାଗଜବି ସେ ପାଠ କରୁଥିଲେ। ତାଙ୍କ ରଚନାରେ ପ୍ରକୃତିର ବାହ୍ୟରୂପ ସହିତ ଆଭ୍ୟନ୍ତରୀଣ ରୂପର ବର୍ଣ୍ଣନା ତଥା ମାନବତାର ଉଲ୍ଲେଖ ରହିଛି। ଗଙ୍ଗାଧରଙ୍କ ସ୍ୱଚ୍ଛ ରଚନାଶୈଳୀ, ଛନ୍ଦ ମାଧୁର୍ଯ୍ୟ ଏବଂ ଭାଷାର ସୌନ୍ଦର୍ଯ୍ୟ ସହିତ ପ୍ରକୃତି ଓ କଳ୍ପନାର ବର୍ଣ୍ଣନାରେ ପାଠକମାନେ ମନ୍ତ୍ରମୁଗ୍ଧ ହୋଇଯାଆନ୍ତି।

ଜୀବନର ସକଳ ଦୁଃଖ, ଯନ୍ତ୍ରଣା, ଗ୍ଲାନି, ଅବସାଦ, ଆଶା ଓ ଆଶଙ୍କା ମଧ୍ୟରେ ବଞ୍ଚିରହି ଗଙ୍ଗାଧର ନିରନ୍ତର ଗାଇ ଚାଲିଥିଲେ ଅମୃତର ଗୀତିକା। ଓଡ଼ିଆ ସାହିତ୍ୟ ଜଗତର ମଉଡମଣି ଏବଂ ଓଡ଼ିଆ ସାହିତ୍ୟ ଆକାଶର ଏକ ଉଜ୍ଜ୍ୱଳତମ ନକ୍ଷତ୍ର ଥିଲେ କବି ଗଙ୍ଗାଧର। ଓଡ଼ିଆ ସାହିତ୍ୟ ଆକାଶରେ ଯେତେବେଳ ଘୋଟି ଆସିଥିଲା ଦୁର୍ଦ୍ଦିନର କଳା ବଉଦ, ଓଡ଼ିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାକୁ ଚାଲିଥିଲା ଏକ ହୀନ ଚକ୍ରାନ୍ତ, ଠିକ୍ ସେତିକିବେଳେ ଓଡ଼ିଆ ଭାଷାକୁ ସମୃଦ୍ଧ ଓ ରୁଦ୍ଧିମନ୍ତ କରି ଗଢ଼ିତୋଳିବାକୁ ଯେଉଁ କେତେଜଣ ଅଣ୍ଟା ଭିଡିଥିଲେ ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ କବି ଗଙ୍ଗାଧର। ସ୍ୱକୀୟ ସାଧନା ବଳରେ କବି ଗଙ୍ଗାଧର ଓଡ଼ିଆ କାବ୍ୟ ଜଗତକୁ ପ୍ରତିଦାନରେ ଦେଇଥିଲେ ଅନେକ ଅନନ୍ୟ ଉପହାର ଓ କରିଥିଲେ ସୁଶ୍ରୀ ଏବଂ ଶୋଭା ବିମଣ୍ଡିତ।

ଗଙ୍ଗାଧରଙ୍କ ସାହିତ୍ୟ - ପ୍ରକୃତି ପ୍ରେମ, ବିଭୂ ଚେତନା ବା ଭଗବତ ପ୍ରେମ ଓ ସ୍ୱଦେଶ ପ୍ରୀତିର ଏକ ତ୍ରିବେଣୀ ସଙ୍ଗମ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କରି ସାହିତ୍ୟରେ ପ୍ରକୃତି ଯେତେ ଜୀବନ୍ତ ଭାବେ ଚିତ୍ରିତ, ସମପରିମାଣରେ ଦେଶ ପ୍ରେମର ସ୍ୱଚ୍ଛ ସଲିଳ ଧାରା ତାଙ୍କ ସାହିତ୍ୟର ଛତ୍ରେଛତ୍ରେ ପ୍ରବାହିତ। ଅନୁରୂପ ଭାବରେ ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରତି କବିଙ୍କର ପ୍ରେମ ଓ ସମର୍ପିତ ମନୋଭାବ ପରିଦୃଷ୍ଟ ହୁଏ ତାଙ୍କରି ସାହିତ୍ୟରେ। କବି ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରକୃତି କେବେହେଲେ ନିର୍ଜୀବ, ଜଡ଼ ଅଥବା ଅଚେତନ ନୁହେଁ, ବରଂ ଜୀବନ୍ତ ସ୍ଫୁର୍ତ୍ତିମୟୀ ଓ ବାକଦାୟିନୀ। ଉଦାହରଣ ସ୍ୱରୂପ ଆମେ ନେଇପାରିବା କବିଙ୍କ 'ତପସ୍ୱିନୀ' କାବ୍ୟକୁ। ବାଲ୍ମିକୀ ମୁନିଙ୍କ ଆଶ୍ରମରେ ସୀତାଙ୍କ ଅବସ୍ଥାନ କାଳର ଏକ ଦୃଶ୍ୟ। ଉଷାକାଳ ଉପରେ ଜୀବନ ସତ୍ତାର ଆରୋପଣକରି ତାକୁ ଚିତ୍ରିତ କରିଛନ୍ତି ଏକ ନାରୀ ରୂପରେ। ଜାନକୀ ବା ସତୀ ସୀତାଙ୍କର ଦର୍ଶନ ପାଇଁ ସେ କିପରି ପ୍ରସ୍ତୁତହୋଇ ଆସିଛି ଆମେ ଦେଖିବା କବିଙ୍କ ଭାଷାରେ -

' ମଙ୍ଗଳେ ଅଇଲା ଉଷା ବିକଚ ରାଜୀବ ଦୃଶା
ଜାନକୀ- ଦର୍ଶନ-ତୃଷା ହୃଦୟେ ବହି
କର-ପଲ୍ଲବେ ନୀହାର ମୁକ୍ତା ଘେନି ଉପହାର
ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି
କଳ କଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତୀ ରାତି ପାହିଲା।।'

କବିଙ୍କ ଦୃଷ୍ଟିରେ ଏ ସକଳ ବିଶ୍ୱ ବ୍ରହ୍ମାଣ୍ଡ ତାଙ୍କରି ସର୍ଜନାମାତ୍ର। ତେଣୁ କବି ସେଇ ଭଗବାନଙ୍କୁ ସିନ୍ଧୁ ସହିତ ତୁଳନାକୁ ଯଥୋଚିତ ମାନି ନାହାନ୍ତି। କବିଙ୍କ ଭାଷାରେ:

'ବିଶ୍ୱ ଜୀବନରେ ତୁମଙ୍କୁ କରୁଣା ସିନ୍ଧୁ,
ବୋଲିବାକୁ ମନ ବୋଲୁନାହିଁ ଯେଣୁ ସିନ୍ଧୁ ତବ କୃପାବିନ୍ଦୁ। '

ପ୍ରକୃତରେ କବି ଗଙ୍ଗାଧର ଥିଲେ ଅନିର୍ବଚନୀୟ କବି ପ୍ରତିଭାର ଅଧିକାରୀ। ତାଙ୍କର କୃତି ସମୂହ ମାନବିକତା, ଈଶ୍ୱରାନୁରାଗ, ନୈତିକତା, ସମ୍ବେଦନଶୀଳତା, ମାତୃଭାଷା ଓ ମାତୃଭୂମି ପ୍ରୀତି ପରି ଅନେକ ନୈସର୍ଗିକ ଗୁଣରେ ପରିପୂର୍ଣ୍ଣ। ତାଙ୍କର ପ୍ରତ୍ୟେକ କାବ୍ୟ କବିତା ଭାଷାର ସୌନ୍ଦର୍ଯ୍ୟ ଭାବର ଗାମ୍ଭୀର୍ଯ୍ୟ ତଥା ଅନ୍ତଃ ସୌନ୍ଦର୍ଯ୍ୟରେ ବିମଣ୍ଡିତ। ଯାହାର ପଠନ ପାଠକ ପ୍ରାଣରେ ସୃଷ୍ଟିକରେ ଅପୂର୍ବ ପୁଲକ, ଅଦ୍ଭୁତ ଉନ୍ମାଦନା ଏବଂ ମଣିଷକୁ କିଛି ସମୟପାଇଁ ନେଇଯାଇଥାଏ ଏକ ଅତିନ୍ଦ୍ରିୟ ରାଜ୍ୟକୁ।

ଏ ଉତ୍କଳ ଭାରତୀଙ୍କ ବରପୁତ୍ର ଗଙ୍ଗାଧର ଏକାଧାରରେ ଥିଲେ ଅମ୍ଳାନ ପ୍ରତିଭାବନ୍ତ କାବ୍ୟ ଶିଳ୍ପୀ, ପ୍ରକୃତିବାଦୀ, ସୌନ୍ଦର୍ଯ୍ୟ ପିପାସୁ, ସ୍ୱଦେଶ ପ୍ରେମୀ ଓ ଯୁଗ ସଚେତକ ସାରସ୍ୱତ ସ୍ରଷ୍ଟା। କେବଳ ଓଡ଼ିଆ ସାହିତ୍ୟ କାହିଁକି, ବିଶ୍ୱ ସାହିତ୍ୟ ଦରବାରରେ ମଧ ସେ ସମ୍ମାନ ପାଇବାକୁ ସୁଯୋଗ୍ୟ ଅଟନ୍ତି, ଏହା ସତତ ସ୍ୱୀକାର୍ଯ୍ୟ।

ତାଙ୍କର କାବ୍ୟ କବିତା ମଧ୍ୟରେ ;
ରସ ରତ୍ନାକର, ଇନ୍ଦୁମତି, ଉତ୍କଳ ଲକ୍ଷ୍ମୀ, କୀଚକବଧ, ଅଯୋଧା ଦୃଶ୍ୟ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ପଦ୍ମିନୀ (ଶେଷକୃତି), ଅର୍ଘ୍ୟଥାଳି, କବିତା କଲ୍ଲୋଳ, କବିତାମାଳା, ଅହଲ୍ୟାସ୍ତବ, ମହିମା, ଭାରତୀ ଭାବନା, କୁମାରଉତ୍ସବ ଓ ଭକ୍ତି ଉପହାର ଇତ୍ୟାଦି ଉଲ୍ଲେଖଯୋଗ୍ୟ ଅଟେ।

ବାଣୀ - ବରପୁତ୍ର ଗଙ୍ଗାଧର ମେହେରଙ୍କ ମର ଶରୀରରେ ଅମରତ୍ୱ ସୃଷ୍ଟି କରିଥିଲା ତାଙ୍କର ଉଚ୍ଚକୋଟୀର କବି ପ୍ରତିଭା। ଦିବ୍ୟ ପ୍ରତିଭା ତାଙ୍କ ଭଳି ଜଣେ କବିଙ୍କୁ ଅମରତ୍ୱ ପ୍ରଦାନ କରିପାରିଛି।

ଧନ୍ୟ ତୁମେ କବି ଗଙ୍ଗାଧର ଧନ୍ୟ ତୁମ କବିତା ଓ କାଳଜୟୀ କୃତି।

**ୟୁନିଟ୍-୫; ଭୁବନେଶ୍ୱର**
**ମୋବାଇଲ୍: ୮୨୪୯୬୫୦୪୧୪**

# ରୁଷିଆରେ ପୁଣି ଭୂକମ୍ପ ଝଟ୍‌କା

- ଏଥରର ତୀବ୍ରତା ୭.୮
- ପ୍ରଥମେ ସୁନାମୀ ଆଲର୍ଟ, ପରେ ପ୍ରତ୍ୟାହୃତ

ମସ୍କୋ,୧୯।୯: ଗତ ଜୁଲାଇ ଓ ଚଳିତ ମାସରେ ଗତ ସପ୍ତାହରେ ରୁଷିଆରେ ଏକାଧିକ ବାର ଭୂମିକମ୍ପ ଅନୁଭୂତ ହୋଇଥିବା ବେଳେ ଆଜି ସକାଳେ ମଧ୍ୟ



ଏହାର ପୁନରାବୃତ୍ତି ଘଟିଛି। ଆଜି ଭୋର୍ ସମୟରେ ଦେଶର ପୂର୍ବାଞ୍ଚଳ କାମଚାଟକା ଉପଦ୍ୱୀପରେ ଏହି ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଆମେରିକୀୟ ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ଅନୁସାରେ, ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୮ ଥିଲା। ଏଥିସହ ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂମିରୁ ପ୍ରାୟ ୧୦ କିମି ତଳେ ଥିବା ବେଳେ ଭୂମିକମ୍ପ ଅନୁଭୂତ ହେବା ପରେ ବିଭାଗ ପକ୍ଷରୁ ସୁନାମୀ ଚେତାବନୀ ଜାରି କରାଯାଇଥିଲା। କିନ୍ତୁ କିଛି ସମୟ ପରେ ଏହାକୁ ପ୍ରତ୍ୟାହାର ମଧ୍ୟ କରିନିଆଯାଇଥିଲା। ତେବେ ଏହି ଭୂମିକମ୍ପ ଝଟ୍‌କାରେ କୌଣସି କ୍ଷୟକ୍ଷତି ହୋଇଥିବା ନେଇ ସୂଚନା ମିଳିନାହିଁ। କିନ୍ତୁ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା କେତେକ ଭିଡିଓରେ କେଉଁଠି ଘର ଭିତରେ ଥିବା ଆସବାବପତ୍ର ହୋହଲୁଛି ତ ଆଉ କେଉଁଠିରେ ପାର୍କିଂରେ ଥିବା ଗାଡ଼ି ହଲୁଥିବା ଦେଖିବାକୁ ମିଳିଛି। ପୂର୍ବରୁ ଗତ ଶନିବାର ମଧ୍ୟ ଏହି ଅଞ୍ଚଳରେ ପ୍ରବଳ ଭୂମିକମ୍ପ ଅନୁଭୂତ ହୋଇଥିଲା। କାମଚାଟକାର ରାଜ୍ୟପାଳ ମଧ୍ୟ ଭୂମିକମ୍ପ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ବଡ଼ କ୍ଷୟକ୍ଷତି କିମ୍ବା ମୃତାହତ ନେଇ କୌଣସି ରିପୋର୍ଟ ହସ୍ତଗତ ହୋଇନାହିଁ। କିନ୍ତୁ ଉଦ୍ଧାରକାରୀ ଦଳମାନଙ୍କୁ ସମ୍ପୂର୍ଣ୍ଣ ଭାବେ ସତର୍କ କରାଯାଇଛି। ତେବେ ଏହି ଭୂମିକମ୍ପ ଅନୁଭୂତ ହୋଇଥିବା ଅଞ୍ଚଳରେ ଗତ ଜୁଲାଇରେ ୮.୮ ତୀବ୍ରତାବିଶିଷ୍ଟ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏହାପରେ ସମଗ୍ର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ସୁନାମୀ ସତର୍କତା ଜାରି ହୋଇଥିଲା।

## ସତ୍ୟପାଠରେ ୟାସିନ୍ ମଲ୍ଲିକଙ୍କ ବିସ୍ଫୋରକ ତଥ୍ୟ

# ପାକ୍ ସହ ଆଲୋଚନା ପାଇଁ ପିଠି ଥାପୁଡ଼େଇଥିଲେ ମନମୋହନ

ନୂଆଦିଲ୍ଲୀ,୧୯।୯: ବିଚ୍ଛିନ୍ନତାବାଦୀ ନେତା ତଥା ଜମ୍ମୁ ଆଣ୍ଡ କାଶ୍ମୀର ଲିବରେସନ ଫ୍ରଣ୍ଟ (ଜେକେଏଲଏଫ) ନେତା ୟାସିନ ମଲ୍ଲିକ ଦିଲ୍ଲୀ ହାଇକୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ

- ସତ୍ୟପାଠରେ ରହିଛି ଆହୁରି କେତେକ ପ୍ରମୁଖ ନେତାଙ୍କ ନାଁ
- ରାଜନୈତିକ ବାକ୍‌ବିତଣ୍ଡା ଆରମ୍ଭ

ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେ ଉକ୍ତ ସତ୍ୟପାଠରେ ଦାବି କରିଛନ୍ତି ଯେ ପାକିସ୍ତାନରେ ଆତଙ୍କବାଦୀଙ୍କୁ ଭେଟିବା ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ସିଂହ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। କେବଳ ଶ୍ରୀ ସିଂହ ନୁହନ୍ତି, ୟାସିନ୍ ଅନ୍ୟ କେତେକ ପ୍ରମୁଖ ନେତାଙ୍କ ନାମ ମଧ୍ୟ ନେଇଛନ୍ତି। ଟେରର ଫଣ୍ଡିଂ ମାମଲାରେ ୟାସିନ୍ ଏବେ ଆଜୀବନ ଜେଲ୍‌ରେ ଅଛନ୍ତି।



ଏକ ଇଂରାଜୀ ଗଣମାଧ୍ୟମରେ ପ୍ରସାରିତ ରିପୋର୍ଟ ଅନୁସାରେ, ଗତ ଏପ୍ରିଲ୍ ୨୫ ତାରିଖରେ ଦାଖଲ କରିଥିବା ସତ୍ୟପାଠରେ ୟାସିନ୍ ୨୦୦୬ରେ ପାକିସ୍ତାନରେ ଲସ୍କର-ଏ-ତୋଏବା ମୁଖ୍ୟ ହାଫିଜ ସୟିଦ ସହ ହୋଇଥିବା ସାକ୍ଷାତାଲୋଚନା ନେଇ ଉଲ୍ଲେଖ ରହିଛି। ଏଥିରେ ସେ ଦର୍ଶାଇଛନ୍ତି ଯେ ପାକିସ୍ତାନ ସହ ଶାନ୍ତି ସ୍ଥାପନ ପାଇଁ ଏହି ସାକ୍ଷାତ ବ୍ୟାକଚ୍ୟାନେଲ ବାର୍ତ୍ତାର ଅଂଶବିଶେଷ ଥିଲା ଓ ଭାରତର ତତ୍କାଳୀନ ବରିଷ୍ଠ ଗୁଇନ୍ଦା ଅଧିକାରୀଙ୍କ କହିବାରେ ଏହି ସାକ୍ଷାତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଇଣ୍ଟେଲିଜେନ୍ସ ବ୍ୟୁରୋର ତତ୍କାଳୀନ ସ୍ପେଶାଲ ଡାଇରେକ୍ଟର ଭିକେ ଯୋଶୀ ତାଙ୍କୁ ଦିଲ୍ଲୀରେ ଭେଟିଥିଲେ। ୨୦୦୫ରେ କାଶ୍ମୀରରେ ହୋଇଥିବା ଭୂମିକମ୍ପ ପରେ ୟାସୀନ ପାକିସ୍ତାନ ଯିବାକୁ ଯୋଜନା କରୁଥିବା ସମୟରେ ଶ୍ରୀ ଯୋଶୀ ତାଙ୍କୁ ଭେଟିଥିଲେ। ଏହି ସମୟରେ ଯୋଶୀ ତାଙ୍କୁ ଅନୁରୋଧ କରିଥିଲେ ଯେ ଏପରି ଏକ ସୁଯୋଗକୁ ପାକିସ୍ତାନ ରାଜନୈତିକ ନେତୃତ୍ୱ ଓ ଆତଙ୍କବାଦୀଙ୍କ ସହ ସମ୍ପର୍କ ସ୍ଥାପନ ଦିଗରେ ଉପଯୋଗ କରନ୍ତୁ, ଯାହା ଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ଶାନ୍ତି ପ୍ରୟାସକୁ ସମର୍ଥନ ମିଳିବ। ସେହିପରି ୟାସିନ୍ ଆହୁରି ଦାବି କରିଛନ୍ତି ଯେ ତାଙ୍କୁ କୁହାଯାଇଥିଲା ଯେଉଁ ପର୍ଯ୍ୟନ୍ତ ଆତଙ୍କବାଦୀଙ୍କୁ ଆଲୋଚନାରେ ସାମିଲ କରାନଯାଇଛି ସେ ପର୍ଯ୍ୟନ୍ତ ପାକିସ୍ତାନ ସହିତ ଆଲୋଚନାର କୌଣସି ଫଳ ମିଳିବ ନାହିଁ। ଏହି ଅନୁରୋଧରେ ସେ ହାଫିଜ ସଇଦ ସମେତ ଅନ୍ୟ ଆତଙ୍କବାଦୀଙ୍କୁ ଭେଟିବାକୁ ପ୍ରସ୍ତୁତ ହୋଇଥିଲେ। ମଲ୍ଲିକ ଆଫିଡେଭିଟରେ ସଇଦ କିପରି ଭାବେ ଜିହାଦୀମାନଙ୍କ ବୈଠକ ଡକାଇଥିଲା ତାର ବିବରଣୀ ଦେଇଛି। ଆଇବି ସହ ଆଲୋଚନା ପରେ ତାଙ୍କୁ ସିଧା ପ୍ରଧାନମନ୍ତ୍ରୀଙ୍କୁ ବ୍ରିଫ କରିବାକୁ କୁହାଯାଇଥିଲା। ସେହି ଅନୁସାରେ ମଲ୍ଲିକ ସେହିଦିନ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଶ୍ରୀ ସିଂହଙ୍କୁ ଭେଟିଥିଲେ ଓ ସେତେବେଳେ ସେଠାରେ ତତ୍କାଳୀନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଏମକେ ନାରାୟଣନ ମଧ୍ୟ ଉପସ୍ଥିତ ଥିଲେ। ଏହି ବ୍ୟକ୍ତିଗତ ଉଦ୍ୟମ ଲାଗି ଶ୍ରୀ ସିଂହ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ମଲ୍ଲିକ କହିଛନ୍ତି ଯେ ମୁଁ ପାକିସ୍ତାନରୁ ଦିଲ୍ଲୀ ଫେରିବାରେ ଆଇବି ବିଶେଷ ନିର୍ଦ୍ଦେଶକ ଭି.କେ. ଯୋଶୀ ଡିବ୍ରିଫିଂରେ ବସିଥିଲେ। ସେ ମୋତେ ହୋଟେଲରେ ଭେଟି ତତ୍କାଳ ପ୍ରଧାନମନ୍ତ୍ରୀଙ୍କୁ ବ୍ରିଫିଂ କରିବାକୁ ଅନୁରୋଧ କରିଥିଲେ। ସେହି ଅନୁସାରେ ସେଦିନ ସନ୍ଧ୍ୟାରେ ମୁଁ ଏନଏସଏ ଏମ.କେ. ନାରାୟଣନଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କୁ ମୋ ମିଟିଂ ସମ୍ପର୍କରେ ଜଣାଇଥିଲି ଓ ସମ୍ଭାବନା ସମ୍ପର୍କରେ ସୂଚିତ କରିଥିଲି। ପ୍ରଧାନମନ୍ତ୍ରୀ ମୋର ପ୍ରୟାସ, ସମୟ, ଧୈର୍ଯ୍ୟ ଓ ସମର୍ପଣ ଲାଗି ମୋତେ ଧନ୍ୟବାଦ ଜଣାଇଥିଲେ। ଏହି ସତ୍ୟପାଠରେ ୟାସିନ ପୂର୍ବତନ ପ୍ରଧାନମନ୍ତ୍ରୀ ଆଇକେ ଗୁଜରାଲ, ଅଟଳ ବିହାରୀ ବାଜପେୟୀଙ୍କ ସହ ପୂର୍ବତନ କଂଗ୍ରେସ ମୁଖ୍ୟ ସୋନିଆ ଗାନ୍ଧି, ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାଜେଶ ପାଇଲଟଙ୍କ ସହ ତାଙ୍କର ସାକ୍ଷାତାଲୋଚନା ନେଇ ମଧ୍ୟ ଉଲ୍ଲେଖ ମଧ୍ୟ କରିଛନ୍ତି। ତେବେ ଏହି ପ୍ରସଙ୍ଗରେ କଂଗ୍ରେସ ଓ ବିଜେପି ମଧ୍ୟରେ ବାକ୍‌ବିତଣ୍ଡା ଆରମ୍ଭ ହୋଇଛି।

● ନେପାଳ ହିଂସାରେ ୧୯ ଜଣଙ୍କ ମୃତ୍ୟୁ ଘଟଣା

# ପ୍ରତିବାଦକାରୀଙ୍କୁ ଗୁଳି ପାଇଁ ନିର୍ଦ୍ଦେଶ ଦେଇନଥିଲି: ଓଲି



କାଠମାଣ୍ଡୁ,୧୯।୯: ଗତ ୮ ତାରିଖରେ ନେପାଳରେ ଜେନ୍-ଜେଡ୍ ପ୍ରତିବାଦର ପ୍ରଥମ ଦିନରେ ସ୍ୱୟଂଚାଳିତ ଅସ୍ତ୍ରରେ ଗୁଳିଚାଳନା କରି ୧୯ ଜଣଙ୍କ ମୃତ୍ୟୁ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଓଲି ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଦାବି କରିବା ସହ ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ଏହି ଆନ୍ଦୋଳନକାରୀଙ୍କ ମୃତ୍ୟୁରେ ତାଙ୍କର କୌଣସି ଭୂମିକା ନାହିଁ ବୋଲି ଓଲି କହିଛନ୍ତି। ତାଙ୍କ କହିବାନୁସାରେ, ପୁଲିସ ପାଖରେ ସ୍ୱୟଂଚାଳିତ ଅସ୍ତ୍ର ନଥିଲା ଓ ତାଙ୍କ ସରକାର ପ୍ରତିବାଦକାରୀଙ୍କ ଉପରେ ସିଧାସଳଖ ଗୁଳି ଚଳାଇବା ପାଇଁ କୌଣସି ନିର୍ଦ୍ଦେଶ ଦେଇନଥିଲେ। ତେଣୁ ପ୍ରତିବାଦକାରୀଙ୍କ ବିରୁଦ୍ଧରେ ସ୍ୱୟଂଚାଳିତ ଅସ୍ତ୍ର ବ୍ୟବହାର ହୋଇଥିବା ଘଟଣାର ବିଧିବଦ୍ଧ ତଦନ୍ତ ହେବା ଦରକାର ବୋଲି ଓଲି କହିଛନ୍ତି। ନେପାଳରେ ହିଂସାତ୍ମକ ପ୍ରତିବାଦ ପରେ, କେପି ଓଲି ସେପ୍ଟେମ୍ବର ୯ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଏବେ ଦାବି କରିଛନ୍ତି ଯେ, ପ୍ରତିବାଦରେ ଅନୁପ୍ରବେଶକାରୀଙ୍କ ଦ୍ୱାରା କରାଯାଇଥିବା ହିଂସାରେ ଯୁବକ ମାନେ ମୃତ୍ୟୁବରଣ କରିଛନ୍ତି। ସେ କହିଛନ୍ତି ଯେ ପୂର୍ବ ପ୍ରତିବାଦରେ ଗୋଟିଏ ଦିନରେ ଏତେ ସଂଖ୍ୟାରେ ଲୋକଙ୍କ ମୃତ୍ୟୁ ହୋଇନଥିଲା। ପୁଲିସ ଅନୁସାରେ, ଜେନ୍-ଜେଡ୍ ପ୍ରତିବାଦରେ ଅତି କମରେ ୭୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଭାଟଭାଟେନି ସୁପର ମାର୍କେଟ୍‌ରେ ମୃତକଙ୍କ ସଂଖ୍ୟା ମଧ୍ୟ ରହିଛି, ଯାହାକୁ ପ୍ରତିବାଦକାରୀମାନେ ପୋଡ଼ି ଦେଇଥିଲେ। ସରକାରଙ୍କ ମୁଖ୍ୟ ପ୍ରଶାସନିକ କେନ୍ଦ୍ର ସିଂହ ଦରବାର, ସଂସଦ ଭବନ, ସୁପ୍ରିମକୋର୍ଟ କୋଠା, ଅନ୍ୟାନ୍ୟ କୋର୍ଟ କମ୍ପ୍ଲେକ୍ସ, ବାଣିଜ୍ୟିକ ପ୍ରତିଷ୍ଠାନ ଏବଂ ରାଜନୈତିକ ଦଳର କାର୍ଯ୍ୟାଳୟରେ ହିଂସାତ୍ମକ ପ୍ରତିବାଦ ସମୟରେ ଘଟିଥିବା ଅଗ୍ନିକାଣ୍ଡ ଏକ ଷଡ଼ଯନ୍ତ୍ର ବୋଲି କେପି ଓଲି କହିଛନ୍ତି। କାଠମାଣ୍ଡୁରୁ ପ୍ରାୟ ଚାରି କିଲୋମିଟର ଦୂରରେ ଭକ୍ତପୁରର ବାଲକୋଟ ଅଞ୍ଚଳରେ ଅବସ୍ଥିତ ଓଲିଙ୍କ ଘର ମଧ୍ୟ ଅଗ୍ନିକାଣ୍ଡର ଶିକାର ହୋଇଥିଲା। ଶେର ବାହାଦୁର ଦେଉବା, ପୁଷ୍ପ କମଲ ଦହଲ ଏବଂ ଝାଲନାଥ ଖାନଲଙ୍କ ସମେତ ଅନ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଘର ମଧ୍ୟ ଟାର୍ଗେଟ କରାଯାଇଥିଲା। ହିଂସାତ୍ମକ ପ୍ରତିବାଦ ପରେ କେପି ଓଲି ନେପାଳ ସେନା ସୁରକ୍ଷା ବଳୟରେ ଥିଲେ। ସେ ଗୁରୁବାର ସେନାର ସୁରକ୍ଷା ଛାଡ଼ି କାଠମାଣ୍ଡୁରୁ ପ୍ରାୟ ୧୨ କିଲୋମିଟର ଦୂରରେ ଭକ୍ତପୁରର ଗୁଣ୍ଡୁ ଅଞ୍ଚଳରେ ଏକ ଭଡ଼ା ଘରକୁ ଚାଲିଯାଇଥିଲେ।

# ଇରାନର ଚାବାହାର ପୋର୍ଟ ପାଇଁ ନିଷେଧାଜ୍ଞା ଛାଡ଼କୁ ବାତିଲ କଲା ଆମେରିକା



ତେହେରାନ,୧୯।୯: ଇରାନର ଚାବାହାର ପୋର୍ଟକୁ ଫେରିଲା କଟକଣା । ପୋର୍ଟ ପାଇଁ ନିଷେଧାଜ୍ଞା ଛାଡ଼କୁ ବାତିଲ କଲା ଆମେରିକା । ଏହା ଭାରତ ପାଇଁ ବଡ଼ ଝଟକା। ଏହି ପୋର୍ଟର ବିକାଶ କାର୍ଯ୍ୟରେ ନିୟୋଜିତ ଅଛି ଭାରତ । ୨୦୧୮ରୁ ଏହି ପୋର୍ଟ ଉପରୁ କଟକଣାକୁ କୋହଳ କରିଥିଲା ଆମେରିକା । ଏବେ ତାହାକୁ ବାତିଲ କରିଛି । କଟକଣା ଆସନ୍ତା ୨୯ ତାରିଖରୁ ଲାଗୁ ହେବ । ଆମେରିକା ତରଫରୁ କୁହାଯାଇଛି, ଯିଏ ବି ପୋର୍ଟ ପରିଚାଳନା କରୁଛି କିମ୍ବା ପୋର୍ଟ ସହିତ ଜଡିତ ସେମାନେ କଟକଣାର ସମ୍ମୁଖୀନ ହେବେ । ତେଣୁ ଆମେରିକାର ଏହି ପଦକ୍ଷେପ ଦ୍ୱାରା ଭାରତ ବିଶେଷ ପ୍ରଭାବିତ ହେବ ।

# ମସଜିଦ ଉପରେ ଆର୍‌ଏସ୍‌ଏଫ୍‌ର ଡ୍ରୋନ୍ ଆକ୍ରମଣ, ୪୩ ମୃତ

କାଇରୋ, ୧୯।୯: ସୁଡାନର ଉତ୍ତର ଦାରଫୁର ଅଞ୍ଚଳର ଅଲ-ଫାଶେରରେ ଏକ ମସଜିଦ ଉପରେ ଅର୍ଦ୍ଧସାମରିକ ବାହିନୀର ଡ୍ରୋନ୍ ଆକ୍ରମଣ । ଏହି ଆକ୍ରମଣରେ ୪୩ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି। ଫଳରେ ଘଟଣାସ୍ଥଳରେ ଚିତ୍କାର ସୃଷ୍ଟି ହୋଇଥିଲା । ଏପରି ଦୁର୍ଘଟଣା ଶୁକ୍ରବାର ଅର୍ଥାତ୍ ଆଜି ଦେଖିବାକୁ ମିଳିଛି । ଏହି ଆକ୍ରମଣ ଏକ ଅର୍ଦ୍ଧସାମରିକ ବାହିନୀ ରାପିଡ୍ ସପୋର୍ଟ ଫୋର୍ସ (ଆର୍‌ଏସ୍‌ଏଫ୍) ଦ୍ୱାରା କରାଯାଇଥିଲା ବୋଲି ସ୍ଥାନୀୟ ଡାକ୍ତରୀ ଗୋଷ୍ଠୀ ଦାବି କରିଛି। ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି ।

ସୂଚନାନୁଯାୟୀ, ଶୁକ୍ରବାର ସୁଡାନ୍ ଡକ୍ଟର୍ସ ନେଟୱାର୍କ "X" ରେ ଲେଖିଛନ୍ତି ଯେ, ମୃତକଙ୍କ ମଧ୍ୟରେ ବୃଦ୍ଧ ଶ୍ରଦ୍ଧାଳୁ ଏବଂ ପିଲାମାନେ ସାମିଲ



ରହିଥିବା ଜଣାପଡିଛି । ନେଟୱାର୍କ ଏହାକୁ ନିର୍ଦ୍ଦୋଷ ନାଗରିକଙ୍କ ଉପରେ ଆକ୍ରମଣ କରିବା ବହୁତ ବଡ଼ ଅପରାଧ ବୋଲି କହିଥିଲେ । ଆହୁରି ମଧ୍ୟ କହିଛି ଯେ, ଏହା ଆର୍‌ଏସ୍‌ଏଫ୍‌ର ଏହି ଆକ୍ରମଣ ମାନବୀୟ ଏବଂ ଧାର୍ମିକ ମୂଲ୍ୟବୋଧ ଏବଂ ଅନ୍ତର୍ଜାତୀୟ ଆଇନ ପ୍ରତି ଅବମାନନା"। ଯେଉଁ ଆକ୍ରମଣ ଖୁବ୍ ବିପଦଜନକ ଏବଂ ଭୟଙ୍କର ଥିଲା । ସେପଟେ ସୁଦାନୀ ସେନା ଏବଂ ଆରଏସଏଫ ମଧ୍ୟରେ ସଂଘର୍ଷ ଏପ୍ରିଲ ୨୦୨୩ରେ ଆରମ୍ଭ ହୋଇଥିଲା । ଯାହା ବର୍ତ୍ତମାନ ସୁଦ୍ଧା ଚାଲୁ ରହିଛି । ଏହି ଯୁଦ୍ଧରେ ଅତି କମରେ ୪୦,୦୦୦ ଲୋକଙ୍କର ମୃତ୍ୟୁ ହୋଇଛି । ୧୨ ନିୟୁତ ଲୋକ ମଧ୍ୟ ବାସଚ୍ୟୁତ ହୋଇଛନ୍ତି। ଅନ୍ୟପଟେ ଗୁରୁବାର ଦିନ ପଶ୍ଚିମ ଏବଂ ଦକ୍ଷିଣ ଅଞ୍ଚଳରେ ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ମଧ୍ୟରେ ସଂଘର୍ଷ କେନ୍ଦ୍ରିତ ଥିଲା । କିନ୍ତୁ ଶୁକ୍ରବାର ଦିନ ଅର୍ଦ୍ଧସାମରିକ ବାହିନୀ ମସଜିଦ ଉପରେ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ଭୟଙ୍କର ବାତାବରଣ ଖେଳିଯାଇଥିଲା । ସ୍ଥାନୀୟ ବାସିନ୍ଦାମାନେ ଜୋରଦାର ବିସ୍ଫୋରଣ ଶୁଣିଥିଲେ ଏବଂ ଡ୍ରୋନ ଦେଖିଥିଲେ। ପ୍ରତିରୋଧ କମିଟି ଗୁରୁବାର ଏକ ବିବୃତ୍ତିରେ କହିଛି ଯେ ଆର୍‌ଏସ୍‌ଏଫ୍ ବିସ୍ଥାପନ ଶିବିରରେ ରହୁଥିବା ମହିଳା, ବୃଦ୍ଧ ଏବଂ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିଥିଲା ।



ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଖ୍ ସଙ୍ଗତ କମିଟିର ପ୍ରତିନିଧିଙ୍କୁ ଭେଟିଛନ୍ତି। ଏହି ଅବସରରେ କମିଟି ପକ୍ଷରୁ ଗୁରୁ ଗୋବିନ୍ଦ ସିଂହ ଓ ମାତା ସାହିବ କୌରଙ୍କ ପବିତ୍ର 'ଜୋର ସାହିବ'ର ସୁରକ୍ଷା ଉପରେ ଜୋର୍ ଦିଆଯାଇଥିଲା।

# ଦ୍ୱୈତ ବିସ୍ଫୋରଣରେ ଥରିଲା ଦୁଇ ପାକ୍ ସହର

## ଦୁଇ ଯବାନ ସମେତ ୧୧ ମୃତ, ୨୪ରୁ ଊର୍ଦ୍ଧ୍ୱ ଆହତ



ପାକିସ୍ତାନ, ୧୯।୯: ପାକିସ୍ତାନରେ ଘଟିଛି ଅଭାବନୀୟ ଘଟଣା। ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ କିଛି ଘଣ୍ଟା ମଧ୍ୟରେ ଘଟିଲା ଦୁଇଟି କାର ବୋମା ବିସ୍ଫୋରଣ। ଏହି ବିସ୍ଫୋରଣରେ ଅତି କମରେ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ପ୍ରାୟ ୨ ଡଜନ ଆହତ ହୋଇଛନ୍ତି। ଅଧିକାରୀମାନେ ଏହି ବିସ୍ଫୋରଣ ବିଷୟରେ ସୂଚନା ଦେଇଛନ୍ତି। ପୁଲିସ ଅଧିକାରୀ ଇଲାହି ବଖସ୍ କହିଛନ୍ତି ଯେ ପ୍ରଥମ ବିସ୍ଫୋରଣ ବେଲୁଚିସ୍ତାନ ପ୍ରଦେଶର ତୁରବତ ଜିଲ୍ଲାରେ ଘଟିଥିଲା, ଯେତେବେଳେ ଜଣେ ଆତ୍ମଘାତୀ ବିସ୍ଫୋରଣକାରୀ ବିସ୍ଫୋରକଭର୍ତ୍ତି ଗାଡ଼ିକୁ ଅର୍ଦ୍ଧସାମରିକ ବାହିନୀର କାରକେଡ୍ ସହ ଧକ୍କା ଦେଇଥିଲା। ଏଥିରେ ୨ ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨୩ ଜଣ ଆହତ ହୋଇଥିବା ବଖସ୍ ସୂଚନା ଦେଇଛନ୍ତି। ସେହିପରି ଏହି ବିସ୍ଫୋରଣର କେଇ ଘଣ୍ଟା ପରେ ଆଫଗାନିସ୍ତାନ ସୀମା ନିକଟବର୍ତ୍ତୀ ଦକ୍ଷିଣ-ପଶ୍ଚିମ ସହର ଚମନରେ ଆଉ ଏକ କାର୍ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ସରକାରୀ ପ୍ରଶାସକ ଇମତିଆଜ ଅଲି ସୂଚନା ଦେଇଛନ୍ତି। ଏହି ବିସ୍ଫୋରଣ ପଛରେ ପାକିସ୍ତାନୀ ତାଲିବାନ ଓ ବାଲୁଚ୍ ବିଚ୍ଛିନ୍ନତାବାଦୀଙ୍କ ଭୂମିକା ଥିବା ସନ୍ଦେହ କରାଯାଉଛି। କାରଣ ଏହି ଗୋଷ୍ଠୀ ଅଧିକାଂଶ ସମୟରେ ପ୍ରଦେଶର ସୁରକ୍ଷା ବାହିନୀ ଓ ସାଧାରଣ ଲୋକଙ୍କୁ ଟାର୍ଗେଟ କରିଆସିଛନ୍ତି। ଆଫଗାନିସ୍ତାନ ସୀମାବର୍ତ୍ତୀ ପାକିସ୍ତାନର ଖାଇବର ପଖତୁନଖ୍ୱା ଏବଂ ବେଲୁଚିସ୍ତାନରେ ଆତଙ୍କବାଦୀ ଆକ୍ରମଣ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ ଜୁନ୍ ମାସରେ ପାକିସ୍ତାନରେ ୭୮ଟି ଆତଙ୍କବାଦୀ ଆକ୍ରମଣ ଘଟିଛି। ବେଲୁଚିସ୍ତାନ ପ୍ରାୟ ଦୁଇ ଦଶନ୍ଧି ଧରି ଅଶାନ୍ତିର ସମ୍ମୁଖୀନ ହେଉଛି। ବାଲୁଚିସ୍ତାନ ବିଦ୍ରୋହୀମାନେ ସମ୍ପ୍ରତି ପାକିସ୍ତାନୀ ସୁରକ୍ଷା ବାହିନୀକୁ ଟାର୍ଗେଟ କରି ଅନେକ ମାରାତ୍ମକ ଆକ୍ରମଣ କରିଛନ୍ତି। ସୂଚନାଯୋଗ୍ୟ ଯେ ପାକିସ୍ତାନର ଖାଇବର ପଖତୁନଖ୍ୱାରେ ୪୫ ଜଣ ଆତଙ୍କବାଦୀ ନିହତ ହୋଇଥିଲେ। ଏହି ଅପରେସନରେ ପ୍ରାୟ ୧୯ ଜଣ ସୈନିକ ମଧ୍ୟ ପ୍ରାଣ ହରାଇଥିଲେ। ନିହତ ଆତଙ୍କବାଦୀମାନେ ତେହେରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି)ର ଥିଲେ। ସେହିପରି ଏହି ଅପରେସନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ କହିଛନ୍ତି ଯେ ପାକିସ୍ତାନ ପୂର୍ଣ୍ଣ କ୍ଷମତା ସହ ଆତଙ୍କବାଦ ବିରୋଧରେ ତା'ର ଲଢ଼େଇ ଜାରି ରଖିବ।

# ଟ୍ରମ୍ପଙ୍କ ହେଲିକପ୍ଟରର ଏମର୍ଜେନ୍ସି ଲ୍ୟାଣ୍ଡିଂ

ୱାଶିଂଟନ୍,୧୯।୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହେଲିକପ୍ଟର ଏମର୍ଜେନ୍ସି ଲ୍ୟାଣ୍ଡିଂ କରିଥିବା ଜଣାପଡ଼ିଛି। ଏହି ଘଟଣା ଲଣ୍ଡନ ନିକଟରେ ଥିବା ଲୁଟନ୍ ଏୟାରଫିଲ୍ଡ ପାଖରେ ଘଟିଥିବା ବେଳେ ତାଙ୍କ ସହ ଆମେରିକାର ପ୍ରଥମ ମହିଳା ମେଲାନିଆ ମଧ୍ୟ ରହିଥିଲେ। ଟ୍ରମ୍ପ ଚେକର୍ସରୁ ଲଣ୍ଡନର ଷ୍ଟାନଷ୍ଟେଡ୍ ବିମାନବନ୍ଦରକୁ ଯାଉଥିବା ସମୟରେ ଲୁଟନ୍ ବିମାନବନ୍ଦରରେ ତାଙ୍କ ହେଲିକପ୍ଟରକୁ ଏମର୍ଜେନ୍ସି ଲ୍ୟାଣ୍ଡିଂ କରିବାକୁ ପଡ଼ିଥିଲା। ମିଳିଥିବା ସୂଚନାନୁସାରେ, ଟ୍ରମ୍ପଙ୍କୁ ଷ୍ଟାନଷ୍ଟେଡ୍ ବିମାନବନ୍ଦରକୁ ଯାଉଥିବା ସମୟରେ ହେଲିକପ୍ଟରରେ ସାମାନ୍ୟ ହାଇଡ୍ରୋଲିକ୍ ସମସ୍ୟା ଦେଖାଦେଇଥିଲା। ଏହି କାରଣରୁ ଟ୍ରମ୍ପଙ୍କ ହେଲିକପ୍ଟରକୁ ମଝି ଆକାଶରେ ଏମରଜେନ୍ସି ଲ୍ୟାଣ୍ଡିଂ କରିଥିଲା। କିନ୍ତୁ ଏଥିରେ କେହି ଆହତ ହୋଇଥିବା ସୂଚନା ମିଳିନାହିଁ। ପରେ ଟ୍ରମ୍ପଙ୍କୁ ଅନ୍ୟ ହେଲିକପ୍ଟର ଦ୍ୱାରା ଷ୍ଟାନଷ୍ଟେଡ୍ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ସେ ୱାଶିଂଟନ ପାଇଁ ଏୟାର ଫୋର୍ସ ସାହାଯ୍ୟରେ ଯାତ୍ରା କରିଥିଲେ। ଏହାରି ମଧ୍ୟରେ ଟ୍ରମ୍ପଙ୍କ ବ୍ରିଟେନ୍ ଗସ୍ତ ସମୟରେ ହୋଇଥିବା ଭବ୍ୟ ସ୍ୱାଗତ ପାଇଁ ଗମ୍ଭୀର କୃତଜ୍ଞ ବୋଲି ସେ କହିଛନ୍ତି। ଆହୁରି ମଧ୍ୟ ସେ କହିଛନ୍ତି ଯେ, ବ୍ରିଟିଶ ପ୍ରଧାନମନ୍ତ୍ରୀ କୀର ଷ୍ଟାର୍ମର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ଐତିହାସିକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହାକୁ ଉଭୟ ପକ୍ଷ ପ୍ରଶଂସା ମଧ୍ୟ କରିଛନ୍ତି। ଏହାଛଡ଼ା ୟୁକ୍ରେନ୍ ଓ ଗାଜା ମଧ୍ୟରେ ଚାଲିଥିବା ଯୁଦ୍ଧ ସଂକ୍ରାନ୍ତରେ ମଧ୍ୟ ଟ୍ରମ୍ପ ଓ ଷ୍ଟାର୍ମରଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଏକ ସୂତ୍ରରୁ ଜଣାପଡିଛି।

# ୨ଟି ଗୁପ୍‌ଚୁପ୍ କମ୍ ମିଳିବାରୁ ହଙ୍ଗାମା

## ରାସ୍ତାରେ ମହିଳା ଦେଲେ ଧାରଣା



ଭଦୋଦରା,୧୯।୯: ସାଧାରଣତଃ କୌଣସି ସ୍ଥାନରେ କିଛି ଦାବି ନେଇ ରାସ୍ତାରୋକ ହୋଇଥାଏ। କିନ୍ତୁ ନିକଟରେ ଭଦୋଦରାରେ ଏପରି ଏକ ଘଟଣା ଘଟିଛି, ଯାହା ଶୁଣିଲେ ନିଶ୍ଚିତ ଭାବେ କେହି ବି ଆଶ୍ଚର୍ଯ୍ୟଚକିତ ହେବେ। କାରଣ ଏଠାରେ ରାସ୍ତାରୋକ ହୋଇଛି, ତା' ବି ଦାବି ପୂରଣ ପାଇଁ। କିନ୍ତୁ ସେ ଦାବି ଯାହା ତାହା ହୁଏତ ପାଠକଙ୍କୁ ହସର ଖୋରାକ ଯୋଗାଇବ। କାରଣ ମହିଳା ଜଣଙ୍କ ଦୁଇଟି ଗୁପ୍‌ଚୁପ୍ କମ୍ ପାଇଥିବାରୁ ଏହା ପ୍ରତିବାଦରେ ରାସ୍ତାରୋକ କରିଥିଲେ। ଏପରିକି ତାଙ୍କୁ ରାସ୍ତାରୁ ହଟାଇବାକୁ ଆସିଥିବା ପୁଲିସ୍‌କୁ ମଧ୍ୟ ସେ ଉକ୍ତ ଗୁପ୍‌ଚୁପ୍ ବିକାଳିଠାରୁ ଆଉ ଦୁଇଟି ଗୁପ୍‌ଚୁପ୍ ଦେବା ସକାଶେ ନିର୍ଦ୍ଦେଶ ଦେବାକୁ ବି ଦାବି କରିଥିଲେ। ଏଠାକାର ସୁରସାଗର ଲେକ୍ ନିକଟରେ ଜଣେ ଗୁପ୍‌ଚୁପ୍ ବିକାଳୀଠାରୁ ସମ୍ପୃକ୍ତ ମହିଳା ଜଣଙ୍କ ୨୦ ଟଙ୍କାରେ ଗୁପ୍‌ଚୁପ୍ ଖାଇଥିଲେ। କିନ୍ତୁ ତାଙ୍କୁ ୬ଟି ବଦଳରେ ଉକ୍ତ ବିକାଳୀ ଜଣଙ୍କ ମାତ୍ର ୪ଟି ଦେବାରୁ ମହିଳା ଜଣଙ୍କ ଆଉ ଦୁଇଟି ଦେବା ସକାଶେ ଅଡ଼ି ବସିଥିଲେ। କିନ୍ତୁ ବିକାଳୀ ତାଙ୍କ କଥା ନ ଶୁଣିବାରୁ ସେ ରାସ୍ତା ଉପରେ ବସିପଡ଼ିଥିଲେ। ଫଳତଃ କିଛି ସମୟ ପାଇଁ ଗାଡ଼ି ମଟର ଅଟକି ରହିଥିଲା। ତାଙ୍କୁ ଲୋକମାନେ ଯେତେ ଅନୁରୋଧ କରିଥିଲେ ବି ଯେ ପର୍ଯ୍ୟନ୍ତ ତାଙ୍କୁ ଆଉ ଦୁଇଟି ଗୁପ୍‌ଚୁପ୍ ନ ମିଳିଛି, ସେ ପର୍ଯ୍ୟନ୍ତ ହଟିବେ ନାହିଁ ବୋଲି ମହିଳା ଜଣଙ୍କ ଜିଦ୍ ଧରି ବସିଥିଲେ। ଫଳସ୍ୱରୂପ ସେଠାରେ ସାଧାରଣ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ସ୍ଥାନୀୟ ପୁଲିସ୍ ସେଠାରେ ପହଞ୍ଚି ମହିଳାଙ୍କୁ ରାସ୍ତାରୁ ଉଠିଯିବାକୁ କହିଥିଲା। କିନ୍ତୁ ସେ ହଟିବେ କ'ଣ, ବରଂ ପୁଲିସ୍‌କୁ ଦେଖି ଭୋ ଭୋ ହୋଇ କାନ୍ଦି ଉଠିଥିଲେ। ଫଳସ୍ୱରୂପ ପୁଲିସ୍‌କୁ ବି ନାକେଦମ୍ ହେବାକୁ ପଡ଼ିଥିଲା। କିନ୍ତୁ ଶେଷରେ ଉକ୍ତ ମହିଳାଙ୍କୁ ହଟାଇ ପୁଲିସ୍ ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ସହ ଯାନବାହନ ଯାତାୟାତକୁ ସ୍ୱାଭାବିକ କରିଥିଲା। ତେବେ ଉକ୍ତ ମହିଳା ତାଙ୍କ ଦାବି ପୂରଣରେ ସଫଳ ହେଲେ କି ନାହିଁ, ତା' ଜଣାପଡ଼ିନାହିଁ। କିନ୍ତୁ ଏହି କିଛି ସମୟର ଡ୍ରାମା ସ୍ଥାନୀୟ ଲୋକଙ୍କୁ ଯେ ବେଶ୍ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲା, ଏହା କହିବା ବାହୁଲ୍ୟ ମାତ୍ର।

# ପୁଣି ଠକିଲେ ଆଇପିଏସ୍ 'ରାଧା'

● ଏଥର ସାଇବର୍ ଠକ ଲୁଟିଲେ ୪.୩୨ ଲକ୍ଷ



ପ୍ରୟାଗରାଜ,୧୯।୯: ଏକଦା ନିଜକୁ 'ରାଧା' ବେଶରେ ସଜାଇବା ସହ ଚାକିରିରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ସମଗ୍ର ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥିବା ଆଇପିଏସ୍ ଦେବେନ୍ଦ୍ର କୁମାର ପଣ୍ଡା ଏବେ ପୁଣିଥରେ ସାଇବର୍ ଠକଙ୍କ ଶିକାର ହୋଇଛନ୍ତି। ଏଥର ତାଙ୍କଠାରୁ ସାଇବର୍ ଠକମାନେ ପାଖାପାଖି ସାଢ଼େ ୪ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଓଡ଼ିଶାର ମୂଳବାସିନ୍ଦା ଏହି ପୂର୍ବତନ ପୁଲିସ ମହାନିରୀକ୍ଷକ (ଆଇଜି) ଉତ୍ତର ପ୍ରଦେଶର ପ୍ରୟାଗରାଜସ୍ଥିତ ଧୂମାନଗଞ୍ଜ ଅଞ୍ଚଳରେ ରହୁଥିବା ବେଳେ ଏକ ବ୍ୟାଙ୍କ୍‌ର ହେଲ୍ପଲାଇନ୍ ନମ୍ବର ଖୋଜୁଥିବା ସମୟରେ ଏପରି ଠକେଇର ଶିକାର ହୋଇଛନ୍ତି।। ଶ୍ରୀ ପଣ୍ଡାଙ୍କ ଅଭିଯୋଗ ଆଧାରରେ ଧୂମାନଗଞ୍ଜ ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଶ୍ରୀ ପଣ୍ଡା ଧୂମାନଗଞ୍ଜ ଅଞ୍ଚଳର ଏଚ୍‌ଆଇଜି ଏଡିଏ କଲୋନିରେ ରହୁଛନ୍ତି। ନିକଟରେ ସେ ମୁଣ୍ଡେରାସ୍ଥିତ ଇଣ୍ଡିଆନ୍ ବ୍ୟାଙ୍କ ଶାଖାର ହେଲ୍ପଲାଇନ୍ ନମ୍ବର ପାଇଁ ଇଣ୍ଟରନେଟରେ ସର୍ଚ୍ଚ କରୁଥିଲେ। କିଛି ସମୟ ପରେ ତାଙ୍କୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ଜଣଙ୍କ ନିଜ ନାମ ରାହୁଲ ବୋଲି ଦର୍ଶାଇବା ସହ ସେ ବ୍ୟାଙ୍କ୍‌ର ଜଣେ ଅଧିକାରୀ ବୋଲି ଦାବି କରିଥିଲେ। ଏଥିସହ ହ୍ୱାଟ୍ସଆପ୍ ମାଧ୍ୟମରେ ସେ ଏକ ଲିଙ୍କ୍ ପଠାଇ ଶ୍ରୀ ପଣ୍ଡାଙ୍କୁ ସେଥିରେ କ୍ଲିକ୍ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଶ୍ରୀ ପଣ୍ଡାଙ୍କୁ ଉକ୍ତ ଠକ ଜଣଙ୍କ କଥାବାର୍ତ୍ତାରେ ବ୍ୟସ୍ତ ରଖିଥିଲେ। ଶ୍ରୀ ପଣ୍ଡା ମଧ୍ୟ କିଛି ଚିନ୍ତା ନ କରି ଉକ୍ତ ଲିଙ୍କ୍‌ରେ କ୍ଲିକ୍ କରିଦେଇଥିଲେ। ଏହାର ଫାଇଦା ନେଇ ଠକ ଜଣଙ୍କ ଶ୍ରୀ ପଣ୍ଡାଙ୍କ ଆକାଉଣ୍ଟ୍‌ରୁ ୪ ଥରରେ ମୋଟ ୪ ଲକ୍ଷ ୩୨ ହଜାର ଟଙ୍କା ଉଠାଇନେଇଥିଲେ। ଠକ ଜଣଙ୍କ ପ୍ରଥମେ ୧ ଲକ୍ଷ ୯୫ ହଜାର, ଦ୍ୱିତୀୟ ଥର ୯୫ ହଜାର, ତୃତୀୟ ଥର ୯୮ ହଜାର ଓ ଚତୁର୍ଥ ଥର ୪୪ ହଜାର ଟଙ୍କା ଉଠାଇଥିଲେ। କିଛି ସମୟ ପରେ ଶ୍ରୀ ପଣ୍ଡା ଏହା ଜାଣିବାକୁ ପାଇଥିଲେ। ସେ ତୁରନ୍ତ ପୁଲିସ୍‌ରେ ଅଭିଯୋଗ ଦାୟର୍ କରିଥିଲେ।

## ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ ନିର୍ବାଚନ

# ଦମ୍ ଦେଖାଇଲା ଏବିଭିପି, ଆର୍ଯ୍ୟନ୍ ସଭାପତି

ନୂଆଦିଲ୍ଲୀ,୧୯।୯: ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ (ଡିୟୁଏସ୍‌ୟୁ) ନିର୍ବାଚନ-୨୦୨୫ରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତା'ର ପରାକ୍ରମ

**ଏନ୍‌ଏସ୍‌ୟୁଆଇକୁ ଉପସଭାପତି ପଦ**

ଦେଖାଇଛି। ପରିଷଦର ପ୍ରାର୍ଥୀମାନେ ଶୀର୍ଷ ୩ଟି ପଦବୀ ଦଖଲ କରିବାରେ ସକ୍ଷମ ହୋଇଛି। ଏହି ନିର୍ବାଚନରେ ଶୀର୍ଷ ୩ ପଦବୀ ସକାଶେ ରୋମାଞ୍ଚକର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି। ଆରଏସଏସ ସମର୍ଥିତ ଏବିଭିପି ବହୁମତ



ସହ ଏହି ନିର୍ବାଚନରେ ନିଜର ବିଜୟ ପତାକା ଉଡାଇଛି। ନିର୍ବାଚନରେ ଶୀର୍ଷ ୪ ପଦବୀ ମଧ୍ୟରୁ ସଭାପତି ସମେତ ୩ଟି ମୁଖ୍ୟ ପଦବୀ ପରିଷଦ ଦଖଲ କରିଛି। ଅନ୍ୟପଟେ କଂଗ୍ରେସ ସମର୍ଥିତ ନ୍ୟାସନାଲ୍ ଷ୍ଟୁଡେଣ୍ଟସ ୟୁନିୟନ ଅଫ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ଖାତାକୁ ଗୋଟିଏ ମାତ୍ର ଉପସଭାପତି ପଦ ଯାଇଛି।

ଡିୟୁଏସ୍‌ୟୁ ନିର୍ବାଚନର ୪ଟି ମୁଖ୍ୟ ପଦବୀ ସଭାପତି, ଉପସଭାପତି, ସମ୍ପାଦକ ଓ ସହ-ସମ୍ପାଦକ ପାଇଁ ପ୍ରାର୍ଥୀମାନେ ମଇଦାନରେ ଓହ୍ଲାଇଥିଲେ। ଆଜି ବିଶ୍ୱବିଦ୍ୟାଳୟର ନର୍ଥ କ୍ୟାମ୍ପସସ୍ଥିତ ମଲ୍ଟିପର୍ପଜ୍ ହଲ୍‌ରେ ମତଗଣନା ହୋଇଥିଲା। ମତଗଣନା ଶେଷ ହେବା ପରେ ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସୂଚନାନୁସାରେ, ନିର୍ବାଚନରେ ୩ଟି ମୁଖ୍ୟ ରାଜନୈତିକ ଦଳ ମୁହାଁମୁହିଁ ହୋଇଥିଲେ। ଏଥିରେ ବିଜେପି ସମର୍ଥିତ ଏବିଭିପି ଆଧିପତ୍ୟ ବଜାୟ ରଖିଛି। ସେହିପରି ଏନ୍‌ଏସ୍‌ୟୁଆଇ ଛାତ୍ରମାନଙ୍କ ମଧ୍ୟରେ ତା'ର ଜନପ୍ରିୟତା ବଢ଼ାଇବା ଉପରେ ଜୋର ଦେଇଥିଲା। କିନ୍ତୁ ସଦ୍ୟ ନିର୍ବାଚନ ଫଳାଫଳ ଏହା ସପକ୍ଷରେ ଆଶାନୁରୂପ ହୋଇପାରିନାହିଁ। ଏହାଛଡ଼ା ବାମପନ୍ଥୀ ସମ୍ମିଳନୀ (ଏସ୍‌ଏଫ୍‌ଆଇ ଓ ଏଆଇଏସ୍‌ଏ ମିଳିତ ଭାବେ ଏକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥିଲେ।

ସଭାପତି ଭାବେ ଏବିଭିପିର ଆର୍ଯ୍ୟନ ମାନ୍ ୧୬,୧୯୬ ଖଣ୍ଡ ଅଧିକ ଭୋଟ ପାଇ ଜୟଯୁକ୍ତ ହୋଇଛନ୍ତି। ସେ ମୋଟ ୨୮ ହଜାର ୮୪୧ ଖଣ୍ଡ ଭୋଟ୍ ପାଇଥିବା ବେଳେ ସେହିପରି ଉପସଭାପତି ପଦ ପାଇଁ ଏନ୍‌ଏସ୍‌ୟୁଆଇ ପକ୍ଷରୁ ଲଢୁଥିବା ରାହୁଲ୍ ଝାନ୍ସଲା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପାଖାପଖି ୯ ହଜାର ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ହୋଇଛନ୍ତି। ସେ ୨୯ ହଜାର ୩୩୯ ଖଣ୍ଡ ଭୋଟ୍ ପାଇଛନ୍ତି। କିନ୍ତୁ ସମ୍ପାଦକ ପଦରେ ଏବିଭିପିର କୁନାଲ ଚୌଧୁରୀ ଓ ସହସମ୍ପାଦକ ପଦରେ ଦୀପିକା ଝା ବିଜୟୀ ହୋଇଥିବା ବେଳେ ସେମାନେ ଯଥାକ୍ରମେ ୨୦ ହଜାର ୫୪୭ ଓ ୨୧ ହଜାର ୮୨୫ ଖଣ୍ଡ ଭୋଟ୍ ପାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ପାନୀୟ ଜଳ ସମସ୍ୟା ପାଇଁ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ



**ବାରିପଦା,୧୯।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ବିଜାତଳା ପଞ୍ଚାୟତ ଅଧୀନସ୍ଥ ଯୋଡ଼ାପୋଖରୀ ଏବଂ ଭାଲକିଚୁଆ ଗ୍ରାମ ବାସୀ ବସୁଧା ପାଣିରୁ ବଞ୍ଚିତ ଥିଲେ। ବିଜାତଳା ହାଇସ୍କୁଲ ରେ ବସୁଧା ଟାଙ୍କି ଅଛି। ପାଇପ ଫାଟି ଯିବାରୁ ଗ୍ରାମବାସୀ ଙ୍କ ପାଖରେ ଜଳ ପହଞ୍ଚି ପାରୁ ନ ଥିଲା। କିନ୍ତୁ ୧୭/୯/୨୫ ତାରିଖରେ ପାଇପ କୁ ଟିୟୁବ ସାହାଯ୍ୟ ରେ ବାନ୍ଧା ଯିବାପରେ ଯୋଡ଼ାପୋଖରୀ ଗାଁକୁ ଅଳ୍ପ ଅଳ୍ପ ପାଣି ଯାଉଛି କିନ୍ତୁ ଭାଲକିଚୁଆ ଗାଁବାସୀ କୁ ୮ ଦିନ ହେଲା ପାନୀୟ ଜଳ ପାଇଁ ପାରୁ ନ ଥିଲେ। ଏପରିକି ଭାଲିକିଚୁଆ ସ୍କୁଲ ପିଲାମାନେ ଗାଡ଼ିଆ ପାଣି ବ୍ୟବହାର କରୁଥିଲେ । ଏହି ବିଷୟରେ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କୁ ବାରମ୍ବାର ଦାବି, ଗୁହାରି ପରେବି ବିଫଳ ହେଉଥିଲେ।

ଆଜି ମାସା ସଂଘଠନ ର ଜିଲ୍ଲା ସମ୍ପାଦକ ହାଡିବନ୍ଧୁ ଟୁଡୁ ନେତୃତ୍ୱ ରେ ଯୋଡାପୋଖରୀ ଏବଂ ଭାଲକିଚୁଆ ଗ୍ରାମବାସୀ ପାନୀୟ ଜଳ ସମସ୍ୟା ପାଇଁ ବିଜାତଳା ବ୍ଲକ ରେ ଫାଟକ ରେ ତାଲା ଲଗାଇ ଦେଇଥିଲେ। ବିଜାତଳା ବ୍ଲକ ରେ ତାଲା ପକାଇବା ପରେ ପ୍ରଶାସନ ର ନିଦ ହଜିଗଲା। ପ୍ରଶାସନିକ ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପାଇପ କାମ କଲା ପରେ ଦୁଇ ଗାଁକୁ ପାନୀୟ ଜଳ ମିଳିଲା ଏବଂ ତାଲା ବି ଖୋଲା ଗଲା। ଗ୍ରାମବାସୀ ଙ୍କ ସମେତ ମାସା ସଂଘଠନ ଜିଲ୍ଲା ସଭାପତି ରାମ ମୁର୍ମୁ, ଜିଲ୍ଲା ସମ୍ପାଦକ ହାଡିବନ୍ଧୁ ଟୁଡୁ, ବାମନଘାଟି ସମ୍ପାଦକ ମାସାଙ୍କ ହେମ୍ବ୍ରମ, ଜଗନ୍ନାଥ ମୁର୍ମୁ, ଲକ୍ଷ୍ମଣ ଟୁଡୁ ଏବଂ ଦୁଇ ଗ୍ରାମବାସୀ ସାଲଖୁ ମାଝୀ, ପୂର୍ତ୍ତି ମାଝୀ, ପୂର୍ମାଲ ଟୁଡୁ, ସିଙ୍ଗ ହାଁସଦା, ମାନିଜ ସୋରେନ, ସୁମତି ଟୁଡୁ, ନାଗି ମୁର୍ମୁ, କାପୁରା ସୋରେନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

# ପ୍ରେମିକାକୁ ପ୍ରତାରଣା, ପ୍ରେମିକ ଗିରଫ

ଭଦ୍ରକ, ୧୯।୯ (ସଂଚାର ବ୍ୟୁରୋ): ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳ ଅପହରଣ ଭଳି ଅନେକ କେଶ ପୋଲିସ ମୁଣ୍ଡ ବିନ୍ଧାର କାରଣ ହେଉଛି ଏପରି କି ନାବାଳକ ଛାତ୍ରଛାତ୍ରୀ ଏପରି ଘଟଣାରେ ଲିପ୍ତ ରହୁଛନ୍ତି। ନିକଟରେ ଭୁବନେଶ୍ୱର ଟ୍ରାଫିକ କନେଷ୍ଟବଳ ଘଟଣା ଭଳି ଏକ ପ୍ରତାରଣା ଘଟଣା ପୋଲିସ ହାତରେ ପଡ଼ିଛି ହେଲେ ହେଲେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛନ୍ତି।

ଦୀର୍ଘ ବର୍ଷ ଧରି ଜଣେ ଯୁବତୀକୁ ପ୍ରେମ ସମ୍ପର୍କ ରଖି ପତାରଣା କରିବା ଅଭିଯୋଗରେ ଧାମନଗର ପୁଲିସ ସମ୍ପୃକ୍ତ ପ୍ରେମିକକୁ ଗିରଫ କରିଛି। ପ୍ରକାଶ ଥାଉ କି, ଧାମନଗର ଥାନା କଲ୍ୟାଣୀ ପଞ୍ଚାୟତ ବନସର ଗ୍ରାମର ବିସ୍ମୟ ସାମଲ (୩୫) ସେହି ଗ୍ରାମର ଜନୈକା ଯୁବତୀଙ୍କ ସହିତ ୨୦୦୯ ମସିହାରୁ ପ୍ରେମ ସମ୍ପର୍କ ରଖି ଆସିଥିଲା। ଏପରିକି ବିବାହର ପ୍ରତିଶ୍ରୁତି ଦେଇ ଯୁବକ ଜଣକ ତାଙ୍କ ସହିତ ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ବିବାହ କରୁନାହାନ୍ତି।

ସେହିପରି ଯୁବତୀଙ୍କ ଠାରୁ ବିଭିନ୍ନ ସମୟରେ ହଜାର ହଜାର ଟଙ୍କା ନେଇଥିଲେ ମଧ୍ୟ ଫେରାଉ ନାହାନ୍ତି।

ଶେଷରେ ଯୁବତୀ ଜଣଙ୍କ ନିରୁପାୟ ହୋଇ ଗୁରୁବାର ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଧାମନଗର ଥାନା ଅଧିକାରି ରଞ୍ଜନ ସେଠୀ ଘଟଣା ର ଗୁରୁତ୍ୱ ଦେଇ ନିଜେ ତଦନ୍ତ କରିଥିଲେ। କେସ ନମ୍ବର ୩୪୭/୨୫ ରେ ଏକ ମାମଲା ରୁଜୁ କରିଛନ୍ତି। ପ୍ରତାରିତ ପ୍ରେମିକ ଜଣକ ବାସୁଦେବପୁର ଠାରେ ଡାକ ବିଭାଗରେ ଚାକିରି କରି ସେଠାରେ ରହୁଥିବାରୁ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ସେଠାରୁ ପ୍ରେମିକକୁ ଗିରଫ କରିଛନ୍ତୀ। ପ୍ରେମିକାକୁ ଶୁକ୍ରବାର ଦିନ ଡାକ୍ତରୀ ମାଇନା କରାଯାଇଥିବା ବେଳେ ଶନିବାର କୋର୍ଟ ଚାଲାଣ କରା ଯିବ ବୋଲି ଥାନାଧିକାରୀ ରଞ୍ଜନ ସେଠୀ କହିଛନ୍ତି।

## ୬ଦିନ ପରେ ମିଳିଲା ଅପହୃତ ନାବାଳିକାଙ୍କ ମୃତଦେହ

# ନାବାଳିକା ଉପରେ ନରପିଶାଚଙ୍କ ଆଖି



**ବାସୁଦେବପୁର,୧୯।୯ (ସଂଚାର ବ୍ୟୁରୋ):** ନାବାଳିକାଙ୍କୁ ହତ୍ୟା କଲା କିଏ? । ଅପହରଣର ୬ ଦିନ ମିଳିଲା ଗଳିତ ଶା। ସୁରାକ ପାଉନି ପୁଲିସ । ସେପଟେ କୋଇଡାରେ ପୂଜା ଦେଖି ଫେରୁଥିବା ବେଳେ ନାବାଳିକାଙ୍କୁ ଟେକି ନେଇ ଗଣଦୁଷ୍କର୍ମ । ଉଠିଲା ପ୍ରଶ୍ନ, କେତେ ସୁରକ୍ଷିତ ନାବାଳିକା ? ଅସୁରକ୍ଷିତ ନାବାଳିକା, ବଢ଼ିଚାଲିଛି ଅପରାଧ । କାହାକୁ ଅପହରଣ ପରେ ହତ୍ୟା କରାଯାଉଛି ତ ପୁଣି କିଏ ଗଣଦୁଷ୍କର୍ମର ହେଉଛି ଶିକାର । ବେଫିକର ବୁଲୁଛନ୍ତି ଅଭିଯୁକ୍ତ । ଅନ୍ଧାରରେ ବାଡ଼ି ବୁଲାଉଛି ପୁଲିସ । ଅନୁଗୁଳ ପରେ ଭଦ୍ରକ ବାସୁଦେବପୁର ଘଟଣା କିଛି ସେଭଳି ଦିଗକୁ ଇଙ୍ଗିତ କରୁଛି ।

ରହସ୍ୟଘେରରେ ବାସୁଦେବପୁର ରାଧାନାଥପୁର ଅଡ଼ିଆ ଗାଁର ନାବାଳିକା ହତ୍ୟାକାଣ୍ଡ । ଅପହରଣର ୬ ଦିନ ପରେ ଘାସବୁଦାରୁ ନାବାଳିକାଙ୍କ ମୃତଦେହ ମିଳିଲା, ଆଉ ତାହା ବି ପୁଣି ଗଳିତ ଅବସ୍ଥାରେ । ଯାହାକୁ ନେଇ ପ୍ରଶ୍ନ ଉଠୁଛି, କିଏ ମାରିଲା, କାହିଁକି ମାରିଲା ଓ କେମିତି ମାରିଲା ? ହେଲେ ପୁଲିସ ପାଖରେ ଏହାର ଉତ୍ତର ନାହିଁ । ପୋଷ୍ଟମର୍ଟମ ରିପୋର୍ଟକୁ ପୁଲିସ ଅପେକ୍ଷା କରିଥିବା ବେଳେ ପରିବାରବର୍ଗ ଆଣିଛନ୍ତି ଗଣଦୁଷ୍କର୍ମର ଅଭିଯୋଗ । ଗତ ୧୪ ତାରିଖରେ ସନ୍ଧ୍ୟାରେ ବାହାରକୁ ଶୌଚ ପାଇଁ ଯାଇ ଫେରିନଥିଲେ ନାବାଳିକା । ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି କହିଛି ପୁଲିସ ।

# ନାବାଳିକା ଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍



**କନ୍ଧମାଳ, ୧୯।୯ (ସଂଚାର ବ୍ୟୁରୋ):** ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାଶ ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣା କରି ମାମଲାର ପୀଡିତାଙ୍କ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ମାମଲାର ଅଭିଯୁକ୍ତ, ଶ୍ରୀତମ ପ୍ରଧାନ ଓରଫ କାବୁଲିକୁ ଦୋଷୀ ସାବ୍ୟସ୍ତ କରି ତାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରମାନା ଅନାଦେୟ, ତାକୁ ଆଉ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି ବିଚାରପତି। ପୀଡିତାଙ୍କୁ କ୍ଷତି ପୂରଣ ବାବଦରେ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ମଧ୍ୟ ଜିଲ୍ଲା ଆଇନ ସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ଗତ ୨୦୨୨ ମସିହା ଜୁଲାଇ ମାସ ୫ ତାରିଖ ଦିନ ପୀଡିତାଙ୍କ ପରିବାର ପକ୍ଷରୁ ଘୁ.ଉଦୟଗିରି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ପ୍ରକାରେ ଘୁ.ଉଦୟଗିରି ଥାନା ପୋଲିସ ଏକ ମାମଲା ୧୦୨/ ୨୦୨୨ ରୁଜୁ କରି ଶ୍ରୀତମ ପ୍ରଧାନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ସେହି ମାମଲାର ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି ବିଚାରପତି। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପୋକ୍ସୋ ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ।

## ଲକ୍ଷାଧିକ ଟଙ୍କାର କେନ୍ଦୁକାଠ ବୋଝେଇ ଟ୍ରକ୍ ଜବତ, ଅଭିଯୁକ୍ତ ଅଟକ

**ବଲାଙ୍ଗିର, ୧୯।୯ (ସଂଚାର ବ୍ୟୁରୋ):** ବଲାଙ୍ଗିର ବନ ବିଭାଗକୁ ମିଳିଛି ଏକ ବଡ଼ ସଫଳତା। ଲକ୍ଷାଧିକ ଟଙ୍କାର କେନ୍ଦୁକାଠ ବୋଝେଇ ଟ୍ରକକୁ ଜବତ କରିବା ସହ ଜଣ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବା ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପାଟ୍ରୋଲିଂ ସମୟରେ ବିଜାଖମନ ଗ୍ରାମ ନିକଟରେ ବଲାଙ୍ଗିର ରେଞ୍ଜର କର୍ମଚାରୀମାନେ କେନ୍ଦୁ କାଠ ବୋଝେଇ ଗୋଟିଏ ଟ୍ରକ (ଡ଼ବ୍ଲ୍ୟୁବି ୨୫ଏନ୍ ୯୮୮୩) ଜବତ କରିବା ସହ ଘଟଣାସ୍ଥଳରୁ ଦୁଇଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିବା ଜଣାପଡ଼ିଛି। ଜବତ ସାମଗ୍ରୀଗୁଡ଼ିକୁ ରେଞ୍ଜ ଅଫିସ କ୍ୟାମ୍ପସକୁ ଅଣାଯାଇଥିଲା। ବର୍ତ୍ତମାନ ଅଧିକ ତଦନ୍ତ ଜାରି ରହିଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## କଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

**ଜୟପୁର,୧୯।୯ (ସଂଚାର ବ୍ୟୁରୋ):** ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଆଜି ମିଳିତ ଅବକାରି ଚଢଉ ହୋଇଛି। ଜୟପୁର ସଦର ପୋଲିସ, ଅବକାରି ଥାନା, ସେଟଲାଇଟ ଟିମର ମିଳିତ ଚଢଉ କରିଛି। ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଚଢଉ କରାଯାଇଛି। ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧୮ ଶହ ଲିଟର ପୋଚ ଓ ୧୪୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଓଆଇସି ସୁବ୍ରତ କେଶରି ହିରଣ ସୂଚନା ଦେଇଛନ୍ତି।

## ମଦୁଆ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟରେ ଅତିଷ୍ଠ ଅଭିଭାବକ

# ବିଦ୍ୟାଳୟରେ ତାଲା: କଠୋର କାର୍ଯ୍ୟାନୁଷ୍ଠାନ ଦାବି

**ଚମ୍ପୁଆ,୧୯।୯ (ସଂଚାର ବ୍ୟୁରୋ):** ନିଶାସକ୍ତ ଅବସ୍ଥାରେ ନିୟମିତ ଭାବେ ପ୍ରଧାନଶିକ୍ଷକ ସ୍କୁଲକୁ ଆସୁଥିବାରୁ ଅତିଷ୍ଠ ହୋଇ ସ୍କୁଲରେ ତାଲା ପକାଇଛନ୍ତି ଅଭିଭାବକ ଓ ଗ୍ରାମବାସୀ। ପ୍ରଧାନଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରି ସ୍କୁଲରେ ତାଲା ପକାଇବା ସହ ଦୀର୍ଘ ସମୟ ଧରି ସ୍କୁଲ ବାରଣ୍ଡାରେ ବସି ରହିଥିଲେ ଅଭିଭାବକ ଓ ଛାତ୍ରଛାତ୍ରୀ। ଏଭଳି ଅଭିଯୋଗ ଆସିଛି ଚମ୍ପୁଆ ବ୍ଲକ ଅନ୍ତର୍ଗତ ସୁନାପଶି ପଞ୍ଚାୟତ ସରାଶପଶି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ ପ୍ରଧାନଙ୍କ ନାମରେ। ଏହି ବିଦ୍ୟାଳୟରେ ୬୦ ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିବା ବେଳେ ପ୍ରଧାନଶିକ୍ଷକଙ୍କ ସମେତ ଦୁଇ ଜଣ ଶିକ୍ଷୟିତ୍ରୀ ମିଶି ମୋଟ ତିନିଜଣ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟରତ ଅଛନ୍ତି। ତେବେ ପ୍ରଧାନଶିକ୍ଷକ ବସନ୍ତ ପ୍ରଧାନଙ୍କ କାର୍ଯ୍ୟକଳାପକୁ ନେଇ ଗ୍ରାମବାସୀ ଓ ଅଭିଭାବକମାନେ ଅତିଷ୍ଠ ହୋଇ ପଡ଼ିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗତ ନଅ ମାସତଳୁ ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିବା ବସନ୍ତ ପ୍ରଧାନ ପ୍ରାୟ ଅଧିକାଂଶ ଦିନ ମଦ ପିଇ ବିଦ୍ୟାଳୟକୁ ଆସିବା ସହିତ ମନମାନି କରୁଛନ୍ତି। ମନ ହେଲେ ସ୍କୁଲ ଆସୁଛନ୍ତି ନ ହେଲେ ନାହିଁ। ତାଙ୍କ ଦେଖାଦେଖି ସେଠାରେ ଥିବା ଜନୈକ ଶିକ୍ଷୟିତ୍ରୀ ମଧ୍ୟ ସ୍କୁଲ ଆସିବାରେ ଅବହେଳା କରୁଛନ୍ତି। ଯାହାକୁ ନେଇ ବିଦ୍ୟାଳୟ ପରିଚାଳନାରେ ଅବ୍ୟବସ୍ଥା ସୃଷ୍ଟି ହେଉଛି। ଯେଉଁଥି ପାଇଁ ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସହ ସେମାନଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ପୂର୍ବରୁ ଏ ବିଷୟରେ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଆଜି ଗ୍ରାମବାସୀ ଓ ଅଭିଭାବକ ମାନେ ଅତିଷ୍ଠ ହୋଇ ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ। ଦୀର୍ଘ ସମୟ ଧରି ବସିବା ପରେ ଖବର ପାଇ ଉଚ୍ଚ କର୍ତ୍ତୃପକ୍ଷ ବିଦ୍ୟାଳୟକୁ ଯାଇ ଅଭିଭାବକ ଓ ଗ୍ରାମବାସୀ ମାନଙ୍କୁ ବୁଝସୁଝା କରିବା ପରେ ସ୍କୁଲରୁ ତାଲା ଖୋଲିଥିଲା। ତେବେ ମଦ ପିଇ ସ୍କୁଲ ଆସୁଥିବା ଶିକ୍ଷକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ଅଟଳ ରହିଥିଲେ। ଏ ବାବଦରେ ଚମ୍ପୁଆ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ନାଏକଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ କରୁ ନ ଥିବାରୁ ମତାମତ ମିଳି ପାରିନାହିଁ।

## ବ୍ଲକ ଉପାଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପାଇଁ ଚିଠି

**ମାଲକାନଗିରି, ୧୯।୯ (ସଂଚାର ବ୍ୟୁରୋ):** ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାରଙ୍କ ମନମୁଖୀ କାର୍ଯ୍ୟକଳାପ ବିରୋଧରେ ପଞ୍ଚାୟତ ସମିତି ର ୨୦ ଜଣ ସରପଞ୍ଚ ଓ ସମିତି ସଭ୍ୟ ଉପଜିଲ୍ଲାପାଳଙ୍କୁ ଅନସ୍ଥା ପ୍ରସ୍ତାବ ଗୃହୀତ କରିବା ପାଇଁ ପ୍ରଦାନ କରିଛନ୍ତି। ଆଜି ଅପରାହ୍ନ ସମୟରେ ପଞ୍ଚାୟତ ସମିତି ସଭାଗୃହରେ ଏକ ଜରୁରୀ କାଳୀନ ସମିତି ବୈଠକ ଆହ୍ୱାନ କରାଯାଇଥିଲା।

# ମଙ୍ଗଳପୁର-ସହିଦନଗର ରାସ୍ତା ଶୋଚନୀୟ

**ଭଦ୍ରକ,୧୯।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ସହିଦନଗରରେ ଲୁଣିଆ ଗୁଳିକାଣ୍ଡ ସ୍ମାରକୀ ସହିଦ ସ୍ତମ୍ଭକୁ ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି।

**ସହିଦ ଦିବସରେ ଲୋକେ ହେବେ ହିନସ୍ତା**

ସେପ୍ଟେମ୍ବର ୨୨ ରେ ସହିଦ ଦିବସ ହଜାର ହଜାର ଲୋକଙ୍କ ସମାଗମ ହେବ ହେଲେ ରାସ୍ତାର ଅବସ୍ଥା କହିଲେ ନସରେ। ଉକ୍ତ ରାସ୍ତା ଉପରେ ପ୍ରାୟ ୧୦ ଟି ପଞ୍ଚାୟତ ଲୋକ ନିର୍ଭର କରିଥାନ୍ତି। ଏପରି କି ତିହିଡ଼ି ବ୍ଲକର ୫ ଟି ପଞ୍ଚାୟତର ଜନସାଧାରଣ ମଧ୍ୟ ଉକ୍ତ ରାସ୍ତା ଉପରେ ନିର୍ଭର କରନ୍ତି। ଏହି ରାସ୍ତା ଦେଇ ଭଦ୍ରକ ଓ ଭୁବନେଶ୍ୱର, କଟକକୁ ଯାଇ ଥାଆନ୍ତି। ଉକ୍ତ ରାସ୍ତା ଦେଇ ଛାତ୍ର ଛାତ୍ରୀମାନେ ବିଭିନ୍ନ କଲେଜ ଓ ସ୍କୁଲ କୁ ଯାଇ ଥାଆନ୍ତି। ଦୈନିକ ସହ ସହ ଲୋକ ଓ ଗାଡି ମଟର ଯାତାୟାତ କରିଥାଏ। ଏପରି କି ସହିଦନଗର ଠାରେ ଐତିହାସିକ ଲୁଣିଆ ଗୁଳିକାଣ୍ଡ ର ୯ ଜଣ ଶହିଦ ଙ୍କ ସ୍ମୃତି ଦିବସ ଚଳିତ ମାସ ୨୨ ତାରିଖି ରେ ଅନୁଷ୍ଠିତ ହେବ ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ମନ୍ତ୍ରିମଣ୍ଡଳର ଅନେକ ନେତାମନ୍ତ୍ରୀ ଓ ଜନସାଧାରଣ ଉକ୍ତ ରାସ୍ତା ଦେଇ ଯିବାଆସିବା କରିବେ। ହେଲେ ରାସ୍ତାର ଅବସ୍ଥା କହିଲେ ନ ସରେ, ରାସ୍ତା ସାରା ଖାଲ ଓ ଗେଟି ରେ ଗାଡି ମଟର ଯିବା ରେ ବ୍ୟାଘାତ ଘଟୁଛି। ଲୋକ ମାନେ ବି ଯିବା ଆସିବାରେ ହଇରାଣ ହେଉଛନ୍ତି।

## ଆସିଲାଣି ପାର୍ବଣ, ସରିନି ରାସ୍ତା କାମ

**କଟକ,୧୯।୯ (ସଂଚାର ବ୍ୟୁରୋ):** ସହର ସାରା ଖାଲ ଢିପ ରାସ୍ତା । କେଉଁଠି ପାଣି ଜମିଛି ତ କେଉଁଠି ପିଚୁ ଉଠିଯାଇଛି । କଟକ ସହରରେ ଏବେ ଏଭଳି ସ୍ଥିତି। ଦଶହରାକୁ ଆଉ ମାତ୍ର ଦିନ କେଇଟା ଥିବା ବେଳେ ଏଯାଏଁ ସରିପାରିନି ରାସ୍ତା କାମ । ପ୍ରତିବର୍ଷ ଦଶହରା ପୂର୍ବରୁ ରାସ୍ତା ମରାମତି ହୋଇଥାଏ । ଚଳିତ ବର୍ଷ ଏବେ ବି ୬୦ ପ୍ରତିଶତ ରାସ୍ତାର ମରାମତି ହୋଇନି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସହର ବାସିନ୍ଦା । ଖରାପ ରାସ୍ତା ଯୋଗୁଁ ଯାତାୟାତରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ବି ଘଟୁଛି । ବର୍ଷା ଯୋଗୁଁ ଏବେ ମରାମତି କାମ ବନ୍ଦ ଅଛି । ବର୍ଷା ଛାଡ଼ିଲେ ପୂଜା ପୂର୍ବରୁ ହିଁ ମରାମତି ସରିବ ବୋଲି ମେୟର କହିଛନ୍ତି । ଦଶହରା ପୂର୍ବରୁ ରାସ୍ତା କାମ ସରୁଛି ନା ନାହିଁ ତାକୁ ଅପେକ୍ଷା କରିଛନ୍ତି ସହରବାସୀ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନ୍ୟାସନାଲ୍...

ସହଯୋଗ ପାଇଁ ଶ୍ରୀ ଯାଦବ ବିଭାଗ ଏବଂ ସରକାରଙ୍କୁ ସାଧୁବାଦ ଜଣାଇବା ସହ ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟର ମନଲୋଭା ପ୍ରକୃତି, ଶାନ୍ତ-ସରଳ ଜନସାଧାରଣ ଓ ସର୍ବୋପରି ବିରଳ କଳାବାଘ ତାଙ୍କୁ ଅଭିଭୂତ କରିଛି ବୋଲି ସେ ପ୍ରକାଶ କରିଛନ୍ତି।

ନ୍ୟାସନାଲ୍ ଜିଓଗ୍ରାଫିକ୍ ମାଗାଜିନ ଦ୍ୱାରା ମୟୂରଭଞ୍ଜର ବିରଳ କଳାବାଘଙ୍କ କାହାଣୀ ବିଶ୍ୱର କୋଟି କୋଟି ଲୋକ ପଢିବେ ଏବଂ ଓଡିଶା ଓ ଏହାର ପ୍ରାକୃତିକ ବିଭବ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିବେ। ଅତଏବ, ଏଭଳି ଏକ ବିଶ୍ୱସ୍ତରୀୟ ପତ୍ରିକାରେ ବିରଳ କଳାବାଘଙ୍କ କାହାଣୀ ସ୍ଥାନ ପାଇବା ତାହା ପୁଣି ପ୍ରଚ୍ଛଦପଟରେ, ଓଡିଶା ପାଇଁ କିଛି କମ ଗର୍ବର କଥା ନୁହେଁ। ଓଡିଶା ଏକମାତ୍ର ସ୍ଥାନ ଯେଉଁଠି କଳାବାଘ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶାର ସମୃଦ୍ଧ ବନ୍ୟଜନ୍ତୁ, ଜୈବ-ବିବିଧତା ଓ ପ୍ରକୃତିର ସୁରକ୍ଷା ଓ ସମୃଦ୍ଧି ପାଇଁ ନେଉଥିବା ବିବିଧ ସମୟ ଉପଯୋଗୀ ଓ ସକାରାତ୍ମକ ପଦକ୍ଷେପ ସମ୍ପର୍କରେ ଏବେ ସାରା ବିଶ୍ୱ ଜାଣିବାକୁ ପାଇବ ଏବଂ ଓଡିଶା ପର୍ଯ୍ୟଟନ ବିଶେଷ କରି ଶିମିଳିପାଳ ଅଭୟାରଣ୍ୟକୁ ଏକ ନୂଆ ଦିଗନ୍ତ ମିଳିବ ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ଆଶାବ୍ୟକ୍ତ କରିଛନ୍ତି।

## ବ୍ରହ୍ମପୁର...

ବିଶ୍ୱସ୍ତରୀୟ ସୁପର ସ୍ପେଶାଲିଟି ମାନ୍ୟତା ଘୋଷଣା, ଦେଶବ୍ୟାପୀ ଦକ୍ଷତା ବିକାଶ ପ୍ରକଳ୍ପର ଉଦ୍‌ଘାଟନ, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ ଏବଂ ଅନ୍ୟ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିବେ। ବୈଠକରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରାଇମବ୍ରାଞ୍ଚ ...

ଆମ ମାନସିକ ଅବସ୍ଥା ଠିକ୍ ନ ଥିଲା। କିନ୍ତୁ ଏବେ ଆମେ ଆଶଙ୍କା କରୁଛୁ କି ଅପର୍ଣ୍ଣାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି।

ସେପଟେ ରେଡ୍ ଫ୍ଲାଗ୍ ଅନ୍ତର୍ଗତ ହେଲା ମହିଳା ଟ୍ରାଫିକ କନଷ୍ଟେବଳ ଶୁଭମିତ୍ରା ହତ୍ୟା ମାମଲା। ମୁଖ୍ୟ ଅଭିଯୁକ୍ତ ଦୀପକ ରାଉତ ପାଇଁ ବଢ଼ିଲା ଅଡୁଆ। ପ୍ରଥମ ସ୍ତ୍ରୀର ମୃତ୍ୟୁ ଘଟଣା ଓ ଶୁଭମିତ୍ରା ମର୍ଡର କେସ ଏବେ ରେଡ଼ ଫ୍ଲାଗ ଅନ୍ତର୍ଭୁକ୍ତ ହୋଇଛି। କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ହେବ। ଏହି ମାମଲାରେ କମିଶନରେଟ ପୋଲିସକୁ ତଦନ୍ତରେ ସହାୟତା କରିବ କ୍ରାଇମବ୍ରାଞ୍ଚ। କ୍ୟାପିଟାଲ ଥାନା ପୋଲିସ, ଖୁଣ୍ଟୁଣି ଥାନା ପୋଲିସ ଠାରୁ ମିଳିଥିବା ତଥ୍ୟ ପ୍ରମାଣର ହେବ ଖୋଳତାଡ଼। କ୍ରାଇମବ୍ରାଞ୍ଚ ସୂତ୍ରରୁ ଏହି ସୂଚନା ମିଳିଛି। ଗତ ୬ ତାରିଖରେ କନଷ୍ଟେବଳ ଶୁଭମିତ୍ରାଙ୍କ ନିଖୋଜ, ୧୭ ତାରିଖରେ କେନ୍ଦୁଝରରେ ଗଳିତ ମୃତଦେହ ମିଳିବା ଘଟଣା ଓ ହତ୍ୟା ଅଭିଯୁକ୍ତ ଦୀପକଙ୍କ ପ୍ରଥମ ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ହେବ ଉଚ୍ଚସ୍ତରୀୟ ତଦନ୍ତ।

## ୨୫ ପ୍ରକଳ୍ପ...

କ୍ଷେତ୍ରରେ କଲରଟୋନ୍ ଟେକ୍ସଟାଇଲ୍ସ ପ୍ରା.ଲି. ଖୋର୍ଦ୍ଧାରେ ୭୦୦.୨୯ କୋଟି ଟଙ୍କା ନିବେଶ କରି ସମନ୍ୱିତ ବସ୍ତ୍ର କେନ୍ଦ୍ର ସୁବିଧା ସ୍ଥାପନ କରିବ, ଯାହା ଦ୍ୱାରା ୧,୦୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟେକ୍ନୋ ଆକ୍ଟିଭ୍ ୱେୟାର୍ ପ୍ରା.ଲି. କଟକରେ କ୍ରୀଡା ପୋଷାକ ଫେବ୍ରିକ୍ ଓ ପୋଷାକ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏବଂ ଏହା ଦ୍ୱାରା ୨,୫୦୦ ନିଯୁକ୍ତି ସୃଷ୍ଟି ହେବ । ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲି. କେନ୍ଦୁଝର ଓ ସମ୍ବଲପୁରରେ ପୋଷାକ ୟୁନିଟ୍ ପାଇଁ ପ୍ରତ୍ୟେକରେ ୧୦୦ କୋଟି ଟଙ୍କା ନିବେଶ କରିବା ସହ ପ୍ରତ୍ୟେକରେ ୧,୨୦୦ କରି ମୋଟ ୨,୪୦୦ ନିଯୁକ୍ତି ସୃଷ୍ଟି କରିବ। ଏସ୍.ସି.ଏମ୍ ଗାର୍ମେଣ୍ଟ୍ସ ପ୍ରା. ଲି. କଟକରେ ଏକ ବୃହତ ବୁଣା ପୋଷାକ ୟୁନିଟ୍ ପାଇଁ ୧୫୦ କୋଟି ଟଙ୍କା ନିବେଶ କରି ୪,୦୦୦ ନିଯୁକ୍ତି ସୃଷ୍ଟି କରିବ। କାର୍ଲୁ ଟେକ୍ସ ପ୍ରା.ଲି. କଟକରେ ରେଡିମେଡ୍ ପୋଷାକ ୟୁନିଟ୍ ସ୍ଥାପନ ପାଇଁ ୬୦ କୋଟି ଟଙ୍କା ନିବେଶ କରିବ ଏବଂ ଏହା ଦ୍ୱାରା ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ପର୍ଫେକ୍ଟ୍ ଇନ୍‌ଫ୍ରା ଭିଜନ୍ ପ୍ରା.ଲି. ବଲାଙ୍ଗିରରେ ବସ୍ତ୍ର ଓ ଆନୁଷଙ୍ଗିକ ଉତ୍ପାଦ ୟୁନିଟ୍ ପାଇଁ ୧୧୦.୭୦ କୋଟି ଟଙ୍କା ବିନିଯୋଗ କରି ୧,୦୫୦ ନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ୱାଭିନୋଭା ପ୍ରା.ଲି. କଟକରେ ସ୍ୱାସ୍ଥ୍ୟ ସେବା ଓ ହସ୍ପିଟାଲ୍ ପାଇଁ ଅବୁଣା ବ୍ୟବହାର ଯୋଗ୍ୟ ସାମଗ୍ରୀ ୟୁନିଟ୍ ପାଇଁ ୫୭.୫୩ କୋଟି ଟଙ୍କା ବିନିଯୋଗ ସହ ୨୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପିଉ ଫ୍ୟାସନ୍ ପ୍ରା.ଲି. ଖୋର୍ଦ୍ଧାରେ ପୋଷାକ ଇଉନିଟ୍ ପାଇଁ ୯୬.୯୯ କୋଟି ଟଙ୍କା ନିବେଶ କରି ୩,୭୦୦ଟି ନିଯୁକ୍ତି ଏବଂ ଅଦିତି ଲାଇଫଷ୍ଟାଇଲ୍ ପ୍ରା.ଲି. ଖୋର୍ଦ୍ଧାରେ ବୁଣା ବସ୍ତ୍ର ଓ ପୋଷାକ ୟୁନିଟ୍ ପାଇଁ ୨୦୯.୩୬ କୋଟି ଟଙ୍କା ନିବେଶ କରି ୧,୦୮୦ଟି ନିଯୁକ୍ତି ଲକ୍ଷ୍ୟ ରଖିଛନ୍ତି।

ଆହୁରି ମଧ୍ୟ ପର୍ଯ୍ୟଟନ କ୍ଷେତ୍ରରେ ଏସ୍‌ୱାଇସିଇ ଇଣ୍ଡିଆ ପ୍ରା.ଲି. ସମ୍ବଲପୁରରେ ୫ ତାରକା ବିଶିଷ୍ଟ ଆଡମ୍ବରପୂର୍ଣ୍ଣ ରିସୋର୍ଟ ପାଇଁ ୧୦୭.୪୨ କୋଟି ଟଙ୍କା ନିବେଶ କରିବ ଏବଂ ଏହା ଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯାନ୍ତ୍ରିକ ଓ ବୈଦ୍ୟୁତିକ ଉପକରଣ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ରାହୀ ଟ୍ରାକ୍ ଟେକ୍ନୋଲୋଜିଜ୍ ପ୍ରା.ଲି. ଖୋର୍ଦ୍ଧାରେ ଭାରି ଇସ୍ପାତ କାଷ୍ଟିଂ ବ୍ୟବସ୍ଥା ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରିବ ଓ ଏହା ଦ୍ୱାରା ୧୫୦ ନିଯୁକ୍ତି ସୁଯୋଗ ମିଳିବ। ଇସ୍ପାତ କ୍ଷେତ୍ରରେ କୋଣାର୍କ ଇସ୍ପାତ ଲି. ଝାରସୁଗୁଡାରେ ରୋଲିଂ ମିଲ୍, ପେଲେଟ୍ ପ୍ଲାଣ୍ଟ, ଡି.ଆର୍.ଆଇ., ବିଲେଟ୍ ପ୍ଲାଣ୍ଟ ଓ ସି.ପି.ପି. ସହିତ କାରଖାନା ବିସ୍ତାର ପାଇଁ ୯୯୦ କୋଟି ଟଙ୍କା ନିବେଶ କରି ୨,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଧାତୁ ଆନୁଷଙ୍ଗିକ କ୍ଷେତ୍ରରେ ମାସ୍‌କଟ୍ ଇଲେକ୍ଟ୍ରୋମେକ୍ ପ୍ରା. ଲି. ମୟୂରଭଞ୍ଜରେ ଫ୍ୟାବ୍ରିକେସନ୍ ଓ ଗାଲଭାନାଇଜିଂ ୟୁନିଟ୍ ସ୍ଥାପନ ପାଇଁ ୯୭.୭୬ କୋଟି ଟଙ୍କା ବିନିଯୋଗ କରି ୩୫୦ ନିଯୁକ୍ତି ସୃଷ୍ଟି କରିବ। ପୁନଃ ଚକ୍ରଣ ଅର୍ଥନୀତି(ସର୍କୁଲାର ଇକୋନୋମି) କ୍ଷେତ୍ରରେ ବିଇଆଇଏଲ୍ ଇନ୍‌ଫ୍ରାସ୍ଟ୍ରକ୍ଚର୍ ଲି. ଗଞ୍ଜାମରେ ଚିକିତ୍ସା, ସଂରକ୍ଷଣ ଓ ବର୍ଜ୍ୟ ଅପସାରଣ ସୁବିଧା ପାଇଁ ୨୦୦ କେଏଲଡି ଇଟିପି ପାଇଁ ୩୨୦.୭୦ କୋଟି ଟଙ୍କା ବିନିଯୋଗ କରିବ ଏବଂ ଏହା ଦ୍ୱାରା ୧୪୫ ନିଯୁକ୍ତି ସୃଷ୍ଟି ହେବ। ପରିବହନ ଓ ସଞ୍ଚୟ କ୍ଷେତ୍ରରେ ସାଇଜାର୍ ଇଣ୍ଟରପ୍ରାଇଜ୍ ପ୍ରା.ଲି. ଅନୁଗୋଳରେ ଗୋଦାମ ଓ ଲଜିଷ୍ଟିକ୍ସ ପାର୍କ ପାଇଁ ୧୨୭.୮୬ କୋଟି ଟଙ୍କା ନିବେଶ କରି ୩୧୦ ନିଯୁକ୍ତି ସୃଷ୍ଟି କରିବ। ବିଦ୍ୟୁତ ଓ ନବୀକରଣ ଯୋଗ୍ୟ ଉର୍ଜା କ୍ଷେତ୍ରରେ ପ୍ରୋଜିଲ୍ ଗ୍ରୀନ୍ ଏନର୍ଜି ଲି. ସୁବର୍ଣ୍ଣପୁରରେ ୬୯.୫ ମେଗାୱାଟ୍ ସୌର ପାର୍କ ପାଇଁ ୧୪୦ କୋଟି ଟଙ୍କା ବିନିଯୋଗ କରି ୩୬୦ ନିଯୁକ୍ତି ସୃଷ୍ଟି, ଶୀତଳ ଭଣ୍ଡାର ଓ କୋଲ୍ଡ ଚେନ୍ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପିପିଡି ଇସ୍ପାତ ପ୍ରା.ଲି. ଗଜପତିରେ ୨୦,୦୦୦ ମେଟ୍ରିକ୍ ଟନ ବିଶିଷ୍ଟ ଶୀତଳ ଭଣ୍ଡାର ୟୁନିଟ୍ ପାଇଁ ୫୧ କୋଟି ଟଙ୍କା ବିନିଯୋଗ ସହ ୧୨୦ଟି ନିଯୁକ୍ତି ସୃଷ୍ଟି, ରସାୟନ କ୍ଷେତ୍ରରେ ସିରିଅସ୍ ସ୍ପେସିଆଲ୍‌ଟି କେମିକାଲ୍ସ ପ୍ରା.ଲି. ଦ୍ୱାରା ଯାଜପୁରରେ କାର୍ବନ୍ ଇଲେକ୍‌ଟ୍ରୋଡ୍ ପେଷ୍ଟ୍ ଉତ୍ପାଦନ କାରଖାନା ପାଇଁ ୨୦୫.୪୪ କୋଟି ଟଙ୍କା ନିବେଶ ଫଳରେ ୬୦୦ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି।

## ଚମକାଇଦେଲା ...

ବିଶ୍ୱବିଦ୍ୟାଳୟରେ ସର୍ବାଧିକ ୭ ଟି ମାମଲା ରହିଛି। ଯେଉଁଥିରୁ ତିନୋଟି ଯୌନ ନିର୍ଯାତନା, ଗୋଟେ ଅଶ୍ଳୀଳ ଭାଷା ପ୍ରୟୋଗ, ଗୋଟେ ମାନସିକ ନିର୍ଯାତନା ମାମଲା ରହିଛି। ସେହିପରି ବାଣୀବିହାରରେ ରହିଛି ହଷ୍ଟେଲ ସୁରକ୍ଷା ପ୍ରସଙ୍ଗ। ଫକୀର ମୋହନରେ ତିନୋଟି ମାନସିକ ନିର୍ଯାତନା, ଗଙ୍ଗାଧର ମେହେରରେ ଗୋଟେ ଯୌନ ନିର୍ଯାତନା, ରାଜେନ୍ଦ୍ରରେ ଗୋଟେ ମାନସିକ ନିର୍ଯାତନା ଓ ଗୋଟେ ଅସଦାଚରଣ, ରେଭେନ୍ସାରେ ତିନୋଟି ମାନସିକ ନିର୍ଯାତନା ଅଭିଯୋଗ ରହିଛି। ଏଥିରୁ ଏକକ ମହିଳା ବିଶ୍ୱବିଦ୍ୟାଳୟ ବି ବର୍ତ୍ତିନି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରୀ ଯୌନ ନିର୍ଯାତନା ଯୋଗୁଁ ମାନସିକ ନିର୍ଯାତନାର ଶିକାର ହୋଇଥିଲେ। ଏଥିରୁ ସ୍ପଷ୍ଟ ଯେ, ମହିଳା ବିଶ୍ୱବିଦ୍ୟାଳୟରେ ଛାତ୍ରୀ ଅସୁରକ୍ଷିତ ଅଛନ୍ତି। ସେହିପରି କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ପ୍ରଶ୍ନର ଉତ୍ତର ଦେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ରାଜ୍ୟର ୯ଟି ଜିଲ୍ଲାରେ ଛାତ୍ରୀ ନିର୍ଯାତନାର ୩୨ ଟି ମାମଲା ରୁଜୁ ହେଇଛି। କନ୍ଧମାଳ ଜିଲ୍ଲାରେ ବାଲିଗୁଡା ସରକାରୀ ହାଇସ୍କୁଲରେ ସର୍ବାଧିକ ୧୧ଟି ମାମଲା ରହିଛି।

ସେହିପରି ସୁନ୍ଦରଗଡ଼ର ଠାକୁରପାଲି ପୁଷ୍ପା ମଞ୍ଜରୀ ସରକାରୀ ହାଇସ୍କୁଲ ଓ ପୁଷ୍ପମଞ୍ଜରୀ ହାଇସ୍କୁଲ ଗୁରୁଣ୍ଡିଆ ବିରୋଧରେ ୨ଟି ଲେଖାଏଁ ମାମଲା ରହିଛି। ସେହିପରି ଅନୁଗୁଳ, ଢେଙ୍କାନାଳ, ଜଗତସିଂହପୁର, କଳାହାଣ୍ଡି, ମାଲକାନଗିରି, ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲ୍ଲାରେ ଗୋଟାଏ ଲେଖାଏଁ ମାମଲା ରହିଛି। ଗଂଜାମ , କେନ୍ଦ୍ରାପଡା, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ଦୁଇଟି ଲେଖା ମାମଲା ରହିଛି। ବିଜେପି ସରକାର ଅମଳରେ କେହି ସୁରକ୍ଷିତ ନୁହଁନ୍ତି। ଚାଷୀ, ଛାତ୍ରୀ, ମହିଳା ସମସ୍ତେ ଅସୁରକ୍ଷିତ ବୋଲି ବିଜେଡି ଅଭିଯୋଗ କରିଛି। ରାଜ୍ୟବାସୀଙ୍କୁ ସୁରକ୍ଷା ଦେବାରେ ଯେ , ସରକାର ବିଫଳ, ଏହା ବିଧାନସଭା ସ୍ପଷ୍ଟ କରି ଦେଇଥିବା ବିଜେଡି କହିଛି। ସେହିପରି କଂଗ୍ରେସ ଆଣିଛି ଗୁରୁତର ଅଭିଯୋଗ। ପୂର୍ବ ସରକାରଙ୍କୁ ଦାୟୀ କରି କରି ନିଜ ଦାୟିତ୍ୱ ଭୁଲ ଯାଇଛନ୍ତି ବିଜେପି ସରକାର। ଆଗକୁ ରାଜ୍ୟବାସୀଙ୍କୁ କେମିତି ସୁରକ୍ଷା ଦେବେ ସରକାର, ତାହା ଏକ ବଡ଼ ପ୍ରଶ୍ନ।

## ୨ ଯବାନ...

ଆକ୍ରମଣ କରାଯାଇଥିବା ସ୍ଥାନଟି ଅବସ୍ଥିତ। ଜଣେ ଅଧିକାରୀ କହିଛନ୍ତି ଯେ, ବନ୍ଧୁକଧାରୀମାନଙ୍କର ଏକ ଗୋଷ୍ଠୀ ସେହି ଗାଡ଼ି ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ଆସାମ ରାଇଫଲ୍ସର ଯବାନମାନେ ଇମ୍ଫାଲରୁ ବିଷ୍ଣୁପୁର ଜିଲ୍ଲା ଆଡ଼କୁ ଯାଉଥିଲେ। ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ଆହତ ଯବାନଙ୍କୁ ପୁଲିସ ଓ ସ୍ଥାନୀୟ ଲୋକେ ହସ୍ପିଟାଲରେ ପହଞ୍ଚାଇ ଥିଲେ, ସେଠାରେ ତାଙ୍କର ଚିକିତ୍ସା ଚାଲୁ ରହିଛି। ଏହି ଆକ୍ରମଣ ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଦିଆ ଯାଇଛି। ଏହା ବ୍ୟତୀତ ଆକ୍ରମଣକାରୀଙ୍କ ତଲାସକୁ ଜୋରଦାର କରାଯାଇଛି।

## ବିଜେଡି ...

ଅନାସ୍ଥା ଆଣିବା ପରେ ବିଜେଡି ଏ ନେଇ ନିରବ ରହିବା ଏବେ ଅନେକ ବିଜେଡି କର୍ମୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଖୋଦ୍ ବିରୋଧୀ ଦଳ ନେତା ଦିଲ୍ଲୀରେ ଥିବାବେଳେ ଏଠାକାର ବରିଷ୍ଠ ମାନେ ବି ଅନାସ୍ଥା ପ୍ରସଙ୍ଗରେ ମୌନବ୍ରତ ଅବଲମ୍ବନ କରୁଛନ୍ତି। ଏହା ଏବେ ବିଜେପିକୁ ବେଶ୍ ସୁହାଇଥିବା ବେଳେ ବିଜେଡି ଏକ ପ୍ରକାର କାଠଗଡାରେ ଛିଡାହୋଇ ଯାଇଛି। ଗୋଟିଏ ଦିନ ସାର ପ୍ରସଙ୍ଗରେ ଗୃହ ଅଚଳ କରିଥିବାବେଳେ ଦଳ ପରବର୍ତ୍ତୀ ଦିନରେ କି ପ୍ରସଙ୍ଗ ଉଠାଇବ ତାହା ଉପରେ ଏବେ ସମସ୍ତଙ୍କ ନଜର। କଂଗ୍ରେସ ଯେଉଁ ପ୍ରସଙ୍ଗସବୁ ଉଠାଇ ଅନାସ୍ଥା ଆଣିଛି ତାହାକୁ ବିଜେଡି ଉଠାଇବ ନା ଅନ୍ୟ ପ୍ରସଙ୍ଗ ଉଠାଇ ଗୃହରେ ହଟଗୋଳ କରିବ ତାହାକୁ ଅତି ସତର୍କତାର ସହିତ କଂଗ୍ରେସ ନଜର ରଖିଛି। ଆଜି ତାରା ବିଜେପି-ବିଜେଡି ସଲାସୁତରା ନେଇ ଛୋଟକାଟିଆ ବିବୃତ୍ତି ଦେଇଛନ୍ତି ଓ ଆଗାମୀ ଦିନରେ କଂଗ୍ରେସର ଆଭିମୁଖ୍ୟ କ'ଣ ତାହାକୁ ତାହା ଉପରେ ସମସ୍ତଙ୍କ ନଜର ଥିବାବେଳେ ବିଜେଡିର ପଦକ୍ଷେପ ବିଜେପିକୁ ସୁହାଉଥିବାରୁ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ବଢ଼ି ଚାଲିଛି।

## ବିଧାନସଭାରେ...

କରିଥିଲେ। 'ରାଜ୍ୟରେ ସାର ଓ ୟୁରିଆ ସଙ୍କଟ, ଚାଷୀ ହନ୍ତସନ୍ତ, ସାରର କଳାବଜାରୀରେ ଦଲାଲ ମାଲେମାଲ, ସରକାର ଚୁପ୍' ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଦେଇଥିଲା କଂଗ୍ରେସ। ପ୍ରଶ୍ନକାଳକୁ ବାତିଲ୍ କରି ମୁଲତବୀ ପ୍ରସ୍ତାବରେ ଆଲୋଚନା ପାଇଁ ଅଡ଼ି ବସିଥିଲା। ଦିନ ତମାମ ହଟ୍ଟଗୋଳ ଯୋଗୁ ମାତ୍ର ୮ ମିନିଟ ଚାଲିଥିଲା ଗୃହ। ବିରୋଧୀଙ୍କ ହୋ ହଲ୍ଲା ଯୋଗୁ ଚାଲିପାରିଲାନି ଗୃହ। ଅଧିବେଶନ ଆରମ୍ଭରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରଶ୍ନୋତ୍ତର ବେଳେ ହୋହଲ୍ଲା ହୋଇଥିଲା। କଂଗ୍ରେସର ମୁଲତବି ପ୍ରସ୍ତାବ ବାଚସ୍ପତି ଗ୍ରହଣ କରିଥିଲେ। ଏହା ସତ୍ତ୍ୱେ ବିଜେଡି ନାରାବାଜି ଓ ହୋହଲ୍ଲା କରିଥିଲା। ବିଜେଡି ପ୍ରଶ୍ନକାଳ ବାତିଲ କରି ସାର ସମସ୍ୟା ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରିଥିଲା। ଆବଶ୍ୟକୀୟ ସାର ମିଳୁନଥିବାରୁ ଚାଷୀମାନେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରୁଛନ୍ତି। ରାଜ୍ୟରେ ଚାଷୀଙ୍କ ସଂଖ୍ୟା ୬୦ ଭାଗ, ତେଣୁ ଚାଷୀଙ୍କ ସମସ୍ୟା ବାବଦରେ ଆଲୋଚନା ପାଇଁ ଆମେ ଦାବି କରିଥିଲୁ ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। କିନ୍ତୁ ବାଚସ୍ପତି ଅନ୍ୟ କାର୍ଯ୍ୟକ୍ରମ ଆରମ୍ଭ କଲେ।

କଂଗ୍ରେସ ସାର ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଦେଇଥିଲା ଆଲୋଚନା ହୋଇପାରିଥାନ୍ତା, ପ୍ରଶ୍ନରେ ବିଜେଡ଼ି କହିଛି, ୧୫ ମିନିଟରେ କ'ଣ ଆଲୋଚନା ହୋଇପାରିବ କି ? ତେଣୁ ଆସନ୍ତାକାଲି ଠାରୁ ଯଦି ପ୍ରଶ୍ନକାଳ ବାତିଲ କରି ଆଲୋଚନା କରାନଯାଏ ତାହେଲେ ଗୃହ ଚଳାଇ ଦେବନାହିଁ ବୋଲି ବିଜେଡ଼ି ଚେତାବନୀ ଦେଇଛି। ବିଜେଡିକୁ କଡ଼ା କାଉଣ୍ଟର କରି ବିଜେପି ବିଧାୟକ ଅଗସ୍ତି ବେହେରା କହିଛନ୍ତି, ବିଜେଡ଼ି କେବଳ ମାଇଲେଜ ଷ୍ଟଣ୍ଟ କରୁଛି। କଂଗ୍ରେସ ମୁଲତବୀ ପ୍ରସ୍ତାବ ଦେଇଥିଲା, ଆଲୋଚନା ହୋଇଥାନ୍ତା। ହେଲେ ବିଜେଡି ହଟ୍ଟଗୋଳ କରି ଆଲୋଚନା କରାଇ ଦେଲାନି। ସମବାୟ ସମିତି ଆଗରେ ଜାଲ ଚାଷୀଙ୍କୁ ବିରୋଧୀ ଠିଆ କରି ଆନ୍ଦୋଳନ କରୁଛନ୍ତି। ଅନ୍ୟପଟେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ରାଜ୍ୟରେ ଆଜି ପ୍ରମାଣିତ ହେଲା ବିଧାନସଭାରେ ବିଜେଡି ଓ ବିଜେପି ଗୋଟେ। ସାର ପାଇଁ କଂଗ୍ରେସ ମୂଳତବୀ ଆଲୋଚନା ଦେଇଥିଲା। ଏହା ଗ୍ରହଣ ହୋଇଥିଲା। ଦୁର୍ଭାଗ୍ୟ, ବିଜେଡି ସାର ପାଇଁ ପ୍ରଶ୍ନକାଳରେ ହୋହାଲ୍ଲା କଲା। ବାଚସ୍ପତି ୪ଟା ଯାଏଁ ବିଧାନସଭା ବନ୍ଦ ରଖିଲେ। ଆଲୋଚନା ବନ୍ଦ କରିବା ଉଦ୍ଦେଶ୍ୟରେ ବିଜେପି ବିଜେଡି କଥା ହୋଇ ଗୃହ ବନ୍ଦ କଲେ। ଗରିବ ଲୋକଙ୍କ ଟିକସ ବିଧାନସଭା ଚାଲୁଛି। ଆଲୋଚନା ବଦଳରେ ବିଧାନସଭା ବନ୍ଦକରିବା ନିନ୍ଦନୀୟ ବୋଲି କହିବା ସହ ଆଜି ହାହାକାର ସୃଷ୍ଟି ହୋଇଛି, ଚାଷୀ ସାର ପାଉନି। ସେମାନେ ହଇରାଣ ହେଉଛନ୍ତି, ବିଧାନସଭାରେ ଆଲୋଚନା ହୋଇଥିଲେ, ସାର ସଚେତନ ହୋଇଥାନ୍ତା ଓ ସାର ପାଇଥାନ୍ତେ ଚାଷୀ। ଆମେ ବି ନିଜ ଆସନରେ ଠିଆହୋଇ ଆଲୋଚନା ପାଇଁ ଦାବି କରିଥିଲୁ ବୋଲି କହିଛନ୍ତି ତାରା।

## ବାଇକ୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ



**ଫୁଲବାଣୀ,୧୯।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରେ ଜାରି ରହିଛି ଅପରେସନ ପ୍ରହାର ଏହି ପରିପେକ୍ଷୀରେ ପୁଣି ଥରେ ଫିରିଙ୍ଗିଆ ପୋଲିସ ଏକ ବାଇକ ସହ ବାର କିଲୋ ଗୁଞ୍ଜ ସହ ଗ୍ରାମ ଗଞ୍ଜେଇ ଜବତ କରିଥିବା ବେଳେ ଏହି ଘଟଣାରେ ଜଣେ ଅଭିଯୁକ୍ତ କୁ ଗିରଫ କରିବାରେ ସଫଳ ହୋଇଛି ସୂଚନା ଅନୁସାରେ ଏକ ବାଇକ ରେ ଗଞ୍ଜେଇ ଚାଲାଣ ହେଉଥିବା କୌଣସି ସୂତ୍ରରୁ ପୋଲିସ କୁ ଖବର ମିଳିଥିବା । ଖବର ପାଇବା ପରେ ଫିରିଙ୍ଗିଆ ଥାନା ଅଧିକାରୀ ଡ଼ିଏସପି ଗୋପୀନାଥ ପ୍ରଧାନ ଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ କାର୍ଯ୍ୟରତ ଏସଆଇ ଅଜୟ କୁମାର ସାହୁ ଓ ପ୍ରମୋଦ କୁମାର ପ୍ରଧାନଙ୍କ ସହ ଏକ ଟିମ ଫିରିଙ୍ଗିଆ ଥାନା ଅଧୀନରେ ଥିବା ଫୁଲବାଣୀ ବାଲିଗୁଡା ମୁଖ୍ୟ ରାସ୍ତାର କାଳିଆ ସାହି ନିକଟବର୍ତ୍ତୀ ସନିମନ୍ଦିର ନିକଟରେ ଜଗି ରହି ଗଞ୍ଜେଇ ବୋଝେଇ ହୋଇ ଆସୁଥିବା ବାଇକ କୁ ଧରିବାରେ ସଫଳ ହୋଇଥିଲେ ଅନ୍ୟପଟେ ଏହି ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତି ଜଣକ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଲାଇନପଡା ଗାଁ ର ନରେଶ କୁମାର ମୁଣ୍ଡି ବୋଲି ଜଣାପଡିଥିବା ବେଳେ ଗୁରୁବାର ଏହି ଘଟଣାରେ ଫିରିଙ୍ଗିଆ ଥାନାରେ ୨୧୪/୨୦୨୫ ରେ ଏକ ମାମଲା ରୁଜୁ କରି ଗଞ୍ଜେଇ ସହ ଅଭିଯୁକ୍ତକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ପ୍ରଣ୍ଡୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ନାବାଳିକା ଦୁଷ୍କର୍ମୀକୁ ଆଜୀବନ କାରାଦଣ୍ଡ



**ଯାଜପୁର,୧୯।୯ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳରେ ୨୩ ଅକ୍ଟୋବର ୨୦୨୪ରେ ଘଟିଥିବା ନାବାଳିକା ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଛି। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ନାବାଳିକାକୁ ନେଉଳ ଛୁଆ ଦେଖାଇବା ପାଇଁ ଡାକି ନେଇ ଦୁଷ୍କର୍ମ କରିଥିଲେ ଏବଂ ପରେ ପୀଡିତାକୁ ମାରିଦେବା ଧମକ ଦେଇଥିଲେ। ଗୁରୁତର ଅବସ୍ଥାରେ ପୀଡିତାକୁ ବରୀ, ଯାଜପୁର ଓ କଟକ ବଡ଼ ମେଡିକାଲରେ ଚିକିତ୍ସା କରାଯାଇଥିଲା। ଘଟଣାରେ ୨୩ ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଅଭିଜିତ ପଲାଇ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଓ ୨ ଲକ୍ଷ ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ସୂଚନା ସରକାରୀ ଓକିଲ ରାଜୀବ ମହାନ୍ତି

'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ

## ନାରୀ ସୁସ୍ଥ ହେଲେ ପରିବାର ସୁସ୍ଥ ରହିବ

● ୧୯ ୟୁନିଟ ରକ୍ତ ସଂଗୃହିତ



**କାକଟପୁର/ଅସ୍ତରଙ୍ଗ,୧୯।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବ୍ଲକ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ "ସୁସ୍ଥ ନାରୀ, ସଶକ୍ତ ପରିବାର "ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ଏକ ସ୍ୱତନ୍ତ୍ର ଚିକିତ୍ସା ଶିବିର ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋପ-ନିମାପଡ଼ା ଲୋକସଭା ସାଂସଦ ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ନାରୀ ସୁସ୍ଥ ହେଲେ ପରିବାର ସୁସ୍ଥ ରହିବ। ସେଥିପାଇଁ ଏହି ଅଭିଯାନକୁ ସମସ୍ତଙ୍କ ସହଯୋଗରେ ଶତ ପ୍ରତିଶତ ସଫଳ କରିବାକୁ ହେବ। ବର୍ତ୍ତମାନ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ ଅଭିଯାନ ଚାଲିଛି ଓ ଏହାର ସୁଯୋଗ ସମସ୍ତ ମହିଳା ଉଠାଇବା ଆବଶ୍ୟକ। ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ତାରିଖ ରୁ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଚାଲିବ। ସମାଜର ସବୁ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ବ୍ୟାପକ ସଚେତନତା କରାଯିବ ବୋଲି ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡ଼ଃ କାରାଧର ପ୍ରସାଦ ନନ୍ଦ କହିଥିଲେ। ଏହା ସହ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ସେବାରେ ରକ୍ତ ଗୁରୁତ୍ୱପୂର୍ଣ୍ଣ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗୁଡିକର ମହତ୍ୱ ଦର୍ଶାଇ ସ୍ୱାସ୍ୟକେନ୍ଦ୍ର ଅନୁଷ୍ଠିତ ଶିବିରରେ ସମୁଦାୟ ୧୯ୟୁନିଟ ରକ୍ତ ସଫଳତାର ସହିତ ସଂଗ୍ରହ କରାଯାଇଥିଲା। ରକ୍ତଦାତାଙ୍କ ଏଭଳି ପ୍ରୟାସ ସମାଜ ପ୍ରତି ଏହି ଅବଦାନ ନିଶ୍ଚୟ ଅନେକ ଲୋକଙ୍କ ଜୀବନ ବଞ୍ଚାଇବାର ସହାୟକ ହେବ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ତରାଇ କହିଥିଲେ।

# ଡାକ୍ତର ଅଭାବ ନେଇ ବଢୁଛି ଅସନ୍ତୋଷ

ନାହାନ୍ତି ବିଶେଷଜ୍ଞ, ମିଳୁନି ସଠିକ ଚିକିତ୍ସା ସେବା

ପ୍ରହସନ ପାଲଟିଛି 'ସୁସ୍ଥ ନାରୀ ଓ ସଶକ୍ତ ପରିବାର' ଅଭିଯାନ

**କାକଟପୁର/ଅସ୍ତରଙ୍ଗ,୧୯।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନରେଖା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡକ୍ଟର ନଥିବାରୁ ଲୋକଙ୍କୁ ଚିକିତ୍ସା ପାଇଁ ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ବିକଳ୍ପ ନଥିବାରୁ ବାଧ୍ୟ ହୋଇ ଘରୋଇ ହସ୍ପିଟାଲ ମୁହାଁ ହେଲେଣି ରୋଗୀ ଏବଂ ସମ୍ପର୍କୀୟ। ଦେଢ଼ ବର୍ଷ ପୂର୍ବରୁ ଏହା ସହ ନିର୍ବାଚନ ସମୟରେ ରାଜନୀତି ଲୋକ ମୁଖଲିପ୍ସିତ ଡକ୍ଟର ନିୟୋଜିତ ଓ ମେଡିକାଲ ଉନ୍ନତି କରାଣ ପାଇଁ ବୟାନ ବାଜି କରୁଥିବା ବେଳେ ସରକାର ପରିବର୍ତ୍ତନ ପରେ ମଧ ସମାନ ସ୍ଥିତି। କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଥିବା ବେଳେ ସମସ୍ୟା ସୁଧୁରିବ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଅଂଚଳବାସୀ।

ଅନ୍ୟ ପକ୍ଷରେ, ୧୭ତାରିଖ ଠାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ 'ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ' ଆରମ୍ଭ ହୋଇଥିବା ବେଳେ ଏହା କେବଳ ପ୍ରହସନ ଛଡା ଆଉ କିଛି ନୁହେଁ ବୋଲି କୁହନ୍ତି କିଛି ପଂଚାୟତ ଜନପ୍ରତିନିଧି।

ମିଳିଥିବା ସୂଚନା ଅନୁଯାୟୀ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ରତନପୁର ଓ ଖଣ୍ଡାସାହି ଉପସ୍ୱାସ୍ଥ୍ୟ ରହିଛି। ଏଥି ସହିତ ପ୍ରାଥମିକ ସ୍ୱାସ୍ଥ୍ୟ




କେନ୍ଦ୍ର ଓ ବିଭିନ୍ନ ପଂଚାୟତ ରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ କରାଯାଇଛି। ତେବେ ବାହାରୁ ଚକାଚକ ଦେଖାଯାଉଥିବା ଏହି କୋଠା ଗୁଡିକ ଭିତରୁ କିନ୍ତୁ ଫମ୍ପା। ସମସ୍ତ ଭିତ୍ତିଭୂମି ଥାଇ ବି ରୋଗୀଙ୍କୁ ଉତ୍ତମ ଚିକିତ୍ସା ମିଳୁନଥିବା ବର୍ଷ ବର୍ଷ ଧରି ଅଭିଯୋଗ ହୋଇଆସୁଛି। ସବୁଠୁ ଗୁରୁତ୍ୱ ପୂର୍ଣ୍ଣ ସମସ୍ୟା ହେଉଛି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ଗୃହ ଗୁଡିକ ବିପଦ ସଂକୁଳ ଅବସ୍ଥାରେ ଥିବା ବେଳେ ଅନେକ ସମୟରେ ଗୃହ ମଧ୍ୟରୁ ସିମେଣ୍ଟ ଛେଲା ଖସୁଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଏମବିବିଏସ ଡାକ୍ତରଙ୍କ ବ୍ୟତୀତ ଜଣେ ବି ବିଶେଷଜ୍ଞ ଡକ୍ଟର ନାହାନ୍ତି। ଭେଷଜ, ଶଲ୍ୟ, ଶିଶୁ, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଜରୁରୀ ଭାବେ ଆବଶ୍ୟକ ଥିବା ବେଳେ କୌଣସି ବିଶେଷଜ୍ଞ ନାହାନ୍ତି। ଏହା ସହ ମେଡିକାଲ ରେ ମୋଟ ଉପରେ ୯ଗୋଟି ଶଯ୍ୟା ଥିବା ବେଳେ ରୋଗୀ ହଇରାଣ ହେଉଛନ୍ତି। ରୋଗୀଙ୍କୁ ଶଯ୍ୟା ମଧ ମିଳୁନାହିଁ। ଫଳରେ ମହିଳା ଓ ଶିଶୁଙ୍କ ପାଇଁ ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଦରଦ କେତେ ତାହା ଜଳଜଳ ଜଣାପଡୁଥିବା କୁହନ୍ତି ବିଭିନ୍ନ ପଂଚାୟତ ଜନପ୍ରତିନିଧି ଓ ବୁଦ୍ଧିଜୀବୀ।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିତ୍ତିଭୂମି ସୁଦୃଢ଼ କରିବା ସହ ଚିକିତ୍ସା ସେବାର ମେରୁଦଣ୍ଡ କୁହାଯାଉଥିବା ଆବଶ୍ୟକ ବିଶେଷଜ୍ଞ ଡକ୍ଟର ଯୋଗାଇବାକୁ ଦାବୀ ହୋଇଛି।

## ସରଦେଇପୁର ଉପ୍ରା ବିଦ୍ୟାଳୟରେ ଆସ ସ୍କୁଲ ଯିବା ପଦଯାତ୍ରା




**ବାଲିଅନ୍ତା,୧୯।୯ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ବ୍ଲକ ଅଧୀନ ସରଦେଇପୁର ସରକାରୀ ଉପ୍ରା ବିଦ୍ୟାଳୟରେ" ଆସ ସ୍କୁଲଯିବା" ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସିମନ୍ତିନୀ କରଙ୍କ ତତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷା କମିଟି କାର୍ଯ୍ୟକର୍ତ୍ତା ପଦଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ଘରକୁ ଘର ବୁଲି ଏସଂପର୍କିତ ପ୍ଲାକାର୍ଡ଼ ବଣ୍ଟନ କରାଯାଇଥିଲା। ସିଆରସିସି ମମତା ଦେବୀଙ୍କ ତତ୍ତ୍ୱାବଧାନରେ ଶିକ୍ଷକମାନେ କରିଥିବା ସିଟିଏସ ସର୍ଭେ ସମୟରେ ଅଧାରୁ ପାଠ ଛାଡ଼ିଥିବା ୧୪ ବର୍ଷରୁ ଊର୍ଦ୍ଧ୍ୱ ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ଆଇଟିଆଇ ନାମ ଲେଖାଇବା ପାଇଁ ସଚେତନ କରାଯାଇଛି।

## ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା

**ନିଶ୍ଚିନ୍ତକୋଇଲି,୧୯।୯ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ନଗସପୁର ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସରକାରୀ କର୍ମଚାରୀମାନେ ମନଇଛା କାର୍ଯ୍ୟାଳୟକୁ ଆସୁଥିବା ବେଳେ କେନାଲର ରକ୍ଷଣା ବେକ୍ଷଣ ଦାୟୀତ୍ୱ ଠିକ୍ ଭାବେ ତୁଲାଉନଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନରେନ୍ଦ୍ରପୁର ଠାରେ ଅବସ୍ଥିତ। ପ୍ରାକ୍ତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ଉଦ୍ୟମ ଫଳରେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ତେବେ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି କାର୍ଯ୍ୟାଳୟରେ କୌଣସି ସ୍ଥାୟୀ ନିର୍ବାହୀ ଯନ୍ତ୍ରୀ ନାହାନ୍ତି।

କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ଅକ୍ଷୟ କୁମାର ମଲିକ କେନ୍ଦୁପାଟଣା ଓ ନଗସପୁର ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରୂପେ ଦୈତ୍ୱ ଦାୟୀତ୍ୱରେ ରହିଥିଲେ। ତେବେ ଶ୍ରୀ ମଲିକ କିଛି ଦିନ ତଳେ ଚାକିରିରୁ ଅବସର ଗ୍ରହଣ କରିସାରିଲେଣି। ଫଳରେ ଏହି ଦୁଇଟି କାର୍ଯ୍ୟାଳୟରେ କୌଣସି ସ୍ଥାୟୀ ସହକାରୀ ନିର୍ବାହୀ ଯନ୍ତ୍ରୀ ନଥିବାର ଅଭିଯୋଗ ହୋଇଛି।



ଅପରପକ୍ଷରେ ଏହି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିନରେ ୪ଟି କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ରହିଛି। ତେବେ ଏହି ୪ଜଣ ଯନ୍ତ୍ରୀ ନିୟମିତ କାର୍ଯ୍ୟାଳୟକୁ ଆସୁନଥିବାର ସୁଯୋଗ ନେଇ ବାଘ ଘରେ ମିରିଗ ନାଟ ପରି ଦୀର୍ଘ ବର୍ଷ ହେଲା ଆସ୍ଥାନ ଜମାଇ ରହିଥିବା ସ୍ଥାନୀୟ ଅଞ୍ଚଳର କର୍ମଚାରୀମାନେ ନିୟମିତ କାର୍ଯ୍ୟାଳୟକୁ ଆସୁନଥିବାର ଅଭିଯୋଗ ହୋଇଛି। ସବୁଠାରୁ ଆଶ୍ଚର୍ଯ୍ୟ ଜନକ ଘଟଣା ହେଉଛି ଏହି କର୍ମଚାରୀମାନେ ସପ୍ତାହକୁ ଥରେ ଦୁଇଥର ମାତ୍ର କାର୍ଯ୍ୟାଳୟକୁ ଆସି ଉପସ୍ଥାନ ଖାତାରେ ସମସ୍ତ ଦସ୍ତଖତ ମାରୁଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଏହି କର୍ମଚାରୀମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବାରୁ ଅଧିକାଂଶ ସକ୍ରିୟ ରାଜନୀତି, ଠିକାଦାରୀ ଓ ବ୍ୟବସାୟ ତଥା ଘରୋଇ କାର୍ଯ୍ୟରେ ବ୍ୟସ୍ତ ରହୁଥିବାର ଅଭିଯୋଗ ହୋଇଛି।

ଏହି କାର୍ଯ୍ୟାଳୟକୁ କର୍ମଚାରୀମାନେ ନିୟମିତ ଆସୁନଥିବା କାରଣରୁ କାର୍ଯ୍ୟାଳୟଟି ଏକରକମ ଭୂତ କୋଠିରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କର୍ମଚାରୀଙ୍କ ସାକ୍ଷାତ ନପାଇ ଦୂର ଦୂରାନ୍ତରୁ ଆସୁଥିବା ଲୋକେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି।

## ହଳଦିଆ ମହାବିଦ୍ୟାଳୟରେ ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ

**ଖୋର୍ଦ୍ଧା,୧୯।୯ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ସହରର ଅନତି ଦୂରରେ ଅବସ୍ଥିତ ହଳଦିଆ ମହାବିଦ୍ୟାଳୟର ୪୨ତମ ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଶାନ୍ତନୁ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଆ ବିଭଗର ଅଧାପିକା ସୁଶ୍ରୀ ସୀତା ପାତ୍ର ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ରାଜ୍ୟର ସୁନାମଧନ୍ୟ ଅସ୍ଥିଶୈଲ୍ୟ ବିଶେଷଜ୍ଞ ଡାକ୍ତର ଶରତ ଚନ୍ଦ୍ର ମିଶ୍ରଙ୍କ , ମହାବିଦ୍ୟାଳୟରେ ପ୍ରଥମ ଅଧକ୍ଷ ଭାବେ ନିଯୁକ୍ତି ପାଇଥିବା ବ୍ରହ୍ମାନନ୍ଦ ଭଞ୍ଜଦେଓ ଏବଂ ପୂର୍ବତନ ଅଧକ୍ଷ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଗ୍ରାମର ବୁଦ୍ଧିଜୀବି ସ୍ୱର୍ଗତଃ ଜାନକୀ ରାମ ଭଞ୍ଜ ଏବଂ




ଗ୍ରାମର ଅନ୍ୟାନ୍ୟ ବଦାନ୍ୟ ବ୍ୟକ୍ତି ମାନଙ୍କର ମହାବିଦ୍ୟାଳୟ ଗଠନ ପଛରେ ଥିବା ଭୂମିକା ସମ୍ପର୍କରେ ଉପସ୍ଥିତ ଅଧାପକ ଅଧାପିକା ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ।

୧୯୮୩ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ମହାବିଦ୍ୟାଳୟର ଦୀର୍ଘ ୪୨ ବର୍ଷ ମଧରେ ବିକାଶ ହୋଇ ପାରିବା ସହିତ ଏହାର ଶ୍ରେଣୀଗୃହ ସଂଖ୍ୟା ଆଜି ତିରିଶରେ ପହଞ୍ଚିଛି। ବର୍ତ୍ତମାନ ଏଠାରେ ଅଧୟନ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୨ଶହରେ ପହଞ୍ଚି ପାରିଛି। ତେଣୁ ମହାବିଦ୍ୟାଳୟର ଭବିଷ୍ୟତ ବୃଦ୍ଧି ଏବଂ ବିକାଶ ଅନିର୍ବାଯ୍ୟ ବୋଲି ନିମନ୍ତ୍ରିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ରଘୁନାଥ ଜନଗଣ ମଙ୍ଗଳ ଟ୍ରଷ୍ଟ ତରଫରୁ ଯୁକ୍ତଦୁଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ସୁନୀତା ଖଟୁଆଙ୍କ ଟ୍ରଫି ଓ ମାନପତ୍ର ସହ ପାଞ୍ଚ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ସେହିପରି ହାଡିବନ୍ଧୁ ଲକ୍ଷ୍ମୀପ୍ରିୟା ଚାରିଟେବଲ୍ ଟ୍ରଷ୍ଟ ତରଫରୁ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଏକ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

## ସୁଭଦ୍ରା ଯୋଜନାର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

**ସାଲେପୁର,୧୯।୯ (ସଂଚାର ବ୍ୟୁରୋ):** ସାଲେପୁର ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ସୁଭଦ୍ରା ଯୋଜନାର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ ମିଶନ ଶକ୍ତି ଭବନ ଠାରେ ପାଳିତ ହୋଇଯାଇଛି। ଶିଶୁବିକାଶ ପ୍ରକଳ୍ପ ଅଧିକାରୀଣୀ ସୌଦାମିନୀ ପଣ୍ଡାଙ୍କ ଅଧକ୍ଷତାରେ ସମସ୍ତ ସୁପରଭାଇଜର, ପି ଏ ମମତା, ବିସି ପୋଷଣ, ସୁଭଦ୍ରା ହେପ୍ ଡେକ୍ସ୍ ପର୍ସନ୍ ଓ ଅନ୍ୟାନ୍ୟ କର୍ମଚାରୀ ଓ ସୁଭଦ୍ରା ହିତାଧିକାରୀ ମାନେ ଯୋଗ ଦେଇଥିଲେ। ଏଥିରେ ଯୋଗଦେଇ ଏହି ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀ ମାନେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରି ସେମାନେ କିପରି ସୁଭଦ୍ରା ଯୋଜନାର ଅର୍ଥରାଶିକୁ ବିନିଯୋଗ କରି ଲାଭା ନିତ୍ୱ ହୋଇଛନ୍ତି ତାହା ବର୍ଣ୍ଣନା କରିଛନ୍ତି। ଆଜି ଠାରୁ ଏହି ବର୍ଷର ପୋଷଣ ମାସ ମଧ ଆରମ୍ଭ ହୋଇଥିବାରୁ ସେ ବିଷୟରେ ମଧ ଆଲୋଚନା କରାଯାଇଥିଲା। ନବଜାତ ଶିଶୁ ଓ ୨ବର୍ଷର ଶିଶୁ ମାନଙ୍କର ଖାଦ୍ୟଅଭ୍ୟାସ ପ୍ରଣାଳୀ ବିଷୟରେ ସଚେତନତା କରାଯାଇଥିଲା। ପ୍ରଧାନ ମନ୍ତ୍ରୀ ମାତୃ ବନ୍ଦନା ଯୋଜନା ବିଷୟରେ ଆଲୋଚନା କରାଯିବା ସହିତ ଲିଫଲେଟ୍ ବଣ୍ଟନ କରାଯାଇଥିଲା।

## ବରିଷ୍ଠ ଯାତ୍ରା ନିର୍ଦ୍ଦେଶକଙ୍କ ପରଲୋକ



**ଛତ୍ରପୁର,୧୯।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ସହରର ପୁଇଁତୋଳା ସ୍ଥିତ ବାସଭବନରେ ବରିଷ୍ଠ ଯାତ୍ରା ନିର୍ଦ୍ଦେଶକ ଓ ଆଡଭୋକେଟ ପଙ୍କଜ ବାରିକଙ୍କ ହୃଦଘାତରେ ଗୁରୁବାର ବିଳମ୍ବିତ ରାତିରେ ୫୫ ବର୍ଷ ବୟସରେ ପରଲୋକ ହୋଇଛି। ତାଙ୍କର ଅପ୍ରତ୍ୟାଶିତ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳ ସହ ସାରା ଯାତ୍ରା ମଞ୍ଚ, କଳାକାର ଓ ପ୍ରେମୀମାନଙ୍କ ମଧରେ ଗଭୀର ଶୋକର ଛାୟା ବ୍ୟାପି ଯାଇଛି। ଛାତ୍ରଜୀବନରୁ କଳାପ୍ରେମୀ ପଙ୍କଜ ବାରିକି ଯାତ୍ରା, ନାଟକ ଓ ସାମାଜିକ କଳାଚର୍ଚ୍ଚାରେ ସକ୍ରିୟ ରହିଥିଲେ। ୧୯୯୦ ଦଶକରୁ ସେ "ଜଗନ୍ନାଥ ଯାତ୍ରା ସମିତି" ସହିତ ଜଡିତ ହୋଇ "କଳାବିକାଶ", "ସୂର୍ଯ୍ୟମୁଖୀ" ପରି ପ୍ରସିଦ୍ଧ ଯାତ୍ରାଗୁଡ଼ିକୁ ସୁଚାଳନା କରିଥିଲେ। ତାଙ୍କର ନିର୍ଦ୍ଦେଶନାରେ "ବରଣୀ କନ୍ୟା ବର୍ଷାରାଣୀ", "ଖରାପ ଝିଅର ଗପ", "ମୋ ନାଟି ଲିଲି ମୁଁ ଆସିଛି ଗଞ୍ଜାମ ବୁଲି", "ଟିକିଲି ଅପା" ପରି ନାଟକଗୁଡ଼ିକ ବର୍ଷାନୁବର୍ଷ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। "ଦେଖ ଶୁଣ ଚୁପ ରୁହ" ଡ୍ରାମାରେ ତାଙ୍କ ଜୀବନ୍ତ ଅଭିନୟ ପୁରୀ, ଖୋର୍ଦ୍ଧା ସହିତ ବିଭିନ୍ନ ଜିଲ୍ଲାରେ ଦର୍ଶକଙ୍କ ପ୍ରଶଂସା ଲାଭ କରିଥିଲା। ସେ ବହୁ ଜିଲ୍ଲା ଓ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ଭାଗ ନେଇ, ଅନେକ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ତାଙ୍କ ମୃତ୍ୟୁରେ ପରିବାରରେ ଶୋକର ଛାୟା ଖେଳିଯାଇଛି। ଶନିବାର ସକାଳେ ପୁରୁଣା ଜେଟି ନିକଟସ୍ଥ ବରପଲ୍ଲୀ ଶ୍ମଶାନରେ ପାରମ୍ପରିକ ନୀତି-ନିୟମ ଅନୁସାରେ ତାଙ୍କର ଶବଦାହ କରାଯାଇଥିଲା।

'ଏକ ପେଡ ମା' କେ ନାମ' କାର୍ଯ୍ୟକ୍ରମ

## ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଚାରା ଲଗାଇଲେ ସୋଆ ଉପସଭାପତି

**ଭୁବନେଶ୍ୱର,୧୯।୯ (ସଂଚାର ବ୍ୟୁରୋ):** ମା' ପାଇଁ ଗଛଟିଏ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଆରମ୍ଭ ହୋଇଥିବା ଅଭିଯାନ 'ଏକ ପେଡ଼ ମା' କେ ନାମ' କାର୍ଯ୍ୟକ୍ରମରେ ସହଭାଗୀ ହୋଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ - ୫ ଷ୍ଟାଡିୟମ୍‌ରେ ବୃକ୍ଷରୋପଣ କରାଯାଇଛି। ସୋଆ ଉପସଭାପତି ଶାଶ୍ୱତୀ ଦାସ ଏହି ବୃକ୍ଷରୋପଣ କରିଥିଲେ।

ସୋଆ ଗ୍ରୀନ୍ କ୍ଲବ୍ ପକ୍ଷରୁ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀମତି ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ପ୍ରକାରର ଗଛ



ଲଗାଇବା ସହିତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅଭିଯାନ ଦ୍ୱାରା ଅନୁପ୍ରାଣିତ ହୋଇ ସମସ୍ତେ ବୃକ୍ଷରୋପଣ କରିବା ଉଚିତ୍ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ସମୟରେ ବିଶ୍ୱତାପନ ଏକ ବଡ ସମସ୍ୟା ଭାବେ ଦେଖାଦେଇଛି। ତେଣୁ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ନିହାତି ଦରକାର। କାରଣ ବୃକ୍ଷ ଏହି ସମସ୍ୟାକୁ ପ୍ରତିହତ କରିବ। ତେଣୁ ଘର ହେଉ କି ବାହାର ସମସ୍ତେ ଗଛ ଲଗାନ୍ତୁ ବୋଲି ଶ୍ରୀମତି ଦାସ କହିଥିଲେ।

ଏହି ଅବସରରେ ସୋଆର ସମସ୍ତ ଶିକ୍ଷାନୁଷ୍ଠାନର ଡିନ୍, ଛାତ୍ରମଙ୍ଗଳ ଡିନ୍‌ଙ୍କ ସମେତ ବରିଷ୍ଠ ଅଧିକାରୀ, ଫ୍ୟାକ୍‌ଲ୍ଟି, କର୍ମକର୍ତା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ରାମଚଣ୍ଡୀ ପୀଠରେ ସ୍ୱଚ୍ଛ ଭାରତ ଓ ସଚେତନତା କାର୍ଯ୍ୟକ୍ରମ



**ବ୍ରହ୍ମପୁର,୧୯।୯ (ସଂଚାର ବ୍ୟୁରୋ):** କରପଡା ପଞ୍ଚାୟତ ଅନ୍ତର୍ଗତ ମା' ରାମଚଣ୍ଡୀ ପାହାଡ଼ ନିକଟସ୍ଥ ନୀଳାଦ୍ରିପୁର ଗ୍ରାମ ପରିସରରେ ଏକ ବିଶାଳ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର ପୂଜା କମିଟି, ପରିଚାଳନା କମିଟି, ଛତ୍ରପୁର ଓଏସଏପି ଅଷ୍ଟମ ବଟାଲିୟନର ଅଧିକାରୀ ଓ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ନୀଳାଦ୍ରିପୁର ଗ୍ରାମ ଛକ ଓ ରାମଚଣ୍ଡୀ ମନ୍ଦିରର ମୁଖ୍ୟ ରାସ୍ତା ଉପରେ ଗାଈଗୋରୁ ମାନଙ୍କ ଯୋଗୁଁ ହେଉଥିବା ପରିମଳ ଅବବ୍ୟସ୍ଥା ଏବଂ ପର୍ଯ୍ୟଟକ ମାନଙ୍କ ଯାତାୟାତ ଅସୁବିଧାକୁ ଦୃଷ୍ଟିରେ ରଖି ଗ୍ରାମର ଗ୍ରାମ୍ୟ କମିଟିଙ୍କ ଉପସ୍ଥିତିରେ ଗାଈ ରଖିଥିବା ଗୌଡ଼ ମାନଙ୍କୁ ସଚେତନ କରାଇବା ସହ ଆଗକୁ ଗାଈଗୋରୁ ଖୋଲା ନଛାଡିବା ପାଇଁ ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂଜା କମିଟି ସଭାପତି ସିଏଚ ଦୟାନନ୍ଦ ରେଡ୍ଡୀଙ୍କ ସଭାପତିତ୍ୱରେ ପୂଜା କମିଟିର କର୍ମକର୍ତ୍ତାଙ୍କ ସମେତ ନୀଳାଦ୍ରୀପୁର ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଯୁବ ଆଇନଜୀବୀଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ଯାଜପୁର,୧୯।୯ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଯୁବ ଓକିଲ ସଂଘ ପକ୍ଷରୁ ସଭାପତି ଅକ୍ଷୟ ସାହୁଙ୍କ ନେତୃତ୍ୱରେ ଦିବଙ୍ଗତ ଯୁବ ଆଇନଜୀବୀ ସରୋଜ କୁମାର ସ୍ୱାଇଁଙ୍କ ସ୍ମୃତିରେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ଆୟୋଜିତ ହେଲା। ଏହି ଶୋଭାଯାତ୍ରା ଜିଲ୍ଲା କୋର୍ଟ ପରିସରରୁ ଆରମ୍ଭ ହୋଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିଲା। ଶୋଭାଯାତ୍ରା ସମୟରେ "ସରୋଜ ସ୍ୱାଇଁ ଆମର ରହେ" ବାଣୀରେ ତାଙ୍କ ସ୍ମୃତିକୁ ସମ୍ମାନ କରାଗଲା। ଏଥିରେ ଓଡ଼ିଶା ରାଜ୍ୟ ବାର୍ କାଉନସିଲ ଉପାଧକ୍ଷ ରାଜୀବ ମହାନ୍ତି, ବରିଷ୍ଠ ସଦସ୍ୟ ଆଲୋକ ପାଣି, ପାର୍ଥ ରାୟ, ଗୁଣମଣି ପାଣିଗ୍ରାହୀଙ୍କ ସମେତ ବହୁ ଯୁବ ଆଇନଜୀବୀମାନେ ଉପସ୍ଥିତି ଥିଲେ।



ଚର୍ଚ୍ଚାରେ ବଦଳି ବାତିଲ ପ୍ରସଙ୍ଗ

# ସରକାରଙ୍କ ଗେହ୍ଲାପୁଅ ସାଜିଛନ୍ତି ରେଜିଷ୍ଟ୍ରାର

**ବ୍ରହ୍ମପୁର,୧୯।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଏବେ ଗେହ୍ଲାପୁଅ ପାଳିବା ଆରମ୍ଭ କରିଛନ୍ତି। ଏ କଥା ଆମେ କହୁନାହୁଁ, ସାଧାରଣରେ ଖୁବ୍ ଚର୍ଚ୍ଚା ହେଉଛି। ରାଜ୍ୟ ସରକାରଙ୍କ ତରଫରୁ ବଦଳି ନିର୍ଦ୍ଦେଶ ବାହାରିବା ପରେ ଜଣେ ବାବୁଙ୍କୁ ପୁଣି ଉକ୍ତ ସ୍ଥାନରେ ଥଇଥାନ କରିବାକୁ ନେଇ ପ୍ରଶ୍ନ ବି ଉଠୁଛି। ବଦଳିର କିଛି ଘଣ୍ଟା ମଧରେ ସରକାର ପୁନର୍ବାର କାହିଁକି ବାତିଲ ନିଷ୍ପତ୍ତି ନେଲେ ତାହା ସଭିଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହା ପଛରେ ଆଉ କିଛି ସ୍ୱାର୍ଥ ଥିବା ବି କୁହାଯାଉଛି।

ସୂଚନା ଅନୁଯାୟୀ, ନିକଟରେ ଏମକେସିଜି ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ବରଗଡ଼ ଜିଲ୍ଲାକୁ




ବଦଳି ହୋଇଥିବା ନେଇ ନିର୍ଦ୍ଦେଶନାମା ବାହାରିଥିଲା। ତାଙ୍କୁ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ (ଏଏଡିଏମ୍) ଭାବେ ନିଯୁକ୍ତି ପ୍ରଦାନ କରିଥିଲେ ରାଜ୍ୟ ସରକାର। ଏହାର କିଛି ଘଣ୍ଟା ମଧ୍ୟରେ ତାଙ୍କ ଟ୍ରାନ୍ସଫରକୁ ରୋକାଯାଇଥିଲା। ପରେ ଏହାକୁ ସମ୍ପୂର୍ଣ୍ଣ ବାତିଲ ବି କରାଯାଇଥିଲା। ଯାହାକୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି।

କୁହାଯାଉଛି, ବାବୁଙ୍କ ହାତ କୁଆଡେ ଖୁବ୍ ଲମ୍ବା। ତେଣୁ ତାଙ୍କ ବଦଳି ଏତେଟା ସହଜ ନୁହେଁ। ବିଜେପିର ବଡ ବଡ଼ ନେତୃତ୍ୱଙ୍କ ସହ ତାଙ୍କର କୁଆଡେ ଭଲ ଲିଙ୍କ୍ ରହିଛି। ତେବେ ସେ ଯାହା ହେଉନା କାହିଁକି, କିନ୍ତୁ ଏମକେସିଜି ବିରୋଧରେ ବାରମ୍ବାର ପ୍ରଶାସନିକ ଅବହେଳାର କଥା ଉଠୁଥିବା ବେଳେ ଏପରି ଗେହ୍ଲାପୁଅ ନୀତି ଯୋଗୁଁ ଆଗାମୀ ଦିନରେ ସରକାର ବଦନାମ୍ ହେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି କୁହାଯାଉଛି। ଏଣୁ ଖୁବଶୀଘ୍ର ସରକାର ଏ ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଆଲୋଚନା ହେଉଛି।

■ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ନିଶାମୁକ୍ତ ଭାରତର ବାର୍ତ୍ତା

# ଜର୍ସି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୯(ସଂଚାର ବ୍ୟୁରୋ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ ଆସନ୍ତା ୨୧ ତାରିଖ ସକାଳ ୭ଟାରେ ଦେଶର ୭୫ଟି ସହରରେ ୧୦ ଲକ୍ଷ ଯୁବକଙ୍କୁ ନେଇ ଗଣଦୌଡ଼ର ଆୟୋଜନ କରାଯାଇଛି।

**୨୧ରେ କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ବିଶାଳ ଗଣଦୌଡ଼**




ଏହି ଗଣଦୌଡ଼ର ବାର୍ତ୍ତା ହେଉଛି 'ନିଶାମୁକ୍ତ ଭାରତ'। ଏହି କ୍ରମରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ବିଶାଳ ଗଣଦୌଡ଼ର ଆୟୋଜନ କରାଯାଇଛି। ଏହି ଗଣଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ। ଆଜି ମୁଖ୍ୟମନ୍ତ୍ରୀ ଏହି ଗଣଦୌଡ଼ର ଜର୍ସି ଉନ୍ମୋଚନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଏକ ମହତ ବାର୍ତ୍ତା ନେଇ ଆୟୋଜନ ହେଉଥିବା ଏହି ଗଣଦୌଡ଼ରେ ବିପୁଳ ସଂଖ୍ୟକ ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

## ଗାଁରେ ପଶିଲେ ଦୁଇ ଦନ୍ତା

**ଉଦଳା, ୧୯।୯(ସଂଚାର ବ୍ୟୁରୋ):** ଗାଁରେ ପଶିଲେ ଦୁଇ ଦନ୍ତା। ମୟୂରଭଞ୍ଜ ଜିଲ୍ଲା ଉଦଳା ବନାଞ୍ଚଳ ଅଧୀନସ୍ଥ ସାଇଁକୁଲା ଗାଁରେ ପଶିଛନ୍ତି ଏହି ହାତୀ ଦୁଇଟି। ସାଇଁକୁଲା, ହାଟ ନୂଆଗାଁ, ଡିଗୀସାହି ଗାଁରେ ଦନ୍ତା ହାତୀ ପଶି ଉତ୍ପାତ କରୁଛନ୍ତି। ଗଛ ଭାଙ୍ଗିବା ସହ ପାଇପ ଭାଙ୍ଗୁଛନ୍ତି। ବିଲରେ ପଶି ଧାନ ନଷ୍ଟ କରିବା ସହ ଜନବସତି ଭିତରକୁ ପଶିବାକୁ କରୁଛନ୍ତି ଉଦ୍ୟମ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗତିବିଧି ଉପରେ ନଜର ରଖିଛନ୍ତି। କିଛିଦିନ ତଳେ ଦେବଗଡ଼ ଜଙ୍ଗଲରୁ ଦନ୍ତା ହାତୀର ମୃତଦେହ ଠାବ ହୋଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଦେବଗଡ ଜିଲ୍ଲା ରିଆମାଳ ବନାଞ୍ଚଳ ପଳସମା ସେକ୍ସନ କୋହ୍ଲବସା ପଞ୍ଚାୟତ ଅନ୍ତର୍ଗତ ଚିରଗୁଣିକୁଦର ଗ୍ରାମ୍ୟ ଜଙ୍ଗଲରେ ଏକ ଦନ୍ତା ହାତୀର ମୃତଦେହ ଠାବ ହୋଇଥିଲା। ନୂଆଁକଟାଠାରେ ହାତୀର ମୃତଦେହଟି ଦେଖି ବନବିଭାଗକୁ ଖବର ଦେଇଥିଲେ ସ୍ଥାନୀୟଲୋକେ।

## ଭିଜିଲାନ୍ସ ଜାଲରେ ରେଞ୍ଜ ଅଫିସର

### ୯ ଦାମୀ ପ୍ଲଟ୍ ସହ ୨୬୩ ଗ୍ରାମ୍ ସୁନା ଠାବ

■ ଏକକାଳୀନ ୯ଟି ସ୍ଥାନରେ ଚଢ଼ାଉ
■ ୧୮ ବର୍ଷର ଚାକିରିରେ କୋଟିଏରୁ ଉର୍ଦ୍ଧ୍ୱ ସମ୍ପତ୍ତି

**ଭୁବନେଶ୍ୱର, ୧୯।୯(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା କାଶୀପୁର ଫରେଷ୍ଟ ରେଞ୍ଜ ଅଫିସର୍ ଅନ୍ତର୍ଯ୍ୟାମୀ ସାହୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ମାତ୍ର ୪ ହଜାର ଟଙ୍କାରେ ଚାକିରି ଜୀବନ ଆରମ୍ଭ କରିଥିବା ଶ୍ରୀ ସାହୁ ୧୮ ବର୍ଷର ଚାକିରି କାଳରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଚଢ଼ାଉ ସମୟରେ ଜାଣିବାକୁ



ପାଇଛି। ଆଜି ସକାଳୁ ତାଙ୍କ ସହ ଜଡ଼ିତ ୯ଟି ପୃଥକ୍ ସ୍ଥାନରେ ଭିଜିଲାନ୍ସର ଭିନ୍ନ ଭିନ୍ନ ଟିମ୍ ଏକକାଳୀନ ଚଢ଼ାଉ କରିଥିଲେ। ଏଥିରେ କାଶୀପୁର ସରକାରୀ କାର୍ଯ୍ୟାଳୟ, ବାସଭବନ, କନ୍ଧମାଳ ଜିଲ୍ଲା ବାଲିଗୁଡା ଓ ଶ୍ରିନୀକେତା, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ବ୍ରହ୍ମପୁର, ନୟାଗଡ଼ ଆଦି ରହିଛି। ଚଢ଼ାଉ ସମୟରେ ତାଙ୍କ ନାଁରେ ୯ଟି ଦାମୀ ପ୍ଲଟ୍ ରହିଥିବା ଜଣାପଡ଼ିଛି। ଏହାଛଡ଼ା ତାଙ୍କ ବାସଭବନରୁ ୨୬୩.୨୨ ଗ୍ରାମ୍ ଓଜନର ସୁନା, ପାଖାପାଖି ୨୮ ଲକ୍ଷ ଟଙ୍କାର ଜମା ଓ ବୀମା କାଗଜପତ୍ର, ଗୋଟିଏ ଦୁଇଚକିଆ ଯାନ ସହ ୯.୪୩ ଲକ୍ଷ ଟଙ୍କାର ନଗଦ ଓ ଆସବାବପତ୍ର ଠାବ କରାଯାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ଶ୍ରୀ ସାହୁ ଆହୁରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସମ୍ଭାବନା ପ୍ରକଟ କରାଯାଇଛି। ଶ୍ରୀ ସାହୁ ୨୦୦୭ରେ ସର୍ବପ୍ରଥମେ କନ୍ଧମାଳର ବାଲିଗୁଡ଼ା ବନାଞ୍ଚଳରେ ରେଞ୍ଜର୍ ଭାବେ ନିଯୁକ୍ତି ପାଇଥିଲେ। ସେ ୧୮ ବର୍ଷର ଚାକିରି କାଳ ମଧ୍ୟରେ ୧୬ ବର୍ଷ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟ କରିଛନ୍ତି।

**କାଳ ହେଲା ପାରିବାରିକ କଳହ**

## ସ୍ତ୍ରୀର ବେକ କାଟିଦେଲା ସ୍ୱାମୀ

**ଜଳେଶ୍ୱର, ୧୯।୯(ସଂଚାର ବ୍ୟୁରୋ):** ପାରିବାରିକ କଳହର ଏକ କରୁଣ ପରିଣତି ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅନ୍ତର୍ଗତ ଚାକୁଆପାଳ ଗ୍ରାମରେ। ଗତକାଲି ବିଳମ୍ବିତ ରାତିରେ ସ୍ତ୍ରୀର ବେକକୁ କାଟି ଦେଇଛି ନୃଶଂସ ସ୍ୱାମୀ। ଫଳତଃ ଘଟଣାସ୍ଥଳରେ ହିଁ ସ୍ତ୍ରୀର ମୃତ୍ୟୁ ହୋଇଯାଇଛି ଓ ହତ୍ୟାକାରୀ ସ୍ୱାମୀ ଫେରାର୍ ହୋଇଯାଇଛି। ମୃତକ ଜଣଙ୍କ ଜୟନ୍ତୀ ପାତ୍ର ବୋଲି ଜଣାପଡ଼ିଛି। ଏପରି ଏକ ଅଭାବନୀୟ ଘଟଣା ସମ୍ପର୍କରେ ସୂଚନା ପାଇ ଜଳେଶ୍ୱର ଏସଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଚାକୁଆପାଳ ଗ୍ରାମର ଚନ୍ଦ୍ରମୋହନ ପାତ୍ର ଓ ଜୟନ୍ତୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଭୀଷଣ ଝଗଡ଼ା ହୋଇଥିଲା। ଏଥିରେ ଚନ୍ଦ୍ରମୋହନ ଉତକ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ଜୟନ୍ତୀଙ୍କ ବେକକୁ କାଟି ଦେଇଥିଲେ। ଫଳରେ ଜୟନ୍ତୀଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିଲା। ଘଟଣାସ୍ଥଳରେ ହିଁ ଜୟନ୍ତୀଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଅଘଟଣ ଘଟାଇବା ପରେ ସ୍ୱାମୀ ଚନ୍ଦ୍ରମୋହନ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଖବର ପାଇ ରାଇବଣିଆ ଥାନା ପୁଲିସ ଓ ଜଳେଶ୍ୱର ଏସଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

## ଦୁଇ ପୁଅଙ୍କୁ ବିଷ ପିଆଇଲା ବାପା

**ଅନୁଗୁଳ, ୧୯।୯(ସଂଚାର ବ୍ୟୁରୋ):** ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବାପା ନିଜ ରକ୍ତର ଦୁଇ ପୁଅଙ୍କୁ ବିଷ ପିଆଇ ଦେଇଛି। ଫଳତଃ ଗୁରୁତର ଅବସ୍ଥାରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁସାରେ, ଜରପଡ଼ା ଥାନା ଅନ୍ତର୍ଗତ ତୁବେ ଗାଁର କାଳୀ ଚରଣ ପ୍ରଧାନଙ୍କ ଦୁଇ ପୁଅ ଥିବା ବେଳେ ସେମାନଙ୍କ ମଧ୍ୟରେ ବଡ଼ର ନାଁ ନୀଳ ମାଧବ (୧୨) ଓ ସାନ ପୁଅର ନାଁ ଜିଜ୍ଞାସୁ (୮)। ତେବେ ଆଜି ଦିନ ପ୍ରାୟ ୧୨ଟା ସମୟରେ ସେମାନଙ୍କୁ କାଳୀ ଚରଣ ସ୍କୁଲରୁ ନେଇ ବନ୍ତଲା ଥାନା ଅଞ୍ଚଳର ନୂଆକ୍ଷେତା ଜଙ୍ଗଲରେ ସେମାନଙ୍କୁ ବିଷ ଦେଇଦେଇଥିଲା। ଏନେଇ ଜାଣିବା ପରେ ଗ୍ରାମବାସୀ ଉଭୟଙ୍କୁ କାଳୀଚରଣ କବଳରୁ ଉଦ୍ଧାର କରି ପ୍ରଥମେ ବନ୍ତଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ସେମାନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଗ୍ରାମବାସୀ ଏକ କାର୍ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍‌ର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ



ବ୍ରହ୍ମପୁରରୁ ବାରଣାସୀକୁ ଗଡ଼ିଲା ଟ୍ରେନ୍

**ବ୍ରହ୍ମପୁର, ୧୯।୯ (ସଂଚାର ବ୍ୟୁରୋ):** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ୫ଟି ଜିଲ୍ଲାର ୭୭୫ ତୀର୍ଥଯାତ୍ରୀ ଓ ୨୫ ଜଣ ଏସ୍କର୍ଟ ଆୟୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଦ୍ୱିତୀୟ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ତୀର୍ଥଯାତ୍ରୀଙ୍କୁ ବିଦାୟ ଦେଥିଲେ। ସମସ୍ତ ତୀର୍ଥଯାତ୍ରୀ ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠରୁ ବାହାରି ପବିତ୍ର ଗଙ୍ଗା ଘାଟ, ବାରାଣସୀର ଶୈବ ପୀଠ, ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ପରିଦର୍ଶନ କରିବେ। ଶ୍ରୀ ରାମଲାଲାଙ୍କ ସାନ୍ନିଧ୍ୟ ଲାଭ କରି ସେମାନେ ନିଜର ମନସ୍କାମନା ପୁରଣ କରି ଫେରିବେ ବୋଲି ଶ୍ରୀମତୀ ପରିଡ଼ା କହିଥିଲେ। ୫ ରାତି ଓ ୬ ଦିନ ବିଶିଷ୍ଟ ଏହି ଯାତ୍ରା ସୁଖମୟ ହେଉ ବୋଲି ସେ ପ୍ରଭୁ ଜଗନ୍ନାଥଙ୍କଠାରେ କାମନା କରିଥିଲେ। ସେମାନଙ୍କ ସାଥୀରେ ଯାଉଥିବା ଏସ୍କର୍ଟ ଅଧିକାରୀଙ୍କୁ ତୀର୍ଥଯାତ୍ରୀଙ୍କ ସମସ୍ତ ଦେଖାରକ୍ଷା କରିବା ସକାଶେ ସେ ନିବେଦନ କରିଥିଲେ। ବ୍ରହ୍ମପୁର ରେଳ ଷ୍ଟେସନରୁ ଏହି ତୀର୍ଥଯାତ୍ରାର ଶୁଭାରମ୍ଭ କରାଯାଇଛି। ଗଞ୍ଜାମ, ଗଜପତି, ବୌଦ୍ଧ, ନୟାଗଡ଼ ଓ କନ୍ଧମାଳର ତୀର୍ଥଯାତ୍ରୀମାନେ ଏହି ଯାତ୍ରାରେ ସାମିଲ୍ ହୋଇଛନ୍ତି। ଏଥିରେ ଗଜପତି ଜିଲ୍ଲାର ୭୨, ନୟାଗଡ଼ର ୧୧୯, କନ୍ଧମାଳର ୯୧, ବୌଦ୍ଧର ୫୫ ଓ ଗଞ୍ଜାମର ୪୩୮ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି। ବିଭିନ୍ନ ଜିଲ୍ଲାରୁ ଆସିଥିବା ତୀର୍ଥଯାତ୍ରୀମାନଙ୍କୁ ଗତକାଲି ବ୍ରହ୍ମପୁରରେ ସ୍ୱାଗତ କରାଯିବା ସହ ରେଳଷ୍ଟେସନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ସେମାନଙ୍କ ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟପେୟ, ଭୋଜନ ସନ୍ଧ୍ୟା ଇତ୍ୟାଦି ସମସ୍ତ ସୁବିଧା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଇଥିଲା। ସେହିପରି ଆଜିର କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ବାସନ୍ ସ୍ୱାଗତ ଭାଷଣ ଦେଇ ତୀର୍ଥର ଆନନ୍ଦ ଉଠାଇ ମନ ଓ ଶରୀରକୁ ପ୍ରଫୁଲିତ ରଖିବାକୁ ତୀର୍ଥଯାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ଡ. ରୁଦ୍ର ନାରାୟଣ ଦାସ, ଜିଲ୍ଲା ସଭାପତି ସରୋଜ ସାବତ ଉପସ୍ଥିତ ଥିଲେ। ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଂସଦା ଧନ୍ୟବାଦ ଦେଇଥିଲେ।

## ଆସନ୍ତା ୨୨ରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ

**ଭୁବନେଶ୍ୱର, ୧୯।୯(ସଂଚାର ବ୍ୟୁରୋ):** ଆସନ୍ତା ୨୨ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ବନ୍ଦ ରହିବ। ସମ୍ପ୍ରତି ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ଚାଲିଥିବାରୁ ଏଥିରେ ମୁଖ୍ୟମନ୍ତ୍ରୀ ବ୍ୟସ୍ତ ରହିବେ। ତେଣୁ ଆଗାମୀ ଅଭିଯୋଗ ଶୁଣାଣି ବନ୍ଦ ରହିବ ଏବଂ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ପର୍କରେ ଜନସାଧାରଣଙ୍କୁ ସମ୍ବାଦପତ୍ର ଓ ଗଣମାଧ୍ୟମ ଜରିଆରେ ଜଣାଯିବ ବୋଲି ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟମିତ ଭାବେ ରାଜଧାନୀସ୍ଥିତ ଅଭିଯୋଗ ପ୍ରକୋଷ୍ଠ ସହ ୟୁନିଟ୍-୨ ଅଭିଯୋଗ କକ୍ଷରେ ଅଭିଯୋଗ ଶୁଣିବା ସହ ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେଇଆସିଛନ୍ତି।

## ୯ ଗ୍ରାମ ବ୍ରାଉନସୁଗର, ୨୧ କିଗ୍ରା ଗଞ୍ଜେଇ ଜବତ: ୩ ଗିରଫ



**ବୌଦ୍ଧ, ୧୯।୯(ସଂଚାର ବ୍ୟୁରୋ):** ବୌଦ୍ଧ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲଙ୍କ ନେତୃତ୍ୱରେ ବୌଦ୍ଧ ଜିଲ୍ଲାରେ ପ୍ରହାର କାର୍ଯ୍ୟକ୍ରମ ଜରି ରହିଥିବାବେଳେ ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ଚଢଉ କରାଯାଇଛି । ଏହି ଚଢ଼ାଉରେ ୯ ଗ୍ରାମ ବ୍ରାଉନସୁଗର ସହ ୨୧ କେଜି ଗଞ୍ଜେଇ ଜବତ କରାଯାଇଥିବା ୩ଜଣ ଅଭିଯୁକ୍ତକୁ ଗିରଫ କରାଯାଇଛି। ଏ ନେଇ ବୌଦ୍ଧ ଥାନା ଅଧିକାରୀ ନଳିନୀକାନ୍ତ ଦାସ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଥାନାଧିକାରୀ ଶ୍ରୀ ଦାସଙ୍କ ସୂଚନା ମୁତାବକ, ଗତ ଗୁରୁବାର ଅଭିଯୁକ୍ତମାନେ ବୌଦ୍ଧ ଆଦର୍ଶ ବିଦ୍ୟାଳୟ ନିକଟରେ ଏକ ଜରି ବ୍ୟାଗରେ ଗଞ୍ଜେଇ ଧରି ଚାଲାଣ କରୁଥିବାବେଳେ ବୌଦ୍ଧ ପୁଲିସ ପକ୍ଷରୁ ଚଢଉ କରାଯାଇ ଅଭିଯୁକ୍ତମାନଙ୍କ ପାଖରୁ ୨୧କେଜି ଗଞ୍ଜେଇ ସହ ୯ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଗଞ୍ଜେଇ ଓ ବ୍ରାଉନସୁଗର ଚାଲାଣ ଅଭିଯୋଗରେ ପୁଲିସ ବୌଦ୍ଧର ବନ୍ଦିତ ଭବସାଗର, ମୁକେଶ ପ୍ରଧାନ ଓରଫ ମୁନା ଓ ଗଗୁରା ବାହାଦୁର ଓରଫ ଗୋବରାକୁ ଗିରଫ କରିଛି। ଏନେଇ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏଥିସହ ଅପରେସନ ପ୍ରହାରରେ ବୌଦ୍ଧ ଥାନା ପକ୍ଷରୁ ୬ଟି ଗଞ୍ଜେଇ ମାମାଲା କରାଯାଇଥିବା ବେଳେ ୧ କ୍ୱିଣ୍ଟାଲ ୩୨ କିଗ୍ରା ଓଜନର ଗଞ୍ଜେଇ ଜବତ କରାଯାଇଥିବାବେଳେ ୧୦ ଜଣ ଅଭିଯୁକ୍ତକୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

## ୭ ମାସ ହେଲା ଦରମା ପାଇ ନାହାନ୍ତି ୮୦ରୁ ଅଧିକ ଅଧ୍ୟାପକ



**ଜୟପୁର, ୧୯।୯ (ସଂଚାର ବ୍ୟୁରୋ) :** ବିକ୍ରମଦେବ ବିଶ୍ୱ ବିଦ୍ୟାଳୟରେ ଅତିଥି ଅଧ୍ୟାପକଙ୍କ ଆନ୍ଦୋଳନ। ପ୍ରାୟ ୮୦ରୁ ଅଧିକ ଅତିଥି ଅଧ୍ୟାପକ ୭ମାସ ଧରି ଦରମା ପାଇନଥିବା ଅଭିଯୋଗ କରିଛନ୍ତି । ଅତିଥି ଅଧ୍ୟାପକ ମାନଙ୍କ ପାଇଁ ନୂତନ ଗାଇଡ୍ ଲାଇନ ଲାଗୁ ହୋଇସାରିଥିବା ବେଳେ ସେମାନେ ଆଜି ବି ପୁରୁଣା ଗାଇଡଲାଇନରେ ଦରମା ପାଉଛନ୍ତି । ୨୦୧୭ରୁ ନିଯୁକ୍ତ ହୋଇଥିବା ଅତିଥି ଅଧ୍ୟାପକମାନେ ନିଜ ପ୍ରାପ୍ୟ ନିୟମିତ ପାଉନଥିବା ନେଇ ଅଭିଯୋଗ କରିଛନ୍ତି । ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ସେପଟେ ଆସନ୍ତାକାଲି ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ କୋରାପୁଟ ଗସ୍ତ ଥିବାବେଳେ ତାଙ୍କୁ ଦାବିପତ୍ର ଦେବେ ବୋଲି କହିଛନ୍ତି ଅତିଥି ଅଧ୍ୟାପକ । ଅନ୍ୟପଟେ ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଅତିଥି ଅଧ୍ୟାପକମାନଙ୍କୁ ନେଇ କୁଳପତି ସ୍ୱତନ୍ତ୍ର ବୈଠକରେ ଆଲୋଚନା କରୁଥିବା କହିଛନ୍ତି ।

## ପୋଖରୀ ନିଲାମ ବିବାଦ: ଗୋଡ଼ାଇ ଗୋଡ଼ାଇ ହାଣିଲେ ସମ୍ପର୍କୀୟ ଭାଇ

**ବାଙ୍କୀ, ୧୯।୯(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ବରପୁଟ ପଞ୍ଚାୟତ ସ୍ଥିତ ପାଥପୁର ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ନିଲାମ ପୋଖରୀ ବିବାଦକୁ ନେଇ ବହୁ ଦିନ ଧରି ଚାଲିଥିଲା ବିବାଦ। ଆଜି ସକାଳ ପ୍ରାୟ ସାଢ଼େ ୬ଟା ସମୟରେ ସଂସାରୀ ରାଉତ ଓ ଆନନ୍ଦ ରାଉତ ଦୁଇ ଭାଇ ବିଲକୁ ଯାଉଥିବା ସମୟରେ ପୂର୍ବରୁ ଛକି ରହିଥିବା ସମ୍ପର୍କୀୟ ଭାଇମାନେ ଗୋଡ଼ାଇ ଗୋଡ଼ାଇ ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ବେଳେ ପରିବାର ଲୋକେ ଖବର ପାଇ ଗାଡି କରି ବାଙ୍କୀ ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରିଥିଲେ। ଆନନ୍ଦଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତମାନେ କଟୁରୀ, ଫାର୍ସା, କୋଦାଳ, ଫାଉଡା ଆଦିରେ ଆକ୍ରମଣ କରିଥିବା ନେଇ ପରିବାର ଲୋକେ ବାଙ୍କୀ ଥାନାରେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ ନିଲାମ ପୋଖରୀରେ ମାଛ ଚାଷକୁ କେନ୍ଦ୍ର କରି ଏଭଳି ଆକ୍ରମଣ ଘଟଣା ଘଟିଛି। ଘଟଣା ଘଟାଇଥିବା ଅଭିଯୁକ୍ତମାନେ ଫେରାର ଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଥିବା ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି । ଅନ୍ୟପଟେ ଦୁର୍ବୃତ୍ତମାନେ ଘଟଣା ଘଟାଇବା ପରେ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗାଁକୁ ଯିବା ବାଟରେ ସେମାନଙ୍କୁ ଦୁର୍ବୃତ୍ତମାନେ ଛକି ରହିଥିବା ନେଇ ମଧ୍ୟ ପରିବାର ଲୋକେ ଆଶଙ୍କା ବ୍ୟକ୍ତ କରିଛନ୍ତି।



ପରିବାର ଲୋକଙ୍କୁ ଆକ୍ରମଣ ଆଶଙ୍କା

## ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ଉଠାଇନେଲା ଇଓଡବ୍ଲ୍ୟୁ

**କଟକ, ୧୯।୯(ସଂଚାର ବ୍ୟୁରୋ):** ବିଜେଡିର ଜଣେ ପ୍ରମୁଖ ନେତାଙ୍କୁ ଆଜି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଉଠାଇ ନେଇଛି। ଏହି ନେତା ଜଣଙ୍କ ହେଉଛନ୍ତି ଗତ ନିର୍ବାଚନରେ ନିମାପଡ଼ା ବିଧାନସଭା ଆସନରୁ ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ। ଏଥିସହ ତାଙ୍କ କଟକ ବାଦାମବାଡ଼ି ଅଞ୍ଚଳସ୍ଥିତ ବାସଭବନରେ ମଧ୍ୟ ଇଓଡବ୍ଲ୍ୟୁ ପକ୍ଷରୁ ଚଢ଼ାଉ ହୋଇଛି। ଏହି ଚଢ଼ାଉ ସମୟରେ ଶ୍ରୀ ନାୟକଙ୍କୁ ପଚରାଉଚରା କରାଯିବା ସହ କାଗଜପତ୍ର ଯାଞ୍ଚ କରାଯାଇଛି।

ମିଳିଥିବା ସୂଚନାନୁସାରେ, ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ଶ୍ରୀ ନାୟକ ରିଅଲ୍ ଇଷ୍ଟେଟ୍ ବ୍ୟବସାୟରେ ଜଡ଼ିତ ଥିଲେ। ଏହି ବ୍ୟବସାୟରେ କେତେକ ଅନିୟମିତତା ନେଇ ଆଜିର ଚଢ଼ାଉ ହୋଇଥିବା ଚର୍ଚ୍ଚା ହେଉଛି। ଏକ ୫ଜଣିଆ ଟିମ୍ ଜଣେ ମହିଳା ସଦସ୍ୟାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରିଥିବା ବେଳେ ସେମାନେ ଶ୍ରୀ ନାୟକଙ୍କୁ ପାଖାପାଖି ୩ ଘଣ୍ଟା କାଳ ଜେରା କରିଥିଲେ। ଶ୍ରୀ ନାୟକଙ୍କୁ କିଛି ସମୟ ପାଇଁ ଉକ୍ତ ଟିମ୍ ଅନ୍ୟ ଏକ ସ୍ଥାନକୁ ମଧ୍ୟ ନେଇଥିବା ଜଣାପଡ଼ିଛି। ତେବେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ପୂର୍ବକ ଏହି ଚଢ଼ାଉ କରାଯାଇଥିବା ଶ୍ରୀ ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଯୋଗ୍ୟ ଯେ ଶ୍ରୀ ନାୟକ ବିଜେଡିର ଜଣେ ପ୍ରମୁଖ ନେତା ହୋଇଥିବା ବେଳେ ଗତ ବର୍ଷ ସେ ତାଙ୍କର ଶତାଧିକ ସମର୍ଥକଙ୍କ ସହ ଦଳରେ ଯୋଗଦେଇଥିଲେ। ଏହାପରେ ତାଙ୍କୁ ବିଜେଡି ବିଧାୟକ ଭାବେ ଲଢ଼ିବା ପାଇଁ ଟିକେଟ୍ ଦେଇଥିଲା। କିନ୍ତୁ ଉକ୍ତ ଆସନରୁ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ଥିବା ପ୍ରଭାତୀ ପରିଡ଼ା ବିଜୟୀ ହେବା ଫଳରେ ଦିଲ୍ଲୀପଙ୍କୁ ପରାଜୟର ମୁହଁ ଦେଖିବାକୁ ପଡ଼ିଥିଲା।



ବାଦାମବାଡ଼ିସ୍ଥିତ ବାସଭବନରେ ଚଢ଼ାଉ

● ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ

## ୧.୬୦ କୋଟିର ବେଆଇନ ସାମଗ୍ରୀ ଜବତ, ୧୫୩ ଗିରଫ

**ଭୁବନେଶ୍ୱର, ୧୯।୯(ସଂଚାର ବ୍ୟୁରୋ):** ବେଆଇନ ନିଶା କାରବାର ବିରୋଧରେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନର ଅଷ୍ଟାଦଶ ଦିନରେ ଆଜି ଚଢ଼ାଉ କରିଥିବା ଦଳ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଚଢ଼ାଉ ସମୟରେ ମୋଟ ଏକ କୋଟି ୬୦ ଲକ୍ଷ ଟଙ୍କାର ବେଆଇନ ସାମଗ୍ରୀ ଜବତ କରାଯାଇଥିବା ଜଣାପଡ଼ିଛି। ଏହି କ୍ରମରେ ମୋଟ ୨୫୪ଟି ମାମଲା ରୁଜୁ ହେବା ସହ ବେଆଇନ କାର୍ଯ୍ୟରେ ଜଡ଼ିତ ଥିବା ୧୫୩ ଜଣଙ୍କୁ ଗିରଫ କରାଯାଇଛି । ଏନଫୋର୍ସମେଣ୍ଟ ଦଳ ୧୦ ହଜାର ୬୦୬ ଲିଟର ଆଇଡି ଲିକର ସହ ୬୦୩ ଲିଟର ଡ୍ୟୁଟି-ପେଡ୍ ଲିକର ଓ ୧୧ ଲିଟର ଡୁପ୍ଲିକେଟ ଲିକର ଜବତ କରିଥିବା ସୂଚନା ମିଳିଛି। ସେହିପରି ବେଆଇନ ମଦ ପ୍ରସ୍ତୁତି ପାଇଁ ଥିବା ୧,୦୭,୫୨୩ ଲିଟର ପୋଚ ନଷ୍ଟ କରିଛନ୍ତି। ଏଥିସହ ବେଆଇନ ପରିବହନରେ ବ୍ୟବହୃତ ୨୦ଟି ଗାଡ଼ିକୁ ମଧ୍ୟ ଜବତ କରାଯାଇଛି । ନିଷିଦ୍ଧ ନିଶା କାରବାର ଓ ଚୋରା ଚାଲାଣ ରୋକିବା ଦିଗରେ ମଧ୍ୟ ଏନଫୋର୍ସମେଣ୍ଟ ଦଳକୁ ସଫଳତା ମିଳିଛି । ଏଥିରେ ୧୩ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରାଯିବା ସହ ୧୬୩ କିଗ୍ରା ଗଞ୍ଜେଇ ଏବଂ ୨୪୫ ଗ୍ରାମ ହେରୋଇନ ଜବତ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ଜରିଆରେ ନିୟମିତ ଚଢ଼ାଉ ଜାରି ରଖି ବେଆଇନ ମଦ ଓ ନାର୍କୋଟିକ୍ସ ଚୋରା ଚାଲାଣ ସହ ଜଡ଼ିତ ସୁଦୃଢ଼ ନେଟୱର୍କକୁ ଭାଙ୍ଗିବାକୁ ବିଭାଗ ଲକ୍ଷ୍ୟ ରଖିଛି।

## ଚାଷୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରୁଛି କୃଷକ ଉତ୍ପାଦକ କ୍ଲଷ୍ଟର

**ମା' କାଳିଜାଇ ଏପିସି କ୍ଲଷ୍ଟରକୁ ବିଶ୍ୱବ୍ୟାଙ୍କ ପ୍ରତିନିଧିଙ୍କ ପ୍ରଶଂସା**



**ଭୁବନେଶ୍ୱର, ୧୯।୯(ସଂଚାର ବ୍ୟୁରୋ):** ଆଜି ବିଶ୍ୱ ବ୍ୟାଙ୍କ ଟିମ୍ ଓଆଇଆଇପିସିଏର ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ହରିଚନ୍ଦନପୁର ବ୍ଲକର ମା' କାଳିଜାଇ ପିଜିରେ ଥିବା ଏଗ୍ରିକଲଚରାଲ ପ୍ରଡକ୍ସନ କ୍ଲଷ୍ଟର (ଏପିସି) ପରିଦର୍ଶନ କରିଥିଲେ। ବିଶ୍ୱ ବ୍ୟାଙ୍କ ଦଳ ଏପିସି ପ୍ରକଳ୍ପ ପୂର୍ବରୁ ମହିଳା ଚାଷୀଙ୍କ ଚାଷ ପଦ୍ଧତି, ମାର୍କେଟିଂ ଓ ଆର୍ଥିକ ସ୍ଥିତି ଏବଂ ସାମ୍ପ୍ରତିକ ସ୍ଥିତି ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନେ ବ୍ୟାଖ୍ୟା କରିଥିଲେ ଯେ ଏପିସି କ୍ଲଷ୍ଟର ପଦ୍ଧତିରେ ୭୦ ଏକରରୁ ଅଧିକ ଜମିରେ କଲରା ଚାଷ କରାଯାଇଛି। ୧୧୦ ଜଣ ମହିଳା ଚାଷୀଙ୍କ ଦ୍ୱାରା କମ ମୂଲ୍ୟର ସିଙ୍ଗଲ-ଲାଇନ୍ ଟ୍ରେଲିସ୍, ମାଟିହୀନ ନର୍ସରୀ ଉଦ୍ୟୋଗୀଙ୍କଠାରୁ ଚାରା, ମଲ୍ଚିଂ ଓ ଡ୍ରିପ୍ ଜଳସେଚନ ସହ ସୌର ବୋରୱେଲ୍ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାର ଉପଯୋଗରେ ଏହି କଲରା ଚାଷ ହୋଇଛି ଏବଂ ଚାଷୀଙ୍କୁ ସଫଳତା ପ୍ରଦାନ କରିଛି। ଇନପୁଟ୍ ଓ ଆଉଟପୁଟ୍ ବଜାର ସଂଯୋଗ ପାଇଁ ଚାଷୀମାନେ ଏପିସି ପ୍ରକଳ୍ପ ଅଧୀନରେ ପ୍ରୋତ୍ସାହିତ ଚାଷୀ ଉତ୍ପାଦକ କମ୍ପାନୀଠାରୁ ସହାୟତା ପାଆନ୍ତି। ଏଫପିସି ମାଧ୍ୟମରେ ଫାର୍ମରୁ ସିଧାସଳଖ କଟକ, ଯାଜପୁର ଓ ଭଦ୍ରକକୁ ଉତ୍ପାଦିତ ସାମଗ୍ରୀ ପଠାଯାଉଛି। ପୂର୍ବରୁ ପନିପରିବା ଚାଷରୁ ସେମାନଙ୍କ ଆୟ ବାର୍ଷିକ ୬ ହଜାରରୁ ୧୦ ହଜାର ଟଙ୍କା ଥିଲା, କିନ୍ତୁ ବର୍ତ୍ତମାନ ସେମାନଙ୍କ ପିଜିର ସର୍ବାଧିକ ସଦସ୍ୟ ପନିପରିବା ଚାଷରୁ ୧ ଲକ୍ଷରୁ ଅଧିକ ରୋଜଗାର କରୁଛନ୍ତି। ଚାଷୀଙ୍କ ଏହି ସଫଳତା ଦେଖି ବିଶ୍ୱ ବ୍ୟାଙ୍କ ପ୍ରତିନିଧି ଖୁସି ବ୍ୟକ୍ତ କରିଥିଲେ। ହରିଚନ୍ଦନପୁରର ମା କାଳିଜାଇ ପିଜି ଭଳି ଅନ୍ୟ ଏପିସି କ୍ଲଷ୍ଟରଗୁଡ଼ିକୁ ମଧ୍ୟ ଉପରୋକ୍ତ ପଦ୍ଧତି ଆପଣାଇ କମ୍ ଖର୍ଚ୍ଚରେ ଅଧିକ ଲାଭବାନ ହେବାକୁ ସେମାନେ ପରାମର୍ଶ ଦେଇଛନ୍ତି ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଚୁକ୍ତି କଲେ, କାରଖାନା କଲେନି

# ଦୁଇ ଦଶନ୍ଧି ପରେ ବି ଆରମ୍ଭ ହୋଇନି ୧୧ ପ୍ରକଳ୍ପ

**ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ):** ଖଣିଜ ସମ୍ପଦରେ ଭରପୁର ଥିବାରୁ ଇସ୍ପାତ ଜଗତର ନିବେଶକମାନଙ୍କର ଓଡ଼ିଶା ପ୍ରତି ଏକ ସ୍ୱତନ୍ତ୍ର ଆକର୍ଷଣ ରହିଛି। ସେହି ଆକର୍ଷଣ ବିଶ୍ୱର ଅନେକ ଖ୍ୟାତନାମା କମ୍ପାନିକୁ ଓଡ଼ିଶା ଟାଣିଆଣିଥିଲା। ସେମାନେ ସ୍ୱପ୍ନର ପ୍ରକଳ୍ପ ବସାଇବା ଲାଗି ରାଜ୍ୟ ସରକାରଙ୍କ ସହ ଚୁକ୍ତି ବି କରିଥିଲେ। କିନ୍ତୁ କେତେକ କାରଣ ଲାଗି ସେମାନଙ୍କ ସ୍ୱପ୍ନ ପୂରଣ ହୋଇନଥିଲା। ଗତ ଅଢ଼େଇ ଦଶନ୍ଧି ମଧ୍ୟରେ ଏଭଳି ୪ଟି କମ୍ପାନି

## ପ୍ରକଳ୍ପରୁ ଓହରିଛନ୍ତି ୪ କମ୍ପାନି

ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିବା ସତ୍ତ୍ୱେ ପ୍ରକଳ୍ପରୁ ଓହରିଯାଇଛନ୍ତି। ଆର୍ସେଲର ମିତ୍ତଲ, ମହାରାଷ୍ଟ୍ର ସିମ୍‌ଲେସ୍, ପୋସ୍କୋ ଇଣ୍ଡିଆ ଓ ଷ୍ଟେର୍‌ଲାଇଟ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ପ୍ରକଳ୍ପରୁ ଓହରିଯାଇଥିଲେ ବୋଲି ବିଧାନସଭାରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦେଇଥିବା ତଥ୍ୟରୁ ଜଣାପଡ଼ିଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା ଦେଇଥିବା ତଥ୍ୟ ଅନୁସାରେ କେନ୍ଦୁଝରରେ ଏକ ଇସ୍ପାତ କାରଖାନା କରିବା ଲାଗି ୨୦୦୬ରେ ଆର୍ସେଲ ମିତ୍ତଲ ଇଣ୍ଡିଆ ପକ୍ଷରୁ ରାଜ୍ୟ ସରକାରଙ୍କ ସହ ବୁଝାମଣା ସ୍ୱାକ୍ଷର କରାଯାଇଥିଲା। ୨୦୦୫ରେ ପୋସ୍କୋ ଏବଂ ୨୦୦୬ରେ ମହାରାଷ୍ଟ୍ର ସିମ୍‌ଲେସ୍ ଓ ଷ୍ଟର୍‌ଲାଇଟ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍ ସରକାରଙ୍କ ସହ



ଏମ୍‌ଓୟୁ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଚାରି କମ୍ପାନି ପ୍ରସ୍ତାବିତ ପ୍ରକଳ୍ପରୁ ଓହରିଯାଇଥିଲେ। ଏହି ଚାରି କମ୍ପାନି କେନ୍ଦୁଝର, ଯାଜପୁର ଓ ଜଗତସିଂହପୁରରେ ଇସ୍ପାତ କାରଖାନା କରିବାର ସ୍ୱପ୍ନ ଦେଖାଇଥିଲେ। ସେହିପରି, ୨୦୦୩-୧୦ ମଧ୍ୟରେ ସରକାରଙ୍କ ସହ ଏମ୍‌ଓୟୁ କରିଥିବା ୧୧ଟି ଇସ୍ପାତ ପ୍ରକଳ୍ପ ଏପର୍ଯ୍ୟନ୍ତ ଆରମ୍ଭ ହୋଇନଥିବା ମନ୍ତ୍ରୀ ଦେଇଥିବା ତଥ୍ୟରୁ ଜଣାପଡ଼ିଛି।

ପ୍ରକଳ୍ପ ଆରମ୍ଭ କରି ନ ଥିବା କମ୍ପାନିଗୁଡ଼ିକ ହେଉଛି ଆମ୍‌ଟେକ୍ ମେଟାଲ୍ ଆଣ୍ଡ୍ ମାଇନିଂ, ଅଠା ମାଇନ୍‌ସ, ଡିଓ ମାଇନ୍‌ସ ଆଣ୍ଡ୍ ମିନେରାଲ୍‌ସ, ଜେନ୍ ଷ୍ଟିଲ୍ ଆଣ୍ଡ୍ ପାୱାର, କୋଣାର୍କ ଇସ୍ପାତ, ମୋନେଟ୍ ଇସ୍ପାତ ଆଣ୍ଡ୍ ଏନର୍ଜି, ପ୍ରଧାନ ଷ୍ଟିଲ୍ ଆଣ୍ଡ୍ ପାୱାର, ଏସ୍‌ଏସ୍‌ଏଲ୍ ଏନର୍ଜି, ଟେକ୍‌ଟନ୍ ଇସ୍ପାତ, ଉତ୍ତମ ଗାଲ୍‌ଭା ଏବଂ ୱେଲ୍‌ସ୍ପୁନ୍ ପାୱାର ଆଣ୍ଡ୍ ଷ୍ଟିଲ୍। ଏହି ସଂସ୍ଥାଗୁଡ଼ିକ ସୁନ୍ଦରଗଡ଼, କଟକ, ଢେଙ୍କାନାଳ, ଝାରସୁଗୁଡ଼ା, ଅନୁଗୁଳ, ଗଞ୍ଜାମ ଓ କେନ୍ଦୁଝରରେ କାରଖାନା ସ୍ଥାପନ କରିବା ଲାଗି ଚୁକ୍ତି କରିଥିଲେ। ରାଜ୍ୟ ସରକାର ଇସ୍ପାତ କାରଖାନା ପାଇଁ ୪୯ଟି କମ୍ପାନି ସହ ଚୁକ୍ତି କରିଥିଲେ। ସେଥିରୁ ୩୦ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ରହିଛି। ଝାରସୁଗୁଡ଼ାର ଆକ୍ସନ ଇସ୍ପାତ ଆଣ୍ଡ୍ ପାୱାର, କଟକର ବି କେ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍, କେନ୍ଦୁଝରର ଦୀପକ ଷ୍ଟିଲ୍ ଆଣ୍ଡ୍ ପାୱାର ଓ ସୁନ୍ଦରଗଡ଼ର ଓସିଏଲ୍ ଆଇରନ୍ ଆଣ୍ଡ୍ ଷ୍ଟିଲ୍ସ ପ୍ରକଳ୍ପ ବର୍ତ୍ତମାନ ଅସ୍ଥାୟୀ ଭାବେ କାର୍ଯ୍ୟକ୍ଷମ ନାହିଁ।

## ଆଜିର ସୁନା ଦର



ପୁଣି ବଢ଼ିଲା ସୁନା ଏବଂ ରୁପା ଦର । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୧,୩୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୨,୦୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୧,୩୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୨,୦୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୧,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୨,୦୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୧,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୨,୨୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୧,୬୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୨,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୧୧,୩୩୦ ଓ ୧,୦୨,୦୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୩,୦୦୦ ଟଙ୍କା ହୋଇଛି ।

# ଡେବିଟ୍ କାର୍ଡ ଫି' କମାଇବାକୁ ଆରବିଆଇର ପରାମର୍ଶ

ନୂଆଦିଲ୍ଲୀ: ଡେବିଟ୍ କାର୍ଡ, ଲେଟ୍ ପେମେଣ୍ଟ ଏବଂ ସର୍ବନିମ୍ନ ବାଲାନ୍ସ ଭଳି ଫି' କମାଇବାକୁ ବ୍ୟାଙ୍କ୍‌ମାନଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆରବିଆଇ)ର ନିର୍ଦ୍ଦେଶ। ଏଭଳି କରି ଗ୍ରାହକଙ୍କୁ ଆଶ୍ୱସ୍ତି ଦେବାକୁ ଆରବିଆଇ ପ୍ରୟାସ କରୁଥିବାବେଳେ, ବ୍ଲୁମବର୍ଗର ରିପୋର୍ଟ ଅନୁସାରେ, ଏହି ପଦକ୍ଷେପ ଫଳରେ ବ୍ୟାଙ୍କ୍‌ମାନଙ୍କର କୋଟି କୋଟି ଟଙ୍କାର ଆୟ ଉପରେ ପ୍ରଭାବ ପଡ଼ିପାରେ। ଆରବିଆଇଆର ଏହି ପଦକ୍ଷେପ ଏଭଳି ସମୟରେ ସାମ୍ନାକୁ ଆସିଛି, ଯେତେବେଳେ ବ୍ୟାଙ୍କ୍‌ମାନେ ରିଟେଲ ଲୋନ ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ପ୍ରକୃତରେ ପୂର୍ବରୁ କର୍ପୋରେଟ୍ ଲୋନ୍‌ରୁ ହୋଇଥିବା କ୍ଷତି ପରେ ଏବେ ବ୍ୟକ୍ତିଗତ, କାର୍ ଏବଂ ଛୋଟ ବ୍ୟବସାୟ ଲୋନରୁ ବ୍ୟାଙ୍କ୍ ଭଲ ଲାଭ କରୁଛନ୍ତି। ଏମିତିରେ ଏହି ବୃଦ୍ଧି ଆରବିଆଇ ଧ୍ୟାନ ଆକର୍ଷଣ କରିଛି। ଏଥିପାଇଁ ଆରବିଆଇ ଗ୍ରାହକଙ୍କ ଆଶ୍ୱସ୍ତି ଦେବା ପାଇଁ






## ଗ୍ରାହକଙ୍କୁ ଆଶ୍ୱସ୍ତି ଦେବାକୁ ପ୍ରୟାସ

ଏସବୁ ଫି' କମାଇବାକୁ କହିଛି। ଆରବିଆଇ ଏସବୁ ଫି'କୁ ନେଇ ଚିନ୍ତା ପ୍ରକଟ କରିଛି। ଯାହା ଯାହା ଗରିବ ଏବଂ କମ୍ ଆୟ ଥିବା ଗ୍ରାହକଙ୍କୁ ଅଧିକ ପ୍ରଭାବିତ କରୁଛି। ଭାରତ ଭଳି ସବୁଠୁ ଅଧିକ ଜନସଂଖ୍ୟା ଥିବା ଦେଶରେ ଏହା ବଡ଼ ପ୍ରସଙ୍ଗ ରହିଛି। ଅବଶ୍ୟ, ଆରବିଆଇ ବ୍ୟାଙ୍କ୍‌ମାନଙ୍କୁ ଫି' କମ୍ କରିବାକୁ ପରାମର୍ଶ ଦେଇଛି। କିନ୍ତୁ ଏହାର କୌଣସି ନିଶ୍ଚିତ ସୀମା ନିର୍ଦ୍ଧାରିତ କରିନାହିଁ। ଇଣ୍ଡିଆ ରେଟିଂସ ଆଣ୍ଡ୍ ରିସର୍ଚ୍ଚର ତଥ୍ୟ ଅନୁସାରେ, ଜୁନ୍ ତ୍ରୈମାସିକରେ ଫିସ୍‌ରୁ ଆୟ ୧୨% ବଢ଼ି ୫୧୦.୬ ବିଲିୟନ ଟଙ୍କା ହୋଇଛି। ଯାହା ଗତ ବର୍ଷ ତୁଳନାରେ ୬% ଅଧିକ। ଆରବିଆଇ ଅନୁସାରେ ଭିନ୍ନ ଭିନ୍ନ ଗ୍ରାହକଙ୍କ ପାଇଁ ସମାନ ଉତ୍ପାଦ ପାଇଁ ଭିନ୍ନ ଭିନ୍ନ ଫି' ନିଆଯାଉଛି। ଏହା ନିରପେକ୍ଷତା ବିରୋଧରେ। ଭାରତୀୟ ବ୍ୟାଙ୍କ ସଂଘ (ଆଇବିଏ) ମଧ୍ୟ ବ୍ୟାଙ୍କମାନଙ୍କୁ ୧୦୦ରୁ ଅଧିକ ରିଟେଲ ପ୍ରୋଡକ୍ଟ ବିଷୟରେ କହିଛି। ଏହି ପ୍ରୋଡକ୍ଟ ଉପରେ ଆରବିଆଇ ନଜର ରହିଛି।

# ଟ୍ରମ୍ପଙ୍କ ୧୨ ଫୁଟ ଉଚ୍ଚ ସ୍ୱର୍ଣ୍ଣ ପ୍ରତିମା ଲୋକାର୍ପିତ

**ୱାସିଂଟନ,୧୯।୯:** ବିଟ୍ କଏନ ଧରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୧୨ଫୁଟର ଏକ ବିଶାଳ ମୂର୍ତ୍ତି କ୍ୟାପିଟଲ ବିଲ୍ଡିଂ ବାହାରେ ଲୋକାର୍ପିତ ହୋଇଛି। ଏହି ମୂର୍ତ୍ତିଟି ଏବେ ଲୋକଙ୍କ ଧ୍ୟାନ ଆକର୍ଷଣର କାରଣ ପାଲଟିଥିବା ବେଳେ ଏହାକୁ ନେଇ ଦେଶରେ ବିତର୍କ ଆରମ୍ଭ ହୋଇଯାଇଛି। ଟ୍ରମ୍ପଙ୍କ ଏହି ପ୍ରତିମାର ଲୋକାର୍ପଣ ଆମେରିକା ସେଣ୍ଟ୍ରାଲ ବ୍ୟାଙ୍କର ସୁଧହାର ହ୍ରାସ ଘୋଷଣା ସହିତ ହୋଇଛି। ସ୍ଥାନୀୟ ଏବିସି ସହଯୋଗୀ ଡବ୍ଲୁଜେଏଲଏ କହିଛି ଯେ ଏହି ପ୍ରତିମୂର୍ତ୍ତି ଲାଗି ବିଟ୍ କଏନ ନିବେଶକ ଆର୍ଥିକ ସହଯୋଗ କରିଛନ୍ତି। ତେବେ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ଏହି ପ୍ରତିମା ଲୋକାର୍ପଣର ଉଦ୍ଦେଶ୍ୟ ଡିଜିଟାଲ ମୁଦ୍ରାର ଭବିଷ୍ୟ, ମୁଦ୍ରାନୀତି ଓ ଆର୍ଥିକ ବଜାରରେ ସଂଘୀୟ ସରକାରଙ୍କ ଭୂମିକା ଉପରେ ବିତର୍କ ସୃଷ୍ଟି କରିବା। ଏହି ପ୍ରକଳ୍ପ ପଛରେ ଥିବା ସମୂହ ଏହି ପ୍ରତିମାକୁ କ୍ରିପ୍ଟୋକରେନ୍ସୀ ପ୍ରତି ଟ୍ରମ୍ପଙ୍କ ମୁଖର ସମର୍ଥନ ଲାଗି ଏକ ଉତ୍ସର୍ଗ ବୋଲି କହିଛି। ଏହି ପ୍ରତିମାର ଅନେକ ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ପ୍ରସାରିତ ହେଉଛି ଓ ଲୋକେ କ୍ରେପଟୋ ପ୍ରତି ରାଷ୍ଟ୍ରପତିଙ୍କ ସମର୍ଥନର ପ୍ରତୀକ ବୋଲି କହୁଛନ୍ତି। ସମୂହର ଜନୈକ ପ୍ରତିନିଧି ହିଚେମ ଜଗଦୌଦୀ କହିଛନ୍ତି ଯେ 'ଏହି ପ୍ରତିମାକୁ ସରକାରଙ୍କ ଦ୍ୱାରା ଜାରି ହେବାକୁ ଥିବା ମୁଦ୍ରାର ଭବିଷ୍ୟତ ସମ୍ପର୍କରେ ଆଲୋଚନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଛି ଓ ଏହା ଆଧୁନିକ ରାଜନୀତି ଓ ଆର୍ଥିକ ନବାଚାର ମଧ୍ୟରେ ଅନ୍ତସମ୍ବନ୍ଧର ପ୍ରତୀକ'। ଯେହେତୁ ଫେଡେରାଲ ରିଜର୍ଭ ଦେଶର ଆର୍ଥିକ ନୀତିକୁ ଆକାର ଦେଉଛି ଆମେ ଆଶା କରୁଛୁ ଏହି ପ୍ରତିମା



କ୍ରେପ୍ଟୋ କରେନ୍ସୀର ବଢୁଥିବା ପ୍ରଭାବ ଉପରେ ଚିନ୍ତନକୁ ପ୍ରେରିତ କରୁ। ଏହି ଘଟଣାକ୍ରମ ଗୁରୁବାର ଫେଡେରାଲ ରିଜର୍ଭର ଗୁରୁତ୍ୱପୂର୍ଣ୍ଣ ହ୍ରାସ ଘୋଷଣା ଅନୁରୂପ ସାମ୍ନାକୁ ଆସିଛି। ୨୦୨୪ ପରେ ଫେଡେରାଲ ରିଜର୍ଭଙ୍କ ଏହା ପ୍ରଥମ ହ୍ରାସ ଯେଉଁଥିରେ ସୁଧହାର ଏକ ଚତୁର୍ଥାଂଶ କମ ହୋଇଛି। ଏହି ହ୍ରାସ ଯୋଗୁ ସ୍ୱଳ୍ପ କାଳୀନ ସୁଧହାର୪.୩%ରୁ ହ୍ରାସ ହୋଇ ୪.୧% ହୋଇଯାଇଛି। ଏହା ଛଡା ଫେଡେରାଲ ରିଜର୍ଭ ଚଳିତ ବର୍ଷରେ ଆଉ ଦୁଇଟି ସୁଧହାର ହ୍ରାସ କରିବା ନେଇ ମଧ୍ୟ ଘୋଷଣା କରିଛନ୍ତି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ । ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ । ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି । କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି ।



# ଦର ହ୍ରାସ ନକଲେ ଲାଗିବ ଜରିମାନା

ନୂଆଦିଲ୍ଲୀ: କେନ୍ଦ୍ର ସରକାର ସାଧାରଣ ଜନତାଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। କେନ୍ଦ୍ର ସରକାର ନୂତନ ଜିଏସଟି ହାର ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଯାହା ସେପ୍ଟେମ୍ବର ୨୨ ତାରିଖରୁ ଲାଗୁ ହେବାକୁ ଯାଉଛି।

ବିଜ୍ଞପ୍ତି ଅନୁଯାୟୀ, ସାମଗ୍ରୀଗୁଡ଼ିକ ଏବେ ନୂତନ ଦରରେ ବିକ୍ରି ହେବ। ଅର୍ଥାତ ତେଲ, ସାବୁନ, ସାମ୍ପୁ, କ୍ଷୀର, ବଟର, ଘିଅ, ଟିଭି, ରେଫ୍ରିଜେରେଟର, ୱାସିଂ ମେସିନ୍, ଏୟାର କଣ୍ଡିସନର, ବାଇକ୍ ଏବଂ କାର ସମେତ ଅନେକ ସାମଗ୍ରୀ ଶସ୍ତା ହେବାକୁ ଯାଉଛି।

ଏହି ଜିନିଷଗୁଡ଼ିକୁ ୫ ପ୍ରତିଶତ କିମ୍ବା ୧୮ପ୍ରତିଶତ ଭାବରେ ବର୍ଗୀକୃତ କରାଯାଇଛି।

ଏପରି କ୍ଷେତ୍ରରେ ଅନେକ ଲୋକ ଭାବୁଛନ୍ତି ଯେ ଜିଏସଟି ହ୍ରାସ ପରେ ମଧ



ଯଦି ଦୋକାନୀମାନେ ପୁରୁଣା ହାରରେ ସାମଗ୍ରୀ ବିକ୍ରି କରନ୍ତି ତେବେ କ'ଣ ନିୟମ ରହିବ? ଏପରି ପରିସ୍ଥିତିରେ ଆପଣଙ୍କର ଅଭିଯୋଗ କରିବାର ଆଇନଗତ ଅଧିକାର ଅଛି। ।

## କ୍ୱାଲିଟି କନ୍‌ସେପ୍ଟରେ ଟିପିସିଓଡିଏଲ୍‌କୁ ୧୫ ପୁରସ୍କାର

**ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ):** ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) କ୍ୟୁସିଏଫ୍‌ଆଇ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଆୟୋଜିତ କ୍ୱାଲିଟି କନ୍‌ସେପ୍ଟ ୨୦୨୫ରେ ୧୫ଟି ପୁରସ୍କାର ଜିତିଛି। କ୍ୱାଲିଟି ସର୍କଲ ଓ କାଇଜେନ୍‌ର ୧୫ ପ୍ରକଳ୍ପ ମଧ୍ୟରୁ ୧୪ଟି ଟିମ୍ ସ୍ୱର୍ଣ୍ଣ ଏବଂ ଗୋଟିଏ ଟିମ୍ ରୌପ୍ୟ ପଦକ ହାସଲ କରିଛି। ଏନ୍‌ଟିପିସି, ଓ ଖଣି ନିଗମ, ଜିନ୍ଦଲ ଷ୍ଟେନ୍‌ଲେସ୍, ନାଲ୍‌କୋ, ବାଲ୍‌କୋ, ଟାଟା ପାୱାର, ବେଦାନ୍ତ ଭଳି ଅଗ୍ରଣୀ କମ୍ପାନୀର ୨୧୦ରୁ ଅଧିକ ଟିମ୍ ସହ ଟିପିସିଓଡିଏଲ୍‌ର ଟିମ୍ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ସ୍ୱର୍ଣ୍ଣ ବିଜୟୀ ଟିମ୍ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା କ୍ୱାଲିଟି କନ୍‌ସେପ୍ଟର ଜାତୀୟ କନ୍‌ଭେନଶନ ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

### ଦିଲ୍ଲୀ, ମୁମ୍ବାଇ, ବେଙ୍ଗଲୁରୁ ଭଳି ସହରରେ

## ଆଇଫୋନ୍ ୧୭ କିଣିବାକୁ ରାତି ଅଧରୁ ଲାଇନ୍



**ମୁମ୍ବାଇ,୧୯।୯:** ଆପଲ୍‌ର ଆଇଫୋନ୍ ୧୭ସିରିଜ୍ ଶୁକ୍ରବାର ଭାରତରେ ବିକ୍ରି ଆରମ୍ଭ ହେବା ସହ ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗଲୁରୁର ଆପଲ୍ ଷ୍ଟୋରରେ ରାତି ଅଧରୁ ଶହ ଶହ କ୍ରେତା ଲାଇନରେ ଠିଆ ହୋଇଛନ୍ତି। ଦିଲ୍ଲୀର ସାକେତ୍ ସିଟିୱାକ୍ ମାଲ୍ ଓ ମୁମ୍ବାଇର ବନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ (ବିକେସି) ଷ୍ଟୋର ବାହାରେ ଲୋକେ ନୂଆ ମଡେଲ କିଣିବାକୁ ଉତ୍ସାହରେ ଅପେକ୍ଷା କରିଥିଲେ।

ମୁମ୍ବାଇ ବିକେସି ଷ୍ଟୋରରେ ଭିଡ଼ ମଧ୍ୟରେ ଦୁଇ ଜଣଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା, ଯାହାର ଭିଡିଓ ଭାଇରାଲ ହୋଇଛି। ସୁରକ୍ଷା କର୍ମଚାରୀମାନେ ତୁରନ୍ତ ହସ୍ତକ୍ଷେପ କରିଥିଲେ। ବେଙ୍ଗଲୁରୁରେ ଜଣେ କ୍ରେତା ପିଟିଆଇକୁ କହିଛନ୍ତି, "ମୁଁ ଗତ ସପ୍ତାହରୁ ଅପେକ୍ଷା କରୁଛି। ଚାରୋଟି ଫୋନ ବୁକ୍ କରିଛି, ଏହା ପୂର୍ବର ୩ଟି ମଡେଲଠାରୁ ଉନ୍ନତ।" ଆଇଫୋନ୍ ୧୭ ସିରିଜ୍‌ର ମୂଲ୍ୟ ୮୨,୯୦୦ରୁ ୨.୨୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ। ଆପଲ୍‌ର ରିଟେଲ ପାର୍ଟନରମାନେ କ୍ୟାଶବ୍ୟାକ୍, ଏକ୍ସଚେଞ୍ଜ ବୋନସ୍ ଓ ଇଏମ୍‌ଆଇ ଅଫର ଘୋଷଣା କରିଛନ୍ତି।

## ୨୨ରୁ ଶସ୍ତା ହୋଇଯିବ ଏଲପିଜି ସିଲିଣ୍ଡର?



**ନୂଆଦିଲ୍ଲୀ,୧୯।୯:** ସାମ୍ପ୍ରତିକ ଜିଏସଟି ପରିଷଦ ବୈଠକ ପରେ, ଜିଏସଟି ହାରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଏହା ଫଳରେ ସାମ୍ପୁ, ସାବୁନ, ଶିଶୁ ଉତ୍ପାଦ, ସ୍ୱାସ୍ଥ୍ୟ ପାନୀୟ ଏବଂ ଅନ୍ୟାନ୍ୟ ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ମୂଲ୍ୟ ଶସ୍ତା ହେବ। ଏବେ ଲୋକମାନେ ଭାବୁଛନ୍ତି ଯେ ସେପ୍ଟେମ୍ବର ୨୨ ତାରିଖରେ ନୂତନ ଦର ଲାଗୁ ହେବା ପରେ ଏଲପିଜି ସିଲିଣ୍ଡରର ମୂଲ୍ୟ ମଧ୍ୟ ହ୍ରାସ ପାଇବ କି? ଯେହେତୁ ଆମ ଦେଶରେ ରୋଷେଇ ପାଇଁ ଏଲପିଜି (ତରଳ ପେଟ୍ରୋଲିୟମ ଗ୍ୟାସ) ବହୁଳ ଭାବରେ ବ୍ୟବହୃତ ହୁଏ, ଏହାର ମୂଲ୍ୟରେ ପରିବର୍ତ୍ତନ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରଭାବିତ କରିପାରେ। ଏହା ବ୍ୟତୀତ, ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ଉଦ୍ଦେଶ୍ୟରେ ବାଣିଜ୍ୟିକ ଏଲପିଜି ବ୍ୟବହୃତ ହୁଏ। ତେଣୁ, ଏହା ମଧ୍ୟ ଶସ୍ତା ହେବ କି ନାହିଁ ଜାଣିବା ପାଇଁ ଲୋକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି।

## ଡଃ ମାଧବ ଚନ୍ଦ୍ର ପରିଡ଼ା ଶ୍ରେଷ୍ଠ ନିର୍ଦ୍ଦେଶକ

**କୋଲକାତା,୧୯।୯(ସଂଚାର ବ୍ୟୁରୋ):** ସମ୍ପ୍ରତି କୋଲକାତାର ତପସିଆ ସ୍ଥିତ ଆଇଲିଡ୍‌ର ବିଶାଳ ଅଡିଟୋରିୟମରେ ଅନୁଷ୍ଠିତ ସ୍ୱାମୀ ବିବେକାନନ୍ଦ ଇଣ୍ଟର ନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଛି। ଏହି ଫେଷ୍ଟିଭାଲର ଶେଷ ଦିବସରେ ୧୫୦ ରୁ ଅଧିକ ସିନେମା ମଧ୍ୟରୁ ୧୩ଟି ଭାଷାର ସିନେମାକୁ ପୁରସ୍କୃତ କରାଯାଇଛି। ଓଡିଶାର ଆରଜି ପ୍ରଡକ୍ସନ ଦ୍ୱାରା ନିର୍ମିତ ପ୍ରଯୋଜକ ବସନ୍ତ କୁମାର ସାହୁଙ୍କ ପ୍ରଯୋଜିତ ଇଷ୍ଟ



ଦେବତା ଓଡିଆ ପ୍ରାମାଣିକ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଡଃ ମାଧବ ଚନ୍ଦ୍ର ପରିଡାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଟ୍ରଫି ଓ ଆୱାର୍ଡ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଶେଷରେ ମାଧବ ବାବୁ ପହଞ୍ଚି କର୍ମକର୍ତ୍ତାଙ୍କଠାରୁ ଟ୍ରଫି ଓ ପୁରସ୍କାର ଗ୍ରହଣ କରିଥିଲେ। ଏହି ଚଳଚ୍ଚିତ୍ରଟି ୭୦୦ ବର୍ଷର ଗ୍ରାମ ଡିହସାହି ଗୋପୀନାଥପୁର ଯାଜପୁରରେ ଥିବା ସ୍ୱର୍ଗତ ଶ୍ୟାମସୁନ୍ଦର ସାହୁଙ୍କ ଦ୍ୱାରା ରାଧା ଗୋପୀନାଥ ଜୀଉଙ୍କ ମୂର୍ତ୍ତିକୁ ସ୍ଥାପନ କରି ସେଠାରେ ଏକ ମନ୍ଦିର ନିର୍ମାଣ କରିଥିଲେ। ସେହି ବିଷୟ ବସ୍ତୁକୁ ନେଇ ସୁନ୍ଦର ଭାବେ ଲେଖକ ବସନ୍ତ କୁମାର ସାହୁ ଏହି ଚଳଚ୍ଚିତ୍ରରେ ଉପସ୍ଥାପନା କରିଛନ୍ତି।

# ୧.୫ ଲକ୍ଷର ବାଣ ତିଆରି ସାମଗ୍ରୀ ଜବତ୍, ୧ ଗିରଫ



**କଣାସ,୧୯।୯(ସଂଚାର ବ୍ୟୁରୋ):** ଭାରତ ଉଚ୍ଚ ନ୍ୟାୟାଳୟ ଭାରତ ବର୍ଷରେ ବାଣ ତିଆରୀ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପୋଲିସ୍ ପକ୍ଷରୁ ବାଣ ତିଆରୀ ନ କରିବା ପାଇଁ ଘନଘନ ଜନସେଚତନତା କରୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକ ଗଡ଼ିଶାଗୋଦା ଥାନା ଅଧିନସ୍ଥ ବଙ୍କୁ ଗ୍ରାମ ପଞ୍ଚାୟତ ବରପଦ ଗ୍ରାମରେ ବାଣ ତିଆରୀ କରାଯାଉଥିବା ଗଡ଼ିଶାଗୋଦା ଥାନା ଆଇ.ଆଇ.ସି ସୁଧିର କୁମାର ଦାସ କୌଣସି ସୁତ୍ରରୁ ଖବର ପାଇ ଗତକାଲି ବରପଦା ଗ୍ରାମର ଏକ ଧାନକଳ ଘର ଉପରେ ଚଢ଼ାଉ କରି ୧ କୁଇଣ୍ଟାଲ ୧୫କେଜି ବାଣ ତିଆରୀ ବାରୁଦ, କୁମ୍ଭି ଓ କେତେକ ତିଆରୀ ବାଣ ଜବତ କରିଥିବା ବେଳେ ବାଣ ତିଆରୀ କରୁଥିବା ଆସାମୀ ପୋଲିସ୍ କୁ ଚକମା ଦେଖାଇ ଖସିଯାଇଥିଲେ। ଆଜି ପୋଲିସ୍ ଆଇ.ଆଇ.ସି ଶ୍ରୀଦାସ ଏକ ପୋଲିସ୍ ଟିମୀ ଗଠନ କରି ଆସାମୀ ପ୍ରଦ୍ୟୁମ୍ନ ସୁନ୍ଦରାୟ ୨୯ବର୍ଷ ଙ୍କୁ ଗିରଫ କରି ଗଡ଼ିଶାଗୋଦା ଥାନା କେସ୍ ନଂ-୧୫୫/୨୫ଏକ ମକଦମା ରୁଜ କରି ପ୍ରଦ୍ୟୁମ୍ନ କୁ ପଚାରାଉଚରା କରୁଛନ୍ତି।

## ଉତ୍ତର ବାଲେଶ୍ୱରର ଦୁଃଖ ସୁବର୍ଣ୍ଣରେଖା କେବେ ପାଲଟିବ ଜୀବନରେଖା

# ନଦୀ ପାଇଁ ବାଜିରେ ଲାଗିଛି ଜୀବନଜୀବିକା

**ବାଲିଆପାଳ,୧୯।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ନଦୀ ଯାହା ଝାଡ଼ଖଣ୍ଡ ରାଜ୍ୟର ଛୋଟନାଗପୁର ମାଳଭୂମିରୁ ବାହାରି ବିଭିନ୍ନ ରାଜ୍ୟ ଅତିକ୍ରମ କରି ବାଲିଆପାଳ ବ୍ଲକର କଙ୍କଡାପାଳ ଠାରେ ବଙ୍ଗୋପସାଗରରେ ବିଲିନ ହୋଇଛି।୩୯୫କି:ମି ଦୈର୍ଘ୍ୟ ବିଶିଷ୍ଟ ଏହି ନଦୀର ନାମ ଓଡ଼ିଶାରେ ସୁବର୍ଣ୍ଣରେଖା ହୋଇଥିଲା ବେଳେ ଅନ୍ୟଠି ଏହି ନଦୀ ସ୍ୱର୍ଣ୍ଣରେଖା ନାମରେ ପରିଚିତ। ଝାଡ଼ଖଣ୍ଡରେ ଏହି ନଦୀ ୨୬୯ କି:ମି ଲମ୍ବ ହୋଇଥିଲା ବେଳେ ପଶ୍ଚିମବଙ୍ଗରେ ୬୪କି:ମି ପ୍ରବାହିତ ହେଉଛି। ସେହିଭଳି ପଶ୍ଚିମବଙ୍ଗ ସୀମା ଅତିକ୍ରମ କରି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ବସ୍ତା, ବାଲିଆପାଳ, ଭୋଗରାଇ ବ୍ଲକର ୬୨କି:ମି ସୀମା ଅତିକ୍ରମ କରି ବଙ୍ଗୋପସାଗରରେ ବିଲିନ ହୋଇଛି ସୁବର୍ଣ୍ଣରେଖା। ପ୍ରତିବର୍ଷ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିଲେ ଆରମ୍ଭ ହୁଏ ଜୀବନ ଜୀବିକାର ସଂଘର୍ଷ। ସୁବର୍ଣ୍ଣରେଖାର ପ୍ରଳୟଙ୍କାରୀ ବନ୍ୟା କେତେବେଳେ ଘରଦ୍ୱାର ଭସାଇ ନେଇଛି ତ କେତେବେଳେ ମଣିଷ ଭାସିଯାଇଛି ଆଉ କେତେବେଳେ ଗାଈଗୋରୁ। ୧୯୮୪ମସିହାରେ



ରାତି ଅଧିଆ ଆସିଥିବା ସୁବର୍ଣ୍ଣରେଖାର ପ୍ରଳୟଙ୍କାରୀ ବନ୍ୟାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଛୋଟଖାନପୁର ଗାଁ (ଯାହା ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ବଡ଼ାପାଳ ଗ୍ରାମକୁ ଲାଗିକରି ରହିଥିଲା) ସମ୍ପୂର୍ଣ୍ଣ ଭାବରେ ଭାସିଯାଇଥିଲା। ସେତେବେଳେ ୧୫ଜଣ ଲୋକ ମୃତ୍ୟୁବରଣ କରିଥିଲାବେଳେ ଏକାଧିକ ଗାଈଗୋରୁ ମୃତ୍ୟୁ ବରଣ କରିଥିଲେ। ଅନ୍ୟମାନେ ଭାସିଯାଇ କିଏ କଉଠି ଲାଗିଲେ। ପରବର୍ତ୍ତୀ ସମୟରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ବାସୁଦେବପୁର ଠାରେ ସେମାନଙ୍କୁ ସରକାର ଥଇଥାନ କରିଥିଲେ। ଜଳେଶ୍ୱର ବ୍ଲକର ବାଇଗଣବାଡିଆ, ଝାଡପିମ୍ପଳ, ଗଡ଼ସାହି ବାଲିଆପାଳ, ରାୟାଁ ରାମଚନ୍ଦ୍ରପୁର, ପାଇକସିଦା, ମହମ୍ମଦ ନଗର ପାଟଣା ପ୍ରଭୃତି ୭ଟି ପଞ୍ଚାୟତର ୫୦ହଜାର ଲୋକ ସୁବର୍ଣ୍ଣରେଖା ବନ୍ୟାରେ ପ୍ରଭାବିତ ହୋଇଥାନ୍ତି। ସେହିପରି ବସ୍ତା ବ୍ଲକର ଭେଲୋରା, ସନ୍ତୋଷପୁର, ରଘୁନାଥପୁର, ପାଉଁଶକୁଲି, କରୁଆ, କାଦରାୟାଁ ଏବଂ ଚୁରମରା ପ୍ରଭୃତି ପଞ୍ଚାୟତର ୬୦ହଜାର ଲୋକ ବନ୍ୟାରେ ପ୍ରଭାବିତ ହୋଇଥାନ୍ତି। ତେବେ ସୁବର୍ଣ୍ଣରେଖା ବନ୍ୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି ବାଲିଆପାଳ ବ୍ଲକର ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, କୁମ୍ଭାରୀ, ଘଣ୍ଟୁଆ, ଦେଭୋଗ ଓ ଶ୍ରୀରାମପୁର ପଞ୍ଚାୟତର ୭୦ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ପ୍ରଭାବିତ ହୋଇଥାନ୍ତି। ଭୋଗରାଇ ବ୍ଲକର ଆରୁହାବୃତ୍ତି-୧, ଖରିଦିପିପଳ, ନାଚିନ୍ଦା, କୁଶୁଡା, ଗବଗାଁ, ପୁଟୀଣା, କଟୁଆଡି, ଦାରୁହା, କୁଳିଦା, ମହାଗବ, ଗୁଣସାର୍ଥା, କୁମ୍ଭୀରଗଡ଼ି, ଜୟରାମପୁର ପ୍ରଭୃତି ୧୩ଗୋଟି ପଞ୍ଚାୟତର ୪୦ହଜାରରୁ ଊର୍ଦ୍ଧ୍ୱ ପ୍ରଭାବିତ ହୋଇଥାନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ସରକାର ପରେ ସରକାର ବଦଳିଛି।

# ତୀର୍ଥଯାତ୍ରାରେ ଗଲେ ୧୧୯ ବରିଷ୍ଠ ନାଗରିକ



**ନୟାଗଡ଼,୧୯।୯(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ତୀର୍ଥଯାତ୍ରା ଭ୍ରମଣ ଯୋଜନାରେ ନୟାଗଡ଼ ଜିଲ୍ଲାର ୧୧୯ଜଣ ବରିଷ୍ଠ ନାଗରିକ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରୁ ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରା ପରିଭ୍ରମଣରେ ବାହାରିଛନ୍ତି। ଏହି ଅବସରରେ ମାନ୍ୟବର ସାଂସଦ ପୁରୀ ଡ.ସମ୍ବିତ୍ ପାତ୍ର, ମାନ୍ୟବର ସାଂସଦ କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ, ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ପୂର୍ବାହ୍ନରେ ସମସ୍ତ ଯାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତ ଯାତ୍ରୀ ୪ଜଣ ଏସକର୍ଟ ଅଧିକାରୀଙ୍କ ସହିତ ୩ଗୋଟି ବସ ଯୋଗେ ଆଜି ବ୍ରହ୍ମପୁର ଯାତ୍ରା କରିଛନ୍ତି ଏବଂ ଆସନ୍ତାକାଲି ଦିବା ୧୧ଘଟିକା ସମୟରେ ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବାରାଣାସୀ ଅଭିମୁଖେ ପ୍ରସ୍ଥାନ କରିବେ। ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କ ପାଇଁ ସେମାନଙ୍କ ସମସ୍ତ ଖର୍ଚ୍ଚ ସହ ଯାତ୍ରା ସମୟରେ ତୀର୍ଥସ୍ଥାନରେ ରହିବା, ଯିବାଆସିବା ଓ ଚିକିତ୍ସା ସୁବିଧା ଏବଂ ଖାଦ୍ୟପେୟ ଇତ୍ୟାଦିର ସମସ୍ତ ସୁବନ୍ଦୋବସ୍ତ ସରକାରଙ୍କ ଦ୍ୱାରା କରାଯାଇଅଛି। ସେପ୍ଟେମ୍ବର ୨୪ତାରିଖରେ ତୀର୍ଥ ଭ୍ରମଣ ସାରି ସମସ୍ତ ତୀର୍ଥଯାତ୍ରୀ ଘରକୁ ବାହୁଡ଼ିବେ ବୋଲି ଜଣାପଡ଼ିଛି।

# ଗଡ଼ସାନପୁଟରେ ବିଜେଡି କର୍ମୀ ସମ୍ମିଳନୀ



**କଣାସ,୧୯।୯(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଗଡ଼ସାନପୁଟ ଗ୍ରାମପଞ୍ଚାୟତର ମା ଜାଗୁଳେଇ ପୀଠ ପରିସରରେ ଗତକାଲି ପୁରୀ ଜିଲ୍ଲା ବିଜେଡି ସଭାପତି ଉମକାନ୍ତ ସମାନ୍ତରାୟଙ୍କ ନେତୃତ୍ୱରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆଗଧାଡିର ବିଜେଡି କର୍ମୀମାନେ ଯୋଗଦେଇ ଥିଲେ। ବିଜେଡି ସରକାର ସମୟରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଯୋଜନା କରିଥିବା ବେଳେ ବିଜେପି ସରକାର ଆସିବା ଦିନ ଠାରୁ ସେହି ସବୁ ଯୋଜନା ଗୁଡିକ ସଠିକ୍ କାର୍ଯ୍ୟକାରୀ କରୁ ନ ଥିବା ରାଜ୍ୟର ପ୍ରଗତିରେ ଆଗ ଧାଡିରେ କାର୍ଯ୍ୟ କରୁଥିବା କୃଷକମାନଙ୍କୁ ସାର ଯୋଗାଇପାରୁ ନ ଥିବା ଏବଂ ସତ୍ୟବାଦୀ ଅଞ୍ଚଳରେ ବିଜେଡି ସରକାର ସମୟରେ ଯେତେକି କାର୍ଯ୍ୟ କରାଯାଇଥିଲା ଆଉ କୌଣସି କାର୍ଯ୍ୟ ବିଜେପି ସରକାର ଅମଳରେ କରାଯାଇ ନ ଥିବା ଶ୍ରୀସାମନ୍ତରାୟ କର୍ମୀମାନଙ୍କୁ ସୂଚନା ଦେବା ସହ କର୍ମୀମାନେ ଗ୍ରାମ ଅଞ୍ଚଳର ୱାର୍ଡମାନଙ୍କରେ ଜନସାଧାରଣଙ୍କ ନିକଟରେ ପହଞ୍ଚି ବିଜେଡି ସରକାରର କାର୍ଯ୍ୟ ସମ୍ପର୍କରେ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ।

## କୃଷି ଉତ୍ପାଦକ ସଂଗଠନକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଏକ୍ସପୋଜର ଭିଜିଟ



**ଭୁବନେଶ୍ୱର,୧୯।୯(ସଂଚାର ବ୍ୟୁରୋ):** ଆଧୁନିକ କୃଷି ପଦ୍ଧତି ତଥା ନୂତନ ଜ୍ଞାନ କୌଶଳ ବ୍ୟବହାର କରି ଅଧିକ ଲାଭ ନିମନ୍ତେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସେଣ୍ଟର ଅଫ ଏକ୍ସଲେନ୍ସର ସହଯୋଗରେ କୃଷକ ଉତ୍ପାଦକ ସଂଗଠନର ଦୁଇ ଦିନିଆ ଆନ୍ତଃରାଜ୍ୟ ଏକ୍ସପୋଜର ଭିଜିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବ୍ରା କୃଷି ବ୍ୟବସାୟ ଉତ୍ପାଦକ କମ୍ପାନୀ ଲିମଟେଡ୍, ପଶ୍ଚିମ ମେଦିନୀପୁର, ପଶ୍ଚିମବଙ୍ଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୫ଟି ଜିଲ୍ଲାର ୧୭ ଜଣ ଏଫପିଓ ପ୍ରତିନିଧି, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ସେଣ୍ଟର ଅଫ ଏକ୍ସଲେନ୍ସର ସହ- ନିର୍ବାହକ ଏବଂ ଓଡ଼ିଶା ସରକାରଙ୍କ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ପିଏସଏଫପିଓ ପକ୍ଷରୁ ଅଧିକାରୀ ଯୋଗ ଦେଇଥିଲେ। ଏଫପିଓମାନଙ୍କର ବ୍ୟବସାୟୀକରଣକୁ ସୁଦୃଢ଼ କରିବା, ମୂଲ୍ୟ ଶୃଙ୍ଖଳା ପରିଚାଳନା, ଆଧୁନିକ କୃଷି ଓ ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧିତ ଜ୍ଞାନ ବୃଦ୍ଧି, ବଜାର ଯୋଗାଯୋଗ ମଜଭୁତ କରିବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ମେସିନ ଚାଳିତ ପଦ୍ଧତିରେ କିପରି କୃଷି ଉତ୍ପାଦକୁ ସଫା କରିବେ, ଆଧୁନିକ ଶୈଳୀରେ ପରିବେଶଗତ ପ୍ୟାକେଜିଂ ବ୍ୟବସ୍ଥା, କମ ଖର୍ଚ୍ଚରେ ଅଧିକ ଲାଭ କରିବାର ଜ୍ଞାନ ଆହରଣ କରିବା ସହ ବଜାରଗତ ବିହନ ଚାଷ ସହିତ ରୋଗ ପୋକ ନିୟନ୍ତ୍ରଣ ପାଇଁ ରାସାୟନିକ ପ୍ରସ୍ତୁତି ଏବଂ ବ୍ୟବହାର ସହିତ ନିୟମ ବିଷୟରେ ଜାଣିବାକୁ ପାଇଥିଲେ। ଓଡ଼ିଶାର ଏଫପିଓମାନେ ଦୀର୍ଘକାଳୀନ ଚାଷ ପାଇଁ ମୃତ୍ତିକା ସଂରକ୍ଷଣ ବଜାର ଦରବୃଦ୍ଧି ଓ ନିୟନ୍ତ୍ରଣ ଉପରେ ଜାଣିବାକୁ ପାଇଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର

**କଳିଙ୍ଗନଗର,୧୯।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ଟମକା ଥାନା ଅଞ୍ଚଳ ରେ ବାଲିଗୋଠ ଗାଁ ରେ ଏକ ଅଭାବନୀୟ ଦୁଃଖଦ ଅଘଟଣ ଘଟି ଯାଇଛି, ଖବର ମୁତାବକ ସେହି ଗାଁ ର ଅଭିଯୋଗକାରିଣୀ ସୁମିତ୍ରା ପୂର୍ତ୍ତୀଙ୍କ ଙ୍କ କହିବା କଥା ତାଙ୍କ ସ୍ୱାମୀ ବାସୁ ପୂର୍ତ୍ତୀଙ୍କ ପୁଅ ବାବୁଲି ପୂର୍ତ୍ତୀ (୪୫) ଙ୍କର ମୁଣ୍ଡ ଦୋଷଥିବାରୁ ଗତକାଲି ଘରେ ଭିତରେ ଫ୍ୟାନରେ ଗାମୁଛା ଲଗାଇ ଝୁଲି ପଡ଼ି ଆତ୍ମହତ୍ୟା କରିଛନ୍ତି, ପୋଲିସ ସ୍ତ୍ରୀଙ୍କ ବୟାନ ଆଧାରରେ ଏକ ଅପମୃତ ମାମଲା କେସ ନମ୍ବର ୮/୨୫ ରେ ମାମଲା ରୁଜୁକରି ମୃତଦେହକୁ ଉଦ୍ଧାର କରି ବ୍ୟବେଚ୍ଛେଦ ପାଇଁ ମେଡିକାଲ ପଠାଇଛନ୍ତି।

# ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ସମୀକ୍ଷା ବୈଠକ



**ନୟାଗଡ,୧୯।୯ (ସଂଚାର ବ୍ୟୁରୋ):** କନ୍ଧମାଳ ସଂସଦୀୟ କ୍ଷେତ୍ରର ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କର ଅଧ୍ୟକ୍ଷତାରେ ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଯୁଗ୍ମ ନିର୍ଦ୍ଦେଶକ (ଡି.ପି.ଏମ.ୟୁ.) ବିଦ୍ୟାଧର ନାୟକ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ସଂସଦ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ବୈଠକକୁ ସ୍ୱାଗତ କରିଥିଲେ। ମାନ୍ୟବର ସାଂସଦ ବିଭିନ୍ନ ପ୍ରସଙ୍ଗରେ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ହସ୍ତତନ୍ତ, ପ୍ରାଣୀ ଚିକିତ୍ସା ସମ୍ବନ୍ଧୀୟ ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନା ବିଷୟରେ ତାଙ୍କର ସଭାଖଣ୍ଡ ଦଶପଲ୍ଲା ଉପରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଦଶପଲ୍ଲା ବିଧାନସଭା ଖଣ୍ଡ ମଧ୍ୟରେ ଆସୁଥିବା ୩ଗୋଟି ବ୍ଲକ (ଗଣିଆ, ନୂଆଗାଁ, ଦଶପଲ୍ଲା)ରେ ଅତିକମରେ ୨୦ଜଣ (ବ୍ଲକ ପିଛା)ଯୁବ ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରିଥିଲେ।

## ସର୍ପାଘାତରେ ବୃଦ୍ଧ ଚାଷୀଙ୍କର ମୃତ୍ୟୁ

**ନାଉଗାଁ,୧୯।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅଧିନ ଗାରୋଇ(ଡାହାଣିଖିଆ) ଗ୍ରାମର ଜଣେ ବୃଦ୍ଧ ଚାଷୀ ଶୁକ୍ରବାର ବିଲକୁ ଚାଷ କାମ କରିବା ପାଇଁ ଯାଇଥିବା ବେଳେ ବିଷାକ୍ତ ସାପ କାମୁଡାରେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ମୃତ ଚାଷୀ ଜଣକ ହେଉଛନ୍ତି ଝୁମର ପରିଡ଼ା(୬୫)। ସାପ କାମୁଡାରେ ମୃତ୍ୟୁବରଣ କରିଥିବା ନେଇ ତାଙ୍କ ପୁତୁରା ଟୁକୁନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଝୁମର ଦିନ ପ୍ରାୟ ୧୨ଟା ସମୟରେ ବିଲକୁ ଚାଷ କାମ କରିବା ପାଇଁ ଯାଇଥିଲେ। ଚାଷ କାମ କରୁଥିବା ବେଳେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ପରିବାର ଲୋକ ଚିକିତ୍ସା ଲାଗି ତାଙ୍କୁ ଆମ୍ବୁଲାନ୍ସ ସାହାର୍ଯ୍ୟରେ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଏସ୍ଏନଏଲ୍ ସେବାରୁ ବଞ୍ଚିତ ବାହାନାଡ଼ା ଓ ଆଖପାଖ ଗାଁ

**ବେତନଟୀ,୧୯।୯ (ସଂଚାର ବ୍ୟୁରୋ):** ସାରା ଭାରତ ବର୍ଷରେ ବି ଏସ୍ ଏନ ଏଲ୍ ଇଣ୍ଟେର୍ନେଟ ୪ ଜି ସେବା ଲଞ୍ଚ ହୋଇଯାଇଛି ବୋଲି ପ୍ରଚାର ପ୍ରସାର ହୋଇଥିବା ବେଳେ ବି ଏସ୍ ଏନ ଏଲ୍ ଟାୱାରରୁ ପବନରେ ମାତ୍ର ୫୦୦ ମିଟର ଦୂରରେ କିଛି କାମ କରୁନାହିଁ ବିଏସ୍ଏନଏଲ୍ ସେବା। ଟାୱାର ଅଛି, ଅଫିସ ମଧ୍ୟ ଅଛି କିନ୍ତୁ କାମରେ ଆସୁନାହିଁ। ଏମିତି କିଛି ସମସ୍ୟାର ସାମ୍ନା କରୁଛନ୍ତି ମୟୁରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବାହାନାଡ଼ା ଗ୍ରାମବାସୀମାନେ। ଏହି ଗାଁ ବିଏସଏନଏଲ ଟାୱାରରୁ ପବନ ଦୂରତାରେ ମାତ୍ର ୫୦୦ ମିଟର ଦୂରତାରେ ଅବସ୍ଥିତ କିନ୍ତୁ ସେହି ବାହାନାଡ଼ା ଗାଁକୁ ବିଏସ୍ଏନଏଲ୍ ସେବା ଭଲ ଭାବରେ ପହଞ୍ଚି ପାରୁନାହିଁ। ବାହାନାଡ଼ା ଗ୍ରାମର ଗ୍ରାମବାସୀ ବହୁତ ବାର ବିଏସଏନଏଲ କାର୍ଯ୍ୟାଳୟରେ ସମସ୍ୟା ବାବଦରେ ଜଣାଇଲା ପରେ କାର୍ଯ୍ୟାନୁଷ୍ଠାନ ଶୂନ। ଅଫିସରେ କହିଲେ କହୁଛନ୍ତି କି ଆମେ କଣ କରିବୁ ବାରିପଦାରୁ ବଡ଼ ଅଫିସର ମାନେ ଯାହା କରିବେ। ସମସ୍ତ ଅଫିସର ଏହି ସମସ୍ୟାକୁ ଅଣ ଦେଖା କରିବାର କାରଣ କିଛି ଜଣାପଡୁଛି ନାହିଁ। ଅନ୍ୟ ବେସରକାରୀ ଟେଲିଫୋନ କମ୍ପାନୀର ସେବା ପୂର୍ଣ୍ଣମାତ୍ରାରେ କାମ କରୁଥିବା ବେଳେ ଭାରତ ସରକାରଙ୍କ ଟେଲିଫୋନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ସରକାର ବେସରକାରୀ କମ୍ପାନୀ ପାଖରୁ ମୋଟା ଅଙ୍କର ଅର୍ଥ ନେଇ ବିଏସଏନଏଲ ସେବାକୁ ପଛରେ ପକାଉଛନ୍ତି ବୋଲି ଅଭିଯୋଗ ହେଉଛି, ଯାହାଫଳରେ ବେସରକାରୀ ଟେଲିଫୋନ ସେବା ପ୍ରତି ଲୋକ ଆକୃଷ୍ଟ ହେଉଛନ୍ତି। ବିଏସଏନଏଲ ଏବେ ଏକ ଟଙ୍କାରେ ନୂଆ ସିମ ସହିତ ବିଭିନ୍ନ ସୁବିଧା ପ୍ରଦାନ କରୁଛି କିନ୍ତୁ ଏଭଳି ସମସ୍ୟା ପାଇଁ ଲୋକ ମାନେ ବିଏସଏନଏଲ ପାଖରୁ ମୁହଁ ଫେରାଉଛନ୍ତି।

## ଶିକ୍ଷା ବିଭାଗ ଓ ଓଡିଶା ରାଇଜିଂ ଫାଉଣ୍ଡେସନ ଭୁବନେଶ୍ୱର ମଧ୍ୟରେ ପ୍ରଶିକ୍ଷଣ ଷ୍ଟେମ୍ କର୍ମଶାଳା



**ଭବାନୀପାଟଣା,୧୯।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଓ ଗଣିତ ଇଂରାଜୀ ବିଷୟରେ ଅଧିକରୁ ଅଧିକ ଦକ୍ଷ କରିବା ପାଇଁ ଷ୍ଟେମ ଶିକ୍ଷା ମାଧ୍ୟମରେ ଶିକ୍ଷା ପ୍ରଦାନ ଲକ୍ଷ ନେଇ ରାଜ୍ୟର ଅନ୍ୟତମ ବେସରକାରୀ ଅନୁଷ୍ଠାନ ଓଡିଶା ରାଇଜିଂ ଫାଉଣ୍ଡେସନ ଭୁବନେଶ୍ୱର ତାହାର ପ୍ରଚେଷ୍ଟା ଜାରି ରଖିବା ସହ କଳାହାଣ୍ଡି ଶିକ୍ଷା ବିଭାଗ ସହ ଏକ ପ୍ରଶିକ୍ଷଣ ଷ୍ଟେମ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଏହି ଉପଲକ୍ଷେ କଳାହାଣ୍ଡି ଜିଲ୍ଲାର ପୋଲିସ ହାଇସ୍କୁଲ ଠାରେ ଏକ ପ୍ରଶିକ୍ଷଣ କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ କଳାହାଣ୍ଡି ଜିଲ୍ଲାର ଏଡିଇଓ ପବିତ୍ରମୋହନ ସାହୁ, ଜିଲ୍ଲା ବିଜ୍ଞାନ ସୁପରଭାଇଜର ଦୁଷ୍ମନ୍ତ ଶେଖର ପାଢୀ, ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ, ଡିଇଓ କାର୍ଯ୍ୟାଳୟର ସେକେଣ୍ଡାରୀ ବିଦ୍ୟାଳୟ ଇନ୍‌ଚାର୍ଯ୍ୟ ବିରେନ୍ଦ୍ର କୁମାର ଆଚାର୍ଯ୍ୟ ଉପସ୍ଥିତ ଥିବା ବେଳେ ଓଡିଶା ରାଇଜିଂ ଫାଉଣ୍ଡେସନ ପକ୍ଷରୁ କଳାହାଣ୍ଡି ପୋଗ୍ରାମ୍ ଲିଡର୍ ପ୍ରଜ୍ଞା ପୁର୍ବାଶା ତ୍ରିପାଠୀ, ଅନ୍ୟତମ କଳାହାଣ୍ଡି ପ୍ରୋଗ୍ରାମ ଲିଡର୍ ଆଦିତ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ସମସ୍ତ କଳାହାଣ୍ଡି ଜିଲ୍ଲାର ଡି.ଆର୍.ଜି. ମେମ୍ବରକୁ ନେଇ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ଉପସ୍ଥିତ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ ଉପସ୍ଥିତ ଅଧିକାରୀମା ଷ୍ଟେମ୍ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କଳାହାଣ୍ଡି ଜିଲ୍ଲାର ୧୩ ଗୋଟି ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଯଥା ଡିଆର୍‌ଜି ମେମ୍ବର ଉପସ୍ଥିତ ଥିଲେ।

## ଗଞ୍ଜେଇ ଚାଲାଣ କରୁଛନ୍ତି ଯୁବତୀ

**ମୁନିଗୁଡ଼ା,୧୯।୯ (ସଂଚାର ବ୍ୟୁରୋ):** ଟ୍ରେନ୍ ଯୋଗେ କେରଳକୁ ଗଞ୍ଜେଇ ଚାଲାଣ ବେଳେ ମୁନିଗୁଡ଼ା ପୋଲିସ ରେଳ ଷ୍ଟେଶନ ପରିସରରୁ ୨୧କେଜି ୧୫୦ଗ୍ରାମ ଗଞ୍ଜେଇ ଜବତ କରଛି। ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଜଣେ ଯୁବତୀଙ୍କ ସହ ୨ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ କେରଳ ଥ୍ରିସୁର ଅଞ୍ଚଳର ମହମ୍ମଦ ସିଆସ(୨୬) ଓ ମହିଳା ସହଯୋଗୀ ସାଭାନା କେ.ଏଚ୍. (୨୪। ଏମାନେ ମୁନିଗୁଡା ଅଞ୍ଚଳରୁ ଉକ୍ତ ଗଞ୍ଜେଇ ଆଣି ଟ୍ରେନ୍ ଯୋଗେ କେରଳକୁ ଚାଲାଣ କରୁଥିବା ଜଣାପଡିଛି । ସୂଚନା ଅନୁଯାୟୀ, ମୁନିଗୁଡା ରେଳ ଷ୍ଟେଶନ ପରିସରରେ ନୂତନ ଭାବେ ତିଆରି ହେଉଥିବା ରେଲକୋଚ୍ ରେଷ୍ଟୁରାଣ୍ଟ ନିକଟରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ମୁନିଗୁଡା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା।

# ବରିଷ୍ଠ ନାଗରିକ ଦିବସ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର,୧୯।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲ ଠାରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଚଳିତ ୨୦୨୫ ବର୍ଷର ବରିଷ୍ଠ ନାଗରିକ ଦିବସ ସୁବର୍ଣ୍ଣପୁର ଜିଲ୍ଲାରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ଶ୍ରୀମତି ଅଞ୍ଜଳିନା ପ୍ରଧାନ, ଉପ- ଜିଲ୍ଲାପାଳ, ବୀରମହାରାଜପୁର, ଡେପୁଟି କଲେକ୍ଟର, ସୋନପୁର, ଉପ - ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୋନପୁର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁବର୍ଣ୍ଣପୁର ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ଉଷାରାଣୀ ଦାଶ, ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ଓ ବୀରମହାରାଜପୁର ଉପଖଣ୍ଡରେ ଥିବା ସମସ୍ତ ବରିଷ୍ଠ ନାଗରିକ ସଂଘ ବା ଏସୋସିଏସନ୍ ର ସଭାପତି ଓ ସମ୍ପାଦକବୃନ୍ଦ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ସୁବର୍ଣ୍ଣପୁର, ଉପଖଣ୍ଡ ସ୍ତରିୟ ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ସମସ୍ତ ପଞ୍ଚାୟତ ସମିତିର ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମାନଙ୍କ ସମେତ ବିଭିନ୍ନ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ବରିଷ୍ଠ ମହିଳା ଓ ଜିଲ୍ଲା କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଥିଲେ। ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ରାଜ୍ୟ ସରକାରଙ୍କ ଠାରୁ ଆସିଥିବା ନିର୍ଦ୍ଦେଶାବଳୀ କୁ ବୈଠକରେ ସମସ୍ତଙ୍କ ଅବଗତ ନିମନ୍ତେ ଉପସ୍ଥାପନ କରିଥିଲେ।

## ସେବା ପର୍ବରେ ଅନୁଷ୍ଠିତ ହେବ ଚିତ୍ରାଙ୍କନ ପରିଯୋଗିତା

**ସୁନ୍ଦରଗଡ଼,୧୯।୯(ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ପାଳିତ ହେଉଅଛି 'ସେବା ପର୍ବ'। ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ମାନ ମଧ୍ୟ ଆୟୋଜିତ ହେଉଅଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାରା ରାଜ୍ୟରେ ଦିନିକିଆ କର୍ମଶାଳା ତଥା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଚିତ୍ରାଙ୍କନ ପ୍ରତିଯୋଗିତାର ବିଷୟ ବସ୍ତୁ ହେଉଛି 'ବିକଶିତ ଭାରତ-୨୦୪୭'। ତିନି ଗୋଟି ବିଭାଗ ବା ସ୍ତରରେ ଏହି ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ, ଯଥା - ବିଦ୍ୟାଳୟ ସ୍ତରୀୟ (ପ୍ରଥମ ରୁ ଦ୍ୱାଦଶ ଶ୍ରେଣୀ), ମହାବିଦ୍ୟାଳୟ ସ୍ତରୀୟ (+୩ ରୁ ତଦୁର୍ଦ୍ଧ) ଏବଂ ବୃତ୍ତିଗତ ବା ଯୁବ ଚିତ୍ରକାର। ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କ ଚିତ୍ରାଙ୍କନ ଗୁଡ଼ିକ ଚଳିତ ୨୫ ସେପ୍ଟେମ୍ବରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରଦର୍ଶନ କରାଯିବ ଏବଂ ବିଚାରକ ମାନଙ୍କ ଦ୍ୱାରା ଏହି ଚିତ୍ରାଙ୍କନ ଗୁଡ଼ିକର ମୂଲ୍ୟାଙ୍କନ କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ଚୟନ କରାଯିବ।

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଆରମ୍ଭ



**କଣାସ,୧୯।୯(ସଂଚାର ବ୍ୟୁରୋ):** କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଆଜି ଠାରୁ ଆରମ୍ଭ ହେଲା ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ କଣାସର ସମସ୍ତ ତେଇଶିଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଟୀକାକରଣ କେନ୍ଦ୍ର, ଗଡ଼ିଶାଗଦା, ନନ୍ଦିଗଦା, ସାହୁପଡା, ହରଚଣ୍ଡୀପ୍ରସାଦ ଓ ମନ୍ଦାରବସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହିଳା ମାନଙ୍କ ବିସ୍ତୃତ ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ, ଓ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲା ଜନ-ସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡାକ୍ତର ମାନସ ରଞ୍ଜନ ଦାଶଙ୍କ ଉପସ୍ଥିତିରେ ଆଜିର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ତିରିଶ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ରକ୍ତଚାପ, ମଧୁମେହ, କର୍କଟ, ରକ୍ତହୀନତା ଓ ମାନସିକ ରୋଗ ସମ୍ପର୍କରେ ପରୀକ୍ଷା ଓ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର ଯକ୍ଷ୍ମା, ମାନସିକ ରୋଗ ସ୍କ୍ରିନିଙ୍ଗ ଇତ୍ୟାଦି କରଯାଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ଦୁଇତାରିଖ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ପର୍ଯ୍ୟନ୍ତ ଚାଲୁ ରହିବ। ଆଜି ରିପୋର୍ଟ ହେଲାବେଳକୁ ଏକ ହଜାର ଚାରିଶହ ସତୁରୀ ଜଣ ମହିଳାଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯାଇଅଛି। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନ ଉପଲକ୍ଷେ ଆଜି ଆଶା ଦିଦିମାନେ ପ୍ରତ୍ୟେକ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରିଥିବା ବେଳେ ଆଜି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର କ୍ଷମାନିଧି ସେଠୀ, ଡାକ୍ତର ସବ୍ୟସାଚୀ ମହାପାତ୍ର, ଡାକ୍ତର ସୌମ୍ୟରଞ୍ଜନ ସେଠୀ, ଡାକ୍ତର ବିଶ୍ୱରଞ୍ଜନ ଜେନା, ଧନେଶ୍ୱର ସ୍ୱାଇଁ, ସ୍ୱର୍ଣଲତା ରଥ ପ୍ରମୁଖ ବୃକ୍ଷ ରୋପଣ କରିଛନ୍ତି।

## ସରପଞ୍ଚ ଦାୟିତ୍ୱ ନେଲେ ନାଏବ ସରପଞ୍ଚ

**କଣାସ,୧୯।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଗୋପିନାଥପୁର ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ସୁକାନ୍ତି ବେହେରା ଅନାସ୍ଥା ଭୋଟରେ ହାରିଯିବା ପରେ ଆଜି ନାୟବ ସରପଞ୍ଚ ସୁମିତ୍ରା ବେହେରା ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି।

ଗୋପିନାଥପୁର ଗ୍ରାମର ମହାଲକ୍ଷ୍ମୀ ମଣ୍ଡପ ଠାରେ ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ପହଞ୍ଚିବା ପରେ ଉପସ୍ଥିତ ଥିବା ୱାର୍ଡମେମ୍ବର ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ପୂର୍ବତନ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିବା ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଯାଇ ପହଞ୍ଚିଥିଲେ।

ପଞ୍ଚାୟତ କାର୍ଯ୍ୟାଳୟରେ ନାୟବ ସରପଞ୍ଚ ସୁମିତ୍ରା ବେହେରା ସରପଞ୍ଚ ଦାୟିତ୍ୱ ଗ୍ରାହଣ କରିବା ବେଳେ ସମସ୍ତ ୱାର୍ଡମେମ୍ବର ମାନେ ଉପସ୍ଥିତ ରହିଥିଲେ।




ସୁସ୍ଥ ଶରୀର ପାଇଁ ସକାଳର ବ୍ରେକଫାଷ୍ଟ ଜରୁରୀ ହୋଇଥାଏ। ସକାଳ ଖାଦ୍ୟ ଯେତିକି ହେଲଦି ହେବ ଶରୀର ସେତେ ସୁସ୍ଥ ରହିବ। ତେଣୁ ସକାଳ ବ୍ରେକଫାଷ୍ଟରେ ହେଲଦି ଖାଦ୍ୟ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟରେ ଅନେକ ଲୋକ ସେମାନଙ୍କ ଖାଇବା ପିଇବା ପ୍ରତି ଖୁବ୍ ସଚେତନ ହୋଇ ଉଠିଛନ୍ତି। ତେଣୁ ଉତ୍ତମ ଖାଦ୍ୟ ସୁସ୍ଥ ଶରୀର ଗଠନ କରିବାରେ ସାହାଯ୍ୟ କରିଥାଏ। ସକାଳ ଖାଇବା ପାଇଁ ଓଟ୍ସ ଏକ ଉତ୍ତମ ବିକଳ୍ପ। ଓଟ୍ସକୁ ସକାଳ ବ୍ରେକଫାଷ୍ଟରେ ଖାଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟଗତ ଲାଭ ମିଳିଥାଏ। ଓଟ୍ସରେ କ୍ୟାଲସିୟମ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଭିଟାମିନ୍ ବି ଭରପୂର ରହିଥାଏ। ଯାହା ଆପଣଙ୍କ ଶରୀର ପାଇଁ ଅତ୍ୟନ୍ତ ଜରୁରୀ ହୋଇଥାଏ। ତାହେଲେ ଆସନ୍ତୁ ସକାଳର ବ୍ରେକ୍ଫାଷ୍ଟରେ ଓଟ୍ସ ଖାଇବାର ଲାଭ ସମ୍ପର୍କରେ ଜାଣିବା।

# ବ୍ରେକଫାଷ୍ଟରେ ଓଟ୍ସ ଖାଇବାର ଫାଇଦା



ବ୍ରେକଫାଷ୍ଟରେ ଓଟ୍ସ ଖାଇବାର ଲାଭ: ପେଟ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ : ଯଦି ଆପଣ ପେଟ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଯେପରିକି କୋଷ୍ଠକାଠିନ୍ୟ, ଗ୍ୟାସ୍, ପେଟ ଫୁଲିବା ଇତ୍ୟାଦି ତେବେ ଆପଣ ସକାଳ ବ୍ରେକ୍ଫାଷ୍ଟରେ ଓଟ୍ସ ଖାଇବା ଉଚିତ୍। କାରଣ ଓଟ୍ସରେ ଫାଇବର ଭରପୂର ହୋଇଥାଏ, ଯାହା ପେଟ ସମ୍ବନ୍ଧୀୟ ସମସ୍ୟାକୁ ଭଲ କରିବାରେ ବହୁତ ସାହାଯ୍ୟ କରିଥାଏ। ଓଟ୍ସ ଖାଇବା ଦ୍ୱାରା ଆପଣଙ୍କ ପେଟ ସମସ୍ୟା ଦୂର ହୋଇଥାଏ, ଯାହା ଦ୍ୱାରା କୋଷ୍ଠକାଠିନ୍ୟ କିମ୍ବା ଗ୍ୟାସର ସମସ୍ୟା କମ୍ ହୋଇଥାଏ।

ବ୍ଲଡ ସୁଗାରକୁ ନିୟନ୍ତ୍ରଣ କରେ: ଡାଇବେଡିସ୍ ରୋଗୀଙ୍କ ପାଇଁ ଓଟ୍ସ ଖାଇବା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଓଟ୍ସରେ ବହୁତ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହିଥାଏ, ଯାହା ଆପଣଙ୍କ ବ୍ଲଡ ସୁଗାର ଲେବଲକୁ ନିୟନ୍ତ୍ରଣ କରିଥାଏ। ଏଥିରେ ଥିବା ହାଇ ଫାଇବର ଏବଂ କାର୍ବୋହାଇଡ୍ରେଟ୍ ଗ୍ଲୁକୋଜ ବ୍ଲଡ ସୁଗାରକୁ ନିୟନ୍ତ୍ରଣ କରିବାରେ ବହୁତ ସାହାଯ୍ୟ କରେ।

କୋଲେଷ୍ଟ୍ରଲ କମ୍ କରେ: ଯଦି ଆପଣ ଖରାପ କୋଲେଷ୍ଟ୍ରଲ ଦ୍ୱାରା ଅସୁବିଧାରେ ପଡୁଛନ୍ତି। ତେବେ ଏହା ଆପଣଙ୍କ ଖାଦ୍ୟରେ ପରିବର୍ତ୍ତନ କରିବା ଏବଂ ଆପଣଙ୍କ ଖାଦ୍ୟରେ ଓଟ୍ସ ଅନ୍ତର୍ଭୁକ୍ତ କରିବା ସବୁଠାରୁ ଭଲ ହେବ। ଏଥିରେ ଥିବା ଫାଇବର ବ୍ଲଡରେ ଥିବା ଖରାପ କୋଲେଷ୍ଟ୍ରଲ୍ ଲେବଲ୍କୁ କମ୍ କରିଥାଏ। କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବା ଦ୍ୱାରା, ଏବଂ ହାର୍ଟ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା କମିଯାଏ। ଏଥିରେ ଏଣ୍ଟେରୋଲାକ୍ଟୋନ ମିଳିଥାଏ ଯାହା ହାର୍ଟ ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରିଥାଏ।

ସ୍କିନ୍ ସମସ୍ୟା ପାଇଁ ଭଲ ହୋଇଥାଏ: ଓଟ୍ସ କୋଲାଜେନ୍ ଉତ୍ପାଦନ କରେ ଯାହା ସ୍କିନ୍ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଏହାର ବ୍ୟବହାର କରିବା ଦ୍ୱାରା ସ୍କିନ୍ରେ କୁଣ୍ଡେଇ ହେବା, ଫୁଲିବା ଏବଂ ଘାଆ ଭଳି ସମସ୍ୟା ସୃଷ୍ଟି ହୁଏ ନାହିଁ। ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ସ୍କିନ୍ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହୋଇପାରେ।

ଜାଣନ୍ତୁ ଓଟ୍ସକୁ କିପରି ଖାଇବେ?: ଲୋକମାନେ ସେମାନଙ୍କର ବ୍ରେକ୍ଫାଷ୍ଟରେ ଅନେକ ଉପାୟରେ ଓଟ୍ସ ଅନ୍ତର୍ଭୁକ୍ତ କରିପାରିବେ। ତେବେ ଆପଣ ଏହାକୁ ଫଳ, ପନିପରିବା, ବାଦାମ ଏବଂ ଅନ୍ୟାନ୍ୟ ଜିନିଷ ସହିତ ଖାଇପାରିବେ। ଆପଣ ଏଥିରେ ଚିଲା, ଖିଚିଡି, ଓଟ୍ସ ଡୋସା ଏବଂ ଇଡଲି ମଧ୍ୟ ତିଆରି କରିପାରିବେ। ତେବେ ଏପରି ଭାବେ ଆପଣ ଓଟ୍ସକୁ ନିଜ ପ୍ରତିଦିନ ଡାଏଟ୍ରେ ସାମିଲ କରିପାରିବେ। ଯାହାଫଳରେ ଆପଣ ଏହି ସବୁ ସମସ୍ୟାରୁ ମୁକ୍ତି ପାଇପାରିବେ।



# ସ୍ୱାସ୍ଥ୍ୟ ପାଇଁ ମାଚା ଗ୍ରୀନ୍ ଟି

ଆଜିକାଲି ଫିଟନେସ୍ ପ୍ରେମୀଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ମାଚା ଗ୍ରୀନ୍ ଟି’। ଏହି ଚା’ ମହଙ୍ଗା ଏବଂ ଏହାର ଲାଭ ସାଧାରଣ ଚା’ ଅପେକ୍ଷା ଅଧିକ। ଏହାକୁ ତିଆରି କରିବାର ପ୍ରକ୍ରିୟା ମଧ୍ୟ ସାଧାରଣ ଚା’ଠାରୁ ଭିନ୍ନ। କାମେଲିଆ ସାଇନେନ୍ସିସ୍ ନାମକ ଏକ ଉଦ୍ଭିଦର ସବୁଜ ଚା’ ପତ୍ରକୁ ପାଉଡର କରାଯାଏ। ଏଥିରେ ଗ୍ରୀନ୍ ଟି ଅପେକ୍ଷା ଅଧିକ ପୁଷ୍ଟିକର ତତ୍ତ୍ୱ ରହିଥାଏ। ବିଶ୍ୱର ମହଙ୍ଗା ଚା’ ତାଲିକାରେ ମାଚା ଟି ଅନ୍ତର୍ଭୁକ୍ତ। ଭାରତରେ ଏହାର ମୂଲ୍ୟ ପ୍ରତି କିଲୋଗ୍ରାମ ୧ ଲକ୍ଷ ଟଙ୍କାରୁ ଆରମ୍ଭ ହୁଏ। ଏହି ଚା’ ଲୁଜ୍ ପାଉଡର ଆକାରରେ ଏବଂ ଟି ବ୍ୟାଗ୍ ଆକାରରେ ଉପଲବ୍ଧ।

**ମାଚା ଟି’ ପିଇବାର ଲାଭ: ମେଟାବୋଲିଜିମ୍ ବୃଦ୍ଧି ପାଏ:** ମାଚା ଟି’ ପିଇବା ଦ୍ୱାରା ମେଟାବୋଲିଜିମ୍ ବୃଦ୍ଧି ପାଏ। ଏଥିରେ ଏପିଗାଲୋକାଟେଚିନ୍ ଗାଲେଟ୍ ନାମକ ଏକ ଯୌଗିକ ଥାଏ ଯାହା ମେଟାବୋଲିଜିମ୍ କୁ ସୁଦୃଢ଼ କରିବା ପାଇଁ କାମ କରେ। ଦ୍ରୁତ ମେଟାବୋଲିଜିମ୍ ଯୋଗୁଁ ଶରୀରରେ ଜମା ହୋଇଥିବା ଅତିରିକ୍ତ ଚର୍ବି ହ୍ରାସ ପାଏ।

**ମସ୍ତିଷ୍କ ପାଇଁ ଲାଭଦାୟକ:** ମାଚା ଟି’ ପିଇବା ଦ୍ୱାରା ମସ୍ତିଷ୍କକୁ ଶକ୍ତିଶାଳୀ କରିଥାଏ। ଏଥିରେ କ୍ୟାଫିନ୍ ଏବଂ ଏଲ-ଥିନିନ୍ ନାମକ ଏକ ଆମିନୋ ଏସିଡ୍ ଥାଏ। ଏଲ-ଥିନିନ୍ ଆପଣଙ୍କ ମସ୍ତିଷ୍କକୁ ଆରାମ ଦିଏ ଏବଂ ଧ୍ୟାନ ବୃଦ୍ଧି କରିବାରେ ସାହାଯ୍ୟ କରେ।

**ଯକୃତ ପାଇଁ ଲାଭଦାୟକ:** ମାଚା ଟି’ ମଧ୍ୟ ଯକୃତ ପାଇଁ ଖୁବ ଲାଭଦାୟକ। ମାଚା ଟି’ରେ କ୍ଲୋରୋଫିଲ୍ ଥାଏ ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ଯକୃତ ସ୍ୱାସ୍ଥ୍ୟକୁ ଉନ୍ନତ କରେ।

**ପ୍ରଦାହ ହ୍ରାସ କରେ:** ଅନେକ ଗବେଷଣାରୁ ଜଣାପଡିଛି ଯେ ମାଚା ଟି’ରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ପ୍ରଦାହ ବିରୋଧୀ ଗୁଣ ଉଭୟ ଭଲ ପରିମାଣରେ ଥାଏ। ଏହାକୁ ପିଇବା ଦ୍ୱାରା ପ୍ରଦାହ ହ୍ରାସ ହୁଏ ଏବଂ ହୃଦରୋଗର ଆଶଙ୍କା ମଧ୍ୟ କମିଥାଏ।



# ମହିଳାଙ୍କଠାରେ ଦେଖାଯାଏ ହୃଦଘାତର ୫ ଲକ୍ଷଣ

ଆମ ଶରୀରରେ କିଛି ଠିକ୍ ନଥିଲେ ଏହା ଆମକୁ ସଙ୍କେତ ଦେଇଥାଏ । କିନ୍ତୁ ଯଦି ଆମେ ଏହି ସଙ୍କେତଗୁଡ଼ିକ ପ୍ରତି ଧ୍ୟାନ ନଦେଉ, ତେବେ ଏହା ବହୁତ କ୍ଷତି କରିପାରେ। ବିଶେଷକରି ମହିଳାମାନଙ୍କଠାରେ ହୃଦଘାତର ଆଶଙ୍କା ବୃଦ୍ଧି ପାଉଛି । କିନ୍ତୁ ଏହାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ପ୍ରାୟତଃ ଏକ ସାଧାରଣ ରୋଗ ପରି ମନେହୁଏ, ତେଣୁ ଲୋକମାନେ ସେଗୁଡ଼ିକୁ ଅଣଦେଖା କରନ୍ତି। ହୃଦଘାତ ପୂର୍ବରୁ ଶରୀରରେ ଅନେକ ପ୍ରକାରର ସଙ୍କେତ ଦେଖାଯା। ଯେପରିକି ମୁଣ୍ଡ ବୁଲାଇବା, ଶ୍ୱାସକ୍ରିୟା କମ୍ ହେବା, ବାନ୍ତି ହେବା କିମ୍ବା ଶରୀର ଅସ୍ୱାଭାବିକ ଅନୁଭବ ହେବା। ଯଦି ଏହି ଲକ୍ଷଣଗୁଡ଼ିକ ଅଳ୍ପ ସମୟ ପାଇଁ ଦେଖାଯାଏ, ତେବେ ଏହା ଅନ୍ୟ କୌଣସି ସମସ୍ୟାର ସଙ୍କେତ ହୋଇପାରେ। କିନ୍ତୁ ଯଦି ଏହା ଲାଗି ରହେ, ତେବେ ତୁରନ୍ତ ସତର୍କ ରୁହନ୍ତୁ ଏବଂ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ।

**ପିଠି, ବେକ କିମ୍ବା ପାଟି ଯନ୍ତ୍ରଣା:** ଯଦି ଆପଣ ଛାତି ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଯନ୍ତ୍ରଣା ଅନୁଭବ କରନ୍ତି, ଯେପରିକି ପିଠି, ବେକ କିମ୍ବା ପାଟି, ତେବେ ଏହା ହୃଦଘାତର ଏକ ସତର୍କ ସୂଚନା ହୋଇପାରେ। ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ। କାରଣ ଏହି ଅଞ୍ଚଳଗୁଡ଼ିକ ଏବଂ ହୃତପିଣ୍ଡର ସ୍ନାୟୁ ପଥ ।

**ହଠାତ୍ ମୁଣ୍ଡ ବୁଲାଇବା କିମ୍ବା ଅଚେତ ହୋଇଯିବା:** ଯଦି ଆପଣ ହଠାତ୍ ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧିବା କିମ୍ବା କୌଣସି କାରଣ ବିନା ଅଚେତ ଅନୁଭବ କରନ୍ତି, ତେବେ ଏହା ହୃଦସ୍ପନ୍ଦନ ସମସ୍ୟାର ଲକ୍ଷଣ ହୋଇପାରେ। ଏହା ହୃଦସ୍ପନ୍ଦନରୁ ମସ୍ତିଷ୍କକୁ ଠିକ୍ ଭାବରେ ରକ୍ତ ପହଞ୍ଚୁ ନଥିବାରୁ ଘଟେ।

**ବଦହଜମୀ, ବାନ୍ତି କିମ୍ବା ପେଟ ଯନ୍ତ୍ରଣା:** ପ୍ରାୟତଃ ଲୋକମାନେ ବଦହଜମୀ, ବାନ୍ତି କିମ୍ବା ପେଟ ଯନ୍ତ୍ରଣାକୁ ସାଧାରଣ ପାଚନ ସମସ୍ୟା ଭାବରେ ଭାବନ୍ତି । କିନ୍ତୁ ଏଗୁଡ଼ିକ ହୃଦଘାତର ଏକ ଲକ୍ଷଣ ମଧ୍ୟ ହୋଇପାରେ। ଏହା ସେତେବେଳେ ଘଟେ ଯେତେବେଳେ ହୃତପିଣ୍ଡ ଚାପରେ ଥାଏ ଏବଂ ଠିକ୍ ଭାବରେ କାର୍ଯ୍ୟ କରିପାରେ ନାହିଁ। ଏହା ଶରୀରର ଅନ୍ୟ ଅଂଶକୁ ପ୍ରଭାବିତ କରେ। ଏହି ସମସ୍ୟା ବିଶେଷକରି ପେଟ ଏବଂ ହୃଦୟ ମଧ୍ୟରେ ଅଂଶୀଦାର ସିଷ୍ଟମ ପଥ ଯୋଗୁଁ ଦୃଶ୍ୟମାନ ହୁଏ।

**ଛାତିରେ ଅସ୍ୱସ୍ତି କିମ୍ବା ଯନ୍ତ୍ରଣା:** ଛାତିରେ ଯନ୍ତ୍ରଣା ସବୁବେଳେ ହଠାତ୍ କିମ୍ବା ତୀବ୍ର ହୁଏ ନାହିଁ। ଏହା ହାଲୁକା ଏବଂ ମଝିରେ ମଝିରେ ହୋଇପାରେ ଏବଂ ହୃଦଘାତର ଗୋଟିଏ ମାସ ପୂର୍ବରୁ ଦେଖାଯାଇପାରେ। ଏହାକୁ ଆଞ୍ଜାଇନା କୁହାଯାଏ। ଏହା ହୁଏ କାରଣ ହୃଦଘାତ କିମ୍ବା ସଂକୀର୍ଣ୍ଣ ଧମନୀ ଯୋଗୁଁ ହୃଦ ମାଂସପେଶୀକୁ ରକ୍ତ ଯୋଗାଣ ହ୍ରାସ ପାଇଥାଏ।

**କ୍ରମାଗତ ଥକ୍କା ଅନୁଭବ:** ଥକ୍କାପଣ ଏକ ସାଧାରଣ ଲକ୍ଷଣ ଯାହା ଅନେକ ଲୋକ ଅନୁଭବ କରନ୍ତି, କିନ୍ତୁ ଯଦି ଏହା ଲଗାତାର ଏବଂ ଅଧିକ ହୁଏ, ତେବେ ଏହା ହୃଦଘାତର ଏକ ସତର୍କ ସୂଚନା ହୋଇପାରେ। ହୃତପିଣ୍ଡକୁ ରକ୍ତ ପ୍ରବାହ କମିଯିବା ହେତୁ ଶରୀରରେ ଶକ୍ତିର ଅଭାବ ଥାଏ। ଏହି କାରଣରୁ ଏପରି ହୋଇଥାଏ। ମହିଳାମାନଙ୍କଠାରେ ହୃଦଘାତର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ପ୍ରାୟତଃ ଏକ ସାଧାରଣ ରୋଗ ପରି ମନେହୁଏ, ତେଣୁ ଏହାକୁ ଅଣଦେଖା କରିବା ସହଜ। କିନ୍ତୁ ଯଦି ଆପଣ ଉପରେ ଲିଖିତ କୌଣସି ଲକ୍ଷଣ ଅନୁଭବ କରୁଛନ୍ତି, ତେବେ ତୁରନ୍ତ ଆପଣଙ୍କ ଡାକ୍ତରଙ୍କ ସହିତ ଯୋଗାଯୋଗ କରନ୍ତୁ। ଶୀଘ୍ର ଚିହ୍ନଟ ଏବଂ ସମୟୋଚିତ ଚିକିତ୍ସା ହୃଦଘାତର ଆଶଙ୍କାକୁ ବହୁ ପରିମାଣରେ ହ୍ରାସ କରିପାରିବ।

# କାଜୁ ଖାଇବାର ଜବରଦସ୍ତ ଫାଇଦା



ସୁସ୍ଥ ଶରୀର ପାଇଁ କିଏ ବା ନଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ସମୟ ବଦଳିବା ସହିତ ମଣିଷମାନେ ମଧ୍ୟ ପରିବର୍ତ୍ତନ ହୋଇଛନ୍ତି। ଖାଇବା ପିଇବାକୁ ନେଇ ଅନେକ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳୁଛି। ଅଧିକାଂଶ ଲୋକେ ଏବେ ସକାଳୁ ସକାଳୁ ଡ୍ରାଏଫ୍ରୁଟସ୍ ଖାଉଛନ୍ତି। ସେଥି ମଧ୍ୟରୁ କାଜୁ ଅନ୍ୟତମ। ସାଧା ଖାଦ୍ୟରେ ସ୍ୱାଦ ବଢାଇବା ପାଇଁ ରୋଷେଇରେ କାଜୁକୁ ବ୍ୟବହାର କରାଯାଇଥାଏ । ତେଣୁ କାଜୁର ଅଧିକ ଚାହିଦା ରହିଛି। ଏହା ଆମକୁ ସ୍ୱାଦିଷ୍ଟ ଲାଗିବା ସହିତ ଶରୀର ପାଇଁ ମଧ୍ୟ ଲାଭପ୍ରଦ ହୋଇଥାଏ। ଯାହା ଲମ୍ବା ସମୟ ଧରି ପେଟକୁ ଭାରି କରି ରଖିଥାଏ। ଲୋକେ ସେମାନଙ୍କ ଡାଏଟ୍ ପ୍ଲାନରେ କାଜୁକୁ ସାମିଲ କରୁଛନ୍ତି। କାଜୁରେ ଓମେଗା -୩ ଫ୍ୟାଟି ଏସିଡ୍, ବାୟୋଟିନ୍, ଭିଟାମିନ୍ ଇ, ଜିଙ୍କ୍ ଏବଂ ପ୍ରୋଟିନ ଭଳି ଅନେକ ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହିଛି । ଫଳରେ କାଜୁକୁ ଶରୀର ପାଇଁ ବେଷ୍ଟ ହୋଇଥାଏ। ଯାହା ଖାଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ଦେଇଥାଏ। ଯାହା ଅନେକ ରୋଗରୁ ମୁକ୍ତି ଦେଇଥାଏ। ସଠିକ୍ ଉପାୟରେ କାଜୁକୁ ଖାଇବା ଦ୍ୱାରା ଏହା ଶରୀରରେ ଉପରେ ଅଧିକ ଭଲ ପ୍ରଭାବ ପକାଇଥାଏ। ଯାହା ଆମ ସୁସ୍ଥ ଶରୀର ଗଠନ କରିବାରେ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ କାଜୁ ଖାଇବା ଦ୍ୱାରା ଆମ ଶରୀରରେ ପରିବର୍ତ୍ତନ ଆଣିଥାଏ। ତେବେ ଆସନ୍ତୁ କାଜୁ ଆମ ସ୍ୱାସ୍ଥ୍ୟ ଉପରେ କେଉଁ ସବୁ ପ୍ରଭାବ ପକାଏ ସେ ସମ୍ପର୍କରେ ଜାଣିବା।

**ହାର୍ଟ:** କାଜୁ ହାର୍ଟ ସମସ୍ୟାରେ ଉନ୍ନତି ଆଣିଥାଏ। ଏହା ନିୟମିତ ଖାଇବା ଦ୍ୱାରା ବ୍ଲଡପ୍ରେସର କମାଇ ହାର୍ଟ ସମସ୍ୟାରୁ ରକ୍ଷା କରିଥାଏ। ଖରାପ କୋଲେଷ୍ଟ୍ରୋଲକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

**ଓଜନ ହ୍ରାସ:** କାଜୁରେ ଫାଇବର, ପ୍ରୋଟିନ ଥିବାରୁ ଓଜନ ହ୍ରାସ କରିବାରେ ସହାୟକ କରିଥାଏ। କାଜୁ ଖାଇବା ଦ୍ୱାରା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ। ତେଣୁ ଓଜନ ହ୍ରାସ ଯାତ୍ରାକୁ ସହଜ କରିଥାଏ।

**ଡାଇବେଟିସ କଣ୍ଟ୍ରୋଲ:** ଡାଇବେଟିସ ରୋଗୀଙ୍କ ପାଇଁ କାଜୁ ପ୍ରଭାବଶାଳୀ। ଏଥିରେ ଥିବା ମ୍ୟାଗ୍ନେସିୟମ ବ୍ଲଡ୍ ଲେବଲକୁ କମାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

**ଇମ୍ୟୁନିଟି ସିଷ୍ଟମରେ ବୃଦ୍ଧି:** କାଜୁରେ ଭିଟାମିନ ଓ ଜିଙ୍କର ଗୁଣ ରହିଛି। ଯାହା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିବା ସହିତ ଶରୀରରେ ଥିବା ରୋଗ ସହିତ ଲଢେଇ କରିଥାଏ।

**ସ୍କିନ୍ ଓ ଚୁଟି ପାଇଁ ଲାଭକାରୀ:** ଏତିକି ନୁହେଁ ବରଂ ଓମେଗା-୩ ଏବଂ ଭିଟାମିନ୍ ଇ ଥିବାରୁ ଏହା ଚୁଟି ଓ ସ୍କିନ୍ ପାଇଁ ଫଳପ୍ରଦ। ଯାହା ଖାଇବା ଦ୍ୱାରା ତ୍ୱଚାରେ ଚମକ ଆଣିବା ସହିତ ଚୁଟିକୁ ମଜବୁତ କରି ରଖିଥାଏ।

**ବ୍ରେନ୍:** କାଜୁ ସ୍ମରଣ ଶକ୍ତି ବଢାଇବାରେ ବଡ ଦାୟିତ୍ୱ ବହନ କରିଥାଏ। ମ୍ୟାଗ୍ନେସିୟମର ଗୁଣ କାରଣରୁ ବ୍ରେନକୁ ସୁସ୍ଥ ରଖିଥାଏ।

**ହାଡକୁ ମଜବୁତ କରେ:** କ୍ୟାଲସିୟମ ଆମ ହାଡ ଗଣ୍ଠିକୁ ମଜବୁତ କରି ରଖିଥାଏ। ଯାହା ଦ୍ୱାରା ହାଡଗଣ୍ଠି ସମସ୍ୟାରୁ ମୁକ୍ତି ଦେଇଥାଏ।

କାଜୁକୁ ଖାଇବା ଫଳରେ ଶରୀରକୁ ଆବଶ୍ୟକ ଅନୁସାରେ ସଠିକ୍ ପୋଷଣ ଆମକୁ ମିଳିଥାଏ। ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ଶରୀରରେ ଥିବା ସମସ୍ୟାକୁ ଦୂର କରିଥାଏ। ଏହା କେବଳ ଶାରୀରିକ ସମସ୍ୟାକୁ ନୁହେଁ ବରଂ ମାନସିକ ସମସ୍ୟାକୁ ମଧ୍ୟ ଦୂର କରିବା ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ତେଣୁ କାଜୁ ନିୟମିତ ଖାଇବା ଉଚିତ୍।

## ସାପ କାମୁଡ଼ା ଓ ବଜ୍ରପାତ ସଚେତନତା ପ୍ରାଥମିକ ଚିକିତ୍ସା କୌଶଳ ତାଲିମ କାର୍ଯ୍ୟକ୍ରମ



**ବାରିପଦା,୧୯।୯(ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ବିଦ୍ୟାଳୟ ମୁର୍ଗାବାଡି ସଭା କକ୍ଷରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୁରଭଞ୍ଜ ସହାୟତାରେ ଓ ଜିଲ୍ଲା ଶିକ୍ଷା ବିଭାଗ ମୟୁରଭଞ୍ଜ ଦ୍ୱାରା "ସାପ କାମୁଡ଼ା ଜନିତ ମୃତ୍ୟୁ ନିରାକରଣ ଓ ବିଜୁଳୀ ଘଡ଼ଘଡ଼ି ସଚେତନତା କାର୍ଯ୍ୟକ୍ରମ" ତଥା ପ୍ରାଥମିକ ଚିକିତ୍ସା ସହାୟତା ଓ ଜୀବନ ବଞ୍ଚାଇବା କୌଶଳ ତାଲିମ ବିଦ୍ୟାଳୟର ପ୍ରିନ୍ସିପାଲ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡ଼ିପିଓ ଜଗବନ୍ଧୁ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ବିଭାଗର ବିଜ୍ଞାନ ପ୍ରକଳ୍ପ ଅଧିକାରୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ ତଥା ଓଡ୍ରାଫ ଟିମ ପଞ୍ଚମ ଦୂର୍ଗ ର ମାଷ୍ଟର ଟ୍ରେନର ଅରୁଣ କୁମାର ମହାନ୍ତ ସହିତ ପଦ୍ମଲୋଚନ ଏବଂ ଓସଡମାର କମ୍ୟୁନିଟୀ ମାଷ୍ଟର ଟ୍ରେନର ଜୁଲିମଣି ବେହେରା ଓ କବିତା ଘଡ଼େଇ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରିନ୍ସିପାଲ ଶ୍ରୀ ମଲ୍ଲିକ ଆଜିର ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଡିପିଓ ଶ୍ରୀ ମହାନ୍ତି ବିଦ୍ୟାଳୟ ଓ ଘରେ କଣ ସବୁ ଜରୁରୀକାଳୀନ ପ୍ରସ୍ତୁତି କରିବାକୁ ହେବ, ବିପର୍ଯ୍ୟୟ ସମୟରେ କେଉଁ ସବୁ ନିୟମ ପାଳନ କରିବାକୁ ହେବ ଓ ତତ୍ ସହିତ ବଜ୍ରପାତ, ସାପ କାମୁଡ଼ା ସମୟରେ କଣ ସବୁ କରିବା ଓ କଣ ସବୁ ନକରିବା ଉଚିତ ତାହା ବୁଝାଇ ଥିଲେ।

# ଜାଲ୍ ଦସ୍ତଖତରେ ମଧ୍ୟାହ୍ନଭୋଜନ ଅର୍ଥ ଲୁଟ୍!

**ବିଞ୍ଝାରପୁର,୧୯।୯ (ସଂଚାର ବ୍ୟୁରୋ):** ବିଂଝାରପୁର ବିଇଓଙ୍କ ଅଧୀନରେ ଥିବା ସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଅର୍ଥ ହଡପ ହୋଇଥିବା ନେଇ ଏସଏମସିର ସଦସ୍ୟ ଓ ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଅବସର ନେଲାପରେ ବରିଷ୍ଠତା ଦୃଷ୍ଟିରୁ ବିଦ୍ୟାଳୟର ଶିକ୍ଷକ ଦୁଷ୍ମନ୍ତ କୁମାର ସାମଲ ୨୦୨୪ ମସିହା ନଭେମ୍ବର ମାସ ୩୦ ତାରିଖରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ବିଦ୍ୟାଳୟର ଦାୟିତ୍ୱ ନେଇ ୨୦୨୫ ମସିହା ମାର୍ଚ୍ଚ ମାସ ୩ ତାରିଖ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ମାତ୍ର ୩ ମାସ ୪ ଦିନ ମଧ୍ୟରେ ମଧ୍ୟାହ୍ନ ଭୋଜନ ବାବଦକୁ ୨ ଟି ପର୍ଯ୍ୟାୟରେ ପ୍ରଥମେ



ଫେବୃଆରୀ ୭ ତାରିଖ ୫୧ ହଜାର ୬୩୭ ଟଙ୍କା ଓ ଦ୍ୱିତୀୟ ଥର ଫେବୃଆରୀ ୨୮ ତାରିଖରେ ୩୧ ହଜାର ୭୮୨ ଟଙ୍କା ସମେତ ମୋଟ ୮୩ ହଜାର ୪୧୯ ଟଙ୍କା ଉଠାଣ କରିଥିଲେ। ପ୍ରଥମ ପର୍ଯ୍ୟାୟ ଅର୍ଥ ଉଠାଣ ପରେ କମିଟିର ସଭାପତି ଅମୁଲ୍ୟ କୁମାର ନାୟକଙ୍କୁ କୌଣସି ହିସାବ ନଦେଇ ମାତ୍ର ୨୧ ଦିନ ବ୍ୟବଧାନରେ ଦ୍ୱିତୀୟ ପର୍ଯ୍ୟାୟରେ ଅର୍ଥ ଉଠାଣ ପାଇଁ ଚେକରେ ଦସ୍ତଖତ ପାଇଁ ସଭାପତିଙ୍କ

### ଜିଲ୍ଲାପାଳଙ୍କୁ ଅଭିଯୋଗ

ନିକଟକୁ ଯାଇଥିଲେ। ସଭାପତି ପ୍ରଥମେ ଉଠାଣ ହୋଇଥିବା ଅର୍ଥର ହିସାବ ସମ୍ପର୍କରେ ପଚାରିବାରୁ ପ୍ରଧାନ ଶିକ୍ଷକ ତାଙ୍କୁ କହିଥିଲେ କ୍ରୀଡା ବାବଦକୁ ଅର୍ଥ ଉଠାଣ ହେବ ବୋଲି ମିଛ କହି ଦସ୍ତଖତ କରାଇଥିଲେ। ଏହାପରେ ମାର୍ଚ୍ଚ ୩ ତାରିଖ ଅନ୍ୟ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେଇ ମଧ୍ୟାହ୍ନ ଭୋଜନ ଚଳାଇଥିଲେ। ପରେ ମଧ୍ୟାହ୍ନ ଭୋଜନ ବାବଦକୁ ଅର୍ଥ ଉଠାଣ ପାଇଁ ବ୍ୟାଙ୍କକୁ ଜାଣିବାକୁ ପାଇଲେ ଯେ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ସାମଲ ୨ ଟି ପର୍ଯ୍ୟାୟରେ ହଜାର ୪୧୯ ଟଙ୍କା ଉଠାଣ କରିନେଇଛନ୍ତି। ଏହା ଜାଣିଲାପରେ ସଭାପତିଙ୍କ ସମେତ ଅନ୍ୟ ସଦସ୍ୟମାନେ ଗତମାସ ୨୦ ତାରିଖରେ ତତ୍କାଳୀନ ବିଇଓ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଇତି ମଧ୍ୟରେ ଅଭିଯୋଗକୁ ୧ମାସ ବିତିଥିଲେ ମଧ୍ୟ ବିଇଓ ଘଟଣାର ତଦନ୍ତ କଲେନି କି ସମ୍ପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନି। ଯାହାକୁ ନେଇ କମିଟିର ସଦସ୍ୟ ଜ୍ଞାନେନ୍ଦ୍ର ବେଉରିଆ, ଅନାଦି ମଲିକ, ଅମରେଶ ପାତ୍ର, କୃଷ୍ଣ ଚନ୍ଦ୍ର ମଲିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଘଟଣାର ତଦନ୍ତକରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ବିଇଓ ସେକ ନିଜାମୁଦ୍ଦିନଙ୍କୁ ପଚାରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନି।

## ମଣ୍ଡିରେ ବାଦାମ ବିକି ଚାଷୀ ହତାଶ

# ୨୪ ଘଣ୍ଟାରେ ମିଳିଥାନ୍ତା, ୪ମାସ ପରେ ବି ମିଳିନି

- ୭୦ ଜଣ ଚାଷୀ ଏବେ ଆଶା ଆଶଙ୍କାରେ
- ପ୍ରକୃତ ଚାଷୀ ବାଦାମ ବିକି ଏବେ ହତାଶ
- ମଣ୍ଡିରେ ଦୂର୍ନୀତି ଭିଜିଲାନ୍ସ ତଦନ୍ତ ଦାବି କଲେ ଚାଷୀ



**ଜୟପୁର,୧୯।୯(ସଂଚାର ବ୍ୟୋରୋ):** ମଣ୍ଡି ରେ ବାଦାମ ବିକ୍ରି ଏବେ ହନ୍ତସନ୍ତ ବାଦାମ ଚାଷୀ। ବୈପାରୀଗୁଡା ବ୍ଲକ ର ୨୪୦ ଜଣ ଚାଷୀ ଆଜକୁ ୪ ମାସ ତଳେ ବୈପାରୀଗୁଡା ଲ୍ୟାମ୍ପସ ଠାରେ ବାଦାମ ମଣ୍ଡି ଠାରେ ଚିନା ବାଦାମ ବିକ୍ରି କରିଥିଲେ। ଏବଂ ଲ୍ୟାମ୍ପସ ପକ୍ଷରୁ ବିକ୍ରି ର ୨୪ ଘଣ୍ଟା ମଧ୍ୟମ ରେ ବ୍ୟାଙ୍କ ଖାତା କୁ ଟଙ୍କା ଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ୪ ମାସ ବିତିଗଲା ଚାଷୀ ଜିଲ୍ଲା ପାଳ, ସ୍ଥାନୀୟ ବିଧାୟକ ସହ ବୈପାରୀଗୁଡା ଥାନା ରେ ଲିଖିତ ଅଭିଯୋଗ ପରେ ମଧ୍ୟ ଟଙ୍କା ପାଇ ନଥିଲେ ଶେଷ ରେ ବୈପାରୀଗୁଡା ଲ୍ୟାମ୍ପସ କାର୍ଯ୍ୟଳୟ ରେ ଚାଷୀ ତାଲା ପକେଇଦେଲେ ଫଳରେ ୧୭୦ ଜଣ ଚାଷୀ ଙ୍କୁ ଖାତା କୁ ଟଙ୍କା ଗଲା ତାହାପି ଏବେ ଏହାରି ୭୦ ଜଣ ଚାଷୀ ପଇସା ପାଇ ନାହାନ୍ତି। ଏବଂ ଏହା ଭିତରେ ୧୦ ଜଣ ଚାଷୀ ଙ୍କୁ ଠୁ ବାଦାମ ବିକ୍ରି କରିଛନ୍ତି କିନ୍ତୁ ତାଙ୍କ ନା ନାହିଁ। ଏହା ସହ ବଳକା ୬୦ ଜଣ ମଧ୍ୟ ବିକ୍ରି କରିଛନ୍ତି କିନ୍ତୁ ଟଙ୍କା ପାଇବେ କି ନାହିଁ ତାହା ଠିକ ନାହିଁ। ବିଶେଷ ସୂତ୍ର ଶୁଣିବାକୁ ମିଳିଛି ମାରଫେର୍ଡ କର୍ମଚାରୀ ଜଣଙ୍କ ଚଞ୍ଚକତା କରି କିଛି ଅଣ ଚାଷୀ ନାମରେ ମଣ୍ଡି ରେ ବାଦାମ ବିକ୍ରି କରି ନଥିବା ସ୍ୱତେ ତାଙ୍କ ନାମ ରେ ଟଙ୍କା ଯାଇଛି। ତେଣୁ ଏବେ ଆଳୁ ଖୋଳୁ ମହାଦେବ ବାହାରିବା ଭଳି ମଣ୍ଡି ର ଦୂର୍ନୀତି ପଦାକୁ ଆସୁଛି। ଏନେଇ ଲ୍ୟାମ୍ପ ମ୍ୟାନେଜର ଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ ଟଙ୍କା ମିଳି ନ ଥିବା ଚାଷୀ ସୋମବାର ସୁଦ୍ଧା ଟଙ୍କା ନ ମିଳେଲେ ପୁଣି ଲ୍ୟାମ୍ପ କାର୍ଯ୍ୟାଳୟ ତାଲା ପକାଇବା ସହ ଚିନାବାଦାମ ମଣ୍ଡି ଦୂର୍ନୀତି ନେଇ ଭିଜିଲାନ୍ସ ର ଦ୍ୱାରସ୍ତ ହେବେ ବୋଲି ସୂଚନା ଦେଇଛନ୍ତି। ତେବେ ବାଦାମ ମଣ୍ଡି ଉଦଘାଟନ ସମୟରେ ଥିବା ନେତା ନଡ଼ିଆ ବାଡେଇ ଭାଷଣ ଦେଲେ କିନ୍ତୁ ଏବେ ଚାଷୀ ଙ୍କ ଅସୁବିଧା ସମୟରେ କାହାର ଦେଖା ନାହିଁ। ଲ୍ୟାମ୍ପସ ରେ ମଣ୍ଡି ରେ ବହୁ ଦୂର୍ନୀତି ହୋଇଥିବା ଚାଷୀ ଅଭିଯୋଗ ସହ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

## କେନ୍ଦ୍ରୀୟ ୟୁନିସେଫ ଅଧିକାରୀଙ୍କ ଖଇରବଣି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ



**ବୈଶିଙ୍ଗା,୧୯।୯(ସଂଚାର ବ୍ୟୋରୋ):** ପଶିକ୍ଷାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶିକ୍ଷା ବିଶେଷଜ୍ଞ ୟୁନିସେଫ ର ସୁନିଶା ଆହୁଜା, ନୂଆଦିଲ୍ଲୀ, - ଶିକ୍ଷା ବିଶେଷଜ୍ଞ, ୟୁନିସେଫ, ଓଡିଶା ର ଲଳିତା ପଟ୍ଟନାୟକ ଓ ତାଙ୍କର ଟିମ ଶୁକ୍ରବାର ଖଇରବଣି ଆଶ୍ରମ ବିଦ୍ୟାଳୟ ପରିଦର୍ଶନ ରେ ଆସି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ନିପୁଣ ଓଡିଶା କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ ସହ ଶୈକ୍ଷିକ କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ସହ ଶ୍ରେଣୀଗୃହରେ ପାଠପଢା ସହିତ ସେମାନଙ୍କର ଛାତ୍ରବାସ ର ସୁବିଧା ସୁଯୋଗ ବିଷୟରେ ପଚାରି ବୁଝିଥିଲେ। ବିଦ୍ୟାଳୟ ତଥା ଛାତ୍ରାବାସ ପରିଚାଳନା ରେ ଆସୁଥିବା ଆହ୍ୱାନ ଗୁଡିକ ବିଷୟରେ ପ୍ରଧାନ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କର ମତାମତ ସଂଗ୍ରହ କରିଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କର ମୌଳିକ ସୁବିଧା ସୁଯୋଗ ଗୁଡିକ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟାଳୟ ର ଛାତ୍ରୀନିବାସ, ପାଠାଗାର, ପଠନ କକ୍ଷ, ଶିକ୍ଷଣ ସାମଗ୍ରୀ କକ୍ଷ ତଥା ସାମଗ୍ରିକ ପରିବେଶ ଓ ପରିମଳ ବ୍ୟବସ୍ଥା ଦେଖି ପ୍ରଶଂସା କରିଥିଲେ। ବିଦ୍ୟାଳୟ ର କୁନିକୁନି ପିଲାମାନଙ୍କ ସହ ସମୟ ଅତିବାହିତ କରି ଅତ୍ୟନ୍ତ ଖୁସି ହୋଇଥିଲେ। ଏହି ଗସ୍ତ ସମୟ ରେ ସମଗ୍ର ଶିକ୍ଷା ର ଜିଲ୍ଲା ଆଦିବାସୀ ସଂଯୋଜକ ସପନ କୁମାର ପୃଷ୍ଟି ଓ ୟୁନିସେଫ ର ଜିଲ୍ଲା କାର୍ଯ୍ୟକ୍ରମ ସାଂଯୋଜକ ପ୍ରକାଶ ବାରିକ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ଶିକ୍ଷକଙ୍କ ସ୍ମୃତିଚାରଣ ସଭା

**କଣାସ,୧୯।୯(ସଂଚାର ବ୍ୟୋରୋ):** କଣାସ ବ୍ଲକ ଅନ୍ତର୍ଗତ କଣ୍ଟପଡ଼ା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବୈକୁଣ୍ଠ ବରାଳ ଙ୍କ ବିୟୋଗରେ ଗତ କାଲି କଣ୍ଟପଡ଼ା ଗ୍ରାମରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଯୁଧିଷ୍ଠିର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ସମାଜ ସେବୀ ଲିଙ୍ଗରାଜ, ରବୀନ୍ଦ୍ର କୁମାର ରାଉତରାୟ, ଲକ୍ଷ୍ମୀ ନାରାୟଣ ନାୟକ, ଅବସର ପ୍ରାପ୍ତ ଶିକ୍ଷକ ଭାଗିରଥି ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ରାଉତ, କାର୍ତ୍ତିକ ଚରଣ ସାହୁ, ଶିକ୍ଷକ ବିଦ୍ୟାଧର ବିଶ୍ୱାଳ, ଭୂପତି ଭୂଷଣ ତ୍ରିପାଠୀ, ବୁଦ୍ଧିଜୀବୀ ବିଚିତ୍ରା ନନ୍ଦ ବରାଳ, କେଶବ ଚନ୍ଦ୍ର ଦାଶ, ହଟ କିଶୋର ସାହୁ ପ୍ରମୁଖ କୃତୀ ଶିକ୍ଷାବିତ୍ ବୈକୁଣ୍ଠ ସାରଙ୍କ କର୍ମମୟ ଜୀବନ ଓ କର୍ତ୍ତବ୍ୟ ନିଷ୍ଠା ସଂପର୍କରେ ଆଲୋଚନା କରିଥିଲେ।

## ଅତିରିକ୍ତ ଜିଲ୍ଲାପାଳ ଭାବେ ଦୁଖିବନ୍ଧୁ ନାୟକଙ୍କ ଯୋଗଦାନ



**ବାରିପଦା,୧୯।୯(ସଂଚାର ବ୍ୟୋରୋ):** ଆଜି ମୟୂରଭଞ୍ଜ ଜିଲ୍ଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଦୁଖିବନ୍ଧୁ ନାୟକ। ଏଥି ପୂର୍ବରୁ ଶ୍ରୀ ନାୟକ ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗରେ ଯୁଗ୍ମ ସଚିବ ଭାବେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ଆଜି ଜିଲ୍ଲାପାଳଙ୍କ ଠାରେ କାର୍ଯ୍ୟରେ ଯୋଗ ଦାନ ଅବସରରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ କାର୍ଯ୍ୟାଳୟର ଅନ୍ୟାନ୍ୟ ପଦାଧିକାରୀ ଓ କର୍ମଚାରୀ ମାନେ ନୂତନ ଅତିରିକ୍ତ ଜିଲ୍ଲାପାଳ ଦୁଖିବନ୍ଧୁ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଶୁଭକାମନା ଜଣାଇଥିଲେ।

## କଲାର ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ

**ଭବାନୀପାଟଣା,୧୯।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବଡପୂଝାରୀଗୁଡା ଧାନମଣ୍ଡି ପ୍ରାଙ୍ଗଣ ଠାରେ କଳାହାଣ୍ଡି ଜିଲ୍ଲା କଲାର ସମାଜ ପକ୍ଷରୁ ଜିଲ୍ଲା ସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ରେ ଇଷ୍ଟଦେବାଦେବୀ ଙ୍କ ପାଖରେ ପୁଷ୍ପମାଲ୍ୟ ଓ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଛତିଶଗଡ ଅଞ୍ଚଳ ସମେତ ଗୋତମୁଣ୍ଡା ,ପିପଲଗୁଡା ,ପୂଝାରୀଗୁଡା , ଅଲଁଭଟା,ମୁନିଭଟା ଅଞ୍ଚଳରୁ କଲାର ସମାଜ ର ଶତାଧିକ ଲୋକେ ଯୋଗଦେଇଥିଲେ।କାର୍ଯ୍ୟକ୍ରମ କୁ କଳାହାଣ୍ଡି କଲଚୁରି କଲାର ସେନା ର ସଭାପତି ଚୁଡ଼ାମଣି ନାୟକ ଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିବା ବେଳେ ,ମଞ୍ଚ ପରିଚାଳନା କରିଥିଲେ କଲଚୁରୀ ସେନା ପ୍ରଦେଶ ସଂଯୋଜକ ବିରଞ୍ଜନ ନାୟକ , ଉପସ୍ଥିତ ଅତିଥି ଅଁଲାଭଟା ସରପଞ୍ଚ ଭଗବତୀ ନାୟକ , କଲଚୁରୀ କଲାର ସେନା ଜିଲ୍ଲା ସାଧାରଣ ସଂପାଦକ ଭାରତ ବିଶି, କଲଚୁରୀ କଲାର ସେନା କୋଷାଧ୍ୟକ୍ଷ ହେମନ୍ତ ବିଶି ,ସହ ସଂପାଦକ ବାଳକୃଷ୍ଣ ବିଶି, ଆଞ୍ଚଳିକ ସଭାପତି ପ୍ରମୁଖ ଉପସ୍ଥିତ ରହିଥିଲେ।ଅତିଥି ମାନଙ୍କ ଆଲୋଚନା ପରେ , ନୂଆଖାଇ ଜୁହାର ଭେଟ ହୋଇଥିଲେ।ଏହାପରେ କୁନି କୁନି କଳାକାର ମାନଙ୍କ ଦ୍ୱାରା ନୃତ୍ୟ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆଁଖାଇ ଭେଟଘାଟ ସମ୍ପର୍କ କୁ ମଜବୁତ କରିଥାଏ। ସମସ୍ତଙ୍କୁ ଗୋଟିଏ ପାଖରେ କରିଦେଇଥାଏ।

## ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ



**ଲାଞ୍ଜିଗଡ଼,୧୯।୯(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପରିସରରେ ଶୁକ୍ରବାର ମହିଳା ମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଏବଂ ସାମଗ୍ରୀକ ସଶକ୍ତିକରଣ ଉପରେ କେନ୍ଦ୍ରିତ ଏକ ସ୍ୱାସ୍ଥ୍ୟ ପ୍ରୋତ୍ସାହନ "ସୁସ୍ଥ ନାରୀ ସଶକ୍ତ ପରିବାର" ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବେନଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଡ଼.ବିବେକ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଣସଂକ୍ରାମକ, ରକ୍ତହୀନତା, ଯକ୍ଷ୍ମା, ସିକିଲସେଲ ଓ ଥାଓ ସେମିଆ ଆଦି ରୋଗର ଚିହ୍ନଟ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଋତୁ ସ୍ରାବ ଜନିତ ପରିଚ୍ଛନ୍ନତା ଏବଂ ଖାଦ୍ୟରେ ତେଲ, ଚିନି କମ କରିବା ଉପରେ ସଚେତନ କରାଯାଇଥିଲା। ଚଳିତ ୧୭ ସେପ୍ଟେମ୍ବର ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଭିଯାନରେ ମହିଳା ଓ ବାଳିକା ମାନେ ଯୋଗଦେଇ ନିଜେ ଆଉ ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ଉଭୟ ସରକାର ଆହ୍ୱାନ ଦେଇଥିବା ବେଳେ ଏହି ପରିପେକ୍ଷିରେ ବେନଗାଁ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ମଧ୍ୟ ଆୟୋଜିତ ହୋଇଥିଲା ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ପୁରାଣା ମାଝୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଡ଼.ସଚି ନନ୍ଦନ ସେନାପତି, ସେବାଜଗତ ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ ଯୋଗଦେଇଥିଲେ। ଏଥିରେ ଚକ୍ଷୁ ବିଭାଗ ଡାକ୍ତର ଯୁଧିଷ୍ଠିର ପାତ୍ର, ଦନ୍ତ ବିଶେଷଜ୍ଞ ଡ.ମନୀଷା ମିଶ୍ର ଓ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକାରୀ କୃଷ୍ଣ ଚନ୍ଦ୍ର ପ୍ରଧାନ ଯୋଗଦେଇ ଉପଯୁକ୍ତ ସ୍ୱାସ୍ଥ୍ୟ ଯୋଗାଇଥିଲେ। ଏଥିରେ ଫାର୍ମାସିଷ୍ଟ ଆଦର୍ଶ ପାତ୍ର, ମହେନ୍ଦ୍ର ଗହୀର, ରଶ୍ମି ସେନାପତି, ସ୍ୱାସ୍ଥ୍ୟ କର୍ମୀ ରାଜଶ୍ରୀ, ମଥା ମାଝୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ଆସ ସ୍କୁଲ ଯିବା ଓ ସୁରଭି କାର୍ଯ୍ୟକ୍ରମ



**ବାଲିପାଟଣା,୧୯।୯(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧିନ ଅଭୟମୁଖି ବରାହୀ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଆଜି ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ସହିତ ଆସ ସ୍କୁଲ ଯିବା ଏବଂ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିପାଟଣା ବ୍ଲକ ଶିକ୍ଷାଧିକାରୀ ଡ଼ ପ୍ରଭାତ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ରୂପେ ଉଦଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରା ଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୋଷାକ ବଣ୍ଟନ କରିଥିଲେ। ପରେ ଶିକ୍ଷାଧିକାରୀ ଙ୍କ ଉପସ୍ଥିତିରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ରେ ପିଲା ମାନେ ପଦଯାତ୍ରା ରେ ବାହାରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଆଗାମୀ ସମୟରେ ଦେଶ କୁ ଶତପ୍ରତିଶତ ସାକ୍ଷର କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନବ ଭାରତ ସାକ୍ଷରତା ମିଶନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହାଦ୍ୱାରା ଅଧାରୁ ପାଠପଢା ଛାଡିଥିବା କିମ୍ବା ବିଦ୍ୟାଳୟ ରେ ଆଦୌ ନାମ ଲେଖାଇ ନଥିବା ପିଲା ମାନଙ୍କୁ ଆଣି ବିଦ୍ୟାଳୟ ରେ ନାମ ଲେଖାଇ ସେମାନଙ୍କୁ ଶିକ୍ଷିତ କରିବାକୁ ପ୍ରୟାସ ଆରମ୍ଭ କରାଯାଉଛି। ଏହିକ୍ରମରେ ଆଜି ବିଦ୍ୟାଳୟ ତରଫରୁ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା। ପରେ ବିଦ୍ୟାଳୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମ ପରିଚାଳନା ରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ର ସଭାପତି ଏବଂ ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ।

## ଲାଇବ୍ରେରୀ ଓ କାଫେ ଚାପ୍ଟର ୧ ଉଦ୍‌ଘାଟିତ



**ଜଗତସିଂହପୁର,୧୯।୯(ସଂଚାର ବ୍ୟୁର):** ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ଆଜିକାଲି ପ୍ରାୟ ସମସ୍ତେ ମୋବାଇଲରେ ବ୍ୟସ୍ତ ରହୁଛନ୍ତି। ଫଳରେ ବହି ପଢ଼ିବା ଅଭ୍ୟାସ ଧୀରେ ଧୀରେ କମି କମି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଏବଂ ବହି ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷରେ ଜଗତସିଂହପୁର ସହରର କଲେଜ ଛକରେ ଛାତ୍ରଛାତ୍ରୀ ଏବଂ ସବୂବର୍ଗର ଲୋକମାନଙ୍କ ସୁବିଧା ପାଇଁ ଏକ ଲାଇବ୍ରେରୀ ଓ କାଫେ ଉଦଘାଟିତ ହୋଇଯାଇଛି। ଏସଭିଏମ୍ କଲେଜର ଅଧ୍ୟକ୍ଷା ଦ.ସୁଜାତା ଓତା ଏହି ଲାଇବ୍ରେରୀକୁ ଉଦଘାଟନ କରିବା ସହିତ ଏଠାରେ ଥିବା ବିଭିନ୍ନ ପୁସ୍ତକ ଷ୍ଟଲ ବୁଲି ଦେଖିଥିଲେ। ଏଥିସହିତ ଲାଇବ୍ରେରୀ ସ୍ଥାପନ ଓ ପରିଚାଳନା ସମ୍ପର୍କରେ କିଛି ଉପାଦେୟ ତଥ୍ୟ ସେ ଉପସ୍ଥାପନ କରିଥିଲେ । ସ୍ଥାନୀୟ କଣ୍ଟାବଲ୍ଲଭପୁର ଗ୍ରାମର ଯୁବ ଇଂଜିନିୟର ବସନ୍ତ କୁମାର ବାରିକ ଏବଂ ତାଙ୍କ ଧର୍ମପତ୍ନୀ ଇଂ ବୈଜୟନ୍ତି ବାରିକଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏହି ଲାଇବ୍ରେରୀରେ ଛୋଟ ପିଲାଙ୍କ ଠାରୁ ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ପୁସ୍ତକ ରଖାଯାଇଛି । ବିଶେଷ କରି ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଚାକିରୀ ପାଇଁ ପ୍ରସ୍ତୁତ ହେଉଥିବା ଯୁବକ ଯୁବତୀଙ୍କ ଆବଶ୍ୟକତା ପୂରଣ କରିବା ଭଳି ପୁସ୍ତକ ଏଠାରେ ରହିଥିବା ଏହାର ପ୍ରତିଷ୍ଠାତା ଇଂ ଶ୍ରୀ ବାରିକ ସୂଚନା ଦେଇଛନ୍ତି । ସେହିପରି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଗକୁ ଅଧିକ ପୁସ୍ତକ ରଖିବା ପାଇଁ ଲକ୍ଷ ରହିଥିବା ଶ୍ରୀ ବାରିକ ସୂଚନା ଦେବା ସହିତ ଏହି ନିଶୁଳ୍କ ସେବାର ସୁଯୋଗ ନେବାକୁ ନିବେଦନ କରିଛନ୍ତି ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଅଭିଭାବକଙ୍କ ବୈଠକ

**କଣାସ,୧୯।୯(ସଂଚାର ବ୍ୟୋରୋ):** କଣାସ ବ୍ଲକ ଦୟାବିହାର ଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ପୁନରବାସ ସେବା ଚିକିତ୍ସା କେନ୍ଦ୍ରର ସମସ୍ତ ଅଭିଭାବକଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ପରିଚାଳନା କମିଟିର ସଦସ୍ୟ ସୁର୍ଦଶନ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦିବ୍ୟାଙ୍ଗ ପିଲାମାନଙ୍କର ଜୀବନ ଜୀବିକା ଏବଂ ସେମାନଙ୍କର କାର୍ଯ୍ୟ ଶୈଳୀ ଉପରେ ଆଲୋଚନା କରାଯାଇଥିଲା। ଦିବ୍ୟାଂଗ ପିଲାମାନେ କିପରି ସମାଜ ଆଗରେ ନିଜର ପରିଚୟ ତିଆରି କରି ସମାଜ ଗଠନ ଦିଗରେ ସହାୟକ ହେବେ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରକଳ୍ପ ସଂଯୋଜକ କିଶୋର ଚନ୍ଦ୍ର ହାତୀ ସରକାର ସମସ୍ତ ସାହାର୍ଯ୍ୟ ସହଯୋଗ ଯୋଗାଉଥିବା ବେଳେ ଅନୁଷ୍ଠାନ ତରଫରୁ ଯୋଗାଇଦିଆ ଯାଉଥିବା ସୁବିଧା ବିଷୟରେ ଆଲୋଚନା କରିଥିଲେ।

## ଦୁଇ କାର୍ ସହ ୧ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ୬ ଗିରଫ



**ବାଙ୍ଗିରିପୋଷି,୧୯।୯ (ସଂଚାର ବ୍ୟୁର):** ମୟୁରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ପୋଲିସ ହାତରେ ଧରାପଡ଼ିଛି ଗଞ୍ଜେଇ ଭର୍ତ୍ତି ଗାଡି। ବିଶେଷ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରାଯାଇ ବାଙ୍ଗିରିପୋଷି ପୋଲିସ ମିଳିତ ହୋଇ ଜାତୀୟ ରାଜପଥ ୪୯ଦ୍ୱାରଶୁଣି ଘାଟିରେ ଛକି ରହିଥିଲେ। ଦେବଗଡ଼ରୁ ଝାରଖଣ୍ଡ ଅଭିମୁଖେ ଗଞ୍ଜେଇ ବୋଝେଇ ଯାଉଥିବା ଦୁଇ କାରକୁ ଘାଟି ରାସ୍ତାରେ ଜବତ କରିଛି ବାଙ୍ଗିରିପୋଷି ପୋଲିସ। ଗୋଟିଏ ହୁଣ୍ଡାଇ କ୍ରେଟା ଏବଂ ଗୋଟିଏ ସୁଇଫ୍ଟ ଡିଜାୟାର କାରରେ ଆନୁମାନିକ ୧ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଛି। ତତ୍ ସହିତ ଦୁଇଟି ଗାଡ଼ିରେ ରହିଥିବା ୬ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖାଯାଇ ଅଧିକ ତଦନ୍ତ ଜାରି ରଖିଥିବା ବାଙ୍ଗିରିପୋଷି ଥାନାଧିକାରୀ ଡିଏସପି ବିରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି।

## ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ନିଷ୍ଠା ତାଲିମ ଶିବିର



**ବୋରିଗୁମ୍ମା/ଜୟପୁର, ୧୯।୯ (ସଂଚାର ବ୍ୟୁର):** ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ବିଭିନ୍ନ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ନିଷ୍ଠା ତାଲିମ୍ ଶିବିର ଜୟପୁର ପୌର ଉଚ୍ଚ ବାଳିକା ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା ତା ୧୫.୦୯.୨୦୨୫ ଠାରୁ ଏହି ଶିବିର ଆରମ୍ଭ ହୋଇଥିଲା ଓ ଆଜି ଉକ୍ତ ଶିବିର ଉଦଯାପନ କରା ଯାଇଥିଲା ଏଥିରେ ଗୋଟିଏ ବିଭାଗରେ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ଗୋଟିଏ ବିଭାଗରେ ୪୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ୍ ନେଇଥିଲେ, ଏହି ୯୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ତାଲିମ ପ୍ରଦାନ କରିବା ନିମନ୍ତେ ୮ ଜଣ ତାଲିମ୍ ପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିୟୋଜିତ ହୋଇଥିଲେ, ଉକ୍ତ ଶିବିର ରେ ବିକଳାଙ୍ଗ ଛାତ୍ର ଛାତ୍ରୀ ମାନଙ୍କୁ କେମିତି ଶିକ୍ଷା କ୍ଷେତ୍ରର ଅଗ୍ରଗତି କରାଇବା ସେ ନେଇ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ୍ ଦିଆଯାଇଥିଲା, ଉଦଯାପନ କର୍ମଶାଳା ରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଙ୍କ ଦ୍ୱାରା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରମାଣ ପତ୍ର ଓ ନିଷ୍ଠା ତାଲିମ୍ ଉପରେ ଆଧାରିତ ପୁସ୍ତକ ପ୍ରଦାନ କରାଯାଇଥିଲା, ମୁଖ୍ୟ ଅତିଥି ଭାବେ ଶ୍ରୀ ଚନ୍ଦ୍ରକଳା ବଗର୍ତ୍ତି ସଂଯୋଜକ ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ଶ୍ରୀ ଶଶୀଭୂଷଣ ଦାଶ୍, ବରିଷ୍ଠ ସହାୟକ, ଶ୍ରୀ କେ ଗୋପାଳ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ଜୟପୁର ଯୋଗଦାନ କରିଥିଲେ, ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ମୀଶ୍ର, ଶ୍ରୀ ସର୍ବେଶ୍ୱର ପଟନାୟକ, ଦେବାଶିଷ ପାଲ, ଶ୍ରୀ ନିଳକଣ୍ଠ ମିଶ୍ର, ଶ୍ରୀମତୀ ସୁଭଶ୍ରୀ ପାତ୍ର, ଶଶ୍ମିତା ପାଢ଼ି, ମନୋରଞ୍ଜନ ପଲେଇ, ସୁନିଲ୍ ଦାଶ୍ ପ୍ରମୁଖ ଉପସ୍ଥିତ ଥିଲେ, ପରି ଶେଷରେ ଶ୍ରୀ ଚନ୍ଦ୍ରକଳା ବଗର୍ତ୍ତି ସଂଯୋଜକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।